# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୫/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, July 25/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 240 | ମୂଲ୍ୟ ₹୭/-




## ସିନ୍ଧୁଙ୍କୁ ହରାଇଲେ ଉନ୍ନତି

ଚାଇନା ଓପନ ସୁପର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି ସିନ୍ଧୁଙ୍କୁ ହରାଇଦେଇଛନ୍ତି ସ୍ୱଳ୍ପ ବୟସ୍କା ଉନ୍ନତି ହୁଡା।

୧୪

୦୮

## 'ଡକାୟତ' ଫିଲ୍ମ ଶୁଟିଂ ବେଳେ ମୃଣାଳ, ଅଦିଭି ଆହତ

'ଡକାୟତ: ଏ ଲଭ୍ ଷ୍ଟୋରି' ଫିଲ୍ମର ଶୁଟିଂ ସେଟ୍‌ରେ ଅଭିନେତ୍ରୀ ମୃଣାଳ ଠାକୁର ଓ ଅଭିନେତା ଅଦିଭି ସେଷ ଆହତ ହୋଇଥିବା ଜଣାପଡ଼ିଛି।





ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ଅନ୍ତର୍ଗତ ପେଣ୍ଡିଲି ଗ୍ରାମପଞ୍ଚାୟତର ପଞ୍ଚୁପାଣ୍ଡବ ଗ୍ରାମକୁ ସ୍ଥାୟୀ ରାସ୍ତା ନ ଥିବାରୁ ଗୁରୁବାର ଜଣେ ଗର୍ଭବତୀଙ୍କୁ ଗ୍ରାମବାସୀ ପାଣି ଭର୍ତ୍ତି ହୋଇଥିବା ନାଳ ପାରକରି ହସ୍ପିଟାଲକୁ ନେଉଛନ୍ତି। **(ଫଟୋ: ପ୍ରମୋଦ କୁମାର ପତି)**

# ସହମତି ବୟସ ୧୬ ହେଉ

## ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଆମିକସ୍ କ୍ୟୁରି

ନୂଆଦିଲ୍ଲୀ,୨୪।୭(ପି.ଟି.)

ଯୌନ ସମ୍ପର୍କ କ୍ଷେତ୍ରରେ ସହମତି ପାଇଁ ବୈଧାନିକ ବୟସସୀମା ୧୮ ବର୍ଷରୁ ୧୬ ବର୍ଷକୁ ହ୍ରାସ କରାଯାଉ ବୋଲି ଆମିକସ୍ କ୍ୟୁରି ତଥା ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। 'ନିପୁନ୍ ସାକ୍ସେନା ବନାମ କେନ୍ଦ୍ର ସରକାର' ମାମଲାରେ ଜୟସିଂ ସର୍ବୋଚ୍ଚ ଅଦାଲତଙ୍କୁ ସହାୟତା କରୁଛନ୍ତି। ୧୬ରୁ ୧୮ ବର୍ଷ ବୟସ ବର୍ଗର କିଶୋର କିଶୋରୀ ଯୌନ ଅପରାଧରେ ସମ୍ପୃକ୍ତ ହେଉଥିବାବେଳେ ପୋକ୍‌ସୋ ଆଇନ, ୨୦୧୨ ଏବଂ ଆଇପିସିର ଦଫା ୩୭୫ ଅଧୀନରେ ଏହାର ଖୋଲାଖୋଲି ଅପରାଧୀକରଣକୁ ସେ ଚ୍ୟାଲେଞ୍ଜ କରିଛନ୍ତି। ବର୍ତ୍ତମାନର ପ୍ରଚଳିତ ଆଇନ କିଶୋର କିଶୋରୀଙ୍କ ସହମତି ଭିତ୍ତିରେ ରୋମାଣ୍ଟିକ୍ ସମ୍ପର୍କକୁ ଅପରାଧ ଶ୍ରେଣୀରେ ବର୍ଗୀକୃତ କରିବା ସହ ସେମାନଙ୍କ ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

ଜୟସିଂ ଆହୁରି କହିଛନ୍ତି, ଆଇନ ବ୍ୟବସ୍ଥାରେ କିଶୋର କିଶୋରୀଙ୍କ ମଧ୍ୟରେ ସହମତିରେ ସମ୍ପର୍କକୁ ଭୁଲ୍‌ବଶତଃ ଦୁର୍ବ୍ୟବହାର, ସେମାନଙ୍କ ସ୍ୱାୟତତ୍ତାକୁ ଅଣଦେଖା, ପରିପକ୍ୱତା ଏବଂ ସହମତି ଦେବାର କ୍ଷମତା ସହ ସମାନ ବିବେଚନା କରାଯାଇଛି। ୨୦୧୩ର ଆପରାଧିକ ଆଇନ (ସଂଶୋଧନ) ଅଧିନିୟମ ଅଣାଯିବା ପର୍ଯ୍ୟନ୍ତ ୭୦ ବର୍ଷ ଧରି ସହମତି ବୟସ ୧୬ ବର୍ଷ ରହିଥିଲା। ଏହାକୁ ୧୮ ବର୍ଷକୁ ବଢ଼ାଯିବା ପଛରେ ଯଥାର୍ଥ ଦର୍ଶାଇବାର କୌଣସି ବାସ୍ତବ କାରଣ କିମ୍ବା ପ୍ରୟୋଗାତ୍ମକ ତଥ୍ୟ ନାହିଁ। ଜଷ୍ଟିସ୍ ବର୍ମା କମିଟି ସହମତି ବୟସ ୧୬ ବର୍ଷ ରଖିବା ପାଇଁ ସୁପାରିସ୍ କରିଥିବାବେଳେ ବିନା ବିତର୍କରେ ଏହାକୁ ୧୮ ବର୍ଷକୁ ବଢ଼ାଯିବା ଦ୍ୱାରା ଏହା କମିଟି ସୁପାରିସ୍ ବିରୋଧରେ ଯାଇଛି। ଆମିକସ୍ କ୍ୟୁରି କହିଛନ୍ତି, ଆଜିକାଲି କିଶୋର କିଶୋରୀମାନେ ଶୀଘ୍ର ଯୌବନ ପ୍ରାପ୍ତ ହେଉଛନ୍ତି ଏବଂ ନିଜ ପସନ୍ଦରେ ପ୍ରେମ ଓ ଯୌନ ସମ୍ପର୍କ ରଖିବାକୁ ସମର୍ଥ। ଜାତୀୟ ପରିବାର ସ୍ୱାସ୍ଥ୍ୟ ☞ପୃଷ୍ଠା-୪

# ୧୨ ଜିଲାରେ ସ୍ଥାପନ ହେବ ୨୩ ଶିଳ୍ପ

ଭୁବନେଶ୍ୱର,୨୪।୭(ଅନୁରାଧା ମହାରଣା)

୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ଶିଳ୍ପ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଯାଉଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ୧୩୮ତମ ଷ୍ଟେଟ୍ ଲେଭଲ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ୪,୯୮୨.୬୬ କୋଟି ଟଙ୍କାର ୨୩ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ରାଜ୍ୟର ୧୨ ଜିଲାରେ ୧୧,୯୩୩ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହି ଅନୁମୋଦନ ପୋଷାକ ଓ ଟେକ୍ସଟାଇଲ, ଷ୍ଟିଲ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ଖାଦ୍ୟ ଓ ପାନୀୟ, ରାସାୟନିକ, ଔଷଧ, ଶକ୍ତି ଓ ନବୀକରଣୀୟ ଶକ୍ତି, ଆଇଟି ଓ ଆଇଟିଇଏସ୍, ପର୍ଯ୍ୟଟନ ଏବଂ ଏରୋସ୍ପେସ ଓ ପ୍ରତିରକ୍ଷା ଭଳି କୌଶଳଗତ କ୍ଷେତ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରୁଛି। ଓଡ଼ିଶାର ଟେକ୍ସଟାଇଲ ଇକୋସିଷ୍ଟମକୁ ମଜଭୁତ କରିବା ପାଇଁ କେପିଆର୍ ମିଲ ଲିମିଟେଡ୍ ଖୋର୍ଦ୍ଧାରେ ୩୫୦ କୋଟି ଟଙ୍କା ନିବେଶ କରିବା ସହ ବାର୍ଷିକ ୪୬.୮ ନିୟୁତ ପୋଷାକ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ବୃହତ୍ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହା ୫ ହଜାର ନିଯୁକ୍ତି ସୃଷ୍ଟି କରିବ। ସେହିପରି ଷ୍ଟିଲ ଓ ଡାଉନଷ୍ଟ୍ରିମ ଶିଳ୍ପ କ୍ଷେତ୍ରରେ ବିଦ୍ୟା ମିନେରାଲ୍‌ସ ପ୍ରା.ଲି. ସୁନ୍ଦରଗଡ଼ରେ ୦.୨୧ ଏମ୍‌ଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବ। ଏଥିପାଇଁ ୬୨୦ କୋଟି ଟଙ୍କା ନିବେଶ ସହ ୫୨୫ ନିଯୁକ୍ତି ସୃଷ୍ଟି ହେବ। ଜାଟିଆ ଷ୍ଟିଲ ଲିମିଟେଡ୍ ୪୫୧.୯୦ କୋଟି ଟଙ୍କା ନିବେଶରେ ଯାଜପୁରରେ ଷ୍ଟିଲ୍ ଷ୍ଟ୍ରକ୍‌ଚର ୟୁନିଟ୍ ସ୍ଥାପନ କରିବ। ଏହାଦ୍ୱାରା ପ୍ରାୟ ୧୭୫ ଜଣ କର୍ମନିଯୁକ୍ତି ପାଇପାରିବେ। ଆମଷ୍ଟେଡ୍ ଷ୍ଟିଲ ଫାଉଣ୍ଡ୍ରିଜ, ମାଙ୍କାଶ ଏଣ୍ଟରପ୍ରାଇଜେସ୍ ଓ ☞ପୃଷ୍ଠା-୪

# ଏମ୍‌ଜିଏନ୍‌ଆର୍‌ଇଜିଏସ୍: ନକଲି ଜବ୍ କାର୍ଡରେ ଓଡ଼ିଶା ୨ୟ

**ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅନ୍ତର୍ଗତ ଜବ୍ କାର୍ଡରେ ବ୍ୟାପକ ଜାଲିଆତି ହୋଇଆସୁଛି। ଏହା ମାଧ୍ୟମରେ ଶ୍ରମିକଙ୍କ ରୋଜଗାର ନିମନ୍ତେ ଉଦ୍ଦିଷ୍ଟ ବିପୁଳ ଅର୍ଥ ଆତ୍ମସାତ କରାଯାଉଛି। ୨୦୨୪-୨୫ ଆର୍ଥିକବର୍ଷରେ ନକଲି ଜବ୍ କାର୍ଡ ହାତେଇବାରେ ବିହାର ଦେଶରେ ଶୀର୍ଷ ସ୍ଥାନରେ ଥିବାବେଳେ ଓଡ଼ିଶା ଦ୍ୱିତୀୟରେ ରହିଥିବା ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସଦ୍ୟ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଏହି ବର୍ଷରେ ଓଡ଼ିଶାରେ ମୋଟ ୭,୫୬୬ ନକଲି ଜବ୍‌କାର୍ଡକୁ ରଦ୍ଦ କରାଯାଇଛି। ସୂଚନା ଦିଆଯାଇପାରେ ୨୦୦୬ ଫେବୃଆରୀ ୨ରୁ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସମୟରେ ଗ୍ରାମାଞ୍ଚଳରେ ଶ୍ରମିକମାନଙ୍କୁ ବର୍ଷକୁ ୧୦୦ ଦିନର କର୍ମ ଯୋଗାଣ ନିଶ୍ଚିତ କରିବା ପାଇଁ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ହେଲେ ଅନେକ ଅନିୟମିତତା ଓ ଦୁର୍ନୀତି ମଧ୍ୟରେ ଏହା ଛନ୍ଦି ହୋଇ ଚାଲିଛି। ବିଶେଷକରି ଜବ୍‌କାର୍ଡ ପାଇଁ ଆଧାର କାର୍ଡ ଦାଖଲ କରିବାକୁ କୁହାଯାଉଛି। କିନ୍ତୁ ଏହା ସତ୍ତ୍ୱେ ନକଲି ଜବ୍‌କାର୍ଡକୁ ରୋକାଯାଇପାରୁନାହିଁ। ଏଥିରୁ ବୁଝିହେଉଛି ଏ କ୍ଷେତ୍ରରେ ଜାଲିଆଲି କାର୍ଯ୍ୟକୁ ରୋକିବାରେ ଆଧାର ବିଫଳ ହୋଇଛି।**

## ଜାଲିଆତି ରୋକିବାରେ 'ଆଧାର' ବିଫଳ

ଭୁବନେଶ୍ୱର,୨୪।୭(ରବିନାରାୟଣ ଜେନା)

ଓଡ଼ିଶାରେ ଦାଦନ ସମସ୍ୟାର ଅନ୍ତ ହେଉନାହିଁ। ଏଥିପାଇଁ କେବଳ ଯେ ଓଡ଼ିଶା ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଆନ୍ତରିକତା ନାହିଁ ତାହା ନୁହେଁ, ଅଧିକାଂଶ ସମୟରେ ସରକାରୀ କଳର ଅପବ୍ୟବହାର ଏଥିପାଇଁ ମୁଖ୍ୟତଃ ଦାୟୀ। ଏହାସହ ଆଧାରକାର୍ଡକୁ ମୂଳ ପରିଚୟପତ୍ର ଭାବେ ଗ୍ରହଣ କରାଯାଉଥିବାରୁ ଏଥିରେ ବ୍ୟତିକ୍ରମ ଦେଖାଦେଉଛି। ମେଶିନ କାମ କରୁଛି, ଶ୍ରମିକଙ୍କୁ କାମଧନ୍ଦା ମିଳୁନ ଥିବାରୁ ସେମାନେ ଜୀବନଜୀବିକା ପାଇଁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି। ଠିକାଦାରମାନେ ସରକାରୀ କର୍ମଚାରୀମାନଙ୍କ ସହିତ ସଲାସୁତୁରା କରି ସରକାରୀ କାର୍ଯ୍ୟକୁ କେତେବେଳେ ବିଭିନ୍ନ ଯନ୍ତ୍ରପାତି ଜରିଆରେ କରାଉଛନ୍ତି ତ ଆଉ କେତେବେଳେ ଫେକ୍ ଜବ୍‌କାର୍ଡଧାରୀ ସୃଷ୍ଟି କରି ରାଜକୋଷରୁ ବିପୁଳ ଅର୍ଥ ଲୁଟି ନେଉଛନ୍ତି। ଫଳରେ ଶ୍ରମିକ ପେଟ ଉପାସ ରହୁଛି।

୨୦୨୪-୨୫ ଆର୍ଥିକ ବର୍ଷରେ ଉତ୍ତରପ୍ରଦେଶ ଭଳି ଜନବହୁଳ ରାଜ୍ୟରେ ଫେକ୍ ଜବ୍‌କାର୍ଡଧାରୀଙ୍କ ସଂଖ୍ୟା ଅତି ନଗଣ୍ୟସ୍ତରରେ ରହିଥିବାବେଳେ ଓଡ଼ିଶାରେ ଏମାନଙ୍କ ହାର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଦ୍ୱିତୀୟ ସର୍ବାଧିକ ରହିଛି। ଫଳରେ ଓଡ଼ିଶା ଯେଉଁ ଦାଦନକୁ ସେହି ଦାଦନପ୍ରବଣ ରାଜ୍ୟ ରୂପେ ପରିଗଣିତ ହେଉଛି। ଏଭଳି ଏକ ନିଛକ ସତ୍ୟ ଆମେ କହୁନାହୁଁ, ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଲୋକ ସଭାରେ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାଯାଇଛି। ଶ୍ରମିକମାନଙ୍କୁ କାମଧନ୍ଦା ଯୋଗାଇବା ଲକ୍ଷ୍ୟ ନେଇ ୨୦୦୬ ଫେବୃଆରୀରୁ ଚାଲିଥିବା ଏହି ଯୋଜନା ଆରମ୍ଭରୁ ଏପର୍ଯ୍ୟନ୍ତ ଫେକ୍ ଜବ୍‌କାର୍ଡଧାରୀଙ୍କ ରାଜୁତି ଚାଲି ଆସିଛି। ପ୍ରକୃତ ଶ୍ରମିକଙ୍କୁ କାମଧନ୍ଦା ମିଳୁ ନ ଥିବାରୁ ସେମାନେ ବାହାର ରାଜ୍ୟକୁ ପେଟପାଟଣା ପାଇଁ ଯିବାକୁ ବାଧ ହେଉଛନ୍ତି।

ଲୋକ ସଭାରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶ୍ୱାନ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଫେକ୍ ଜବକାର୍ଡ ସମ୍ପର୍କିତ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ୨୦୨୨-୨୩ ଆର୍ଥିକ ବର୍ଷରେ ୭ଲକ୍ଷ ୫୯ହଜାର ୪୬୨ ଫେକ୍ ଜବ୍‌କାର୍ଡ ଧରା ପଡ଼ିଥିଲା। ଏଥିରେ ଉତ୍ତରପ୍ରଦେଶରେ ସର୍ବାଧିକ ୨ଲକ୍ଷ ୯୯ହଜାର ୩୫୪ ଫେକ୍ ଜବକାର୍ଡ ଧରାପଡ଼ିଥିବାବେଳେ ଏହା ତଳକୁ ଓଡ଼ିଶା ଦ୍ୱିତୀୟ ସର୍ବାଧିକ ରହିଥିଲା। ରାଜ୍ୟରେ ଉକ୍ତ ବର୍ଷ ୧ଲକ୍ଷ ୧୪ହଜାର ୪୫୪ ଫେକ୍ ଜବ୍‌କାର୍ଡଧାରୀଙ୍କୁ ଯାଞ୍ଚ ବେଳେ ଧରାଯାଇଥିଲା। ସେହିପରି ୨୦୨୩-୨୪ ଆର୍ଥିକବର୍ଷରେ ଦେଶର ମୋଟ ଫେକ୍ ଜବ୍‌କାର୍ଡଧାରୀଙ୍କ ସଂଖ୍ୟା ହ୍ରାସ ପାଇ ୨ଲକ୍ଷ ୮୯ହଜାର ୬୨୬ରେ ପହଞ୍ଚିଥିଲା। ଉକ୍ତ ବର୍ଷ ସର୍ବାଧିକ ଉତ୍ତରପ୍ରଦେଶରେ ୧ଲକ୍ଷ ୪୭ହଜାର ୩୯୭ଟି ଫେକ୍ ଜବ୍‌କାର୍ଡ ଧରାଯାଇଥିବାବେଳେ ଓଡ଼ିଶା ତୃତୀୟସ୍ଥାନରେ (୨୨,୨୬୪) ରହିଥିଲା। ଦ୍ୱିତୀୟରେ ମଧ୍ୟପ୍ରଦେଶ ରହିଥିଲାବେଳେ ସେଠାରେ ୨୩,୦୨୯ ଫେକ୍ ଜବ୍‌କାର୍ଡ ଧରାପଡ଼ିଥିଲା। ହସ୍ତଗତ ଶେଷ ରିପୋର୍ଟ ଅନୁଯାୟୀ ୨୦୨୪-୨୫ରେ ଦେଶରେ ସମୁଦାୟ ୫୮ହଜାର ୮୨୬ଟି ଫେକ୍ ଜବ୍‌କାର୍ଡ ଜବତ ହୋଇଥିବାବେଳେ ସେଥିମଧ୍ୟରେ ବିହାରର ୮,୧୧୧ ଏବଂ ଓଡ଼ିଶାରେ ୭୫୬୬ ଫେକ୍ ଜବ୍‌କାର୍ଡଧାରୀ ଥିବା ଜଣାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ☞ପୃଷ୍ଠା-୪

# ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ



ଲଣ୍ଡନ୍‌ର ଚେକର୍ସ ଇଷ୍ଟେଟ୍‌ରେ ଗୁରୁବାର ଏଫ୍‌ଟିଏ ସ୍ୱାକ୍ଷର ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରିଟେନ୍ ପ୍ରତିପକ୍ଷ କିର୍ ଷ୍ଟାର୍ମରଙ୍କ ସହ କରମର୍ଦ୍ଦନ କରୁଛନ୍ତି। ନିକଟରେ ଉପସ୍ଥିତ ବ୍ରିଟେନ୍‌ର ବ୍ୟବସାୟ ଓ ବାଣିଜ୍ୟ ସଚିବ ଜୋନାଥନ୍ ରେନଲ୍ଡସ ଏବଂ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ।

ଲଣ୍ଡନ୍/ନୂଆଦିଲ୍ଲୀ,୨୪।୭(ପି.ଟି./ରଏଟର୍ସ)

ଭାରତ ଓ ବ୍ରିଟେନ୍ ମଧ୍ୟରେ ବହୁ ପ୍ରତୀକ୍ଷିତ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ (ଏଫ୍‌ଟିଏ) ଗୁରୁବାର ସ୍ୱାକ୍ଷର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବ୍ରିଟିଶ୍ ପ୍ରତିପକ୍ଷ କିର୍ ଷ୍ଟାର୍ମରଙ୍କ ଉପସ୍ଥିତିରେ ଦୁଇ ଦେଶର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଜୋନାଥନ୍ ରେନଲ୍ଡସ ଏଥିରେ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିରେ ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ବାର୍ଷିକ ୩୪ ବିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏତିକି ନୁହେଁ, ଭାରତରୁ ରପ୍ତାନି ହେଉଥିବା ୯୯% ଭାରତୀୟ ସାମଗ୍ରୀ ଉପରେ ବ୍ରିଟେନ୍ ଟାରିଫ୍ ହ୍ରାସ କରିବ ଏବଂ ୯୦% ଉତ୍ପାଦର ମୂଲ୍ୟକୁ ନିମ୍ନତର ସ୍ତରକୁ ଆଣିବ। ବ୍ରିଟିଶ୍ କମ୍ପାନୀଗୁଡ଼ିକୁ ମଧ୍ୟ ଭାରତକୁ ହ୍ୱିସ୍କି, କାର ଓ ଅନ୍ୟ ସାମଗ୍ରୀ ରପ୍ତାନି କରିବାରେ ଏଫ୍‌ଟିଏ ସହାୟକ ହେବ ବୋଲି ଆଶା କରାଯାଉଛି। ଆମେରିକା ରାଷ୍ଟ୍ରପତି ☞ପୃଷ୍ଠା-୪

# ଓଡ଼ିଆ ଭାଷାରେ +୨ ବିଜ୍ଞାନ ବହି

## ଲୋକାର୍ପଣ କଲେ ଗଣଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୨୪।୭(ସୁଚିସ୍ମିତା ସାହୁ)

ଓଡ଼ିଆ ଭାଷାରେ ପାଠ ପଢ଼ିବେ ଯୁକ୍ତ୨ ବିଜ୍ଞାନ ଛାତ୍ରୀଛାତ୍ର। ଏଥିପାଇଁ ସ୍ୱତନ୍ତ୍ର ଭାବେ ବହି ପ୍ରସ୍ତୁତ କରାଯାଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଗୁରୁବାର ଯୁକ୍ତ୨ ନବାଗତ ବିଦ୍ୟାର୍ଥୀଙ୍କ ପ୍ରବେଶ ଓ ସ୍ୱାଗତ ସମାରୋହରେ ଏହି ବହିର ଲୋକାର୍ପଣ ସହ ବଣ୍ଟନର ଶୁଭାରମ୍ଭ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏହି ଅବସରରେ ମନ୍ତ୍ରୀ କହିଲେ, ପିଲାମାନେ ଶୃଙ୍ଖଳାକୁ ଗୁରୁତ୍ୱ ଦେବା ସହିତ ବିକଶିତ ଓଡ଼ିଶା ଗଠନ ପାଇଁ ଏବେଠାରୁ ଦୃଢ଼ ସଂକଳ୍ପ ନିଅନ୍ତୁ। ଆଗାମୀ ପଚାଶ ବର୍ଷ ପାଇଁ ଓଡ଼ିଶାର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଆ ମାଧ୍ୟମରେ ପାଠପଢ଼ା ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ଓଡ଼ିଆ ମାଧ୍ୟମରେ ପଢୁଥିବା ୯୧ ଭାଗ ପିଲାଙ୍କୁ ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ମାନବ ସମ୍ବଳର ସଦୁପଯୋଗ ପାଇଁ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଅଣାଯିବ। ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ କରିବାରେ ସମଗ୍ର ଦେଶରେ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଫଳତା ପାଇଥିବା ବେଳେ ଓଡ଼ିଆ ଭାଷାରେ ଯୁକ୍ତ୨ ବିଜ୍ଞାନ ବହି ଲୋକାର୍ପଣ କରି ସଫଳତାର ଆଉ ଗୋଟିଏ ଫର୍ଦ୍ଦ ଯୋଡ଼ି ହୋଇଯାଇଛି। ନାରୀ ଶିକ୍ଷାର ଅନ୍ତୁଡ଼ିଶାଳ ରମାଦେବୀ ମାଧ୍ୟମିକ ବିଦ୍ୟାଳୟ ପ୍ରତି ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ୫୦ଟି ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ଯୁକ୍ତ୨ ବିଜ୍ଞାନ ବହି ବିତରଣ କରାଯିବା ସହ ଓଡ଼ିଆରେ ଏହି ପୁସ୍ତକ ରଚନା କରିଥିବା ୧୨ଜଣ ଲେଖକଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାରେ ଥିବା ପ୍ରଚୁର ଖଣିଜ ସମ୍ପଦର ବିନିଯୋଗ ପାଇଁ ଶିକ୍ଷିତ ଓଡ଼ିଆଙ୍କ ଅଭାବ ଥିବାବେଳେ ଓଡ଼ିଆମାନେ ଚାକିରି ପାଇଁ ବାହାରକୁ ଯିବା ଦ୍ୱାରା ଓଡ଼ିଶାର ମୌଳିକ ବିକାଶରେ ବାଧା ସୃଷ୍ଟି ହେଉଛି। ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଇଂଲିଶ୍‌କୁ ଗୁରୁତ୍ୱ ଦେଉଥିବାରୁ ଭାରତର ସାମ୍ବିଧାନିକ ଭାଷା ଅବହେଳା ହେଉଛି। ଏଭଳି ସ୍ଥିତିରେ ଅସମ୍ଭବ ମନେହେଉଥିବା ଯୁକ୍ତ୨ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ଓ ଉଦ୍ଭିଦ ବିଜ୍ଞାନ, ଗଣିତ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭଳି ଜଟିଳ ବିଷୟବସ୍ତୁକୁ ସରଳ ଓଡ଼ିଆ ଭାଷାରେ ଲେଖାଯାଇଛି। ଏଥିପାଇଁ ସେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ରାଜ୍ୟ ସରକାର ମଧ୍ୟ ଜାତୀୟ ଶିକ୍ଷାନୀତି ଆଧାରରେ ଆଇଟିଆଇ, ଡିପ୍ଲୋମା ଆଦି ବୈଷୟିକ ଶିକ୍ଷା ଓଡ଼ିଆ ଭାଷାରେ କରିବା ପାଇଁ ସମସ୍ତ ପଦକ୍ଷେପ ନେଉଛନ୍ତି ବୋଲି ସେ ସୂଚନା ଦେଇଥିଲେ।

ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜଲକ୍ଷ୍ମୀ ସିଂହଙ୍କ ସଭାପତିତ୍ୱରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ ପୃଷ୍ଟି ଉପସ୍ଥାପନ କରିଥିଲେ। ରାଉରକେଲା ଜାତୀୟ ପ୍ରଦୌଗିକୀ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ, ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଓଡ଼ିଆ ଅଧ୍ୟୟନ ଓ ☞ପୃଷ୍ଠା-୪

# ରୁଷିଆରେ ବିମାନ ଦୁର୍ଘଟଣା: ୪୯ ମୃତ




ମସ୍କୋ,୨୪।୭

ରୁଷିଆର ଏକ ଯାତ୍ରୀବାହୀ ବିମାନ ଚାଇନା ସୀମାବର୍ତ୍ତୀ ଟିଣ୍ଡା ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ସମସ୍ତ ୪୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ଜଣ ଛୋଟ ପିଲା ଅଛନ୍ତି। କମ୍ ଦୃଶ୍ୟମାନ ହେଉଥିବାରୁ ପାଇଲଟ୍ ବିମାନ ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କଲାବେଳେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ପାଇଲଟଙ୍କ ତ୍ରୁଟି କିମ୍ବା ବୈଷୟିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଗତ ସୋମବାର ଏହି ଦୁର୍ଘଟଣା ଘଟିଥିବାବେଳେ ଗୁରୁବାର ଘଟଣା ସାମ୍ନାକୁ ଆସିଛି। ଉଦ୍ଧାରକାରୀ ଟିମ୍ ବିମାନର ଜଳିଯାଇଥିବା ଫ୍ୟୁଜ୍‌ଲେଜ୍‌ର ବିଭିନ୍ନ ଅଂଶକୁ ଠାବ କରିଛନ୍ତି।

ସ୍ଥାନୀୟ ଜରୁରୀ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ସାଇବେରିଆର ଆଙ୍ଗାରା ଏୟାରଲାଇନ୍ସ ପରିଚାଳିତ ଆଣ୍ଟୋନୋଭ୍ ଏଏନ୍-୨୪ ବିମାନ ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କରୁଥିବାବେଳେ ରାଡାରରେ ଅଦୃଶ୍ୟ ହୋଇଯାଇଥିଲା। ବିମାନଟି ସୋଭିଏଟ୍ ଅମଳର ଏବଂ ପାଖାପାଖି ୫୦ ବର୍ଷର ପୁରୁଣା। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ କର୍ତ୍ତୃପକ୍ଷ ତଦନ୍ତ ନିମନ୍ତେ ଘୋଷଣା କରିଛନ୍ତି।

**ଆଜିର ସମ୍ପାଦକୀୟ** ଖାଦ୍ୟାଭାବ ଓ ଦେଶାନ୍ତର

# ପାଚେରି ନାହିଁ, ଘାରୁଛି ସୁରକ୍ଷା ଚିନ୍ତା

## ଅଧ୍ୟାପକ, ଷ୍ଟାଫ୍ ଅଭାବ, ଜମି ସମସ୍ୟାର ସମାଧାନ ହୋଇନାହିଁ

ବଲାଙ୍ଗୀର,୨୪।୭(ବୀରେନ୍ଦ୍ର କୁମାର ଝାଙ୍କର)

ପଶ୍ଚିମ ଓଡିଶାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ବଲାଙ୍ଗୀର ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଭାବେ ଅପ୍‌ଗ୍ରେଡ କରାଯିବାର ଇତିମଧ୍ୟରେ ପ୍ରାୟ ୫ ବର୍ଷ ହୋଇଗଲାଣି। ତେବେ ବିଶ୍ୱବିଦ୍ୟାଳୟର ଅନେକ ମୌଳିକ ସମସ୍ୟାର ସମାଧାନ ହୋଇନାହିଁ। ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଓ ଅଣଶୈକ୍ଷିକ ଷ୍ଟାଫ୍ ଅଭାବ ରହିଛି। କଲେଜ ସମୟରୁ ଜମି ସମସ୍ୟା ଏକ ବଡ ସମସ୍ୟା ଭାବେ ଉଭା ହୋଇଛି। ଏହି ବିଶ୍ୱବିଦ୍ୟାଳୟର ପାଚେରି ନିର୍ମାଣ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର, ଅଧ୍ୟାପକ ଏବଂ ଷ୍ଟାଫ୍‌ଙ୍କ ସୁରକ୍ଷା ଚିନ୍ତା ଲାଗି ରହିଛି। କର୍ତ୍ତୃପକ୍ଷ ବିଭିନ୍ନ ସମସ୍ୟା ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ବାରମ୍ବାର ଜଣାଉଥିଲେ ମଧ୍ୟ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଫଳରେ ସମ୍ପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଧିକ ଚିନ୍ତିତ ହୋଇ ପଡିଛନ୍ତି। ଫକୀର ମୋହନ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ପରେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରୀମାନଙ୍କ ସୁରକ୍ଷା ଏବଂ ଅନ୍ୟାନ୍ୟ ବିଷୟକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଲାଗି ରହିଛି। ଏଭଳି ସମୟରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଅସମ୍ପୂର୍ଣ୍ଣ ପାଚେରି ନିର୍ମାଣ, ଅତିରିକ୍ତ କୋଠା ନିର୍ମାଣ, ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚିନ୍ତା ପ୍ରକଟ କରିଛନ୍ତି।



ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଛପଟେ ପାଚେରି ନ ଥିବାରୁ ମୁକୁଳା ପଡିଛି।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ବିଶ୍ୱବିଦ୍ୟାଳୟରେ ଆଇସିସି ଗଠନ ସରିଛି। ଏହାପୂର୍ବରୁ ଛାତ୍ରୀମାନଙ୍କ ସୁରକ୍ଷା ଓ ନିର୍ଯାତନା ରୋକିବା ସକାଶେ ଅନ୍ୟ କମିଟି ଗଠନ ସରିଥିବା କୁହାଯାଉଛି। ତେବେ ସବୁଠୁ ବଡ ଚିନ୍ତାର କାରଣ ହେଲା ବିଶ୍ୱବିଦ୍ୟାଳୟର ଚାରିପଟେ ପାଚେରି ନାହିଁ। ବିଶ୍ୱବିଦ୍ୟାଳୟର ପ୍ରକୃତରେ କେତେ ଜମି ରହିଛି ସେନେଇ ଚିହ୍ନଟ ହୋଇପାରିନାହିଁ। ଜମି ଚହ୍ନଟ ହୋଇପାରୁ ନ ଥିବାରୁ ପାଚେରି ନିର୍ମାଣ ମଧ୍ୟ ସରୁନାହିଁ। ବିଶ୍ୱବିଦ୍ୟାଳୟର ପଛ ପଟରେ କୌଣସି ପାଚେରି ନାହିଁ। ୨୦୨୩ ମସିହାରୁ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଉଚ୍ଚଶିକ୍ଷା ବିଭାଗ କମିଶନରଙ୍କୁ ଚିଠି କରି ପାଚେରି ନିର୍ମାଣ ପାଇଁ ୪ କୋଟି ୪ ଲକ୍ଷ ୯୨ ହଜାର ଟଙ୍କା ଏବଂ ବିଶ୍ୱବିଦ୍ୟାଳୟ ପରିସର ରାସ୍ତା ଓ ଡ୍ରେନ୍ ନିର୍ମାଣ ପାଇଁ ୩୧ କୋଟି ୫ ଲକ୍ଷ ୧୬ ହଜାର ଟଙ୍କାର ଏଷ୍ଟିମେଟ୍ କରି ଅନୁମୋଦନ ପାଇଁ ପଠାଇଥିଲେ। ଏ ସଂକ୍ରାନ୍ତରେ ୨୦୨୪, ୨୦୨୫ ମସିହାରେ ବାରମ୍ବାର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କ ଅଫିସରୁ ଉଚ୍ଚଶିକ୍ଷା କମିଶନରଙ୍କ ଅଫିସକୁ ଚିଠି କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ। ଫଳରେ ବିଶ୍ୱବିଦ୍ୟାଳୟ ପରିସରରେ ଭିତ୍ତିଭୂମି ବିକାଶ ହୋଇପାରିନାହିଁ। ପାଚେରି, ରାସ୍ତା ଓ ଡ୍ରେନ ନିର୍ମାଣ ହୋଇପାରୁ ନ ଥିବାରୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶ ମଧ୍ୟ ସୁଧୁରୁ ନାହିଁ। ଅଣଛାତ୍ରଙ୍କ ଅବାଧ ପ୍ରବେଶ ଚିନ୍ତାର କାରଣ ପାଲଟିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ସୁରକ୍ଷିତ ରହୁନାହିଁ। ଏନେଇ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ ପଚାରିବାରୁ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି ପାଇଁ ଉଚ୍ଚଶିକ୍ଷା ବିଭାଗକୁ ଅନେକ ପ୍ରକଳ୍ପ ପ୍ରସ୍ତାବ ଦିଆଯାଇଛି। ସେସବୁର ଶୀଘ୍ର କାର୍ଯ୍ୟକାରୀ ହେବାର ଆବଶ୍ୟକତା ରହିଛି। ବିଶେଷ କରି ବିଶ୍ୱବିଦ୍ୟାଳୟର ଜମି ଚିହ୍ନଟ ହୋଇପାରିନାହିଁ। ପାଚେରି ନିର୍ମାଣ ହୋଇପାରୁ ନ ଥିବାରୁ ଛାତ୍ରୀଛାତ୍ର ଓ ଷ୍ଟାଫ୍‌ଙ୍କ ସୁରକ୍ଷା ଚିନ୍ତା ଲାଗି ରହିଛି। ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ରାସ୍ତା ଓ ଡ୍ରେନ୍ ତିଆରି ପାଇଁ ପ୍ରସ୍ତାବ ଯାଇଛି। ଦ୍ୱିତୀୟ ଏକାଡେମିକ କୋଠା ତିଆରିର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ

## ଯୁବୋଦୟ ପକ୍ଷରୁ ସଫେଇ ଅଭିଯାନ



ଯୁବୋଦୟ ପକ୍ଷରୁ ସକ୍‌ମା ଗାଁରେ ଚାଲିଥିବା ସଫେଇ ଅଭିଯାନ।

ବଲାଙ୍ଗୀର,୨୪।୭(ବୀରେନ୍ଦ୍ର କୁମାର ଝାଙ୍କର)

ଯୁବୋଦୟ କଲେଜ ଅଫ୍ ଆଡଭାନ୍ସଡ୍ ଟେକ୍ନୋଲୋଜିର ଛାତ୍ରୀଛାତ୍ରମାନେ ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ସକ୍‌ମା ଗାଁରେ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଜରିଆରେ ଗାଁ ରାସ୍ତା ସଫା କରିଥିଲେ। ଏହି ଅବସରରେ ସେମାନେ ଗ୍ରାମବାସୀଙ୍କୁ ସ୍ୱଚ୍ଛତା ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅଧ୍ୟକ୍ଷ ଅଂଶଗ୍ରହଣ କରିଥିଲେ। ବିଏସ୍‌ସି, ବିସିଏ ଓ ବିବିଏର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ନିଜ ପରିବେଶ ପ୍ରତି ଦାୟିତ୍ୱବୋଧ ଓ ଜନସମ୍ପର୍କ ଗଢ଼ିବାରେ ଏହି କାର୍ଯ୍ୟକ୍ରମ ବେଶ୍ ସହାୟକ ହୋଇଥିବା ଛାତ୍ରୀଛାତ୍ରମାନେ କହିଛନ୍ତି। ଯୁବୋଦୟ ନିର୍ଦ୍ଦେଶକ ଅମ୍ବରୀଶ ଦାଶ କହିଥିଲେ, ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସଚେତନତା ଓ ନୈତିକ ମୂଲ୍ୟବୋଧ ସୃଷ୍ଟି କରୁଛି । ଏଥିସହ ସେମାନଙ୍କ ଜୀବନକୁ ସକରାତ୍ମକ ଅନୁଭୂତି ଏବଂ ଦୃଢ଼ତା ପ୍ରଦାନ କରୁଛି ବୋଲି କହିଥିଲେ।

## ବିଶ୍ୱକଲ୍ୟାଣ ନାଗରିକ କମିଟିର ନୂତନ କର୍ମକର୍ତ୍ତା ଚୟନ

ଲୋଇସିଂହା,୨୪।୭(ସୁଶାନ୍ତ ବାରିକ)

ବୁଧବାର ବଲାଙ୍ଗୀର ଜିଲା ଲୋଇସିଂହା ବିଶ୍ୱକଲ୍ୟାଣ ନାଗରିକ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତିକ୍ରମେ ବରିଷ୍ଠ ସଦସ୍ୟ ପ୍ରେମ କୁମାର ଅଗ୍ରୱାଲ ସଭାପତି, କାର୍ଯ୍ୟକାରୀ ସଭାପତି ଭାବେ ଡା. ଗୌତମ ବିଶ୍ୱାଳ, ଉପ ସଭାପତି ଭାବେ ଗୋପାଳ ପଧାନ, ସମ୍ପାଦକ ପ୍ରଶାନ୍ତ ବେହେରା, ସହ ସମ୍ପାଦକ ନଜରୁଲ୍ଲା ଖାଁ ଓ କୋଷାଧ୍ୟକ୍ଷ ଭାବେ ଇନ୍ଦ୍ରମଣି ପାତ୍ରଙ୍କୁ ମନୋନୀତ କରାଯାଇଛି। ମିଡିଆ ପ୍ରମୁଖ ଭାବେ ରାଜକୁମାର ଅଗ୍ରୱାଲ ଓ ରବୀନ୍ଦ୍ର କୁମାର ପଟେଲଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। କମିଟି ସଦସ୍ୟ ଭାବେ ଆନନ୍ଦ ପୁଟେଲ, ଚତୁର ଦଲେଇ, କୁନା ଭୋଇ, ଆଶୋକ କୁମାର ବରିହା ରହିଛନ୍ତି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ବଂଶୀଧର କାଲସାଏ, ସରପଞ୍ଚ ନବକିଶୋର ନାଏକ, କମଳ ଲୋଚନ ବାବା, ସଦାନନ୍ଦ ଧରୁଆ, ଲକ୍ଷ୍ମୀ ପ୍ରସାଦ ରଣା ରହିଛନ୍ତି । ନବଗଠିତ କମିଟି ପକ୍ଷରୁ ଲୋଇସିଂହା ନୂଆପଡା ରେଳ ଫାଟକ ବନ୍ଦ ଉଦ୍ୟମକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ ଫାଟକ ବନ୍ଦ ପୂର୍ବରୁ ଲୋଇସିଂହା ତଥା ଅଞ୍ଚଳବାସୀଙ୍କ ଯାତାୟତ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରା ନ ଗଲେ କମିଟି ପକ୍ଷରୁ ବିରୋଧ ଜାରି ରହିବ ବୋଲି ପ୍ରେସ ଇସ୍ତାହାରରେ ଜଣାଯାଇଛି।

## ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟରେ ପ୍ରେରଣା ଉତ୍ସବ

ବଲାଙ୍ଗୀର,୨୪।୭(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁବାର ପ୍ରେରଣା ଉତ୍ସବ ଅନୁଷ୍ଠିତ ହୋଇଥିଲା। ନବାଗତ ଛାତ୍ରୀଛାତ୍ରମାନଙ୍କୁ ମହାବିଦ୍ୟାଳୟରେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏଥିରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳ ସଚିବ ହରପ୍ରସାଦ ଭୋଇ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ିବା ସହ ଉତ୍ତମ ଚରିତ୍ର ଗଠନ କରିବା ଏବଂ ଭଲ ମଣିଷ ହେବାକୁ ପ୍ରେରଣା ଦେଇଥିଲେ। ଡ଼. ଅଶୋକ କୁମାର ମହାରଣା ପ୍ରାରମ୍ଭିକ ଭାଷଣ ଦେଇଥିଲେ। ହୃଷୀକେଶ ଦାସ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ନିୟମିତ ପାଠ ପଢ଼ିବା ଓ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. କୌତୁକ ପନ୍ଦର ସଭାପତିତ୍ୱ କରି କଲେଜର ଶୈକ୍ଷିକ ପରିବେଶ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଅଧ୍ୟାପକ ଆଶୀର୍ବାଦ ସାହୁ ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟାପକ ହୃଷୀକେଶ ଦାସ ଧନ୍ୟବାଦ ଦେଇଥିଲେ। ସହକାରୀ ପ୍ରଫେସର ବନ୍ଦନା ବାର, ଡ଼. ମଧୁସ୍ମିତା ମିଶ୍ର, ଡ଼. ରମଣୀ ନାଏକଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ।

## 'ସ୍ୱାସ୍ଥ୍ୟସେବା, ଡିଜିଟାଲ ଇଣ୍ଡିଆ ମିଶନ ତୃଣମୂଳସ୍ତରକୁ ନିଆଯାଉଛି'




ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟରେ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବକ୍ତବ୍ୟ ରଖୁଛନ୍ତି।

ବଲାଙ୍ଗୀର,୨୪।୭(ବୀରେନ୍ଦ୍ର କୁମାର ଝାଙ୍କର)

**କମନ ସର୍ଭିସ ସେଣ୍ଟର ଭିଏଲଇଙ୍କ ସହ ମନ୍ତ୍ରୀ କଲେ ଆଲୋଚନା**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପ୍ରେକ୍ଷାଳୟରେ ଗୁରୁବାର ଅପରାହ୍ଣରେ ସ୍ୱତନ୍ତ୍ର ମନୋବଳ ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାରେ କାର୍ଯ୍ୟରତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ କମନ ସର୍ଭିସ ସେଣ୍ଟର ସହ ଜଡିତ ଭିଲେଜ୍ ଲେଭେଲ ଏଣ୍ଟରପ୍ରିନର (ଭିଏଲଇ)ଙ୍କ ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଭୀମଭୋଇ ମେଡିକାଲ କଲେଜ ଡିନ୍ ଡା. ସ୍ୱୟଂପ୍ରଭା ପଧାନ, ହସ୍ପିଟାଲ ଅଧୀକ୍ଷିକା ଡା. ମାନସୀ ପଣ୍ଡା, ସିଡିଏମ୍‌ଓ ଡା. ରମେଶ ସାହୁ ମଞ୍ଚାସୀନ ଥିଲେ। ମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ, ଭାରତ ସରକାରଙ୍କ ଯୁଗାନ୍ତକାରୀ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜଡିତ କାର୍ଯ୍ୟକ୍ରମକୁ କିଭଳି ଗ୍ରାମାଞ୍ଚଳ ସ୍ତରକୁ ପହଞ୍ଚାଯାଇ ପାରିବ ଏବଂ ଗ୍ରାମାଞ୍ଚଳ ଲୋକଙ୍କୁ ସବୁ ସୁବିଧା ସହଜରେ ଯୋଗାଇ ଦିଆଯିବ ସେ ସମ୍ପର୍କରେ ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ବଲାଙ୍ଗୀର ଜିଲାର ସବୁ ଗ୍ରାମ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କଥା ଯାହା କୁହାଯାଇଥିଲା ତାହା କିଭଳି ଆରମ୍ଭ ହୋଇଯାଇଛି ସେ ସମ୍ପର୍କରେ କହିଥିଲେ। ବଲାଙ୍ଗୀର ଜିଲାରେ ପ୍ରାୟ ୧୮୦ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରହିଛି। ଏଥିରେ ୧୨୦ ପ୍ରକାର ଗୁରୁତ୍ୱପୂର୍ଣ୍ଣ ଔଷଧ ମାଗଣାରେ ବିତରଣ କରାଯାଉଛି। ୧୬ଟି ସ୍ୱାସ୍ଥ୍ୟ ପରୀକ୍ଷା ଉପଲବ୍ଧ ହେଉଛି। ଏହାସହିତ ଇ- ସଞ୍ଜୀବନୀ ପୋର୍ଟାଲରେ ଟେଲି-ମେଡିସିନ୍ ସୁବିଧା ଦିଆଯାଉଛି। ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଲୋକେ କିଭଳି ଗ୍ରାମାଞ୍ଚଳରେ ସୁବିଧା ପାଇବେ ଏବଂ ବଡ ହସ୍ପିଟାଲକୁ ଆସି ଭିଡ କରିବେ ନାହିଁ ସେ ଦିଗରେ କାମ କରାଯାଉଛି। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାମ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନଙ୍କ ସହ ଆଲୋଚନା କରାଯାଇ ତାଙ୍କ ମନୋବଳ ବୃଦ୍ଧି କରାଯାଉଛି। ସେହିପରି ଭାରତ ସରକାରଙ୍କ ଡିଜିଟାଲ ଇଣ୍ଡିଆ ମିଶନକୁ ସଫଳ କରିବାରେ କମନ ସର୍ଭିସ ସେଣ୍ଟରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଏସ୍‌ସି ଭିଏଲଇ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ କହିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଲୋଇସିଂହା,୨୪।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଲୋଇସିଂହା ମିର୍ଦ୍ଧାପଡାସ୍ଥିତ ଶ୍ୱଶୁର ଘରକୁ ଆସିଥିବା ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ସଇଁତଲା ଥାନା ଖରସେଁଲବାଞ୍ଜି ଗ୍ରାମର ଶେଷଦେବ ମିର୍ଦ୍ଧା(୩୨)। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ ୧୭।୨୫) ରୁଜୁ କରିଛି। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଲୋଇସିଂହା ପଞ୍ଚାୟତ ମିର୍ଦ୍ଧାପଡାର ଜଣେ ଯୁବତୀଙ୍କୁ ଶେଷଦେବ ବିବାହ କରିଥିଲେ। ଗତ ୧୯ ତାରିଖରେ ସେ ସ୍ତ୍ରୀ,ପିଲାଙ୍କୁ ଧରି ଶ୍ୱଶୁର ଘରକୁ ଆସିଥିଲେ। ବୁଧବାର କୌଣସି କାରଣକୁ ନେଇ ଶ୍ୱଶୁର ଘର ଲୋକଙ୍କ ସହ ବିବାଦ ହେବାରୁ ଘରୁ କୁଆଡେ ଚାଲି ଯାଇଥିଲେ। ଖୋଜାଖୋଜି କରି ନ ପାଇବାରୁ ସେହିଦିନ ସନ୍ଧ୍ୟାରେ ନିଖୋଜ ଥିବା ନେଇ ଶ୍ୱଶୁର ଘର ଲୋକେ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ହେଲେ ଗୁରୁବାର ପୂର୍ବାହ୍ନରେ ଢୋଲମହୁଲ-ବୁର୍ଡା ରାସ୍ତାର ନବନିର୍ମିତ ହସ୍ପିଟାଲ ପାର୍ଶ୍ୱ ଜମିରେ ଏକ ମୃତଦେହ ପଡିଥିବା ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ସ୍ତ୍ରୀ ଓ ଶ୍ୱଶୁର ଘର ଲୋକ ସେଠାକୁ ଯାଇ ମୃତଦେହ ଶେଷଦେବଙ୍କର ବୋଲି ଚିହ୍ନଟ କରିଥିଲେ। ଶେଷଦେବଙ୍କ ଶରୀରର ବିଭିନ୍ନ ସ୍ଥାନ ପୋଡି ଯାଇଥିବାରୁ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ ହେଉଛି।

## ବଲାଙ୍ଗୀର ନାଗରିକ କମିଟିର ସାଧାରଣ ସଭା




ସଭାରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

ବଲାଙ୍ଗୀର,୨୪।୭(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ନାଗରିକ କମିଟିର ତ୍ରୟମାସିକ ସାଧାରଣ ସଭା ସ୍ଥାନୀୟ ସରକାରୀ ଟାଉନ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଥିଲା। ନାଗରିକ କମିଟିର ସମ୍ବିଧାନ ସଂଶୋଧନ ପରେ ଏହା ପ୍ରଥମ ତ୍ରୟୋମାସିକ ସଭା ବୋଲି ସୂଚନା ଦିଆଯାଇଥିଲା। ସଭାପତି ଡ. ମିଶ୍ର ପ୍ରଥମେ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ସାଧାରଣ ସମ୍ପାଦକ ମଧୁସୂଦନ ନାୟକ ଗତ ସାଧାରଣ ସଭା ଓ କାର୍ଯ୍ୟକାରୀ କମିଟି ବୈଠକର ବିବରଣୀ ପାଠ କରିଥିଲେ। ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀଙ୍କ ସହ ଜିଲା ପଞ୍ଚାୟତ କାର୍ଯ୍ୟାଳୟ, ବିପିସିଏଲ୍ ଓ ଲୋୟର ସୁକତେଲ କାର୍ଯ୍ୟାଳୟରୁ ନାଗରିକ କମିଟି ଦେଇଥିବା ପତ୍ରର ଉତ୍ତର ମିଳିଥିବା ସଭାପତି ସୂଚନା ଦେଇଥିଲେ। ସ୍ଥାନୀୟ ଆର୍ଯ୍ୟ ସମାଜ ମନ୍ଦିର ପରିସରରେ ନାଗରିକ କମିଟି ପକ୍ଷରୁ ବନ ମହୋତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଦସ୍ୟ ଧର୍ମବ୍ରତ ରଥ, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଜୟରାମ ମିଶ୍ର, ପ୍ରଭାକର ମିଶ୍ର, ପ୍ରଶାନ୍ତ କୁମାର ପଟ୍ଟନାୟକ, କିଶୋର କୁମାର ପୁରୋହିତ, ଦୁର୍ବାଦଳ ମହାକୁର ଓ ପ୍ରଦୀପ କୁମାର ସାହୁ ଆଗାମୀ ତିନି ମାସ ପାଇଁ ବିଭିନ୍ନ କାର୍ଯ୍ୟର ପ୍ରସ୍ତାବ ରଖିଥିଲେ। ଶେଷରେ ଉପସଭାପତି ନିତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଦେଓଗାଁ,୨୪।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଉଭୟ ୧୨ ଓ ୧୩ ନଂ ଜୋନରେ ଗୁରୁବାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ତଥା ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ପ୍ରଥମେ ଚାନ୍ଦିଲି ପାହାଡରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପରେ ପାଟଣାଗଡ ବନାଞ୍ଚଳ ତରଫରୁ ଆୟୋଜିତ ୭୬ତମ ବନମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରିଥିଲେ। ଏହାପରେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଲୁହାଖାନରୁ ଦେଷଣ୍ଡ ଭାୟା କୁତ୍ରିମହୁଲ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ୧କୋଟି ୩୯ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଡାହିମାଲରୁ ସାଲେଦମକ ରାସ୍ତାର ଶିଳାନ୍ୟାସ କରିଥିଲେ। ଜରାସିଂହା ଯୁକ୍ତ ଦୁଇ କଲେଜରେ ପ୍ରାୟ ୧କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଅଡିଟୋରିୟମର ଶିଳାନ୍ୟାସ ବିଧାୟକ ସିଂଦେଓ କରିଥିଲେ। ଏହି ଅବସରରେ କଲେଜର ଅଧ୍ୟକ୍ଷ ବସନ୍ତ କୁମାର ମନହୀରାଙ୍କ ଅଧ୍ୟକ୍ଷତାରେ ତଥା ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଧାୟକ ସିଂଦେଓ ଯୋଗଦେଇ ଶୃଙ୍ଖଳିତ ହୋଇ ପାଠପଢ଼ାରେ ବ୍ରତୀ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ଅପରାହ୍ଣରେ ଅର୍ଜ୍ଜୁନପୁର ଠାରେ ରାମମନ୍ଦିର ଉନ୍ନତୀକରଣ କାର୍ଯ୍ୟ, ଗୌରଗୋଠ ପଞ୍ଚାୟତ ଅନ୍ତର୍ଗତ ଆମଦହନରେ ପ୍ରହରୀମଣ୍ଡପ ନିର୍ମାଣ, କୁଲୁତାପଡାରେ ଖେଳପଡିଆ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତି ସେଠ, ବ୍ଲକ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଦେଷଣ୍ଡ ସରପଞ୍ଚ ଯଶୋଦା ମେହେର, ଲଣ୍ଡାପଥର ସରପଞ୍ଚ ଦେବାନ୍ତୀ କ୍ଷେତି, ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗ,ବରିଷ୍ଠ ନେତା ଉମାଶଙ୍କର ସିଂ, ଶୈଳେନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ଭୋଇ, କୌସ୍ତୁଭ ପଧାନ, ହିତେଷ ଦଲାଇ, ଛତିଶ କ୍ଷେତି, ଦିପକ ବେହେରା, ବୁଦ୍ଧଦେବ ପରୁଆ, ପ୍ରମୋଦ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ଜରାସିଂହା ଯୁକ୍ତ ୨ କଲେଜରେ ଅଡିଟୋରିୟମର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ୨୬ନଂ. ଜାତୀୟ ରାଜପଥ ଅବରୋଧ

ସଇଁତଲା,୨୪।୭(ରାଖାଲ ପ୍ରସାଦ ଶତପଥୀ)

ଶ୍ରାବଣର ଦ୍ୱିତୀୟ ସୋମବାର ସରିଲାଣି। ତେବେ ଚାଷପୋଯୋଗୀ ବର୍ଷା ଅଭାବରୁ ବଲାଙ୍ଗୀର ଜିଲା ସଇଁତଲା ଅଞ୍ଚଳରେ ଚାଷ କାମ ଆଗେଇ ପାରୁନାହିଁ। ବ୍ଲକ ଅଞ୍ଚଳରେ ଥିବା ମେଗା ଜଳ ସେଚନ ପ୍ରକଳ୍ପ ଚାଷୀଙ୍କ କାମରେ ଆସୁନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜଳ ଯୋଗାଣ ସମସ୍ୟା ଲାଗି ରହିଛି। ଏହି ସମସ୍ୟାର ତୁରନ୍ତ ସମାଧାନ ଦାବିରେ ଗୁରୁବାର ବରଗାଁ ଛକ ନିକଟ ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥକୁ ଦୀର୍ଘ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ୫ ଗୋଟି ପଞ୍ଚାୟତର ଚାଷୀମାନେ ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା ।

ପ୍ରକାଶ ଯେ, ବର୍ଷାଭାବ ପରିସ୍ଥିତି ଯୋଗୁ ଅଧିକାଂଶ ଚାଷୀ ରୁଆ, ବେଉଷଣ କାମ କରି ପାରିନାହାନ୍ତି। ବ୍ଲକର ବେଲଗାଁ, ଘୁନସର, କଅଁସର, ଆମ୍ବପାଲି, ଶିସକେଲା ପଞ୍ଚାୟତ ଅଞ୍ଚଳରେ ଚାଷ ପାଇଁ ମେଗା ଜଳ ସେଚନ ପ୍ରକଳ୍ପରୁ ଚାଷୀଙ୍କ ଜମିକୁ ଜଳ ଯୋଗାଣ ହୋଇଥାଏ। ଜମିକୁ ଜଳ ଯୋଗାଇବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ମେଗା ପ୍ରକଳ୍ପ ନିର୍ମାଣ କରିଛନ୍ତି। କିନ୍ତୁ ଗତ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେଲାଏହି ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଛି। ପ୍ରକଳ୍ପରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କୁ ୬ ମାସ ହେଲା ଦରମା ମିଳିନାହିଁ। ଫଳରେ ସେମାନେ କାମ ଛାଡ଼ି ଚାଲିଯାଇଛନ୍ତି। ଏହାଛଡା ୬ ମାସ ହେଲା ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଏହାକୁ ନେଇ ୫ ଗୋଟି ପଞ୍ଚାୟତର ଚାଷୀମାନେ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧିମାନଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସମାଧାନ କରାଯାଇ ନ ଥିଲା। ଫଳରେ ଶତାଧିକ ଚାଷୀ ପୂର୍ବାହ୍ନ ୧୦ଟା ସମୟରେ ରାଜରାସ୍ତାକୁ ଓହ୍ଲାଇ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିରେ ବିଜେଡ଼ି ତରଫରୁ ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ସୁରେନ୍ଦ୍ର ସିଂ ଭୋଇ, ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ, ଆମ୍ବପାଲି ସରପଞ୍ଚ ରାମା ଛତ୍ରିଆ, ଘୁନସର ସରପଞ୍ଚ ଅନୁରାଧା ସେଠ, କଅଁସର ସରପଞ୍ଚ ହେମକାନ୍ତି ସାହୁ, ଶିସକେଲା ସରପଞ୍ଚ ମାଳତୀ ରଣା, ଭଦ୍ରା ସରପଞ୍ଚ ରାଜେନ୍ଦ୍ର ଜାନୀ, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଶିସକେଲା ସମିତି ସଭ୍ୟ ଉମାକାନ୍ତ ରଣା, ସଇଁତଲା ସରପଞ୍ଚ ସୁବ୍ରତ ନାଗ, ବେଲଗାଁ ସରପଞ୍ଚ, ପଞ୍ଚାୟତ ଅଞ୍ଚଳର ଜନପ୍ରତିନିଧିଙ୍କ ସହ ଶତାଧିକ ଚାଷୀ ସାମିଲ ଥିଲେ। ଖବରପାଇ ଟିଟିଲାଗଡ଼ ଉପଜିଲାପାଳ ଏବଂ ମେଗା ଜଳସେଚନ ପ୍ରକଳ୍ପ ଅଧିକାରୀ ଘଟଣାସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ୭ ଦିନ ମଧ୍ୟରେ ଜମିକୁ ଜଳ ଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଚାଷୀମାନେ ଜାତୀୟ ରାଜପଥ ଅବରୋଧରୁ ହଟିଥିଲେ।



ଚାଷୀମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

- ଚାଷ ସମୟରେ ମେଗା ଜଳସେଚନ ପ୍ରକଳ୍ପରୁ ପାଣି ମିଳୁନାହିଁ
- ତାତିଲେ ୫ ପଞ୍ଚାୟତର ଚାଷୀ

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଶିଶୁ ମୃତ

**ବିନିକା,୨୪।୭(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜଲା ବିନିକା ସହରାଞ୍ଚଳ ୧୨ ନମ୍ବର ୱାର୍ଡ ଜାମଛାପର ଗ୍ରାମରେ ଗୁରୁବାର ସକାଳୁ ବିଦ୍ୟୁତ୍ ଆହଘାତରେ ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତକ ହିମାଂଶୁ ସନ୍ୟାସୀଙ୍କ ପୁଅ ସୁବ୍ରତ(୪)। ଘରେ ଖେଳୁଥିବା ଏକ ବିଦ୍ୟୁତ୍ ତାରକୁ ସ୍ପର୍ଶ କରିବା ସୁବ୍ରତଙ୍କ ମୃତ୍ୟୁ ଘଟିଥିଲା। ସେ ତାଙ୍କ ମାତାପିତାଙ୍କ ଏକ ମାତ୍ର ପୁତ୍ର ଥିଲେ।

### ବର୍ଷା ପବନରେ ଭାଙ୍ଗିଲା ଘର

**ବିନିକା, ୨୪।୭(ରାମ ଗୋପାଳ ବାଘ)**

ଲଗାଣ ବର୍ଷା ଓ ପବନରେ ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନଂ ୧୦ ଉର୍ଲେ ଦଳିତପଡ଼ାରେ ଅନେକଙ୍କ ଘର ଭାଙ୍ଗିଛି। ବୁଧବାର ରାତିର ପ୍ରବଳ ବର୍ଷା ଓ ପବନରେ ଧିଆନି ସୁନା, ମୁକ୍ତ ବାଘଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ପ୍ରଶାସନ ତରଫରୁ ପଲିଥିନ ଓ ସରକାରୀ ସାହାଯ୍ୟ ଯୋଗାଇବା ପାଇଁ ସାଧାରଣରେ ଦାବି ହେଉଛି।

### ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ବିନିକା,୨୪।୭(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଗୁରୁବାର ପ୍ରବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆଧକ୍ଷା ଡ. ରେଖା ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସଦସ୍ୟ ଜୟାନନ୍ଦ ପାଣିଗ୍ରାହୀ, ମୁଖ୍ୟବକ୍ତା ତପସ୍ୱିନୀ ମେହେର, ସମ୍ମାନୀତ ଅତିଥିଭାବେ ସାମାଜିକ କର୍ମୀ ରାମ ଗୋପାଳ ବାଘ, କାଉନସିଲର ଗୋପାଳ କୃଷ୍ଣ ମହାଲିଙ୍ଗ, ଝଲକ ମିଶ୍ର, ରୋହିତ ଧରୁଆ, ବିଶ୍ୱମୟ ଗୁରୁ, ଆଶୁତୋଷ ପୁରୋହିତ, ଯତୀନ୍ଦ୍ର ଦଣ୍ଡସନା, ଆଶୀର୍ବାଦ ପଧାନ, ପ୍ରଦୀପ ନାଏକ, ଆକାଶ ପଧାନ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ଗଠନ, ଶାନ୍ତିଶୃଙ୍ଖଳା ବର୍ତମାନ ର ଦୁର୍ଘଟଣା ଘଟଣା ଉପରେ ସଚେତନତା କରାଇବା ସହିତ ବିଦ୍ୟାଳୟ ର ନିୟମାବଳୀ ବିଷୟରେ ଆଲୋକପାତ କରିଥିଲେ। ଅଧାପକ ଧନେଶ୍ୱର ସାହୁ, ମଞ୍ଚ ପରିଚାଳନା କରିଥିବାବେଳେ ଅଧାପକ ଡ ନୀଳମାଧ ଛତ୍ର ଧନ୍ୟବାଦ ଦେଇଥିଲେ। ଅଧାପକ ନୀଳମାଧ ଛତ୍ର ମଞ୍ଚ ପରିଚାଳନା କରିଥିଲେ।

### ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ

**ହରଭଙ୍ଗା,୨୪।୭(ନରେନ୍ଦ୍ର କୁମାର ସାହୁ)**

ହରଭଙ୍ଗା ବ୍ଲକ ବୀରନରସିଂହପୁର ସ୍ଥିତ ସାଧୁଚରଣ ଉଚ୍ଚ ମାଧମିକ ବିଦ୍ୟାଳୟଠାରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ୨୦୨୫ର ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧକ୍ଷ ଓମ୍ ପ୍ରକାଶ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଚୁଡାମଣି ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ହାଡିବନ୍ଧୁ ବେହେରା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ବେହେରା ନବାଗତ ଛାତ୍ର ଛାତ୍ରୀଙ୍କ ଉଜ୍ଜଳ କାମନା କରିଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀ ମଧୁସ୍ମିତା ସାହୁ, ଯଶୋଦା ବେହେରା, ମାନସୀ କବାଟ ନିଜ ନିଜର ଅନୁଭୁତି ବାଣ୍ଟିଥିଲେ। ସଭାଶେଷରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଶିକ୍ଷକ ନବକିଶୋର ଦୀପ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

# ରାସ୍ତା ଖରାପ, ଆମ୍ବୁଲାନ୍ସକୁ ଟାଣିଲା ଟ୍ରାକ୍ଟର

**ପଲସାଗୋରା,୨୪।୭(ଅଶ୍ୱିନୀ କୁମାର ନନ୍ଦ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତର ତବଡ଼ା-ବିରାମୁଣ୍ଡା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଲୋକଙ୍କ ଗମନାଗମନ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହେଉଥିବା ବେଳେ ବିରାମୁଣ୍ଡା ଗ୍ରାମବାସୀଙ୍କ ପାଇଁ ତାହା ସାତସପନ ହୋଇଛି। ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ସ୍ୱାଧୀନତାର ୭୯ ବର୍ଷ ପରେ ଏଠାକାର ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଅସରାଏ ବର୍ଷା ହେଲେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ରାସ୍ତା ଅବସ୍ଥା ଏଭଳି ହୋଇଛି ଯେ ଯିବାଆସିବା କରିବା କଷ୍ଟକର ହୋଇପଡିଛି। ବିରାମୁଣ୍ଡା ଗ୍ରାମର ତୁଳ ନାୟକଙ୍କ ମୃତଦେହ ବୁଧବାର ଗାଁକୁ ଆସୁଥିବା ବେଳେ ଆମ୍ବୁଲାନ୍ସଟି ଉକ୍ତ ରାସ୍ତାରେ କାଦୁଅରେ ଫସିଯାଇଥିଲା।



ଆମ୍ବୁଲାନ୍ସକୁ ଟ୍ରାକ୍ଟର ସାହାଯ୍ୟରେ କାଦୁଅରୁ ବାହାର କରାଯାଉଛି।

ଫଳରେ ଆମ୍ବୁଲାନ୍ସ ବିରାମୁଣ୍ଡା ଗାଁକୁ ପହଞ୍ଚି ପାରି ନ ଥିଲା। ଲୋକେ ମୃତଦେହକୁ ଖଟିଆରେ ବୋହି ନେବାକୁ ବାଧ ହୋଇଥିଲେ। ରାତିସାରା ଆମ୍ବୁଲାନ୍ସ ରାସ୍ତାରେ ପଡିରହିଥିଲା। ଗୁରୁବାର ସକାଳୁ ଟ୍ରାକ୍ଟର ସାହାଯ୍ୟରେ ଆମ୍ବୁଲାନ୍ସକୁ କାଦୁଅରୁ ବାହାରକୁ ଅଣାଯାଇଥିଲା। ତୁରନ୍ତ ଉକ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

# ବସ୍ ସହ ବାଇକ୍ ଧକ୍କା: ଜଣେ ମୃତ, ୩ ଗୁରୁତର

**ହରଭଙ୍ଗା,୨୪।୭(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ପୁରୁଣାକଟକ ବାହାଲପୋଲ ନିକଟରେ ଗୁରୁବାର ସକାଳେ ଏକ ବସ୍ ସହ ବାଇକ୍ ଧକ୍କା ହେବା ଯୋଗୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରାମ୍ପିକଟା ଗ୍ରାମର କାହ୍ନା ମଲ୍ଲିକ(୨୨)। ଏହି ଦୁର୍ଘଟଣାରେ ୩ଜଣ ଗୁରୁତର ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୁରୁଣାକଟକ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ରାମ୍ପିକଟା ଗ୍ରାମର କାହ୍ନା ଏକ ବାଇକ୍ ଯୋଗେ ଭଣଜା ବିମଳ ନାଏକ, ଭାଣିଜୀ ନମିତା ନାଏକ ଓ ଜଣେ ୨ ବର୍ଷର ଶିଶୁଙ୍କୁ ଧରି ଫୁଲବାଣୀ ଯାଉଥିଲେ। ଏହି ସମୟରେ ପୁରୁଣାକଟକଠାରେ ଫୁଲବାଣୀରୁ ଡ୍ରାଇଭର ସଂଘ କର୍ମକର୍ତ୍ତାମାନଙ୍କୁ ଧରି ଦେବଗଡ ଯାଉଥିବା ଏକ ବସ୍ ସହ ବାଇକ୍‌ର ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବାଇକ ଚାଳକ କାହ୍ନାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ପୁରୁଣାକଟକ ଡାକ୍ତରଖାନାକୁ ପଠାଇଥିଲେ। ସେଠାରୁ ବୌଦ୍ଧ ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୁରୁଣାକଟକ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ବସ୍‌କୁ ଜବତ କରିଛି।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

**ବିନିକା,୨୪।୭(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନଏସଏସ ପୋଗ୍ରାମ ଅଫିସର ରୋହିତ ଧରୁଆ, ଧନେଶ୍ୱର ସାହୁ, ମହାବିଦ୍ୟାଳୟ ଅଧକ୍ଷା ଡା ରେଖା ପଧାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ପ୍ରଥମ ଦିନରେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରାୟ ୫୦ଟି ବୃକ୍ଷ ରୋପଣ କରିଥିଲେ। ମହାବିଦ୍ୟାଳୟକୁ ବିନିକା ବନ ବିଭାଗ ତରଫରୁ ୨ଶହ ଚାରା ଯୋଗାଇ ଦିଆଯାଇଛି । ଛାତ୍ରୀଛାତ୍ରମାନେ ବୃକ୍ଷର ଯତ୍ନ ନେବାପାଇଁ ଶପଥ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧାପିକା ଅଧାପକ, କର୍ମଚାରୀ ସାମିଲ ହୋଇଥିଲେ।

# ଆର୍ଥିକ ସାକ୍ଷରତା, ଅନ୍ତର୍ଭୁକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ବୌଦ୍ଧ,୨୪।୭ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ପକ୍ଷରୁ ଆର୍ଥିକ ସାକ୍ଷକ୍ଷତା ଓ ଅନ୍ତର୍ଭୁକ୍ତୀକରଣ ଏବଂ ସୁକନ୍ୟା ସମୃଦ୍ଧି ଯୋଜନାର ସଚେତନତା କାର୍ଯ୍ୟକ୍ରମ ଗୁରୁବାର ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ଆଇପିଓ କୃଷ୍ଣ ଶତପଥୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଧରିତ୍ରୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱଳ୍ପ ସଞ୍ଚୟ ଯୋଜନା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଜିଲାପାଳ ପଣ୍ଡା ସାଇବର, ଡିଜିଟାଲ ଠକେଇ, ଅନ୍‌ଲାଇନ ଗେମ୍ ଏବଂ ଅପରିଚିତ ଲୋକଙ୍କ ମେସେଜଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ପ୍ରଧାନ ଟଙ୍କାର ସଦୁପଯୋଗ କରିବା ସହ ଠକେଇଠାରୁ ଦୂରେଇ ରହିବାକୁ କହିଥିଲେ। ଉପ ଜିଲାପାଳ ବାଣୁଆ ଆୟବ୍ୟୟ ଓ ସଞ୍ଚୟ ମଧ୍ୟରେ ଥିବା ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଏଲ୍‌ଡିଏମ୍ ତନ ବାସକୋ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଦୁର୍ଘଟଣା ମୃତ୍ୟୁଜନିତ ବୀମା ଯଥା ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଓ ଡିଜିଟାଲ କାରବାର ଉପରେ ଆଲୋକପାତ କରିଥିଲେ। ଆଇପିଓ ଶତପଥୀ ଡାକଘରେ ଥିବା ବିଭିନ୍ନ ଯୋଜନା ଉପରେ କହିଥିଲେ। ବ୍ଲକର ସେକ୍‌ସନ ଅଫିସର ନିରଞ୍ଜନ ପାଢୀ, ମହେଶ୍ୱର ମହାରଣା, ବିଦ୍ୟାଧର ମେହେର, ଧରଣୀଧର ମେହେର ସହଯୋଗ କରିଥିଲେ। ଏନ୍‌ଏସ୍‌ଏସ୍‌ଆଇର ସମ୍ପାଦକ ସୁକାନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୀର୍ଘଦିନ କାର୍ଯ୍ୟ କରୁଥିବା ଅଧିକାରୀଙ୍କୁ ବଦଳି କର

**ଡୁଙ୍ଗୁରିପାଲି, ୨୪।୭(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲାର ବିଭିନ୍ନ ଅଫିସରେ କେତେଜଣ କର୍ମଚାରୀ ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟ କରି ଆସୁଛନ୍ତି। ଦୀର୍ଘଦିନ ଗୋଟିଏ ସ୍ଥାନରେ ରହିବାରୁ ସେମାନେ ଲୋକଙ୍କୁ ସେବା ଯୋଗାଇବାରେ ବେପରୁଆ ଭାବନା ପ୍ରଦର୍ଶନ କରୁଛନ୍ତି। ଡୁଙ୍ଗୁରିପାଲି ସଚେତନତା ନାଗରିକ ଓ ଯୁବଗୋଷ୍ଠୀ ଏ ନେଇ ଆପତ୍ତି ଉଠାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓ ଦିଲୀପ କୁମାର ବାଡାଙ୍କୁ ପ୍ରଦାନ କରିଛନ୍ତି। ସମ୍ପୃକ୍ତ ଅଧିକାରୀମାନଙ୍କୁ ଅନ୍ୟତ୍ର ବଦଳି କରା ନ ଗଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ଦାବିପତ୍ରରେ ଜଣାଇଛନ୍ତି। ସରୋଜ ପଧାନ, ଯଦୁମଣି କୁଦେଇ, ଯୁଧିଷ୍ଠିର ଭୁଏ, ନାରାୟଣ ବିଶ୍ୱାଳ, ଅଶୋକ କୁମାର ମହାନ୍ତି, ଚିନୁ ବେହେରା, ବିକାଶ ପଧାନ, ନିମାଇଚରଣ ପାଣ୍ଡେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ନାରୀ ସୁରକ୍ଷା କର୍ମଶାଳା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଉଲୁଣ୍ଡା, ୨୪। ୭(ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଗୁରୁବାର ନାରୀ ସୁରକ୍ଷା ନେଇ ଏକ କର୍ମଶାଳା କଲେଜ ଅଧକ୍ଷ ଡ଼ ଦେବାଶିଷ ପାଣ୍ଡିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାରୀର ସମ୍ମାନ, ସୁରକ୍ଷା ଓ ଅଧିକାର ଉପରେ ଆଲୋଚନା ହୋଇଥିଲା। ଏପରିକି ୟୁଜିସି ପକ୍ଷରୁ ଜାରି କରାଯାଇଥିବା ନିୟମକୁ କଡାକଡି ପାଳନ କରିବା ସହ ଆଇସିସି କାର୍ଯ୍ୟଧାରାକୁ ବାସ୍ତବ ରୂପାୟନ ନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା । କର୍ମଶାଳାରେ କଲେଜ ଆଇସିସି ମୁଖ୍ୟ ଅଧାପିକା ରେଣୁକା ହୋତା ମଞ୍ଚାସୀନ ହୋଇ ଛାତ୍ରୀଙ୍କ ସୁରକ୍ଷା ଆଇନ ଓ କଲେଜର ଶୃଙ୍ଖଳା ଉପରେ ଆଲୋଚନା କରିଥିଲେ। ସମସ୍ତଙ୍କୁ ନିରାପଦ ସୁସ୍ଥ ଶୈକ୍ଷିକ ପରିବେଶ ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧରେ ଆଇସିସିର ସଂଯୋଜିକା ତେଜଶ୍ରୀ ମିଶ୍ର ଯୌନ ଉତ୍ପୀଡ଼ନ ବିରୋଧରେ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ, ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ।

# କଠିନ ପରିଶ୍ରମ ସଫଳତାର ମହାମନ୍ତ୍ର



ପ୍ରବେଶ ଉତ୍ସବରେ ମଞ୍ଚାସୀନ ଅଧକ୍ଷ ଓ ଅନ୍ୟମାନେ।

**ବୀରମହାରାଜପୁର ମହାବିଦ୍ୟାଳୟ ଯୁକ୍ତ ୨ ଶ୍ରେଣୀର ପ୍ରବେଶ ଉତ୍ସବ**


**ବୀରମହାରାଜପୁର,୨୪।୭(ଯୁଗଳ କିଶୋର ମିଶ୍ର)**

ଛାତ୍ର ଜୀବନରେ ବହୁତ ପରିଶ୍ରମ କରିବାର ଆବଶ୍ୟକତା ରହିଛି। କଠିନ ପରିଶ୍ରମ ସଫଳତାର ମହାମନ୍ତ୍ର। ଯେଉଁ ଛାତ୍ରୀଛାତ୍ରମାନେ ଯେତିକି ପରିଶ୍ରମ କରିବେ ସେମାନେ ସେତିକି ଆଗକୁ ଯିବେ। ପ୍ରତ୍ୟେକ ଛାତ୍ରୀଛାତ୍ର ଦେଶପାଇଁ ଏକ ଘଣ୍ଟା ଲେଖାଏ ବିନିଯୋଗ କରିବାର ଆବଶ୍ୟକତା ରହିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବରେ ଅତିଥିମାନେ ଏପରି ମତ ଦେଇଛନ୍ତି। ଗୁରୁତର ପୂର୍ବାହ୍ନ ୧୧ଟାରେ ମହାବିଦ୍ୟାଳୟ ଅଧକ୍ଷ ଡ. ହିମାଂଶୁ ଶେଖର ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଇଂଲିଶ ବିଭାଗ ବିଭାଗୀୟ ମୁଖ୍ୟ ପ୍ରଧାପିକା ଗୀତାଞ୍ଜଳୀ ପୂଜାରୀ, ରାଜନୀତି ବିଜ୍ଞାନ ବିଭାଗ ବିଭାଗୀୟ ମୁଖ୍ୟ ଶିବ କୁମାର ପୁରୋହିତ, ଶିକ୍ଷା ବିଭାଗ ବିଭାଗୀୟ ମୁଖ୍ୟ ବିଜୟ ପଧାନ, ଓଡ଼ିଆ ଅଧାପିକା ଜାମିନୀ ଦାଶ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ମହାବିଦ୍ୟାଳୟର ନୀତି, ନିୟମ, ସିଏଚ୍‌ଏସଇ ସିଲାବସ, ଇବୁକ, ରାଗିଂ, ଆତ୍ମସୁରକ୍ଷା, ଆଇସିସି ସମ୍ପର୍କରେ ଅବଗତ କରାଯାଇଥିଲା। ଇତିହାସ ଅଧାପିକା ଡ. ବନ୍ଦିତା ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ପଦାର୍ଥ ବିଜ୍ଞାନ ଅଧାପିକା ସୁପ୍ରଭା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦିବାକର ଭୋଇ, ଶ୍ରୀରାମ ଦେହୁରୀ, କଳାକାହ୍ନୁ ପଧାନ ସହଯୋଗ କରିଥିଲେ।

# ବର୍ଷାପାଣିରେ ଭାସିଗଲା ଟ୍ରାକ୍ଟର

**କଣ୍ଟାମାଳ/ପଲଶାଗୋରା,୨୪।୭ (ଆଦିତେଶ୍ୱର ମିଶ୍ର/ଅଶ୍ୱିନୀ କୁମାର ନନ୍ଦ)**

ବୌଦ୍ଧ ଜିଲାରେ ବୁଧବାର ପ୍ରବଳ ବର୍ଷା ଯୋଗୁ ଜିଲାରେ ଏକପ୍ରକାର ବନ୍ୟା ପରିସ୍ଥିତ ଦେଖାଦେଇଛି। କୁରୁମୁଣ୍ଡା ନାଳ ରାସ୍ତା ଉପରେ ୫ ଫୁଟ୍ ପାଣି ପ୍ରବାହିତ ହେଉଥିବାରୁ ମନମୁଣ୍ଡା-ଶଗଡା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଫଳରେ ଉକ୍ତ ରାସ୍ତାରେ ଯିବା ଆସିବା ଠପ୍ ହୋଇଯାଇଛି। ଗୁରୁବାର ସକାଳେ କୁରୁମୁଣ୍ଡା ନାଳ ପାର ହେଉଥିବା ବେଳେ ଏକ ଟ୍ରାକ୍ଟର ଭାସିଯାଇଥିଲା। ତେବେ ଏହି ଦୁର୍ଘଟଣାରୁ ଟ୍ରାକ୍ଟର ଚାଳକ ଓ ତାଙ୍କ ସହଯୋଗୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେହିପରି ବର୍ଷା ଯୋଗୁ ବହିରାସ୍ଥିତ ହରିଜନସାହିରେ କେନାଲ ପାଣି ପଶିଯିବାରୁ ଲୋକେ ନାନା ସମସ୍ୟା ଭୋଗୁଛନ୍ତି।


କୁରୁମୁଣ୍ଡା ନାଳରେ ଭାସିଯାଉଥିବା ଟ୍ରାକ୍ଟର।

# ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ, ରାସ୍ତାରୋକୋ

**କଣ୍ଟାମାଳ/ପଲସାଗୋରା,୨୪।୭ (ଆଦିତେଶ୍ୱର ମିଶ୍ର/ଅଶ୍ୱିନୀ କୁମାର ନନ୍ଦ)**

ବୌଦ୍ଧ ଜିଲା ମନମୁଣ୍ଡା କଣ୍ଟାମାଳ ୪୧ ନମ୍ବର ରାଜ୍ୟ ରାଜପଥର ସୁଲିଆ ନିକଟରେ ବୁଧବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼କୁସଙ୍ଗ ଗ୍ରାମର ଦୟାନିଧି ରଣା। ଏ ନେଇ କଣ୍ଟାମାଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିଛି।

ସୂଚନା ଅନୁସାରେ, ବୁଧବାର ରାତି ପ୍ରାୟ ୮ଟାରେ ଦୟାନିଧି ପଲସାଗୋରା ଅଞ୍ଚଳରୁ ସାଇକେଲ ସଜାଡି ଘରକୁ ଫେରୁଥିବା ବେଳେ ଶୁଲିଆ ନିକଟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ସେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ଖବର ପାଇ କଣ୍ଟାମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଣ୍ଟାମାଳ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ଦୟାନିଧିଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ କ୍ଷତିପୂରଣ ଦାବିରେ ଗୁରୁବାର ସକାଳୁ ମୃତକଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ବଡ଼କୁସଙ୍ଗ ନିକଟରେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିଲା। ଖବର ପାଇ ଏସ୍‌ଡ଼ିପିଓ ଲରେନ ରାଉତରାୟ, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଥାନାଧିକାରୀ ଭାବାନନ୍ଦ ପ୍ରଧାନ ପ୍ରମୁଖ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ୩ଦିନ ମଧରେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।


କ୍ଷତିପୂରଣ ଦାବିରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ଆଜି ବାସନ୍ତୀ କଲୋନିରେ ବିଦ୍ୟୁତ୍ କାଟ୍

ରାଉରକେଲା,୨୪।୭(ଦିନେଶ ମିଶ୍ର): ରାଉରକେଲା ବାସନ୍ତୀ କଲୋନି ଅଞ୍ଚଳରେ ଶୁକ୍ରବାର ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ଡିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏ ନେଇ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରଜତ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ଡିପିଡବ୍ଲ୍ୟୁଓଡିଏଲ୍‌ର ବର୍ତ୍ତମାନ ବିଭିନ୍ନ ସ୍ଥାନରେ କେବୁଲ ବିଛା କାମ ଜାରି ରହିଛି। ବର୍ଷା ଯୋଗୁ ବିଭିନ୍ନ ସମୟରେ କାମ କରିବାରେ କର୍ମଚାରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ସେ କହିଥିଲେ।

## ରାଉରକେଲା କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା, ୨୪।୭(ସଙ୍ଗୀତା ଜେନା) ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହ ଉପଲକ୍ଷେ ରାଉରକେଲା ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ବିଭିନ୍ନ କଲେଜ ଛାତ୍ରୀଛାତ୍ର ପ୍ରଦୀପ ପ୍ରଜ୍ୱଳନ କରି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ରାଉରକେଲା ଜିଲା କଂଗ୍ରେସ ସଂଯୋଜକ ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ସାବିର ହୁସେନ୍ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସନ୍ଧ୍ୟା ୬ଟାରେ ସେକ୍ଟର-୧୮ ମହାତ୍ମାଗାନ୍ଧୀ ଉଦ୍ୟାନରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଂଯୋଜକ ଦାସ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

# କୋଠା ନିର୍ମାଣରେ ନିୟମକୁ ଅଣଦେଖା

- ୨୦ରୁ ଊର୍ଦ୍ଧ୍ୱ କୋଠା ନିର୍ମାଣକୁ ବାରଣ
- ସର୍ବକ୍ଷମା ଯୋଜନା ଆସିବା ନେଇ ସଂଶୟ

ରାଉରକେଲା,୨୪।୭(ସଙ୍ଗୀତା ଜେନା)



ଆରଡିଏ ଅଫିସ

ରାଉରକେଲା ସହରରେ ବାସ କରୁଥିବା ଲୋକମାନଙ୍କ ଗୃହ ଆବଶ୍ୟକତା ପୂରଣ ପାଇଁ ହୋଇଥିବା ବାସନ୍ତୀ କଲୋନି, ଛେଣ୍ଡ, କୋଏଲନଗର, ସିଭିଲଟାଉନଶିପ୍ ସମେତ ବିଭିନ୍ନ ହାଉସିଂ ପ୍ରକଳ୍ପରେ ହଜାର ହଜାର ଗୃହ ନିର୍ମାଣ ହୋଇଛି। ସହରବାସୀଙ୍କ ପାଇଁ ବର୍ତ୍ତମାନ ନୂତନ ହାଉସିଂ ପ୍ରକଳ୍ପ ପ୍ରସ୍ତାବ ନ ଥିବାବେଳେ ପୂର୍ବରୁ ଆବଣ୍ଟିତ ଗୃହ ବା ପ୍ଲଟ୍ ନିର୍ମାଣରେ ନିୟମକୁ ଅଣଦେଖା କରାଯାଇଥିବା ଜଣାପଡ଼ିଛି। ଉକ୍ତ ଗୃହ ମାଲିକମାନେ ଆଗାମୀ ଦିନରେ ସର୍ବକ୍ଷମା ଯୋଜନା ପାଇଁ ଆଶାବାନ୍ଧି ଥିବାବେଳେ ଉକ୍ତ ଯୋଜନା ଆସିବା ନେଇ ସଂଶୟ ପ୍ରକାଶ ପାଇଛି। ଫଳରେ ଗୃହ ନିର୍ମାଣ ବେଳେ ନିୟମକୁ ଅଣଦେଖା କରାଯାଇଥିବାରୁ ଭବିଷ୍ୟତରେ ପାଣି ଓ ଲାଇନ୍ କାଟ ତଥା ଉଚ୍ଛେଦ ହେବା ସମ୍ଭାବନା ରହିଛି। ବେଆଇନ ନିର୍ମାଣକୁ ନେଇ ସହରର ପ୍ରମୁଖ ଅଞ୍ଚଳରେ ଥିବା ୨୦ରୁ ଊର୍ଦ୍ଧ୍ୱ ବହୁମୂଲ୍ୟ କୋଠା ନିର୍ମାଣ ଉପରେ ପ୍ରଶାସନ ପକ୍ଷରୁ ରୋକ୍ ଲଗାଯାଇଛି। ଉକ୍ତ କୋଠା ଉପରେ ୱାର୍କ ଷ୍ଟପ୍ କରିଦିଆଯାଇଛି। ଅପରପକ୍ଷେ ଆଗାମୀ ଦିନରେ ନିର୍ମାଣ ପାଇଁ ନିୟମ ଆହୁରି କଡାକଡି କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ରାଉରକେଲା ଇସ୍ପାତ ଅଞ୍ଚଳରେ କର୍ମଚାରୀମାନଙ୍କ ପାଇଁ ୧୯ରୁ ଊର୍ଦ୍ଧ୍ୱ ସେକ୍ଟର ନିର୍ମାଣ କରାଯାଇଥିଲା। ଏହାପରେ ସହରକୁ ପରିବର୍ଦ୍ଧିତ କରି ୭୦ ଦଶକରେ କୋଏଲନଗର ନିର୍ମାଣ କରାଗଲା। ଇସ୍ପାତ କାରଖାନା ପୃଷ୍ଠପୋଷକତାରେ ଗୃହ ନିର୍ମାଣ କରାଗଲା। ପରବର୍ତ୍ତୀ ସମୟରେ ବାସନ୍ତୀ କଲୋନି, ଛେଣ୍ଡ, ସିଭିଲଟାଉନଶିପ୍ ଆଦି ନିର୍ମାଣ କରାଯାଇଥିଲା। ତେବେ ଯେଉଁମାନଙ୍କୁ ଗୃହ ଆବଣ୍ଟନ କରାଗଲା ସେମାନେ ଗୃହ ନିର୍ମାଣ କରିବା ସମୟରେ ଅବୈଧ ଭାବେ ଅଧିକ ଜାଗା ଦଖଲ କରିଥିବା ଦେଖିବାକୁ ମିଳିଛି। ପ୍ଲାନିଂ ଏରିଆଠାରୁ ବିଲ୍ଡ ଅପ୍ ଏରିଆ ଅଧିକ ରହୁଛି। ଉକ୍ତ କୋଠାଗୁଡିକରେ ଟେରିସ୍ ବା ବାଲକୋନି ଅବୈଧ ଭାବେ ନିର୍ମାଣ କରାଯାଇଛି। ସେହିପରି ଅନେକ ବହୁତଳ ବିଶିଷ୍ଟ କୋଠା ଜି+ ୪ ପାଇଁ ଅନୁମତି ଥିବାବେଳେ ଅଧିକ ମହଲା ନିର୍ମାଣ କରାଯାଇଛି। ତେବେ ଅନୁମତି ବାହାରେ ନିର୍ମାଣକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ରିଏଲ୍ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟି (ରେରା) ପକ୍ଷରୁ ସୂଚନା ମିଳିଛି। ଫଳରେ ଉକ୍ତ କୋଠାଗୁଡ଼ିକ ପଞ୍ଜୀକରଣ ହେବାରେ ପ୍ରତିବନ୍ଧକ ସୃଷ୍ଟି ହେବ। ହେଲେ ଲୋକେ ଏହାର ଗଳାବାଟ ମଧ୍ୟ ବ୍ୟବହାର କରୁଥିବା ଜଣାପଡିଛି। ଉକ୍ତ ଘରଗୁଡ଼ିକୁ ନୋଟାରିରେ ସେଲ୍ ଡିଡ୍ ମାଧ୍ୟମରେ ବିକ୍ରି କରିବା ଯୋଜନା କରାଯାଉଛି। ଏଥିଯୋଗୁ ଆଗାମୀ ଦିନରେ ଅଧିକ ସମସ୍ୟା ସୃଷ୍ଟି ହେବ। ସେହିପରି ଅନେକ ଗୃହମାଲିକ ସର୍ବକ୍ଷମା ଯୋଜନା ଆସିଲେ ବଳକା ରାଶି ପୈଠ କରି ଗୃହ ପଞ୍ଜୀକରଣ କରିବାକୁ ଆଶା ରଖିଛନ୍ତି। ପ୍ରଶାସନର ପ୍ଲାନିଂ ବିଭାଗ ପକ୍ଷରୁ ଏ ନେଇ ତନଖି କରାଯାଇଛି। ଫଳରେ ଗତ ୩ ମାସରେ ସିଭିଲଟାଉନ୍‌ଶିପ୍ ସମେତ ବିଭିନ୍ନ ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ନିର୍ମାଣାଧୀନ କୋଠା ଉପରେ ୱାର୍କ ଷ୍ଟପ୍ କରାଯାଇଛି।

ଏ ନେଇ ଟାଉନ୍ ପ୍ଲାନିଂ ବିଭାଗର ଉପ ଟାଉନ ପ୍ଲାନର ଶୋଭେନ ପଟେଲଙ୍କୁ ପଚାରିବାରୁ ସେ କହିଲେ, ସହର ବିକାଶ ପାଇଁ ଉପଯୁକ୍ତ ପ୍ଲାନିଂରେ ଗୃହ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯାଉଛି। ହେଲେ ଅଧିକାଂଶ ସ୍ଥାନରେ ଗୃହ ମାଲିକମାନେ ବହୁତଳବିଶିଷ୍ଟ କୋଠାଗୁଡ଼ିକରେ ଅବୈଧ ନିର୍ମାଣ କରୁଛନ୍ତି। ଅଧିକ ଆୟ ପାଇଁ ଏପରି କରାଯାଉଛି। ଯାହାକି ସହରୀକରଣରେ ବାଧକ ହେବ। ଏହାକୁ ଦୃଷ୍ଟିରେ ରଖି ସିଭିଲଟାନଶିପ୍ ଅଞ୍ଚଳରେ କିଛି କୋଠା ଉପରେ ୱାର୍କଷ୍ଟପ୍ ଅର୍ଡର କରାଯାଇଛି। ଏହା ଉପରେ ଗୃହ ମାଲିକମାନଙ୍କଠାରୁ ସନ୍ତୋଷଜନକ ପଦକ୍ଷେପ ନିଆ ନ ଗଲେ ପରବର୍ତ୍ତୀ ପର୍ଯ୍ୟାୟରେ ଅବୈଧ ନିର୍ମାଣକୁ ଉଚ୍ଛେଦ କରିବା ପ୍ରକ୍ରିୟା ମଧ୍ୟ ରହିଛି। ଗୃହମାଲିକମାନେ ରାଜସ୍ୱ କମିଶନଙ୍କ ନିକଟରେ ପିଟିସନ୍ କରି ଅଧିକ ମହଲତ ମଧ୍ୟ ମାଗୁଛନ୍ତି। ଅବୈଧ ନିର୍ମାଣ କଲେ ଅକୁପେନ୍ସି ସାର୍ଟିଫିକେଟ୍ ପ୍ରଦାନରେ ସମସ୍ୟା ହେବ। ଲୋକେ ଏ ବାବଦରେ ସଚେତନ ହେବା ଉଚିତ। ପ୍ଲାନିଂକୁ ଗୁରୁତ୍ୱ ଦେଇ କୋଠା ନିର୍ମାଣ କରିବା କଥା। ସର୍ବକ୍ଷମା ଯୋଜନା ଆସିବାର କୌଣସି ନିର୍ଦ୍ଦିଷ୍ଟତା ନାହିଁ ବୋଲି ପଟେଲ କହିଥିଲେ।

## ଲଗାଣ ବର୍ଷା: ବୁଡ଼ିଲା ରିଂରୋଡ୍, ଧୋଇଗଲା ଫୁଟ୍ ପାଥ୍



ରାଉରକେଲା ମେନ୍‌ରୋଡ୍‌ରେ ବର୍ଷାପାଣି ।

ରାଉରକେଲା,୨୪।୭(ଦିନେଶ ମିଶ୍ର)

ରାଉରକେଲା ସହରରେ ଲଗାଣ ବର୍ଷା ଜାରି ରହିଛି। ଏଥିଯୋଗୁ ସହରର ବିଭିନ୍ନ ବସ୍ତି ଓ ଗଳି କନ୍ଦିରେ ଲୋକଙ୍କ ଘରେ ପାଣି ପଶିଛି। ବୁଧବାର ସନ୍ଧ୍ୟାରେ ପ୍ରବଳ ବର୍ଷା ଯୋଗୁ ବାସନ୍ତୀ କଲୋନିସ୍ଥିତ ଖାଡିଆପଡା ବସ୍ତି ଲୋକଙ୍କ ଘରେ ପାଣି ପଶିଯିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିଭଳି ରାଉରକେଲା ମେନ୍‌ରୋଡ୍‌ରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ପାଣି ଜମି ଲହଡୀ ଭାଙ୍ଗୁଥିବା ଦେଖିବାକୁ ମିଳିଥିଲା। ରାଉରକେଲା ରେଳ ଷ୍ଟେଶନ ରୋଡ୍‌ରୁ ଟ୍ୟାକ୍ସିଷ୍ଟାଣ୍ଡ ପର୍ଯ୍ୟନ୍ତ ମେନ୍‌ରୋଡ୍ କଡ଼ରେ ଥିବା ଡ୍ରେନ ଗୁଡିକ ଚଳିତ ବର୍ଷ ସଫେଇ ହୋଇ ନ ଥିବାରୁ ବର୍ଷାଜଳ ଜମି ରହିଛି। ଫଳରେ ଏହି ରାସ୍ତାଦେଇ ଷ୍ଟେଶନକୁ ଯାଉଥିବା ଯାତ୍ରୀମାନେ ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ବ୍ରାହ୍ମଣୀ ନଦୀ କୂଳରେ ଥିବା ବାଲୁଘାଟ ଓ ମାନଟୋଲା ବସ୍ତିରେ ପାଣି ପଶିଛି। ସେହିପରି ବାସନ୍ତୀ କଲୋନିସ୍ଥିତ ଝରଣାବସ୍ତିର ଲୋକମାସୂଚନା ଦେଖିବାକୁ ମିଳିଛି। ବସ୍ତି ଭିତରକୁ ଜରୁରୀକାଳୀନ ଯାନ ସାଙ୍ଗକୁ ସ୍କୁଲ ଅଟୋ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ସହରରେ ଲଗାଣ ବର୍ଷା ଯୋଗୁ ରାଉରକେଲା ରିଂରୋଡ୍ କଡରେ ଫୁଟ୍ ପାଥ୍‌ରେ ପଡିଥିବା ଫେବର ବ୍ଲକ୍ ଗୁଡିକ ଧୋଇଯାଇଛି।

## ରାଉରକେଲାରେ ହେବ ବନ୍ଦେ ଭାରତ ପାୱାର କୋଚିଂ କମ୍ପ୍ଲେକ୍ସ, ଡିପୋ: ରେଲୱେ ଜିଏମ୍

ରାଉରକେଲା,୨୪।୭(ସଙ୍ଗୀତା ଜେନା)

ରେଲୱେ ମଣ୍ଡଳ ମହାପ୍ରବନ୍ଧକ (ଜିଏମ୍) ଅନୀଲ ମିଶ୍ର ଗୁରୁବାର ଦକ୍ଷିଣ-ପୂର୍ବ ରେଳବାଇର ଚକ୍ରଧରପୁର ରେଳମଣ୍ଡଳ ଅନ୍ତର୍ଗତ ରାଉରକେଲା, ଝାରସୁଗୁଡ଼ା, ରାଜଗାଙ୍ଗପୁର ସମେତ ବିଭିନ୍ନ ରେଳ ଷ୍ଟେଶନ ପରିଦର୍ଶନ କରି କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ସେ ତାଙ୍କ ଟିମ୍ ସହ ଝାରସୁଗୁଡ଼ାରୁ ସ୍ୱତନ୍ତ୍ର ଭ୍ୟାନ୍‌ରେ ବାହାରି ସନ୍ଧ୍ୟା ସାଢ଼େ ୬ଟାରେ ରାଉରକେଲାରେ ପହଞ୍ଚିଥିଲେ। ପରେ ସେ ଷ୍ଟେଶନ ପରିସର, ଯାତ୍ରୀ ସୁବିଧା, ୫ମ ରେଳଲାଇନ୍ ଆଦି କାର୍ଯ୍ୟ ନିରୀକ୍ଷଣ କରିବା ସହ ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା ଆଲୋଚନା କରିଥିଲେ। ତାଙ୍କ ସହ ଡିଆର୍‌ଏମ୍ ତରୁଣ ହୁରିଆ, ମୁଖ୍ୟ ବାଣିଜ୍ୟକ ଅଧିକାରୀ ଜିତେନ୍ଦ୍ର ପ୍ରଧାନ, ଷ୍ଟେଶନ ମ୍ୟାନେଜର, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଆର୍‌ପିଏଫ୍ କର୍ମଚାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଏମ୍ ମିଶ୍ର କହିଲେ, ଝାରସୁଗୁଡ଼ାରୁ ଆସିବା ସମୟରେ ସେ ପାନପୋଷ, ରାଜଗାଙ୍ଗପୁର ସମେତ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନ ଗୁଡ଼ିକ ପରିଦର୍ଶନ କରିଛନ୍ତି। ଉକ୍ତ ମୁଖ୍ୟ ଷ୍ଟେଶନ ଗୁଡ଼ିକରେ ଏକାଧିକ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଅମୃତ ଷ୍ଟେଶନର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଯିବ। ବିକାଶମୂଳକ କାର୍ଯ୍ୟ ପାଇଁ ଝାରସୁଗଡ଼ା ଷ୍ଟେଶନରେ ୮୫ କୋଟି, ରାଉରକେଲା ପାଇଁ ୯୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ରେଳବାଇ ବୋର୍ଡ ନିକଟରେ ଅତିଶୀଘ୍ର ବନ୍ଦେ ଭାରତ ଡିପୋ ପାଇଁ ୪ଶହ କୋଟି ଟଙ୍କା ମଞ୍ଜୁରୀ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଯେଉଁଥିରେ ପାୱାର କୋଚିଂ କମ୍ପ୍ଲେକ୍ସ ଏବଂ ଡିପୋ ନିର୍ମାଣ କରାଯାଇପାରିବ। ଏ ବାବଦରେ ଯଥାଶୀଘ୍ର ଅନୁଦାନ ରାଶି ମଞ୍ଜୁର ହେବ ବୋଲି ମିଶ୍ର କହିଥିଲେ।


ରେଲୱେ ଜିଏମ୍ ରାଉରକେଲା ଷ୍ଟେଶନ ନିରୀକ୍ଷଣ କରୁଛନ୍ତି।


ବୈଠକରେ ଉପସ୍ଥିତ ଅଧିକାରୀ।

## ଆର୍‌ଏସ୍‌ପି ସମ୍ପ୍ରସାରଣ ନେଇ ଉଚ୍ଚସ୍ତରୀୟ ବୈଠକ

ରାଉରକେଲାରେ କେନ୍ଦ୍ର ଇସ୍ପାତ ଯୁଗ୍ମ ସଚିବ

ରାଉରକେଲା,୨୪।୭ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ, ନିଯୁକ୍ତି, ବିସ୍ଥାପିତଙ୍କ ଥଇଥାନ, ବିମାନବନ୍ଦରର ଉନ୍ନତୀକରଣକୁ ନେଇ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଭିଜିତ ନରେନ୍ଦ୍ରଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଆର୍‌ଏସ୍‌ପିର ଡିଆଇସି ଆଲୋକ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକରେ ପ୍ରଶାସନ ଓ ଆର୍‌ଏସ୍‌ପି ପକ୍ଷରୁ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ, ବିସ୍ଥାପିତଙ୍କ ଥଇଥାନ କିଭଳି ଶାନ୍ତିଶୃଙ୍ଖଳାର ସହିତ କରାଯାଇପାରିବ ସେ ଦିଗରେ ଆଲୋଚନା କରାଯାଇଥିଲା। ଆର୍‌ଏସ୍‌ପିର ଉତ୍ପାଦନ କ୍ଷମତା ବାର୍ଷିକ ୪.୫ ମିଲିୟନ ଟନ୍‌ରୁ ୯.୩ ମିଲିୟନ ଟନ୍‌କୁ ବୃଦ୍ଧି କରାଯିବ। ଏଥିପାଇଁ ୧୨୦୦ ଏକର ଜମି ବ୍ୟବହାର ହେବ। ଏହି ଅବସରରେ ଯୁଗ୍ମ ସଚିବ ନରେନ୍ଦ୍ର ରାଉରକେଲା ଇସ୍ପାତ କାରଖାନା ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିବା କିଛି ଗ୍ରାମବାସୀ ଓ ବିସ୍ଥାପିତ ସଙ୍ଗଠନର ପ୍ରତିନିଧିମାନଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରିଥିଲେ ଏବଂ ସେମାନଙ୍କ ସମସ୍ୟା ଓ ଦାବି ବିଷୟରେ ପଚାରି ବୁଝିଥିଲେ। ଏଥିସହ ସେମାନଙ୍କ ମିଳିତ ସହଯୋଗରେ ସମାଧାନର ବାଟ ବାହାର କରାଯିବ ବୋଲି ଆଶ୍ୱାସନା ଦେଇଥିଲେ।

ବୈଠକ ପରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଯାଦବ ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ରାଉରକେଲା ଇସ୍ପାତ କାରଖାନା ବର୍ତ୍ତମାନ ଉତ୍ପାଦନ କ୍ଷମତା ୪.୫ ଏମ୍‌ଟିଏରୁ ୯.୩ ଏମ୍‌ଟିଏ କରିବ। ଏଥିପାଇଁ ୩୦ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ଏହାଦ୍ୱାରା ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଉରକେଲା ସହରର ମଧ୍ୟ ବିକାଶ ହେବ। ରାଉରକେଲା ସହିତ ରାଞ୍ଚି, କୋଲକାତା ଓ କେନ୍ଦୁଝର ସଂଯୋଗ ରହିଛି। ବର୍ତ୍ତମାନ ସହରର ବିକାଶ ନିତାନ୍ତ ଆବଶ୍ୟକ। ସମ୍ପ୍ରସାରଣରେ ବିସ୍ଥାପିତ ଲୋକମାନଙ୍କୁ ଥଇଥାନ କରାଯିବ। ବିସ୍ଥାପିତଙ୍କ ବହୁ ବର୍ଷର ଦାବିଗୁଡିକ ମଧ୍ୟ ଆଇନ ଅନୁସାରେ ସମାଧାନ କରାଯିବ। ବୈଠକରେ ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ଆଇଏଏସ୍ ଶିକ୍ଷାନବିସ ଫାବୀ ରସିଦ, ଆର୍‌ଏସ୍‌ପିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ସ୍ମାରକପତ୍ର ପ୍ରଦାନ

ଜେପି ହସ୍ପିଟାଲରେ ମହିଳା ନିର୍ଯାତନା ମାମଲା

ରାଉରକେଲା,୨୪।୭(ସଙ୍ଗୀତା ଜେନା)

ରାଉରକେଲା ବ୍ରାହ୍ମଣୀତରଙ୍ଗ ଅଞ୍ଚଳରେ ଥିବା ଜେପି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ମହିଳା କର୍ମଚାରୀ ନିର୍ଯାତନା ମାମଲାରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୀଡ଼ିତା ମହିଳାଙ୍କ ସପକ୍ଷରେ ସାମାଜିକ ଅନୁଷ୍ଠାନ 'ପ୍ରୟାସ' ପକ୍ଷରୁ ବୁଧବାର ସନ୍ଧ୍ୟା ୭ଟାରେ ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ଅନୁଷ୍ଠାନର ଆବାହକ ସରୋଜ ନାୟକ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ ସେ ଉଲ୍ଲେଖ କରିଛନ୍ତି, ଜେପି ହସ୍ପିଟାଲ ଏମ୍‌ଡ଼ି ଡା. ଚନ୍ଦନ ବଂଶଲ ପୀଡ଼ିତାଙ୍କୁ ଯୌନ ନିବେଦନ କରିବା ଓ ସେଥିରେ ବିଫଳ ହେବା ପରେ ପ୍ରତିଶୋଧପରାୟଣ ହୋଇ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ବିଭିନ୍ନ ପ୍ରକାର ଗାଳିଗୁଲଜ ସହ ମହିଳାଙ୍କୁ ମାଡ଼ ମରାଯାଇଥିଲା। ଏ ନେଇ ପୀଡ଼ିତା ମହିଳା ଉଦିତନଗର ଥାନାରେ ଏତଲା ଦେଇଥିଲେ। ୧୬ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏଯାଏ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହିଁ। ପୀଡ଼ିତାଙ୍କୁ ଯଥାଶୀଘ୍ର ନ୍ୟାୟ ଦିଆଯାଉ ଏବଂ ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉ। ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଉକ୍ତ ସ୍ମାରକପତ୍ରର ନକଲ ମହିଳା ଥାନାରେ ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସୌମ୍ୟ ମହାନ୍ତି, ଏଲ୍. ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଡିଆଇଜି ବ୍ରିଜେଶ ରାୟଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ୪୦ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା, ୨୪।୭(ସଙ୍ଗୀତା ଜେନା)

ଆଇଡିସି ଡେଲିଭରି ସେଣ୍ଟର ବନ୍ଦ କରିବା, ପୋଷ୍ଟମ୍ୟାନ୍‌ଙ୍କ ପାଇଁ ଇ-ବାଇକ୍ ପ୍ରଦାନ, ଆଇଡ଼ିସି /ସିଡ଼ିସି ନାମ ପରିବର୍ତ୍ତନ କରି ପୋଷ୍ଟାଲ ଡେଲିଭରି ସେଣ୍ଟର କରିବା, ଡାକଘର ଘରୋଇକରଣ ବନ୍ଦ କରିବା, ପୋଷ୍ଟ ଅଫିସରେ ପୋଷ୍ଟମ୍ୟାନ ଏବଂ ଏମଟିଏସ୍ କର୍ମଚାରୀଙ୍କୁ ଅଲଗା ନ କରିବା ଆଦି ୪୦ଦଫା ଦାବିରେ ଗୁରୁବାର ଅପରାହ୍ନ ସାଢ଼େ ୫ଟାରେ ରାଉରକେଲା ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଲ୍ ଇଣ୍ଡିଆ ପୋଷ୍ଟାଲ୍ ଏମ୍ପ୍ଲିଜ୍ ୟୁନିଅନ୍ ପୋଷ୍ଟମ୍ୟାନ ଆଣ୍ଡ ଏମ୍‌ଟିଏସ୍ (ଏଆଇପିଇୟୁପି) ରାଉରକେଲା ଡିଭିଜନ ସଭାପତି ଏସ୍. ଏନ୍. ସିଂ ଏବଂ ସମ୍ପାଦକ ସୁଦାମ ସାହୁଙ୍କ ନେତୃତ୍ୱରେ ପକ୍ଷରୁ ଏହି ବିକ୍ଷୋଭ କରାଯାଇଥିଲା। ବିକ୍ଷୋଭରେ ନେତୃବୃନ୍ଦ କହିଥିଲେ, ପୋଷ୍ଟମ୍ୟାନ୍‌ମାନେ ଡାକଘରର ମୂଳଦୁଆ। କିନ୍ତୁ ଏମାନଙ୍କୁ ଜାଣିଶୁଣି ହଇରାଣ କରାଯାଉଛି। ଡାକଘର ଗ୍ରାହକମାନେ ଘରୋଇ କୋରିଅର ସଂସ୍ଥାମାନଙ୍କ ନିକଟକୁ ଯାଉଛନ୍ତି। ଫଳରେ ସାଧାରଣ ଲୋକଙ୍କ ଭରସା ଡାକଘର ଉପରେ ତୁଟିବାକୁ ବସିଲାଣି। ତେଣୁ ସରକାର ତୁରନ୍ତ ଦାବି ପୂରଣ ନ କଲେ ଅଗଷ୍ଟ ୨୨ ତାରିଖରୁ ଦେଶ ସାରା ଅନିର୍ଦ୍ଦିଷ୍ଟ କାଳ ପାଇଁ ଡାକସେବା (ଚିଠି ବଣ୍ଟନ) ବନ୍ଦ କରିଦିଆଯିବ ବୋଲି କୁହାଯାଇଥିଲା।



ରାଉରକେଲା ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ୧୫ ଶ୍ରେଷ୍ଠ ଖେଳାଳିଙ୍କୁ ଟ୍ରଫି ପ୍ରଦାନ

ରାଉରକେଲା ସ୍କୁଲ ଚେସ୍ ଚାମ୍ପିୟନଶିପ୍ ୨୦୨୫

ରାଉରକେଲା,୨୪।୭(ବିପ୍ଳବ ରଞ୍ଜନ ଦାଶ)

ଆନ୍ତର୍ଜାତିକ ଚେସ୍ ଦିବସ ଉପଲକ୍ଷେ ଛେଣ୍ଡରେ ପ୍ରଥମ ସିଏସ୍ ଚେସ୍ ସେଣ୍ଟର ପକ୍ଷରୁ ଦ୍ୱିଦିବସୀୟ ରାଉରକେଲା ଷ୍ଟିଲ ସିଟି ସ୍କୁଲ୍ ଚେସ୍ ଚାମ୍ପିୟନଶିପ୍-୨୦୨୫ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତିକ ରେଟେଡ ଚେସ୍ ଖେଳାଳି, କୋଚ୍, ସଙ୍ଗଠକ ତଥା ବିଚାରକ ଅନୁଷ୍ଠାନର ଏସ୍‌ଏନ୍‌ଏ ଚନ୍ଦ୍ରଶେଖର ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି ଚାମ୍ପିୟନଶିପ୍‌ରେ ରାଉରକେଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳର ୨୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବା ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୫୧ଜଣ ଚୟନ ହୋଇଥିଲେ। ପ୍ରତ୍ୟେକ ଖେଳାଳି ୭ ରାଉଣ୍ଡ ଚେସ୍ ଖେଳିଥିଲେ। ଏହି ଚାମ୍ପିୟନଶିପ୍‌ରେ ଯୋଗ୍ୟତା ଓ ଫଳାଫଳ ଭିତ୍ତିରେ ୧୫ ଜଣ ଖେଳାଳିଙ୍କୁ ଶ୍ରେଷ୍ଠ ବିବେଚିତ କରି ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ୧୦୮ ଜଣ ଖେଳାଳିଙ୍କୁ ସ୍ୱୀକୃତି ସ୍ୱରୂପ ଟ୍ରଫି ପ୍ରଦାନ କରାଯାଇଥିଲା। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ସହଭାଗିତା ଓ ଡିଏସ୍‌ୱାଇଏସ୍ ସହଯୋଗରେ ହୋଇଥିବା ଏହି ଦ୍ୱିଦିବସୀୟ ପ୍ରତିଯୋଗିତାରେ ଏନ୍‌ଆଇଟିର ପ୍ରଫେସର ବି. ବି. ଭି. ଏଲ୍, ଶିକ୍ଷୟିତ୍ରୀ ଦୀପିକା ଦେ, ଡାକ୍ତର ଅନ୍ୱେଷ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମମତାରାଣୀ ପଣ୍ଡା, ଏଫ୍‌ଏ ଅଭିଷେକ ଆଚାର୍ଯ୍ୟ, ଏସ୍‌ଏନ୍‌ଏ ସତ୍ୟଜିତ ବାରିକ, ଦୀନେଶ ବେହେରା, ମୈନାବତୀ ତନ୍ତୀ, ଏନ୍‌ଏ ଗୁରୁନାଥ ପ୍ରଧାନ ଓ ଲିଲି ମାକ୍ସିମା ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀଗଣ ।

**ରେଳଷ୍ଟେଶନରୁ ୩କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଭାଙ୍ଗ ଜବତ, ଜଣେ ଗିରଫ**

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ରେଳ ଷ୍ଟେଶନରୁ ଗୁରୁବାର ରେଳବାଇ ପୋଲିସ ୩କୁଇଣ୍ଟାଲ ୨୧କେଜି ୨ଶହ ଗ୍ରାମ ଭାଙ୍ଗ ଜବତ କରିଛି। ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ପି.ରାମଚନ୍ଦ୍ରପୁରର ଗୋପୀନାଥ ଦାଶ(୨୯)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବିହାରରୁ ଟ୍ରେନ ଯୋଗେ ଆସି ଏଠାରେ ଓହ୍ଲାଇଥିଲେ ଏବଂ ରାତିରେ ଢେଙ୍କାନାଳ ନେବାକୁ ତପସ୍ୱିନୀ ଏକ୍ସପ୍ରେସକୁ ଅପେକ୍ଷା କରିଥିଲ ବୋଲି କହିଥିଲେ। ଅଭିଯୁକ୍ତଙ୍କ ଗତିବିଧି ସନ୍ଦେହଜନକ ହେବାରୁ ରେଳବାଇ ପୋଲିସ ତାଙ୍କ ହେପାଜତରେ ଥିବା ବସ୍ତାଗୁଡ଼ିକୁ ଯାଞ୍ଚ କରି ଭାଙ୍ଗ ଥିବା ଦେଖିବାକୁ ପାଇଥିଲା। ଗୁରୁବାର ସନ୍ଧ୍ୟାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

# ଶୃଙ୍ଖଳିତ ଅଧ୍ୟୟନ କରିବା ଉପରେ ଗୁରୁତ୍ୱ

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରବେଶ ଉତ୍ସବ

ନାକଟିଦେଉଳ,୨୪।୭(ବୈକୁଣ୍ଠନାଥ ସାହୁ)



ଡଇଁଚା ବାପୁଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ, ଅଧ୍ୟାପକ ଓ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡଇଁଚା ବାପୁଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଯୁକ୍ତ ୨ ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ମୁଖ୍ୟବକ୍ତା ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗ୍ରାମ ପଞ୍ଚାୟତ ସରପଞ୍ଚ ସୌଦାମିନୀ ପ୍ରଧାନ, ସମିତି ସଭ୍ୟ ପ୍ରବୀଣ କୁମାର ପ୍ରଧାନ ଏବଂ ପ୍ରତିଷ୍ଠାତା ସଦସ୍ୟ ମୂଳିଆ ରାଉଳ ଯୋଗଦେଇଥିଲେ। ଅତିଥିମାନେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରକାରର ଦିଗଦର୍ଶନ ଦେଇଥିଲେ । ଏଥି ସହିତ ଅନୁଷ୍ଠାନର ନିତି ନିୟମକୁ ମାନି ଶୃଙ୍ଖଳିତଭାବେ ଶିକ୍ଷା ଅଧ୍ୟୟନ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଭଲ ପାଠ ପଢି ସମସ୍ତେ ଯେପରି ନିଜ ଅଞ୍ଚଳ ତଥା ଅନୁଷ୍ଠାନ ନାମକୁ ଗୌରବାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ଅଧ୍ୟାପିକା, ଅଧ୍ୟାପିକାଙ୍କ ସହିତ ପରିଚିତ ହୋଇଥିଲେ। ସହକାରୀ ଶିକ୍ଷକ ହଳଧର ସାହୁ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକ, ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ।

ସେହିପରି କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ପ୍ରଥମ ବର୍ଷରେ ନାମ ଲେଖାଇଥିବା ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ଏକ ପ୍ରବେଶ ଉତ୍ସବ ତଥା ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ଅଧ୍ୟକ୍ଷା ସୁଶ୍ରୀତା ଭୋଇ ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ସମସ୍ତ ନବାଗତ ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୀତି ନିୟମ ବିଷୟରେ ଅବଗତ କରାଯିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ ନିମିତ୍ତ କାମନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ପରିଚାଳନା କରିଥିଲେ। ଅଧ୍ୟାପକ କୌଶିକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଅନୁରୂପଭାବେ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନବାଗତ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନର ମୁଖ୍ୟ ଫାଟକରୁ ପାଛୋଟି ନିଆଯାଇଥିଲା। ଏହି ଅବସରରେ ସୁସଜ୍ଜିତ ଶ୍ରେଣୀ କକ୍ଷରେ ସେମାନଙ୍କ ପାଇଁ ଅଧ୍ୟକ୍ଷ ରମେଶ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଶରତ କୁମାର ଶତପଥୀ ଅନୁଷ୍ଠାନର ଇତିହାସ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ପତିତ ମହାନନ୍ଦ ଅନୁଷ୍ଠାନର ନୀତି ନିୟମ ଉପରେ ବୁଝାଇଥିଲେ। ଉପସ୍ଥିତ ଅଧ୍ୟାପିକା ସୁବାସିନୀ ବେହେରା, ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ, ଅଧ୍ୟାପକ ମହେନ୍ଦ୍ର କୁମାର ବେହେରା ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷାର ଗୁରୁତ୍ୱ ଉପରେ ମାର୍ଗଦର୍ଶନ କରି ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନେ ନିଜର ପରିଚୟ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ଭବ ରଞ୍ଜନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ସୂଚନାରେ ଖୋଳାଯାଇଛି ନିହ


ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖ ଭାଗରେ ରାସ୍ତା ଛଡା ନଯାଇ ନିହ ଖୋଳାଯାଇଛି।

ଜମନକିରା,୨୪।୭(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ତେବେ ମିଶନ ଶକ୍ତି କାର୍ଯ୍ୟାଳୟ ଅଧିକାରୀଙ୍କୁ ନଜଣାଇ ତରବରିଆଭାବେ ସମ୍ମୁଖ ଭାଗରେ ଜେସିବି ଲଗାଇ ନିହ ଖୋଳାଯାଇଛି। ପ୍ରତ୍ୟେକ ଦିନ ମହିଳା ଏସ୍‌ଏଚ୍‌ଜିର ସଭ୍ୟାମାନେ କାର୍ଯ୍ୟାଳୟକୁ ଆସି ବିଭିନ୍ନ କାର୍ଯ୍ୟ କରିଥାନ୍ତି। ତେବେ ରବିବାର ବ୍ଲକ ଉନ୍ନୟନ ବିଭାଗ ଯନ୍ତ୍ରୀମାନେ ଠିକାଦାରଙ୍କ ସହ ମିଶି କାହାକୁ କିଛି ନଜଣାଇ କାର୍ଯ୍ୟାଳୟ ସମ୍ମୁଖରେ ବାଡ଼ ଦେବା ପାଇଁ ନିହ ଖୋଲି ଦେଇଛନ୍ତି। ଫଳରେ କାର୍ଯ୍ୟାଳୟକୁ ଆସୁଥିବା ମହିଳାମାନେ ତାଙ୍କ ପିଲା ଛୁଆଙ୍କୁ ନେଇ ଯିବା ଆସିବା କରିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଆଗାମୀ ଦିନରେ ଯେପରି କୌଣସି ବଡ ଅଘଟଣ ନହେବ, ତାପୂର୍ବରୁ ଶୀଘ୍ର କାମ ଶେଷ କରିବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟଜିତ ସାହୁଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର କାମ ଶେଷ କରାଯିବ ବୋଲି କହିଥିଲେ।

# ଭାରତ ଗାଇଡ ରାଜ୍ୟ ପୁରସ୍କାର ଟେଷ୍ଟିଂ କ୍ୟାମ୍ପ

## ଭୁବନେଶ୍ୱର ସମ୍ଭାଗର ୨୫୬ ଗାଇଡ ସାମିଲ

ସମ୍ବଲପୁର,୨୩।୭(ବି.ଶଙ୍କର)



ଟେଷ୍ଟିଂ କ୍ୟାମ୍ପରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି।

ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୧ରେ ଭାରତ ଗାଇଡ ରାଜ୍ୟ ପୁରସ୍କାର ଟେଷ୍ଟିଂ କ୍ୟାମ୍ପ ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗର ଭାରତ ଗାଇଡ ଅନ୍ତର୍ଗତ ପାଞ୍ଚଦିନିଆ ରାଜ୍ୟ ପୁରସ୍କାର ଟେଷ୍ଟିଂ କ୍ୟାମ୍ପ(ଗାଇଡ) ହୋଇଥିଲା। ବିଦ୍ୟାଳୟର ପ୍ରିନ୍ସିପାଲ ରଣରଞ୍ଜୟ ସିଂହ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ପିଏମ୍‌ଶ୍ରୀ କେଭି-୨ର ପ୍ରିନ୍ସିପାଲ ସୁସ୍ମିତା ପ୍ରଧାନ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲିଡର ଅଫ ଦ କ୍ୟାମ୍ପ (ଏଲଓସି) ଭାବେ ରବେକା ଥୋମାସ, ଅଫିସିଆଲ ଲତା ମାଥୁରିଆ, ଅର୍ଚ୍ଚନା ପାତ୍ର, ଅନିତା ଡୁଙ୍ଗଡୁଙ୍ଗ, ଦାମୟନ୍ତି ପାତ୍ର, ସୁଭଦ୍ରା ଦାସ ଓ ସୁଶ୍ରୀ ରୋଜାଲିନ ନାଥ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷ ବଳରାମ ମିଶ୍ର, ପ୍ରଧାନ ଶିକ୍ଷକ ଚକ୍ରଧର ଦେହୁରୀ ଏବଂ ସମସ୍ତ ପ୍ରାଥମିକଶିକ୍ଷକ ଉପସ୍ଥିତ ଥିଲେ । ଏହି ଅବସରରେ ଭୁବନେଶ୍ୱର ସମ୍ଭାଗର ୪୨ଟି କେନ୍ଦ୍ରୀୟ ବିଦ୍ୟାଳୟରୁ ୨୫୬ ଜଣ ଗାଇଡ ବାଳିକାଙ୍କ ସହ ୪୩ଜଣ ଅନୁରକ୍ଷଣ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ପିଜିଟି ଶିକ୍ଷକ ପ୍ରମୋଦ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଉତ୍ତମ ମାର୍ଗ ଅନୁସରଣ କରି ଆଦର୍ଶ ବିଦ୍ୟାର୍ଥୀ ହୁଅ

## କଲେଜ ପ୍ରବେଶ ଉତ୍ସବ



ପ୍ରବେଶ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

କୁଚିଣ୍ଡା,୨୪।୭(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତ ୨ କଲେଜର ପ୍ରଥମ ବର୍ଷ ଛାତ୍ରୀଙ୍କୁ ନେଇ ଗୁରୁବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କଲେଜ ପରିଚାଳନା ସମିତିର ପୂର୍ବତନ ସମ୍ପାଦକ ହିମାଂଶୁ କୁମାର ମହାପାତ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମାର୍ଗ ଅନୁସରଣ କରିବା ସହ ଆଦର୍ଶ ଛାତ୍ରୀଛାତ୍ର ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ, ସତ୍ୟନାରାରଣ ପଟେଲ, ସୁଧିର କୁମାର ନାଏକ, ଅଧ୍ୟାପିକା ଭାବନା ପାଣ୍ଡେ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ପାଳନ ବିଷୟରେ କହିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ ସଭା ପରିଚାଳନା କରିଥିବା ବେଳେ ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡିଇଓ ସମିନ ରଞ୍ଜନ ନାଏକ, ଜୟଦେବ ରାଉତ,ଅସୀମ କୁମାର ପରୁଆ,ରଜତ ରାଏ ପ୍ରମୁଖ ସହଯୋଗ କରିଥିଲେ।

# ଜିଏମ୍‌ୟୁ ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ଇଣ୍ଡକ୍ସନ କାର୍ଯ୍ୟକ୍ରମ

ସମ୍ବଲପୁର,୨୪।୭(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ସ୍ନାତକ ଛାତ୍ରୀଛାତ୍ରମାନଙ୍କର ଇଣ୍ଡକ୍ସନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାନେଜମେଣ୍ଟ ବିଭାଗର ବିଭାଗୀୟ ମୁଖ୍ୟ ଡ.ଶ୍ରୀନିବାସ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ସହରସ୍ଥିତ ଆକ୍ସିସ ବ୍ୟାଙ୍କର କ୍ଲଷ୍ଟର ହେଡ ସନତ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପଣ୍ଡା ଛାତ୍ରୀଛାତ୍ରମାନଙ୍କୁ କର୍ପୋରେଟ୍ ଜଗତର ଆବଶ୍ୟକତା ବିଷୟ ଓ ଛାତ୍ରୀଛାତ୍ର କିପରି ସେହି କ୍ଷମତା ଉନ୍ନତ କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ.ଦାଶ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳା, କଠିନ ପରିଶ୍ରମ ଓ ଭବିଷ୍ୟତ ଦୃଷ୍ଟିକୋଣ ଗଠନ କରିବାଟ ନେଇ ଉଦବୋଧନ ଦେଇଥିଲେ। ମ୍ୟାନେଜମେଣ୍ଟ ବିଭାଗର ସହକାରୀ ଅଧ୍ୟାପିକା ଶିଭାନୀ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସ୍ନାତକ ଛାତ୍ରୀଛାତ୍ର।

# ନାରୀ ନ୍ୟାୟ ପାଇଁ ମାନ୍‌ଧାତା ମନ୍ଦିରରେ ପ୍ରାର୍ଥନା

ସମ୍ବଲପୁର,୨୪।୭(ବି.ଶଙ୍କର)

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଦିବଙ୍ଗତା ଛାତ୍ରୀଙ୍କ ଆତ୍ମାର ସଦଗତି ଏବଂ ନାରୀ ନ୍ୟାୟ ପାଇଁ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ମାନେଶ୍ୱର ବ୍ଲକ କଂଗ୍ରେସ କମିଟି ଗୁରୁବାର ନୀରବ ପ୍ରାର୍ଥନା କରାଯାଇଛି । ମାନଧାତା ବାବା ଶିବ ମନ୍ଦିରଠାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କଂଗ୍ରେସ ନେତା ଓ କର୍ମୀମାନେ ସାମିଲ ହୋଇ ସମୂହ ଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଦେଶ କଂଗ୍ରେସ ସମ୍ପାଦକ ଇଞ୍ଜିନିୟର ଦିଲିପ କୁମାର ଦୁରିଆ, ବରିଷ୍ଠ ନେତା ନକୁଳ ବେହେରା, କିଶୋର ବାଗ, ସଞ୍ଜୟ ଛୁରିଆ, ତାପସ କୁମାର, କୈଳାସ ମିର୍ଦ୍ଧା, ସୁଶାନ୍ତ ବେହେରା, ଭିକାରୀ ରାଉତ, ଆଶିଷ ଚୌଧୁରୀ, ଜପି ଛୁରିଆ, ଅନୀଲ ବେହେରା, ରାଜା ଜୟପୁରିଆ, ମୋହନ ବେହେରା, ଦୀନେଶ ସାନବଡ଼ ତଥା ଶତାଧିକ କର୍ମକର୍ତ୍ତା ଯୋଗଦେଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ମିନିଟ ନୀରବ ପ୍ରାର୍ଥନା କରିଥିଲେ ।

# ଜଳିଗଲା ପୁରୁଣା ମହାପ୍ରୟାଣ ଗାଡ଼ି

କୁଚିଣ୍ଡା,୨୪।୭(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ପଛପଟେ ଦୀର୍ଘ ଦିନରୁ ଅଚଳ ଅବସ୍ଥାରେ ପଡିରହିଥିବା ଏକ ପୁରୁଣା ମହାପ୍ରୟାଣ(ଶବ ବାହକ) ଗାଡ ଗୁରୁବାର ହୁତୁ ହୁତୁ ହୋଇ ଜଳିଯାଇଛି। ଏହି ଗାଡିଟି ୧୦ବର୍ଷ ତଳେ ସମ୍ବଲପୁର ଫାର୍ମାଶିଷ୍ଟ ଆସୋସିଏଶନ ପକ୍ଷରୁ କୁଚିଣ୍ଡା ଡାକ୍ତରଖାନାକୁ ପ୍ରଦାନ କରଯାଇଥିଲା। କିନ୍ତୁ ଗତ କିଛିବର୍ଷ ହେବ ଏହି ଗାଡିଟି ଖରାପ ହୋଇ ଅଚଳ ଅବସ୍ଥାରେ ଡାକ୍ତରଖାନା ପରିସରରେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିଲା। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ହଠାତ ନିଆଁ ଲାଗିଯାଇଥିଲା। ଡାକ୍ତରଖାନା ପକ୍ଷରୁ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ କିନ୍ତୁ ଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ନିଆଁ ଲାଗିବା କାରଣ ଜଣାପଡି ନଥିଲେ ହେଁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି।



ହୁତୁହୁତୁ ହୋଇ ଜଳୁଥିବା ମହାପ୍ରୟାଣ ଗାଡି।

# ମିଳୁନି ଜାତି, ବାସିନ୍ଦା ପ୍ରମାଣପତ୍ର

## ନାଁକୁ ଆଦର୍ଶ ଗ୍ରାମ

## ଅତିରିକ୍ତଙ୍କ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ସମ୍ବଲପୁର,୨୪।୭(ପ୍ରମୋଦ ବହିଦାର)


ଜିଲାପାଳଙ୍କ କାର୍ଯ୍ୟାଳୟରେ ରାନ୍‌ତାଲ ଆଦର୍ଶ ଗ୍ରାମର ଅଧିବାସୀମାନେ।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ମେଘପାଳ ଗ୍ରାମ ପଞ୍ଚାୟତ ଟାପରସିଂହା ରାଜସ୍ୱ ଗ୍ରାମ ଅଧିନ ଆଦର୍ଶ ଗ୍ରାମ ରାନ୍‌ତାଲ ଏବେ ନାନା ସମସ୍ୟା ମଧ୍ୟ ଦେଇ ଗତି କରୁଛି। ଏହି ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଗୁରୁବାର ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କୁ ଫେରାଦ ହୋଇଛନ୍ତି। ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳଙ୍କ ଅନୁପସ୍ଥିତିରେ ଗ୍ରାମବାସୀ ତାଙ୍କ ସହାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ୨୦୧୬ ମସିହାରେ ଜିଲା ପ୍ରଶାସନ ରାନତାଲକୁ ଆଦର୍ଶ ଗ୍ରାମ ଘୋଷଣା କରିଥିଲା। ଗ୍ରାମ୍ୟକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାନ୍‌ତାଲ ଗ୍ରାମରେ ଏକ ସ୍ୱତନ୍ତ୍ର ଜଙ୍ଗଲ ଅଧିକାର କମିଟି ଗଠନ କରି ଜଙ୍ଗଲ ଅଧିକାର ଆଇନ୍ ୨୦୦୭ ଅନୁସାରେ ଗ୍ରାମର ୩୩ ଆଦିବାସୀ ପରିବାରକୁ ବ୍ୟକ୍ତିଗତ ଜଙ୍ଗଲଜମି ପଟ୍ଟା ଯୋଗାଇ ଦିଆଯାଇଥିଲା। ଫଳରେ ରାନ୍‌ତାଲ ଗ୍ରାମ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ବିକାଶ ପଥରେ ଅଗ୍ରସର ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ବିକାଶର ମୁଖ୍ୟସ୍ରୋତରେ ସାମିଲ ହେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ବର୍ତ୍ତମାନ ଜାତି ଓ ବାସିନ୍ଦା ପ୍ରମାଣପତ୍ର ମିଳୁ ନ ଥିବାରୁ ସେମାନଙ୍କୁ ପରିଚୟ ମିଳିବା କଷ୍ଟକର ହୋଇପଡ଼ିଛି। ସେମାନଙ୍କ ଅଭିଯୋଗ ଅନୁସାରେ ବାରମ୍ବାର ଆବେଦନ ସତ୍ତ୍ୱେ ଜାତିଗତ ହେଉ ବା ବାସିନ୍ଦା କୌଣସି ପ୍ରମାଣପତ୍ର ମିଳି ପାରୁନାହିଁ। ଫଳରେ ପିଲାଙ୍କ ଶିକ୍ଷା ଅଗ୍ରଗତିରେ ବାଧକ ସାଜୁଛି। ସେମାନଙ୍କ ଆବେଦନ ବାରମ୍ବାର ତହସିଲ କାର୍ଯ୍ୟାଳୟରେ ନାକଚ ହୋଇଯାଉଛି। ତେବେ ସେମାନଙ୍କ ନିକଟରେ ବୈଧ ଜମିପଟ୍ଟା ଥାଇ ସୁଦ୍ଧା କେଉଁ କାରଣରୁ ସେମାନଙ୍କ ଆବେଦନ ଖାରଜ ହେଉଛି ସେ ସମ୍ପର୍କରେ ଗ୍ରାମବାସୀ ଅଜ୍ଞ। ଯଦ୍ୱାରା ଏହି ଆଦର୍ଶ ଗ୍ରାମର ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ସହିତ ଗ୍ରାମବାସୀ ବିଭିନ୍ନ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଗ୍ରାମର ମହେଶ କାଣ୍ଡୁଲାନା ଏବଂ ସୁଗାଡା କାଣ୍ଡୁଲାନା ଅଭିଯୋଗ କରିଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଭୋଇଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଦାବିପତ୍ର ହସ୍ତଗତ ହୋଇଛି। ଯଥାଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

DSPL - 185

ODISHA TEX 2025

Weaving Prosperity | Empowering People

25th July, 2025 - Bhubaneswar



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଟେକ୍ସଟାଇଲ୍ ଓ ଆପାରେଲ୍ ଉତ୍ପାଦନ କ୍ଷେତ୍ରରେ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ ହେବ ଓଡ଼ିଶା
## ସମୃଦ୍ଧ ଓଡ଼ିଶା ୨୦୩୬ ଦିଗରେ ଏହା ଏକ ଦୃଢ଼ ପଦକ୍ଷେପ

# ଶିଳ୍ପ ସମ୍ମିଳନୀର ଉଦ୍‌ଘାଟନ ସମାରୋହ

## ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

## ଗରିମାମୟ ଉପସ୍ଥିତି

**ଶ୍ରୀ ପ୍ରଦୀପ ବଳ ସାମନ୍ତ**
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

## ୬ ଗୋଟି ପ୍ରକଳ୍ପର ଉଦ୍‌ଘାଟନ

- ଆପାରେଲ୍ ପାର୍କ, ସମ୍ବଲପୁର
- ଟେକ୍ସଟାଇଲ୍ ପାର୍କ, କେନ୍ଦୁଝର
- ଟେକ୍ସଟାଇଲ୍ ପାର୍କ, ବଲାଙ୍ଗୀର
- ଆପାରେଲ୍ ପାର୍କ, ଗଞ୍ଜାମ
- ଟେକ୍ସଟାଇଲ୍ ପାର୍କ, ଜଗତସିଂହପୁର
- ଫୁଟ୍‌ୱେର ପାର୍କ, କଟକ

## ମୁଖ୍ୟ ଆକର୍ଷଣ

- ଏକାଧିକ MoU ସ୍ୱାକ୍ଷର
- ୧୦,୦୦୦ କୋଟି ଟଙ୍କାର ପୁଞ୍ଜି ନିବେଶ
- ୩୦୦ ରୁ ଅଧିକ ଶିଳ୍ପପତି ଙ୍କ ସମାଗମ
- ୨୫,୦୦୦ ରୁ ଅଧିକ ନିଯୁକ୍ତି ସୁଯୋଗ

**୨୫ ଜୁଲାଇ ୨୦୨୫ | ଦିବା ୧୦ ଘଟିକା**
**କନ୍‌ଭେନସନ୍ ସେଣ୍ଟର୍, ଲୋକସେବା ଭବନ, ଭୁବନେଶ୍ୱର**

OIPR-14005/13/0064/2526

ଶିଳ୍ପ ବିଭାଗ, ଓଡ଼ିଶା ସରକାର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବିଜୁଳି ସମସ୍ୟା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଏମ୍-୭୧, ମଧୁସୂଦନ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ୮୫ ତମ ସଂସ୍କୃତି ଚର୍ଚ୍ଚା (ଓଡ଼ିଆ ଅସ୍ମିତାର ପ୍ରତିକ: ବାରବାଟି), ସ୍ଥାନ:ଓଡିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା।
- ଓଡିଆ ସାହିତ୍ୟ ଏକାଡେମୀ ଏବଂ କାବ୍ୟାଞ୍ଜଳି ମିଳିତ ଆନୁକୂଲ୍ୟରେ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଗୀତ ଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାରର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ସରତୀର୍ଥ ପକ୍ଷରୁ ଚନ୍ଦନ ପ୍ରତିଭା ଉତ୍ସବ-୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।
- ସଂଭାବନା ପକ୍ଷରୁ ଚିତଉ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।

## କଟକ
- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ଚତୁର୍ଥ ଦିବସ, ସ୍ଥାନ: ଓଏସ୍‌ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ତିନିଦିନିଆ ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲର ଦ୍ୱିତୀୟ ଦିବସ, ସ୍ଥାନ: ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ଜାତୀୟ ସେବା ଯୋଜନା ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା ।

## କେନ୍ଦୁଝର
- ଶାଳବଣି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଦ୍ମନାଭ ମିଶ୍ରଙ୍କ ଅବସରକାଳୀନ ସଭା, ସ୍ଥାନ: ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମୟୂରଭଞ୍ଜ
- ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ:ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ହାଟିନା, ରାଜନଗର, ସମୟ: ସକାଳ ୯ଟା।

## ଯାଜପୁର
- ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ସ୍ଥାନ: ଚଣ୍ଡିଖୋଲ ନିକଟ ଧର୍ମଶାଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ବିଭିନ୍ନ ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଜିଲା ଘରୋଇ ବସ୍ ମାଲିକ ସଂଘର ସାଧାରଣ ବୈଠକ, ସ୍ଥାନ: ସନ୍ଧ୍ୟା ଫଙ୍କସନ୍ ହଲ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମାଲକାନଗିରି
- ମାଲକାନଗିରି ବଳାତ୍କାର ପୀଡିତାଙ୍କୁ ନ୍ୟାୟ ଦାବିରେ ବିଜେଡିର ବିକ୍ଷୋଭ, ସ୍ଥାନ:ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ:ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ସମ୍ବଲପୁରୀ ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ : ବୁଲା ସମ୍ବଲପୁରୀ ଏକତା ମଞ୍ଚ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା ୩୦।
- ସମ୍ବଲପୁରୀ ଦିବସରେ ସକାଶେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସାଂସ୍କୃତିକ, ସାହିତ୍ୟ ସଭ୍ୟମାନଙ୍କ ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର
- ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟନ, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଉଦ୍‌ଘାଟନ, ସ୍ଥାନ: ବୁଟେଲ, ପୁଇଁତଳା ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା।
- ଗବେଷକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ଶ୍ରାଦ୍ଧୋତ୍ସବ ଓ 'ଛୁଆକର୍ ଗୀତ' ପୁସ୍ତକ ଉନ୍ମୋଚନ, ସ୍ଥାନ: ମାନା ଟେଷ୍ଟ ହାଉସ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା
- ସାମାଜିକ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ଗୁଡଭେଲି, ଆଗଲପୁର ବ୍ଲକ, ସମୟ : ମଧ୍ୟାହ୍ନ ୧୨ଟା
- ରାମଲୀଲା ମଞ୍ଚର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ତଳିଭଠା, ଲୋଇସିଂହା ବ୍ଲକ, ସମୟ: ଅପରାହ୍ନ ସାଢେ ଗୋଟାଏ।
- ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟନ, ସ୍ଥାନ: ମାହାରପାଲି ପ୍ରାଥମିକ ବିଦ୍ୟାଳୟ, ଲୋଇସିଂହା ବ୍ଲକ, ସମୟ ଅପରାହ୍ନ ୩ଟା।

## ରାଉରକେଲା
- କାଉଡିଆ ଯାତ୍ରା, ସ୍ଥାନ: ରାଉରକେଲା ରେଳ ଷ୍ଟେସନ, ସମୟ: ସକାଳ ୬ଟା।
- କଂଗ୍ରେସ ଅନୁସୂଚିତ ଜାତି ସେଲ୍ ପକ୍ଷରୁ ବୈଠକ, ସ୍ଥାନ: ସେକ୍ଟର-୨୧ ଓଡ଼ିଶି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆରଡିଏ ସମ୍ପତ୍ତି ସ୍ୱାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆମ୍ ଆଦ୍‌ମୀ ପାର୍ଟିର ବୈଠକ, ସ୍ଥାନ : ବାସନ୍ତୀ କଲୋନୀ, ସମୟ: ଅପରାହ୍ନ ୪ଟା ୩୦।

## ସୁନ୍ଦରଗଡ଼
- ନାରୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା୩୦।

## ବରଗଡ଼
- ବନ ମହୋତ୍ସବରେ ଚାରାରୋପଣ,ସ୍ଥାନ: ବାଗିଗୁଡ଼ାରି ପ୍ରାଥମିକ ସ୍କୁଲ, ବିଜେପୁର, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲା ସହରାଞ୍ଚଳ ଉନ୍ନୟନ ଏଜେନ୍ସି (ଡୁଡା) ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ଯୋଜନା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ କେଳିଆ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲର ନବମ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- ଚରଣ ନୀଳକଣ୍ଠେଶ୍ୱର ମନ୍ଦିରରେ ମହାଜଳଶାୟୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ଗୁପ୍ତେଶ୍ୱର କପିଳେଶ୍ୱର ମନ୍ଦିରରେ ଜଳାଭିଷେକ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମାନସିକ ସ୍ୱାସ୍ଥ୍ୟକୁ ନେଇ ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ଏନ୍‌ଏଚ୍‌ଏମ୍ ଜିଲା ପ୍ରଶିକ୍ଷଣ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ନାଗବାଚା ଗୁଡିରେ ହରିଆଲି ତିହାର ପାଳନ, ସ୍ଥାନ: କୋମନା ବ୍ଲକ ଚିକଲି ପଞ୍ଚାୟତ ଖୁଣ୍ଡୁଗାଁ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶାରୀରିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ନ ଥିଲେ ମଧ୍ୟ ବାଧାବାଧକତାରେ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବାକୁ ପଡିବ। ଶୁକ୍ର ପ୍ରଭାବରେ ଋଣ ପରିଶୋଧର ଦୁଶ୍ଚିନ୍ତା ବୃଦ୍ଧି ପାଇବ। ବନ୍ଧୁ ଓ ସହକର୍ମୀଙ୍କ ସମାଲୋଚନା ଯୋଗୁ ଅସନ୍ତୁଷ୍ଟ ରହିବେ। ସାହିତ୍ୟ ସଂସ୍କୃତି ପ୍ରତି ଅନୁରାଗଜନିତ ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**ବୃଷ** ଚନ୍ଦ୍ରଙ୍କ ପ୍ରଭାବରେ ସମ୍ପର୍କୀୟଙ୍କ ସହାୟତା ଲାଭ କରି କାର୍ଯ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବାର ସୂଚନା ରହିଛି। ବାଧ ବାଧକତାରେ ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ସାମୟିକ ଅଶାନ୍ତିର କାରଣ ହୋଇପାରେ।

**ମିଥୁନ** ବିଭିନ୍ନ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କର୍ମ ଓ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ। ଆପଣଙ୍କ ପରୋପକାର ପ୍ରବୃତ୍ତି କାର୍ଯ୍ୟାବଳୀର ପଡୋଶୀ ପ୍ରଶଂସା କରିପାରନ୍ତି। ପ୍ରକାଶନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇଯିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଏବଂ ନିକଟସ୍ଥ ବନ୍ଧୁମାନେ ଏହି ଦିଗରେ ସାହାଯ୍ୟ କରିପାରନ୍ତି।

**କର୍କଟ** ପରିବାରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। ସଭାସମିତି କିମ୍ବା ଅଫିସ୍ କାମରେ ନୂତନ ଦାୟିତ୍ୱ ହାତକୁ ନେବା ସକାଶେ ଆଦେଶନାମା ମିଳିପାରେ। ବହୁଦିନ ଧରି ଲାଗି ରହିଥିବା ରୋଗପୀଡ଼ାରେ କଷ୍ଟ ଅନୁଭବ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହାନୁଭୂତି ହେତୁ ଆଶ୍ୱସ୍ତି ଅନୁଭବ କରିବେ।

**ସିଂହ** ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତାଜନିତ କାର୍ଯ୍ୟହାନି କାରଣରୁ ବିଚଳିତବୋଧ କରିବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ଆଶା ରହିଛି। ଆନୁଷ୍ଠାନିକ କାମରେ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସା ପାଇପାରନ୍ତି।

**କନ୍ୟା** ବିଭିନ୍ନ ସମସ୍ୟା ମଧ୍ୟରେ ମାନସିକ ଶାନ୍ତି ପାଇବା ଦୁରୂହ ହେବ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟକୁ ଦାୟିତ୍ୱ ନେବାକୁ ବାଧ୍ୟହେବେ। ଯାନବାହନ, ବିବାଦୀୟ ସ୍ଥାନ ଏବଂ ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ ହେବ। କାରିଗରି, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**ତୁଳା** ଉପରିସ୍ଥ କର୍ମଚାରୀଙ୍କ ସହଯୋଗ ହେତୁ ସରକାରୀ ସାହାଯ୍ୟ ସହଜ ହୋଇପାରେ। କେତେକ କ୍ଷେତ୍ରରେ ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ବନ୍ଧୁ ଓ ପରିଜନଙ୍କ ସହିତ ଦୂରଯାତ୍ରାଜନିତ ଶାରୀରିକ କ୍ଳାନ୍ତି ଅନୁଭବ କରିବେ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା** କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନ ନେଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନ୍‌ସନ ବଢ଼ିପାରେ। ମାତ୍ରାଧିକ ଭ୍ରମଣ କିମ୍ବା କାମର ଚାପ ହେତୁ କ୍ଲାନ୍ତି ଅନୁଭବ କରିପାରନ୍ତି। ମାଲିମକଦ୍ଦମା, ନିର୍ମାଣ, ମାର୍କେଟିଂ କାମ ପ୍ରଭୃତିରେ ସଫଳତା ପାଇବେ।

**ଧନୁ** ପୂର୍ବପରିକଳ୍ପିତ ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ଦୂରେଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଉଦ୍ଦେଶ୍ୟ ପାଇଁ ଆଶଙ୍କା ଦୂରେଇବ ସେଥିରେ କିଛି ହେବ ନାହିଁ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସାମାନ୍ୟ ବିଳମ୍ବରେ ସୁଫଳ ମିଳିବାର ସମ୍ଭାବନା ରହିଛି। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିବ।

**ମକର** ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଦୂରରେ ଥିବା ପ୍ରିୟଜନଙ୍କ ସ୍ମୃତିଚାରଣ କରି ମାନସିକ ଭାବରେ ଅଶାନ୍ତ ଅନୁଭବ କରିପାରନ୍ତି। ରାଶିର ଗ୍ରହାଧିପତିଙ୍କ ଗୁଣଧର୍ମାନୁସାରେ ଅର୍ଥଜନିତ ରୋଗପାଡା ପାଇବେ। ସଭାସମିତି, ନିର୍ମାଣ, ପରିବହନ, ପ୍ରକାଶନ କ୍ଷେତ୍ରରେ ସଫଳତା ହାସଲ କରିବେ।

**କୁମ୍ଭ** ଶାରୀରିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ରହିଥିଲେ ମଧ୍ୟ ମାନସିକ ଅସୁସ୍ଥତା ମନକୁ ବିଶୃଙ୍ଖଳିତ କରି ରଖିବ। ପାରିବାରିକ କ୍ଷେତ୍ରରେ ମଧ୍ୟ ସହଜରେ କାମ ହାସଲ ହେବା କଷ୍ଟକର ହେବ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବାର ଆଶା ରହିଛି।

**ମୀନ** ପାରିବାରିକ ସମସ୍ୟା ସମାଧାନର ଚିନ୍ତାରେ ଦୁର୍ଭାବନା ବଢ଼ିଚାଲିବ ଏବଂ ଅନ୍ୟମାନଙ୍କୁ ମଧ୍ୟ ସହଜରେ ବିଶ୍ୱାସ କରି ପାରିବେନାହିଁ। ପରୋକ୍ଷ ଶତ୍ରୁତା କାରଣରୁ ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେବ। କ୍ରନିକ୍ ରୋଗପୀଡା ହେତୁ କର୍ମକ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟିହେବ। ଯାତ୍ରା, ଆନୁଷ୍ଠାନିକ କାମ, ସଭାସମିତି, କଚେରି ମାମଲାରେ ଆଶ୍ୱସ୍ତି ମିଳିବ।

ଆଜି ଜୁଲାଇ ୨୫ ତାରିଖ, ଶ୍ରାବଣ ଶୁକ୍ଳ ପ୍ରତିପଦା ଶୁକ୍ରବାର। ରାଶିନକ୍ଷତ୍ର- ପୁଷ୍ୟା/କର୍କଟ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୩ ଗତେ, ଘ.୦୬।୨୫ ମଧ୍ୟେ, ଘ.୦୭।୦୭ ଗତେ, ଘ.୦୮।୩୮ ମଧ୍ୟେ ଶୁଭବେଳା। ଦିବା ଘ.୧୦।୧୫ ଗତେ, ଘ.୧୧।୫୩ ମଧ୍ୟେ ରାହୁ କାଳ।

## ଭାରତ-ବ୍ରିଟେନ୍ ମୁକ୍ତ...

ପ୍ରଥମ ପୃଷ୍ଠାରୁ...

ଡୋନାଲ୍ଡ ଟ୍ରମ୍ପଙ୍କ ଉଚ୍ଚ ଟାରିଫ୍ ଯୋଗୁ ବାଣିଜ୍ୟରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିବାବେଳେ ଗୁରୁବାର ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଭାରତ ଓ ଷଷ୍ଠ ବଡ଼ ଅର୍ଥନୀତି ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦୁଇ ଦେଶ ମଧ୍ୟରେ ୩ ବର୍ଷ ଧରି ଆଲୋଚନା ଚାଲିବା ପରେ ୨୦୨୫ ମେ'ରେ ଏନେଇ ସହମତି ପ୍ରକାଶ ପାଇଥିଲା। ୨୦୨୦ରେ ବ୍ରିଟେନ୍ ୟୁରୋପୀୟ ସଂଘ (ଇୟୁ) ଛାଡ଼ିବା ପରେ ଅର୍ଥାତ୍ ବ୍ରେକ୍ସିଟ୍ ପରବର୍ତ୍ତୀ ସମୟରେ ଏହା ହେଉଛି ବ୍ରିଟେନ୍‌ର ସବୁଠୁ ବଡ଼ ବାଣିଜ୍ୟ ଡିଲ୍। ଭାରତ ପାଇଁ ଏହା ଏକ ଅଗ୍ରଣୀ ଅର୍ଥନୀତି ସହ ସର୍ବବୃହତ୍ ରଣନୈତିକ ସହଭାଗିତା। ଏଫ୍‌ଟିଏରେ ଏକ ସଂଶୋଧନ ପ୍ରକ୍ରିୟା ପରେ ଏହା ବର୍ଷକ ଭିତରେ ଲାଗୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରିଟେନ୍ ଗସ୍ତ ଅବସରରେ ସ୍ୱାକ୍ଷରିତ ଏହି ଐତିହାସିକ ଚୁକ୍ତି ଉଭୟ ଦେଶ ପାଇଁ ବଡ଼ ଲାଭଦାୟକ ହେବ ବୋଲି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର କହିଛନ୍ତି। ବାଣିଜ୍ୟ ଶସ୍ତା, ଦ୍ରୁତ ଓ ସହଜ ହେବା ଦ୍ୱାରା ଉଭୟ ଦେଶର ଅର୍ଥନୀତି ମଜଭୁତ ହେବ। ଆମେ ଏକ ନୂତନ ବୈଶ୍ୱିକ ଯୁଗରେ ପ୍ରବେଶ କରିଛୁ, ଯହିଁରେ ସହଭାଗିତା ଓ ସହଯୋଗିତା ବୃଦ୍ଧି ପାଇବ ବୋଲି ଷ୍ଟାର୍ମର ଆଶାବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଏହି ଗସ୍ତ ଭାରତ ଓ ବ୍ରିଟେନ୍‌ର ଅର୍ଥନୈତିକ ସହଭାଗିତାକୁ ଆହୁରି ଉନ୍ନତ ସ୍ତରକୁ ନେଇଯିବ। ପ୍ରତିରକ୍ଷା ଓ ଜଳବାୟୁ କ୍ଷେତ୍ରରେ ସମ୍ପର୍କ ଅଧିକ ସୁଦୃଢ଼ ହେବା ସହ ଅପରାଧ ମୁକାବିଲାରେ ମଧ୍ୟ ସହଯୋଗ ବୃଦ୍ଧି ପାଇଁ ସହମତି ପ୍ରକାଶ ପାଇଛି ବୋଲି ଏକ ମିଳିତ ଖବରଦାତା ସମ୍ମିଳନୀରେ ମୋଦି କହିଛନ୍ତି।

ବ୍ରିଟେନ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଏଫ୍‌ଟିଏ ଲାଗୁହେଲେ ଟାରିଫ୍ ୧୫%ରୁ ୩%କୁ ଖସିବାକୁ ଥିବାରୁ ଭାରତୀୟ ଉପଭୋକ୍ତାମାନେ ସଫ୍ଟ ଡ୍ରିଙ୍କ୍ସ ଓ କସ୍‌ମେଟିକ୍ସଠାରୁ କାର୍ ଓ ଡାକ୍ତରୀ ଉପକରଣ ପର୍ଯ୍ୟନ୍ତ ସର୍ବୋଚ୍ଚ ବ୍ରିଟିଶ ପ୍ରଡକ୍ଟ ସୁବିଧା ପାଇବେ। ବ୍ରିଟେନ୍ ବର୍ତ୍ତମାନ ୧୧ ବିଲିୟନ ପାଉଣ୍ଡର ସାମଗ୍ରୀ ଭାରତରୁ ଆମଦାନୀ କରୁଛି। ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଟାରିଫ୍ ହ୍ରାସ କରାଗଲେ ସେଗୁଡ଼ିକୁ ବ୍ରିଟିଶ ଉପଭୋକ୍ତା ଓ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଶସ୍ତା ଓ ସହଜରେ କିଣିପାରିବେ।

ସେହିପରି ଭାରତ ପକ୍ଷରୁ ଏହାକୁ ଏକ ଐତିହାସିକ ଚୁକ୍ତି ରୂପେ ଅଭିହିତ କରାଯାଇଛି। ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ପ୍ରାୟ ୯୯% ସାମଗ୍ରୀ ଉପରେ ଟାରିଫ୍ ଶୂନ ପାଇବ ଏବଂ ଏହା ପ୍ରାୟ ୧୦୦ ପ୍ରତିଶତ ବାଣିଜ୍ୟିକ ମୂଲ୍ୟକୁ କଭର୍ କରିବ। ଏଫ୍‌ଟିଏ ଭାରତ ପାଇଁ ଅଭିବୃଦ୍ଧିର ମାର୍ଗ ଉନ୍ମୁକ୍ତ କରିବା ସହ ଦକ୍ଷତା ବିକାଶ ଓ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏଥିଯୋଗୁ ସୂଚନା କାରିଗରି, ଆର୍ଥିକ ସେବା, ବୃତ୍ତିଗତ ସେବା, ମ୍ୟାନେଜମେଣ୍ଟ କନ୍‌ସଲ୍‌ଟାନ୍ସି, ଆର୍କିଟେକ୍ଚରାଲ ଓ ଇଞ୍ଜିନିୟରିଂ କ୍ଷେତ୍ରରେ କାର୍ଯ୍ୟରତ ଅନ୍ୟତ୍ରରେ ଯିବା ପାଇଁ ଭିସା ପ୍ରକ୍ରିୟା ସରଳ ହେବ ସଙ୍ଗେ ସଙ୍ଗେ ବ୍ରିଟେନ୍‌ରେ କାର୍ଯ୍ୟରେ ଜଡ଼ିତ ହେବାକୁ ଚାହୁଁଥିବା ଭାରତୀୟ ଗ୍ରାଜୁଏଟ୍ ଓ ଉଦ୍ୟୋଗୀମାନେ ଅନେକ ସୁବିଧା ହାସଲ କରିପାରିବେ ବୋଲି କୁହାଯାଉଛି।

## କାହାକୁ କେତେ ଫାଇଦା

### ଭାରତ
- ଭାରତୀୟ ଶିଳ୍ପ ଓ ଏହା ସହ ଜଡ଼ିତ ବ୍ୟକ୍ତିମାନେ ଡାକ୍ତରୀ ସେବା ଶସ୍ତାରେ ପାଇବା ସହ ବ୍ରିଟେନ୍‌ରୁ ଆମଦାନୀ ହେବାକୁ ଥିବା ଏରୋସ୍ପେସ୍ ଉପକରଣ ଉଚିତ ମୂଲ୍ୟରେ ପାଇବେ।
- ଏଫ୍‌ଟିଏ ଲାଗୁ ହେବା ପରେ ହ୍ୱିସ୍କି ଉପରେ ଟାରିଫ୍ ୧୫୦%ରୁ ୭୫%କୁ ଖସିବ ପରେ ସଫ୍ଟ ଡ୍ରିଙ୍କ୍, କସ୍‌ମେଟିକ୍ସ, ଚକୋଲେଟ୍, ସାଲମନ୍, କାର୍ ଆଦି ବ୍ରିଟିଶ ସାମଗ୍ରୀଗୁଡ଼ିକୁ ଭାରତୀୟମାନେ ସୁବିଧା ଓ ଶସ୍ତାରେ ପାଇପାରିବେ। ସେହିପରି ଇଲେକ୍ଟ୍ରିକ୍ ଭେହିକିଲ୍‌ରେ ମଧ୍ୟ ୧୧୦%ରୁ ୧୦% ଟାରିଫ୍ ହ୍ରାସ ହେବା ସମ୍ଭାବନା ରହିଛି।
- ଓଡ଼ିଶା, ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ ଭଳି ଉପକୂଳ ରାଜ୍ୟଗୁଡ଼ିକ ମତ୍ସ୍ୟ ରପ୍ତାନି ଯୋଗୁ ଲାଭାନ୍ୱିତ ହେବେ।
- ଟ୍ରେଡ୍ ଡିଲ୍ କାର୍ଯ୍ୟକାରୀ ହେବା ପରେ ବ୍ରିଟିଶ କମ୍ପାନୀଗୁଡ଼ିକ ଭାରତରୁ କୃଷି ଓ ଅନ୍ୟ ସାମଗ୍ରୀଗୁଡ଼ିକୁ ସହଜରେ ରପ୍ତାନି କରିପାରିବେ। କୃଷି ଉପରେ ଆମଦାନୀ ଶୁଳ୍କ ୧୫୦%ରୁ ତଳକୁ ୭୫%କୁ ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ୪୦%କୁ ହ୍ରାସ ପାଇବ।
- ଟ୍ରେଡ୍ ଡିଲ୍ ଅନୁଯାୟୀ ଭାରତୀୟମାନେ ବ୍ରିଟେନ୍‌ରେ ବସବାସ କରିବା ସହଜ ହେବ। ସେଠାରେ ଭାରତୀୟ କମ୍ପାନୀ ଓ ଫ୍ରିଲାନ୍ସରଙ୍କୁ ୩ ବର୍ଷ କ୍ଷେତ୍ରରେ ବିନା କୌଣସି 'ଇକୋନୋମିକ୍ ନିଡ୍ ଟେଷ୍ଟ'ର ସୁବିଧା ମିଳିବ।
- ଭାରତୀୟ ପ୍ରୋଫେସନାଲମାନେ ବ୍ରିଟେନ୍‌ରେ ବିନା କୌଣସି ଅଫିସରେ ମଧ୍ୟ ୨ ବର୍ଷ ପାଇଁ ୩୬ଟି କ୍ଷେତ୍ରରେ କାର୍ଯ୍ୟ କରିପାରିବେ। ଏଥିରୁ ଆଇଟି ସେକ୍ଟରରେ କାର୍ଯ୍ୟରତ ୬୦,୦୦୦ରୁ ଅଧିକ ପ୍ରଫେଶନାଲ ଲାଭାନ୍ୱିତ ହେବେ ବୋଲି ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତଦନୁସାରେ ଟିସିଏସ୍, ଇନ୍‌ଫୋସିସ୍, ଟେକ୍ ମହିନ୍ଦ୍ରା, ଏଚ୍‌ସିଏଲ୍ ଟେକ୍ନୋଲୋଜି ଓ ମହିନ୍ଦ୍ରା କମ୍ପାନୀ ସବୁଠୁ ଅଧିକ ଲାଭ ପାଇବେ।
- ଭାରତୀୟ ପ୍ରଫେସନାଲମାନଙ୍କୁ ବ୍ରିଟେନ୍‌ରେ ୩ ବର୍ଷ ପର୍ଯ୍ୟନ୍ତ ସାମାଜିକ ନିରାପତ୍ତା ସେସ୍ ଦେବାକୁ ପଡ଼ିବ ନାହିଁ ବୋଲି ଏଫ୍‌ଟିଏରେ ଉଲ୍ଲେଖ କରାଯାଇଛି।
- ସେଫ୍, ଯୋଗ ଶିକ୍ଷକ, ସଙ୍ଗୀତଜ୍ଞ ଓ ଅନ୍ୟ ଠିକାଭିତ୍ତିକ ଶ୍ରମିକମାନେ ବ୍ରିଟେନ୍‌ରେ ନିଯୁକ୍ତି ବଜାରରେ ପ୍ରବେଶ ସୁବିଧା ପାଇବେ।

### ବ୍ରିଟେନ୍
- ଏଫ୍‌ଟିଏ ଲାଗୁ ହେବା ପରେ ଭାରତୀୟ ଟାରିଫ୍‌ରେ ୯୦% ପର୍ଯ୍ୟନ୍ତ ହ୍ରାସ ଘଟିବ। ଏଥିରୁ ୮୫% ସାମଗ୍ରୀ ଉପରେ ୧୦ ବର୍ଷ ମଧ୍ୟରେ ଆମଦାନୀ ଶୁଳ୍କ ଛାଡ଼ କରାଯିବ।
- ବ୍ରିଟେନ୍‌ର ବ୍ୟବସାୟିକ ସଂସ୍ଥାଗୁଡ଼ିକ ଭାରତରେ ସାର୍ବଜନୀନ ଅନୁବନ୍ଧ ସୁବିଧା ହାସଲ କରିପାରିବେ।
- ବ୍ରିଟିଶ କମ୍ପାନୀଗୁଡ଼ିକ ୨ ବିଲିୟନ୍ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ନନ୍-ସେନ୍‌ସିଟିଭ୍ ସରକାରୀ ଟେଣ୍ଡରରେ ବିଡିଂ କରିବା ସୁବିଧା ପାଇବେ। ଅର୍ଥାତ୍ ବ୍ରିଟେନ୍ ବର୍ଷକୁ ୪୦,୦୦୦ ଟେଣ୍ଡରରେ ଭାଗନେଇପାରିବେ, ଯାହାର ମୂଲ୍ୟ ପ୍ରାୟ ୪.୦୯ ଲକ୍ଷ କୋଟି ଟଙ୍କା ହେବ।
- ବାଣିଜ୍ୟ ଚୁକ୍ତିର ପ୍ରତ୍ୟକ୍ଷ ଫଳସ୍ୱରୂପ ବ୍ରିଟେନ୍ ୨,୨୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟି କରିପାରିବ।
- ବ୍ରିଟେନ୍ ଶ୍ରମିକମାନେ ପ୍ରତିବର୍ଷ ୨.୨ ବିଲିୟନ ପାଉଣ୍ଡର ମଜୁରି ବୃଦ୍ଧି ପାଇପାରିବେ।
- ବ୍ରିଟିଶମାନେ କପଡ଼ା, ଜୋତା ଓ ଖାଦ୍ୟ ଉତ୍ପାଦ ପୂର୍ବ ତୁଳନାରେ ଶସ୍ତାରେ ପାଇପାରିବେ।

## ଢଗଢମାଳି

(କ୍ରମେ ଲୋପପାଉଥିବା ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସ୍ୱର୍ଗକୁ ନିଶୁଣି ନାହିଁ କି
ବଡ଼ ଲୋକଙ୍କୁ ଉତ୍ତର ନାହିଁ।**

ସ୍ୱର୍ଗ ବା ଆକାଶ କାହିଁ କେତେ ଦୂରରେ, ନିଶୁଣି ସାହାଯ୍ୟରେ ତା'ର ଦୂରତା ମାପିବା ସମ୍ଭବ ହୋଇ ନ ଥାଏ। ସେହିପରି ବଡ଼ ଲୋକମାନେ ନିଜ ଧନ, ମାନ ଓ ପ୍ରତିଷ୍ଠା ବଳରେ ମିଛ କଥାକୁ ସତ ବୋଲାଉଥିବାବେଳେ ତାଙ୍କ କଥା ବେଦବାକ୍ୟ ପରି ସତ୍ୟ ବୋଲି ପ୍ରତ୍ୟୟମାନ ହୋଇଥାଏ। ମିଥ୍ୟା ବା ଅବାନ୍ତର କଥା କହିଲେ ବି ତାଙ୍କୁ ଉତ୍ତର ଦିଆଯାଇ ପାରୁନଥିବାବେଳେ ତାଙ୍କ କଥା ଅସମ୍ଭବ ହେଲେ ବି ସହିପିବାକୁ ପଡ଼ିଥାଏ। ବଡ଼ଲୋକଙ୍କ ବଡ଼ପଣିଆକୁ ଲକ୍ଷ୍ୟ କରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସୁଖର ଦିନ ଘୋଡାରେ ଯାଏ,
ଦୁଃଖର ଦିନ ହାତୀରେ ଯାଏ।**

ସୁଖର ଦିନ ଜଣାପଡେ ନାହିଁ। ମଜା ମଜଲିସର ଦିନଗୁଡ଼ିକ ଅତି ଶୀଘ୍ର ସରିଯାଏ। କିନ୍ତୁ ଦୁଃଖର ଦିନ ଦୀର୍ଘ ଜଣାଯାଏ। ଏଥିରୁ ସୁଖ ତଥା ଦୁଃଖର ଗତି ଏବଂ ଧର୍ମ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସହମତି ବୟସ...

ସର୍ଭେ ତଥ୍ୟ ସମେତ ବିଜ୍ଞାନସମ୍ମତ ଏବଂ ସାମାଜିକ ତଥ୍ୟ ଅନୁଯାୟୀ, କିଶୋର କିଶୋରୀଙ୍କ ମଧ୍ୟରେ ଯୌନ କାର୍ଯ୍ୟକଳାପ ଅସାଧାରଣ ନୁହେଁ ବୋଲି ଜୟସିଂ କହିଛନ୍ତି। ୨୦୧୭ରୁ ୨୦୨୧ ମଧ୍ୟରେ ପୋକ୍ସୋ ଅଧୀନରେ ୧୬ ରୁ ୧୮ ବର୍ଷର ପିଲା ମୋକଦ୍ଦମାର ସଂଖ୍ୟାରେ ୧୮୦ ପ୍ରତିଶତ ବୃଦ୍ଧି। ଭିନ୍ନ ଧର୍ମ ବା ଭିନ୍ନ ଜାତି ସହ ସମ୍ପୃକ୍ତ ମାମଲାରେ ଅଧିକାଂଶ ଅଭିଯୋଗ ଝିଅ ଇଚ୍ଛା ବିରୋଧରେ ମା'ବାପା ଦାଏର କରୁଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ଏହାଦ୍ୱାରା ସ୍ୱେଚ୍ଛାକୃତ ଯୌନ ସମ୍ପର୍କକୁ ଅପରାଧୀକରଣ କରାଯାଉଛି। ଫଳରେ କିଶୋରକିଶୋରୀ ଯୋଡ଼ିକୁ ଗିରଫ କରିବାକୁ, ବିବାହ କରିବାକୁ କିମ୍ବା ଆଇନଗତ ସମସ୍ୟାର ସମ୍ମୁଖୀନ ହେବାକୁ ବାଧ୍ୟ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସହମତି ବୟସ ୧୬ ବର୍ଷକୁ ହ୍ରାସ କରିବା ପାଇଁ ଜୟସିଂ ସର୍ବୋଚ୍ଚ ଅଦାଲତକୁ ନିବେଦନ କରିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍:...

ଉତ୍ତରପ୍ରଦେଶ ଭଳି ଏକ ଜନବହୁଳ ରାଜ୍ୟରେ ଯେଉଁଠାରେ ଲକ୍ଷାଧିକ ସଂଖ୍ୟାରେ ଫେକ୍ ଜବ୍‌କାର୍ଡଧାରୀ ରହିଥିଲେ, ଉକ୍ତ ରାଜ୍ୟ ଏବେ ଏହି ଅପବାଦରୁ ମୁକ୍ତ ହେବାକୁ ବସିଛି। ସେଠାରେ ଏହି ବର୍ଷ ୩,୪୨୧ ଫେକ୍ ଜବ୍‌କାର୍ଡ ଧରାପଡ଼ିଛି। ମାତ୍ର ଓଡ଼ିଶା ୨୦୨୨ରେ ଯେଉଁଭଳି ଦ୍ୱିତୀୟ ସ୍ଥାନରେ ରହିଥିଲା ଏବେ ବି ସେହି ସ୍ଥାନ ବଜାୟ ରଖିଛି। ଏଥିରୁ ରାଜ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କେତେ ସ୍ୱଚ୍ଛତାର ସହିତ ହେଉଛି ତାହା ପ୍ରମାଣିତ ହେଉଛି।

ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟରେ ୬୨ଲକ୍ଷ ୨ହଜାର ୭୬୨ଜଣ ଜବ୍‌କାର୍ଡ ପାଇଁ ଆବେଦନ କରିଥିବାବେଳେ ସେଥିମଧ୍ୟରୁ ୬୨ଲକ୍ଷ ୯୯ହଜାର ୨୯୨ଜଣଙ୍କୁ ଜବ୍‌କାର୍ଡ ପ୍ରଦାନ କରାଯାଇଥିଲା। ହେଲେ ବାସ୍ତବରେ ୪୫ଲକ୍ଷ ୩୩ହଜାର ୫୭୪ଜଣ ଶ୍ରମିକ କାର୍ଯ୍ୟ କରୁଥିବା ସରକାରଙ୍କ ତଥ୍ୟରୁ ଜଣାପଡ଼ିଛି। ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ୬୪ ଲକ୍ଷ ୪ ହଜାର ୬୩୭ଜଣଙ୍କୁ ଜବ୍‌କାର୍ଡ ଦିଆଯାଇଥିବାବେଳେ ସେଥିରୁ ୪୩ ଲକ୍ଷ ୧୮ ହଜାର ୪୭୨ଜଣ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

## ୧୨ ଜିଲାରେ ସ୍ଥାପନ...

ସ୍ପିଲୋଗ୍ରାଫ ଆସେସର୍ଙ୍କ ଅତିରିକ୍ତ ପ୍ରସ୍ତାବ ରାଜ୍ୟର ଡାଉନ୍‌ଷ୍ଟ୍ରିମ କ୍ଷମତାକୁ ଆହୁରି ଗଭୀର କରିବ। ଅନ୍ୟପଟେ କୃଷି-ପ୍ରକ୍ରିୟାକରଣ କ୍ଷେତ୍ରରେ ହିନ୍ଦୁସ୍ତାନ ଆଗ୍ରୋ ପ୍ରା.ଲି. ୩୨୦ କୋଟି ଟଙ୍କା ନିବେଶରେ ସୁନ୍ଦରଗଡ଼ରେ ପାମୋୟ ୟୁନିଟ ସ୍ଥାପନ କରିବ ଓ ୨୫୦ଜଣଙ୍କୁ ରୋଜଗାର ଦେବ। ପ୍ରଗତି ମିଲ୍କ ପ୍ରଡକ୍ଟସ ପ୍ରା.ଲି. ୧୧୨.୩୪ କୋଟି ଟଙ୍କା ନିବେଶ କରି ୬୭୪ ନିଯୁକ୍ତି ସୁଯୋଗ ସହ ବାଲେଶ୍ୱରରେ ଡେରୀ ସୁବିଧା ବିକାଶ କରିବ। ପୁରୀ, ଗଜପତି, ନୟାଗଡ଼, କନ୍ଧମାଳ ଓ ଗଞ୍ଜାମରେ ୪୬୭ କୋଟି ଟଙ୍କାର ୬ଟି ପ୍ରିମିୟମ ଆତିଥ୍ୟ ପ୍ରକଳ୍ପ ହେବାକୁ ଅନୁମୋଦିତ ହୋଇଥିବାବେଳେ ୧,୩୫୨ ନିଯୁକ୍ତି ସୃଷ୍ଟି ହେବ। ଏରୋସ୍ପେସ ଓ ପ୍ରତିରକ୍ଷା ଉଦ୍ଭାବନ ଟେକ୍ନୋଲୋଜି କ୍ଷେତ୍ରରେ ବନଭି ଟେକ୍ନୋଲୋଜି ପ୍ରା. ଲି. ଖୋର୍ଦ୍ଧାରେ ୩୦୦ କୋଟି ଟଙ୍କା ନିବେଶ ସହ ଏକ ଆଧୁନିକ ଡ୍ରୋନ୍ ପାର୍କ ସ୍ଥାପନ କରିବ। ଏହା ଗବେଷଣା, ଉତ୍ପାଦନ ଓ ତାଲିମ ପାଇଁ ଏକ ଇଣ୍ଟିଗ୍ରେଟେଡ ଝୁଏଇ ଇକୋସିଷ୍ଟମ ହେବ ଓ ୭୬୦ ନିଯୁକ୍ତି ସୃଷ୍ଟି କରି ଓଡ଼ିଶାକୁ ଭାରତରେ ଡ୍ରୋନ୍ ଟେକ୍ନୋଲୋଜିର ଅଗ୍ରଣୀ କରିବ। ଇକୋଲୋଜିକାଲ ଗ୍ରୀନ୍ ଏନର୍ଜି ପ୍ରା.ଲି. ବରଗଡ଼ରେ ୧୦୦ କୋଟି ଟଙ୍କା ନିବେଶ ସହ ୩୦ ମେଗାୱାଟ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ କରିବ। ଲୁମିନାସ ପାୱାର ଟେକ୍ନୋଲୋଜିସ୍ ପ୍ରା.ଲି. ଗୋପାଳପୁରରେ ୯୫୦ କୋଟି ଟଙ୍କାର ୧.୨ ଗିଗାୱାଟ ସୌର ସେଲ୍ ଓ ୧ ଗିଗାୱାଟ ସୌର ପିଭି ମଡ୍ୟୁଲ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ପ୍ରାୟ ୧,୦୦୦ ନିଯୁକ୍ତି ସୃଷ୍ଟି କରିବ। ଲିଣ୍ଡେ ଇଣ୍ଡିଆ ସୁନ୍ଦରଗଡ଼ରେ ଏୟାର ସେପାରେସନ ୟୁନିଟ ସ୍ଥାପନ କରିବ। ଗ୍ରୋୱାର୍ ଟ୍ରି ଅଏଲ ରିଫାଇନେରିଜ ପ୍ରା.ଲି. ବରଗଡ଼ରେ ସଲଭେଣ୍ଟ ଏକ୍‌ସ୍ଟ୍ରାକ୍ସନ ୟୁନିଟ ଓ ସିପ୍ଲାଟ ଫାର୍ମା ପ୍ରା.ଲି. କଟକରେ ୧୦୦ କୋଟି ଟଙ୍କା ନିବେଶ ସହ ଏକ ଏପିଆଇ ଉତ୍ପାଦନ ୟୁନିଟ ସ୍ଥାପନ କରିବ। ସେହିପରି ଆପମୋସିସ୍ ଟେକ୍ନୋଲୋଜିସ ପ୍ରା.ଲି. ଖୋର୍ଦ୍ଧାରେ ୭୫ କୋଟି ଟଙ୍କା ନିବେଶରେ ଏକ ସଫ୍ଟୱେୟାର ଡେଭେଲପମେଣ୍ଟ ସେଣ୍ଟର ସ୍ଥାପନ କରିବ, ଯାହା ୧୫୫ ନିଯୁକ୍ତି ସୃଷ୍ଟି କରିବ ବୋଲି ସୂଚନା ଦିଆଯାଇଛି।

## ଓଡ଼ିଆ ଭାଷାରେ...

ଗବେଷଣା ସଂସ୍ଥାର ଅଧ୍ୟକ୍ଷ ଡକ୍ଟର ନଟବର ଶତପଥୀ, ବିଶେଷଜ୍ଞ ପୁସ୍ତକ ଅନୁବାଦ କମିଟି ଅଧ୍ୟକ୍ଷ ପ୍ରଫେସର ଓଁକାର ନାଥ ମହାନ୍ତି, ସୋଆ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ଶତପଥୀ ଲେଖକୀୟ ଅନୁଭୂତି ପ୍ରକାଶ କରିଥିବାବେଳେ ନିର୍ଦ୍ଦେଶକ ପ୍ରଫେସର ବ୍ରଜେନ୍ଦ୍ର ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ପ୍ରଫେସର ନୀରଦ ବରଣ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହାଇକୋର୍ଟରେ ପୋଲିସ ଏସ୍‌ଆଇ ନିଯୁକ୍ତି ମାମଲା

# ନିଯୁକ୍ତି ବୟସସୀମା ୩ ବର୍ଷ କୋହଳ

କଟକ,୨୪।୭(କାର୍ତ୍ତିକ ସାହୁ)

ରାଜ୍ୟ ସରକାରଙ୍କ ଅଧୀନ ପୋଲିସ ଏସ୍‌ଆଇ ନିଯୁକ୍ତି ନିମନ୍ତେ ବୟସ ସୀମା ୩ ବର୍ଷ କୋହଳ କରାଯାଇଛି। ହାଇକୋର୍ଟରେ ପୋଲିସ ଏସ୍‌ଆଇ ନିଯୁକ୍ତି ନିମନ୍ତେ ବୟସସୀମା କୋହଳ କରିବା ସମ୍ପର୍କରେ ରୁଜୁ ଏକାଧିକ ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ଼ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଅଦାଲତଙ୍କୁ ଏହା ଅବଗତ କରାଇଛନ୍ତି। ଯେଉଁ ଆବେଦନକାରୀମାନେ ବୟସସୀମା କୋହଳ କରିବାକୁ ଆବେଦନ କରିଛନ୍ତି ସେମାନଙ୍କ ପାଇଁ ଏହା ଲାଗୁ ହେବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ, ୨୦୧୮ଠାରୁ ପୋଲିସ ଏସ୍‌ଆଇ ନିଯୁକ୍ତି ପ୍ରକ୍ରିୟା ବନ୍ଦ ଥିବାରୁ ବୟସସୀମା କୋହଳ କରିବାକୁ ଏକାଧିକ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ତେବେ ନିକଟରେ ରାଜ୍ୟ ସରକାର ଗତ ଜାନୁଆରୀ ୧୭ରେ ପୋଲିସ ଏସ୍‌ଆଇ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିପାଇଁ ପୋଲିସ ଏସ୍‌ଆଇ ପଦବୀ ନିମନ୍ତେ ବୟସସୀମା କୋହଳ କରିବାକୁ ଆବେଦନ କରାଯାଇଥିଲା। ଆବେଦନରେ ଦର୍ଶାଯାଇଥିଲା ଯେ, ୨୦୧୮ ପରଠାରୁ ପୋଲିସ ଏସ୍‌ଆଇ ନିଯୁକ୍ତି ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏଣୁ ବୟସସୀମା କୋହଳ କରା ନ ଗଲେ ବହୁ ପ୍ରାର୍ଥୀ ଆବେଦନରୁ ବଞ୍ଚିତ ହେବେ। ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଥିଲେ।

# ଅନାସ୍ଥାକୁ ସମର୍ଥନ ନ କଲେ ବିଜେଡି ମୁଖା ଖୋଲିଯିବ: ତାରା

## ବିରୋଧୀ ନିଜେ କ୍ଷତାକ୍ତ ହେବେ: ସୁରେଶ

ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)

ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ଓ ବଳାତ୍କାର ଘଟଣାକୁ ନେଇ ଆସନ୍ତା ବିଧାନସଭା ଅଧିବେଶନରେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ବିଷୟକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ଦୀର୍ଘବର୍ଷରୁ ବିଜେଡି ଓ ଭାଜପା ମଧ୍ୟରେ ସୁସମ୍ପର୍କ ରହିଆସିଥିବା କଥା ବିଭିନ୍ନ ସମୟରେ ରାଜନୈତିକ ଘଟଣାକ୍ରମକୁ ନେଇ ଆଲୋଚନା ହୋଇଥାଏ। ବିଜେଡି ଏବେ ରାଜ୍ୟରେ ପ୍ରମୁଖ ବିରୋଧୀ ଦଳକୁ ଆସିବା ପରେ ଭାଜପା ବିରୋଧରେ ବିଭିନ୍ନ ପ୍ରସଙ୍ଗରେ ଆନ୍ଦୋଳନ ଓ ପ୍ରତିବାଦ ଜାରି ରଖିଛି। ହେଲେ ୱକ୍ଫ ବିଲ୍ ବିଷୟକୁ ନେଇ ଭାଜପାର କେନ୍ଦ୍ରୀୟ ନେତାଙ୍କ ସହ ଏବେ ମଧ୍ୟ ବିଜେଡିର ସମ୍ପର୍କ ଭଲ ବୋଲି ଚର୍ଚ୍ଚା ହେଉଛି। ବାସ୍ତବରେ ଏକଥା କିପରି ପ୍ରମାଣ କରାଯାଇପାରିବ, ତାହାକୁ ଚିନ୍ତାକରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଅନାସ୍ଥା ତୀର ଛାଡ଼ିଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଏହାଦ୍ୱାରା ବିଜେଡି ଏବେ ଅକଳରେ ପଡ଼ିଯାଇଛି। ଯଦି କଂଗ୍ରେସ ଆହ୍ୱାନ କରିଥିବା ବିଷୟରୁ ବିଜେଡି ଦୂରେଇରୁହେ ତେବେ ଉପରଠାଉରିଆ ଭାବେ ରାଜ୍ୟ ଭାଜପା ବିରୋଧରେ ବିଜେଡି ଆନ୍ଦୋଳନ କରୁଛି ବୋଲି ଏକ ବାର୍ତ୍ତା ଯିବ। ଏହାଦ୍ୱାରା ରାଜନୈତିକ ମହଲରେ କଂଗ୍ରେସକୁ ବିରୋଧୀ ଦଳ ଭାବେ ଲୋକମାନଙ୍କ ଗ୍ରହଣୀୟତା ବଢ଼ିବା ସଙ୍ଗେ ସଙ୍ଗେ ବିଜେଡିର ମୁଖା ଖୋଲିଯିବ ବୋଲି ଚର୍ଚ୍ଚା ହେଉଥିବା ବେଳେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ସମାନ କଥା ଦୋହରାଇଛନ୍ତି। ସେ କହିଛନ୍ତି, ନାରୀ ନିର୍ଯାତନା ଘଟଣାରେ ଭାଜପାର ଅନେକ ବିଧାୟକ ଅସନ୍ତୁଷ୍ଟ ଅଛନ୍ତି, ସେମାନେ ମଧ୍ୟ କଂଗ୍ରେସକୁ ସମର୍ଥନ କରିବେ। ବିଜେଡି ଅନାସ୍ଥା ପ୍ରସ୍ତାବ ଆଣିଲେ କଂଗ୍ରେସ ସହମତି ଜଣାଇବ। ବିଜେଡି ଅନାସ୍ଥା ନ ଆଣିଲେ କଂଗ୍ରେସ ଆଣିବ, ସେମାନେ ସମର୍ଥନ କରନ୍ତୁ। ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି କଂଗ୍ରେସ ପାଖରେ ସଂଖ୍ୟା ରହିଛି। କଂଗ୍ରେସର ୧୪ ଏବଂ ସିପିଆଇଏମ୍‌ର ଜଣେ ଅଛନ୍ତି। ଅନାସ୍ଥା ଜିଣିବାକୁ ୧୪ ଜଣ ସଦସ୍ୟ ଥିବା ଦରକାର। ବିଜେଡି ଅନାସ୍ଥା ଆଣିଲେ ଆମେ ସମର୍ଥନ ଦେବୁ, ଭାଜପାର କେତେଜଣ ସମର୍ଥନ କରୁଛନ୍ତି ଜଣାପଡ଼ିବ। ବିଜେଡି ଯଦି ଅନାସ୍ଥା ନ ଆଣିବ କି କଂଗ୍ରେସକୁ ସମର୍ଥନ ନ ଦେଲା ତେବେ ପ୍ରମାଣିତ ହୋଇଯିବ ସେମାନେ ଭାଜପା ସହ ଅଛନ୍ତି । ଏବେ ବି ଭାଜପା ସହ ବିଜେଡି ରହିଛି ବୋଲି ଲୋକଙ୍କ ଭିତରେ ଆଲୋଚନା ଚାଲିଛି। ତେଣୁ ସେମାନେ ଭାଜପା ସହ ଅଛନ୍ତି ନା ନାହିଁ ପ୍ରମାଣ କରନ୍ତୁ ବୋଲି ତାରା କହିଛନ୍ତି।

ଅନ୍ୟପଟେ ପିସିସି ସଭାପତିଙ୍କ ଅନାସ୍ଥା ପ୍ରସ୍ତାବକୁ ନେଇ ବର୍ଷିଛି ଭାଜପା। ଏହି ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିରୋଧୀ ଅନାସ୍ଥା ଆଣିଲେ ସରକାର ଆହତ ହେବେନାହିଁ। ଏହାଦ୍ୱାରା ବିରୋଧୀ ନିଜେ କ୍ଷତାକ୍ତ ହେବେ। ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ସେମାନଙ୍କ ପାଇଁ ବୁମେରାଂ ହେବ। ବିରୋଧୀଙ୍କ ଅଧିକାର ଅଛି ସେମାନେ ଅନାସ୍ଥା ଆଣିପାରିବେ। କିନ୍ତୁ ଟିକେ ହୋମ୍‌ୱାର୍କ କରି ଆସନ୍ତୁ। ବିଜେଡି ଓ କଂଗ୍ରେସ ୪୦ ବର୍ଷର ହିସାବ ନେଇକି ଆସନ୍ତୁ। ଭାଜପା ସରକାର ଗୋଟିଏ ବର୍ଷର ହିସାବ ଦେବେ ବୋଲି ସୁରେଶ କହିଛନ୍ତି।

ସୂଚନାଯୋଗ୍ୟ, ଗତ ବୁଧବାର ରାଜ୍ୟରେ ଭାଜପା ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ପିସିସି ସଭାପତି ଭକ୍ତଚରଣ ଦାସ ଆହ୍ୱାନ ଦେଇଥିଲେ। ନାରୀ ନ୍ୟାୟ ପାଇଁ ଯଦି ବିଜେଡି ଆନ୍ତରିକତାର ସହ ଲଢୁଛି, ତେବେ ବିଧାନସଭାରେ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣନ୍ତୁ ଓ ଏହାକୁ କଂଗ୍ରେସ ସମର୍ଥନ ଦେବ ବୋଲି ଭକ୍ତ କହିଥିଲେ। ନଚେତ୍ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବ, ବିଜେଡି ସମର୍ଥନ ଦେଉ ବୋଲି ଭକ୍ତ କହିବା ପରେ ଏହାକୁ ନେଇ ରାଜନୈତିକ ମହଲଠାରୁ ସାଧାରଣ ସ୍ତର ଯାଏ ଚର୍ଚ୍ଚା ଜୋର ହେଉଛି। ଭକ୍ତଙ୍କ ଏଭଳି ପ୍ରତିକ୍ରିୟା ପରେ ବିଜେଡିର ଅନେକ ନେତା ବର୍ତ୍ତମାନ ଭିତରେ ଭିତରେ ବହୁ ଖୁସି ହୋଇଯାଇଛନ୍ତି। ବିଜେଡି ଶୀର୍ଷ ନେତାଙ୍କ ଯେଉଁ ଲୁଚି ଲୁଚି କେନ୍ଦ୍ର ଭାଜପା ନେତାଙ୍କ ସହ ମଧୁର ସମ୍ପର୍କ ରହିଛି ତାହାକୁ ପଦାରେ ପକାଇବାକୁ ଭକ୍ତ ଭଲ ରାଜନୈତିକ ଗୋଟି ଚାଳନା କରିଦେଲେ ବୋଲି ବିଜେଡି ନେତାମାନେ ଚର୍ଚ୍ଚା ଆରମ୍ଭ କରିଦେଇଛନ୍ତି।

# ମହିମା ଗୋସାଇଁ ଏକ୍ସପ୍ରେସ୍ ଲାଇନଚ୍ୟୁତ

ସମ୍ବଲପୁର,୨୪।୭ (ପ୍ରମୋଦ ବହିଦାର)

ସାଲିମାର-ସମ୍ବଲପୁର ମହିମା ଗୋସାଇଁ ଏକ୍ସପ୍ରେସ ଗୁରୁବାର ସକାଳେ ସମ୍ବଲପୁର ସିଟି ଷ୍ଟେଶନ ନିକଟ ସଙ୍କର୍ମା ଅଣ୍ଡରପାସ୍ ନିକଟରେ ଲାଇନଚ୍ୟୁତ ହୋଇଥିଲା। ଶେଷରେ ଥିବା ଟ୍ରଲି ବା ପାର୍ସଲ ବଗିର ପୂର୍ବ ଅଣସଂରକ୍ଷିତ ବଗି ଲାଇନଚ୍ୟୁତ ହୋଇଥିଲେ ହେଁ ସିଟି ଷ୍ଟେଶନ ଛାଡ଼ିବା ପରେ ଟ୍ରେନ ଗତି ମନ୍ଥର ଥିବାରୁ ଯାତ୍ରୀମାନେ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ପରେ ସମ୍ବଲପୁର ରେଳ ଷ୍ଟେଶନର ଏମର୍ଜେନ୍ସି ଟ୍ରେନ୍ ଓ ମରାମତି ବଗି ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଦୁର୍ଘଟଣାଗ୍ରସ୍ତ ବଗି ଓ ରେଳ ଧାରଣାର ମରାମିତ କାର୍ଯ୍ୟ ଆରମ୍ଭ କରିଥିଲା। କିଛି ସମୟ ଭିତରେ ଦୁର୍ଘଟଣାଗ୍ରସ୍ତ ଶେଷ ୨ଟି ବଗିକୁ ଛାଡ଼ି ଯାତ୍ରୀମାନଙ୍କୁ ନେଇ ଅବଶିଷ୍ଟ ବଗି ସହ ଟ୍ରେନ ସମ୍ବଲପୁର ଜଙ୍କ୍ସନ ଷ୍ଟେଶନକୁ ଚାଲିଯାଇଥିଲା। ସେହିପରି ଟ୍ରେନ ଲାଇନଚ୍ୟୁତ ହୋଇଥିବାରୁ ଗୋଟିଏ ଲାଇନରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ବେଳେ ଅନ୍ୟ ଲାଇନରେ ସ୍ୱାଭାବିକ ଭାବେ ଚଳାଚଳ କରୁଥିଲା। ପୂର୍ବାହ୍ନ ପ୍ରାୟ ୧୨ଟା ୪୮ରେ ଦୁର୍ଘଟଣାଗ୍ରସ୍ତ


ମହିମା ଗୋସାଇଁ ଏକ୍ସପ୍ରେସ୍ ଟ୍ରେନ୍‌ର ଲାଇନଚ୍ୟୁତ ବଗି।

### ୩ ଘଣ୍ଟା ପରେ ସ୍ୱାଭାବିକ ହେଲା ରେଳ ଚଳାଚଳ

ବଗି ରେଳ ଧାରଣାକୁ ଫେରିବା ପରେ ଅନ୍ୟ ଏକ ସ୍ୱତନ୍ତ୍ର ଇଞ୍ଜିନ୍ ଦ୍ୱାରା ଷ୍ଟେଶନକୁ ଫେରିଥିଲା। ଏହାପରେ ଏହି ସେକ୍ସନରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ରୂପେ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା ବୋଲି ରେଳବାଇ ଜନ ସମ୍ପର୍କ ଅଧିକାରୀ ତ୍ରିବିକ୍ରମ ସେଠ୍ ସୂଚନା ଦେଇଛନ୍ତି। ଅପରପକ୍ଷରେ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ରେଳ ମଣ୍ଡଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ସହ ବରିଷ୍ଠ ରେଳବାଇ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିବା ସହିତ ମରାମତି କାର୍ଯ୍ୟର ତଦାରଖ କରିଥିଲେ।

# ଶ୍ମଶାନରୁ ୪ ଶବ ଗାଏବ


ଶବ ପୋତା ଯାଇଥିବା ସ୍ଥାନକୁ ଖୋଳା ଯାଇଛି।

ଭଣ୍ଡାରିପୋଖରୀ,୨୪।୭ (ରାଜେନ୍ଦ୍ର ଶତପଥୀ)

ଶ୍ମଶାନରୁ ୪ ଶବ ଗାଏବ। ଗାତ ଖୋଳି କେହି ମୃତଦେହ ନେଇଯାଇଛନ୍ତି। ଗୁରୁବାର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମଣିନାଥପୁର ବୈତରଣୀ ନଦୀକୂଳ ଗ୍ରାମ ଶ୍ମଶାନରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଶ୍ମଶାନରୁ ୪ ଶବ ଚୋରି ହୋଇଥିବା କୁହାଯାଉଛି। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସକାଳେ ସେମାନେ ଏହି ଶ୍ମଶାନରେ ଗାତ ଖୋଳାଯାଇଥିବା ଓ ମୃତଦେହକୁ ଘୋଷାରି ନିଆଯାଇଥିବା ଦେଖିବାକୁ ପାଇଥିଲେ। ଗତ କିଛି ମାସ ମଧ୍ୟରେ ସେଗୁଡ଼ିକୁ ଶ୍ମଶାନରେ ପୋତାଯାଇଥିଲା। ସେହି ମୃତକମାନେ ହେଲେ ଲକ୍ଷ୍ମୀପ୍ରିୟା ବେହେରା, ସତ୍ୟଭାମା ପରିଡ଼ା, ଶତ୍ରୁଘ୍ନ ଦାସ ଓ ପ୍ରମିଳା ଦାସ। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ ଅଭିଯୋଗ କରାଯାଇ ନାହିଁ। ସୂଚନାଥାଉ କି, ପୂର୍ବରୁ ୨୦୧୭ରେ ଶବ ଚୋରି ହେବା ପରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ପୂର୍ବତନ ପ୍ରଧାନଶିକ୍ଷକ ବାସୁଦେବ ଦାସଙ୍କ ମୃତଦେହ ସେହିବର୍ଷ ଚୋରି ହୋଇଥିଲା। ଏନେଇ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇଥିଲା। ପରେ ୨୦୨୩ ଓ ଚଳିତବର୍ଷ ଏପ୍ରିଲରେ ଶବ ଚୋରି ହୋଇଥିବା ଦେଖିବାକୁ ମିଳିଥିଲା। ଏହା ପଛରେ ଅନ୍ତର୍ଜାତୀୟ ର‍୍ୟାକେଟର ହାତ ଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ସ୍ଥାନୀୟ କେତେଜଣ ସୂଚନାଦାତାଙ୍କ ସହଯୋଗରେ ଶବ ଚୋରି ହୋଇ କୋଲକାତା ବାଟେ ଜଳପଥରେ ବାଂଲାଦେଶ ଚାଲାଣ ହେଉଥିବା ଚର୍ଚ୍ଚା ହେଉଛି। ଅନ୍ତର୍ଜାତୀୟ ସ୍ତର, ଦେଶ ଭିତରେ ଓ ରାଜ୍ୟର ଘରୋଇ ମେଡିକାଲଗୁଡ଼ିକ ବହୁଳ ଭାବେ ଶିକ୍ଷାଦାନ ପାଇଁ ନରକଙ୍କାଳ ଆବଶ୍ୟକ କରୁଥିବାରୁ ଏହାର ମୂଲ୍ୟ ବହୁଗୁଣିତ ହୋଇଛି। ସେହି ଉଦ୍ଦେଶ୍ୟରେ ହୁଏତ ଶବ ଚୋରି ହୋଇଥାଇପାରେ ବୋଲି ଆଲୋଚନା ହେଉଛି।

# ୧୩ ଆଇଏଏସ୍ ଅଧିକାରୀଙ୍କ ବଦଳି

## ବଦଳିଲେ ୯ ଉପଜିଲାପାଳ

ଭୁବନେଶ୍ୱର,୨୪।୭ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଥିବାବେଳେ ଗୁରୁବାର ପୁଣି ୧୩ଜଣ ଆଇଏଏସ୍ ଅଫିସରଙ୍କ ମଧ୍ୟରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ତଥା ସମବାୟ ବିଭାଗ ସଚିବ, ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ, ରାଜ୍ୟ ବିପଣନ ନିଗମ ଅଧ୍ୟକ୍ଷ ରାଜେଶ ପ୍ରଭାକର ପାଟିଲଙ୍କୁ ସମବାୟ ବିଭାଗ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ରାଜେଶଙ୍କୁ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ସହିତ ରାଜ୍ୟ ବିପଣନ ନିଗମ ଅଧ୍ୟକ୍ଷର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଏବଂ ଓଡ଼ିଶା ମୋ ପରିବାର ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟଙ୍କୁ

### ରାଜେଶଙ୍କୁ ସମବାୟ, ବିଜୟଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କୁ ଲଘୁ ଖଣିଜ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ସେ ଓଡ଼ିଶା ଫିଲ୍ମ ଡେଭଲପ୍‌ମେଣ୍ଟ କର୍ପୋରେଶନ ନିର୍ଦ୍ଦେଶକର ଅତିରିକ୍ତ ଦାୟିତ୍ୱ ପୂର୍ବଭଳି ନିର୍ବାହ କରିବେ। ପୂର୍ବତନ କ୍ରୀଡ଼ା ନିର୍ଦ୍ଦେଶକ ତଥା ହକି ପ୍ରମୋଶନ କାଉନ୍‌ସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ଦୀପଙ୍କର ମହାପାତ୍ରଙ୍କୁ କେବଳ ହକି ପ୍ରମୋଶନ କାଉନ୍‌ସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ପ୍ରେକ୍ଷା ଅଗ୍ରୱାଲଙ୍କୁ ଧର୍ମଗଡ଼ ଉପଜିଲାପାଳ ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରଣୀତା ଦାଶଙ୍କୁ ବାଲିଗୁଡ଼ା ଉପଜିଲାପାଳ, କସ୍ତୁରୀ ପଣ୍ଡା କରଞ୍ଜିଆ-ପଞ୍ଚପୀର ଉପଜିଲାପାଳ, ଅଭିଷେକ ଦିଲୀପ ଦୁଧାଲଙ୍କୁ ଗୁଣପୁର ଉପଜିଲାପାଳ, ଅସନୀ ଏ.ଏଲ୍.ଙ୍କୁ ନବରଙ୍ଗପୁର ଉପଜିଲାପାଳ, ସି. ଶରଭଣନ୍‌ଙ୍କୁ କୁଚିଣ୍ଡା ଉପଜିଲାପାଳ, ତେଜସ୍ୱିନୀ ବେହେରା ସୁନ୍ଦରଗଡ଼ ଉପଜିଲାପାଳ, ଶିବ ମାଲଭିୟା ଆନନ୍ଦପୁର ଉପଜିଲାପାଳ ଓ ଅବିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲାପାଳ ଭାବେ ନିଯୁକ୍ତ କରାଯାଇଛି।




# ଅଗଷ୍ଟ ୭ରେ ହସ୍ତତନ୍ତ ପୁରସ୍କାର

## ଓଡ଼ିଶାର ୪ ବୁଣାକାରଙ୍କୁ ସମ୍ମାନିତ କରିବେ ରାଷ୍ଟ୍ରପତି

ଭୁବନେଶ୍ୱର,୨୪।୭(ଅନୁରାଧା ମହାରଣା)

୧୧ଶ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଅଗଷ୍ଟ ୭ରେ ବୟନ ମନ୍ତ୍ରଣାଳୟ ପକ୍ଷରୁ ୨୦୨୪ ପାଇଁ ହସ୍ତତନ୍ତ ପୁରସ୍କାର ମିଳିବ। ହସ୍ତତନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ହସ୍ତତନ୍ତ ବୁଣାକାର, ଡିଜାଇନର, ମାର୍କେଟର, ଷ୍ଟାର୍ଟଅପ୍ ଉଦ୍ୟୋଗ ଏବଂ ଉତ୍ପାଦକ କମ୍ପାନୀଗୁଡ଼ିକୁ 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ଏବଂ 'ଜାତୀୟ ହସ୍ତତନ୍ତ ପୁରସ୍କାର' ପ୍ରଦାନ କରାଯିବ। ଏହି ପୁରସ୍କାରଗୁଡ଼ିକ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନ୍‌ଏଚ୍‌ଡିପି) ଅଧୀନରେ ହସ୍ତତନ୍ତ ମାର୍କେଟିଂ ସହାୟତା (ଏଚ୍‌ଏମ୍‌ଏ) ଉପାଦାନର ଏକ ଅଂଶ। ଚଳିତବର୍ଷ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୫ଟି ସନ୍ଥ କବୀର ପୁରସ୍କାର ଏବଂ ୧୯ଟି ଜାତୀୟ ହସ୍ତତନ୍ତ ପୁରସ୍କାରକୁ ମିଶାଇ ମୋଟ ୨୪ଜଣ ପୁରସ୍କାର ବିଜେତାଙ୍କୁ ସମ୍ମାନିତ କରିବେ। ତେବେ ଓଡ଼ିଶାରୁ ୪ଜଣ ବୁଣାକାରଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିବେ। ଓଡ଼ିଶାର ସୋନପୁରସ୍ଥିତ ସାଗରପଲ୍ଲୀର ଅରବିନ୍ଦ ମେହେର

- ୫ଜଣ ପାଇବେ 'ସନ୍ଥ କବୀର ପୁରସ୍କାର'
- ୧୯ଜଣଙ୍କୁ 'ଜାତୀୟ ହସ୍ତତନ୍ତ ପୁରସ୍କାର'

ସନ୍ଥ କବୀର ଟାଏ ଆଣ୍ଡ୍ ଡାଏ ସିଲ୍କ ଶାଢ଼ି ପାଇଁ 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ୨ ଜାତୀୟ ହସ୍ତତନ୍ତ ପୁରସ୍କାର' ପାଇଁ ଓଡ଼ିଶାରୁ ୩ ଜଣ ମନୋନୀତ ହୋଇଛନ୍ତି। ଚିତ୍ରକାବ୍ୟ ବନ୍ଧୋଦ୍ୟ ଟାଏ ଆଣ୍ଡ୍ ଡାଏ ସିଲ୍କ ଶାଢ଼ି ପାଇଁ ସୁବର୍ଣ୍ଣପୁର ଜିଲା ନିମାର ଗୀତାଞ୍ଜଳି ମେହେର, ପାରମ୍ପରିକ ସରବନ୍ଧ ଡବଲ୍ ଇକତ ସୁଟ୍ ପାଇଁ ବରଗଡ଼ ଜିଲା ଭେଡେନର ଗୋଲକ ମେହେର ଏବଂ ଡିଜାଇନ୍ ଡେଭେଲପ୍‌ମେଣ୍ଟ ପାଇଁ ଭୁବନେଶ୍ୱର ଜୟଦେବ ବିହାରର ଗୁଞ୍ଜନ ଜୈନ ଏହି ପୁରସ୍କାର ପାଇବେ। ସୂଚନାଥାଉ କି, 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ହସ୍ତତନ୍ତ କ୍ଷେତ୍ରର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଉତ୍କୃଷ୍ଟ ହସ୍ତତନ୍ତ ବୁଣାକାରଙ୍କୁ ସ୍ୱୀକୃତି ପୂର୍ବକ ପ୍ରଦାନ କରାଯାଇଥାଏ। ବିଜେତାଙ୍କୁ ପୁରସ୍କାର ରାଶି ନଗଦ ୩.୫ ଲକ୍ଷ ଟଙ୍କା ସହ ସ୍ୱର୍ଣ୍ଣମୁଦ୍ରା, ତାମ୍ରପତ୍ର, ଶାଲ ଏବଂ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯିବ। ସେହିପରି 'ଜାତୀୟ ହସ୍ତତନ୍ତ ପୁରସ୍କାର' ଅସାଧାରଣ କାରିଗରି, ନିଷ୍ଠା ଏବଂ ନବସୃଜନ ସହିତ ବୁଣାକାରମାନଙ୍କୁ ପ୍ରଦାନ କରାଯାଏ। ପୁରସ୍କାର ବିଜେତାଙ୍କୁ ପୁରସ୍କାର ରାଶି ୨ ଲକ୍ଷ ଟଙ୍କା ସହ ତାମ୍ରପତ୍ର, ଶାଲ ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ। ବୁଣାକାର ବର୍ଗ ଅଧୀନରେ ପୁରସ୍କାର ପାଇଁ ଜୋନାଲ, ମୁଖ୍ୟାଳୟ ଏବଂ କେନ୍ଦ୍ରୀୟ ଆଦି ତ୍ରିସ୍ତରୀୟ କମିଟି ଦ୍ୱାରା ବିଜେତା ଚୟନ କରାଯାଇଛି। ପୁରସ୍କାର ପ୍ରଦାନ ଉତ୍ସବରେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ଓ ଅନ୍ୟ ଅତିଥିଙ୍କ ସହିତ ଶିଳ୍ପ ନେତା, ଡିଜାଇନର, ରପ୍ତାନିକାରୀ, ବରିଷ୍ଠ ସରକାରୀ ଅଧିକାରୀ, ଛାତ୍ର ଏବଂ ସାରା ଦେଶରୁ ୫୦୦ରୁ ଅଧିକ ବୁଣାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।






# ଘନୀଭୂତ ହେଉଛି ଲଘୁଚାପ

## ୨ଦିନ ବର୍ଷା ପାଇଁ ରେଡ୍ ୱାର୍ନିଂ

ଭୁବନେଶ୍ୱର, ୨୪।୭ (ଅନୁରାଧା ମହାରଣା)

ଉତ୍ତର ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଥିବାବେଳେ ଧୀରେ ଧୀରେ ଘନୀଭୂତ ହେବାରେ ଲାଗିଛି। ଶୁକ୍ରବାର ଏହା ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରର ରୂପ ନେବାର ସମ୍ଭାବନା ରହିଛି। ପରେ ପଶ୍ଚିମ ଉତ୍ତରପଶ୍ଚିମ ଦିଗରେ ଏହା ଗତି କରିବା ସହ ଆସନ୍ତା ୪୮ଘଣ୍ଟା ମଧ୍ୟରେ ଉତ୍ତରଓଡ଼ିଶା- ପଶ୍ଚିମବଙ୍ଗ ଉପକୂଳମୁହାଁ ହୋଇପାରେ। ଏହାର ପ୍ରଭାବରେ ମାସ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଆସନ୍ତା ୨ଦିନ ବିଭିନ୍ନ ଜିଲାରେ ଅତିରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝରରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ରେଡ୍ ୱାର୍ନିଂ ରହିଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ପ୍ରବଳ ବର୍ଷା ପାଇଁ ଦେବଗଡ଼, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ବୌଦ୍ଧ, ନବରଙ୍ଗପୁର, ଅନୁଗୋଳ ଓ ପୁରୀ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ବଜ୍ରପାତ ପାଇଁ ଝାରସୁଗୁଡ଼ା, ବରଗଡ଼, ସୋନପୁର, ନୂଆପଡ଼ା, ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଆଦି ଜିଲାକୁ ସତର୍କ ସୂଚନା ଦିଆଯାଇଛି।



ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। **-ଶ୍ରୀଅରବିନ୍ଦ**



# ଖାଦ୍ୟାଭାବ ଓ ଦେଶାନ୍ତର



ହର୍ମିଓ୍ୱାନ ଡାସେ

୨୦୨୫ ମସିହା ପ୍ରଥମାର୍ଦ୍ଧରେ ପାଖାପାଖି ୨୦,୦୦୦ ଲୋକ ଛୋଟ ଡଙ୍ଗାରେ ଇଂଲିଶ୍ ଚ୍ୟାନେଲ ପାର ହୋଇ ଇଂଲଣ୍ଡକୁ ଆସିଛନ୍ତି ଏବଂ ଗତବର୍ଷ ଏହି ଅବଧିରେ ଯେତିକି ଲୋକ ଆସିଥିଲେ, ତାହା ତୁଳନାରେ ୪୮% ବୃଦ୍ଧି ଘଟିଛି। ଏହାସହ ୨୦୨୪ ପ୍ରାରମ୍ଭରୁ ଏଯାବତ୍ ଲିବ୍ୟାରୁ ଗ୍ରୀସ୍‌କୁ ଦେଶାନ୍ତର ହୋଇଥିବା ଲୋକଙ୍କ ସଂଖ୍ୟା ୧୭୩% ବୃଦ୍ଧିପାଇଛି। ଦେଶାନ୍ତର ଗମନ ବନ୍ଦ କରିବା ପାଇଁ ପାଶ୍ଚାତ୍ୟ ନେତାମାନେ ସୀମାରେ ନିୟମ ଦୃଢ଼ କରିବା ସହ ସୀମାନ୍ତ ଦେଶଗୁଡ଼ିକ ସହ ଚୁକ୍ତି କରୁଛନ୍ତି। ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭୋଣ୍ଡର ଲିୟେନ ଉପମହାଦେଶର ସବୁଆଡ଼େ ସୀମାକୁ ନିୟନ୍ତ୍ରଣ କରିବା ଲାଗି ଆହ୍ୱାନ ଦେଇଛନ୍ତି। ଏହାସହ ଇଂଲଣ୍ଡ ପ୍ରଧାନମନ୍ତ୍ରୀ କେଏର ଷ୍ଟାର୍ମର ବେଆଇନ ସୀମାପାରକୁ ଉତ୍ସାହିତ କରୁଥିବା ଗୋଷ୍ଠୀଙ୍କ ସମ୍ପୂର୍ଣ୍ଣ ଦମନ କରିବା ପାଇଁ ସଙ୍କଳ୍ପ ନେଇଛନ୍ତି।

୧୯୯୦ ପରଠାରୁ ଅନ୍ତର୍ଜାତୀୟ ସ୍ତରରେ ଦେଶାନ୍ତର ହେଉଥିବା ଲୋକଙ୍କ ସଂଖ୍ୟା ବଢ଼ି ପାଖାପାଖି ଦୁଇଗୁଣ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନ ବିପଦ ଯୋଗୁ ଏହି ସଂଖ୍ୟା ଦ୍ରୁତ ଗତିରେ ବଢ଼ୁଛି। ଏବକାର ଦେଶାନ୍ତର ଧାରା ନେତାଙ୍କ ପ୍ରତି ଏକ ସତର୍କଘଣ୍ଟି ଏବଂ ସେମାନେ ସ୍ୱୀକାର କରିବା ଉଚିତ ଯେ, ଏହା କେବଳ ଏକ ପ୍ରାରମ୍ଭିକ ଝଟକା। ପଦକ୍ଷେପ ସ୍ୱରୂପ, ଜଳବାୟୁଜନିତ ସଂଘର୍ଷ ଓ ବିପର୍ଯ୍ୟୟ ଦ୍ୱାରା ଦେଶାନ୍ତର ଲୋକଙ୍କ ସଂଖ୍ୟାବୃଦ୍ଧିକୁ ରୋକିବା ଲାଗି କୌଣସି ସ୍ୱଳ୍ପକାଳୀନ କଟକଣା ପର୍ଯ୍ୟାପ୍ତ ହେବ ନାହିଁ। ଏହା ବଦଳରେ ସରକାରଗୁଡ଼ିକ ଦେଶାନ୍ତରର ମୂଳ କାରଣ ଉପରେ ବିଚାର କରିବା ଉଚିତ। ସେହିସବୁ ମଧ୍ୟରେ ପ୍ରମୁଖ କାରଣ ହେଉଛି ଖାଦ୍ୟ ଅସୁରକ୍ଷା। ଜଳବାୟୁ ପରିବର୍ତ୍ତନ କୃଷି ଉତ୍ପାଦନକୁ ଭୀଷଣ କ୍ଷତି କରୁଥିବାରୁ ଖାଦ୍ୟ ଅସୁରକ୍ଷା ବୃଦ୍ଧି ପାଉଛି। ଆଫ୍ରିକାରେ ଏହି ସ୍ଥିତି ସବୁଠୁ ଗମ୍ଭୀର ଏବଂ ନିକଟରେ ଏହା ସବୁଠୁ ଉତ୍ତପ୍ତ ଦଶନ୍ଧିକୁ ସାମ୍ନା କରିଛି। ୨୦୨୩ରେ, ୪୦ ବର୍ଷ ମଧ୍ୟରେ କେନିଆ ଭୟଙ୍କର ମରୁଡ଼ି କବଳରେ ପଡ଼ିଥିଲା। ତା' ପରବର୍ଷ ଆଫ୍ରିକା ମହାଦେଶର ଦକ୍ଷିଣାଞ୍ଚଳ ଶତାବ୍ଦୀର ଭୟଙ୍କର ମରୁଡ଼ିକୁ ସାମ୍ନା କରିଥିଲା। ଏହା ଯୋଗୁ ଜାମ୍ବିଆ ଓ ଜିମ୍ବାୱେରେ ମକା ଉତ୍ପାଦନ ଅଧାରୁ ଅଧିକ ହ୍ରାସ ପାଇଥିଲା। ୨୦୨୪ରେ ଦକ୍ଷିଣ ସୁଦାନରେ ପ୍ରଳୟଙ୍କରୀ ବନ୍ୟାରେ ୩ କୋଟିରୁ ଅଧିକ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଥିଲା। ଲଗାତର ଏବଂ ଗମ୍ଭୀର ପରିବେଶଗତ ବିପଦ ଯୋଗୁ ଭବିଷ୍ୟତରେ ଅଧିକ ଅସ୍ଥିରତା ସୃଷ୍ଟି ହୋଇପାରେ ଏବଂ ଯାହାର ସଙ୍କେତ ଏବକାର ବିପର୍ଯ୍ୟୟରୁ ମିଳୁଛି। ଆକଳନ କରାଯାଉଛି ମହାଦେଶର ଜନସଂଖ୍ୟା ୨୦୭୦ ସୁଦ୍ଧା ଦୁଇଗୁଣ ହେବ। ଯଦି ବିପର୍ଯ୍ୟୟ ଧାରା ଲାଗି ରହେ, ତେବେ ୨୦୫୦ ସୁଦ୍ଧା ଆଫ୍ରିକାର ଶସ୍ୟ ଉତ୍ପାଦନ ୧୮% ହ୍ରାସ ପାଇପାରେ। ଏଭଳି ସ୍ଥିତିରେ କୃଷି ଉତ୍ପାଦନ ଶୀଘ୍ର ବୃଦ୍ଧି କରିବାର ଆବଶ୍ୟକତା ରହିଛି।



ଜଳବାୟୁ ପରିବର୍ତ୍ତନ ପ୍ରଭାବର ଦେଶାନ୍ତର ଲହରକୁ ଜାତୀୟ ସୀମାରେ କଡ଼ା ନିୟମ ଲାଗୁ କରି ରୋକି ହେବ ନାହିଁ। ଗ୍ରାମାଞ୍ଚଳରୁ ଅତ୍ୟଧିକ ଲୋକ ସହରାଞ୍ଚଳକୁ ସ୍ଥାନାନ୍ତର ହେବାରେ ଜଳବାୟୁଜନିତ ଖାଦ୍ୟାଭାବ ଏକ ପ୍ରମୁଖ କାରଣ ପାଲଟିଗଲାଣି। ଉତ୍ପାଦନ ହ୍ରାସ ପାଇବା ସହ ପାଣିପାଗର ନକାରାତ୍ମକ ପ୍ରଭାବ ଯୋଗୁ ଜୀବନଜୀବିକା କ୍ଷତି ହେଉଛି। ଫଳରେ ଅଧିକରୁ ଅଧିକ ଲୋକ ସୁରକ୍ଷା, ସ୍ଥାୟିତ୍ୱ ଏବଂ ଜୀବିକା ଅନ୍ୱେଷଣରେ ସେମାନଙ୍କ ଘର ଛାଡ଼ିବାକୁ ବାଧ ହେବେ। ସଂସାଧନ ଶେଷ କରିବାକୁ ଚାଲିଥିବା ପ୍ରତିଯୋଗିତା ରାଜନୈତିକ ଅସ୍ଥିରତା ଏବଂ ହିଂସାତ୍ମକ ସଂଘର୍ଷ ସୃଷ୍ଟି କରିବ, ଯାହା ଅଧିକରୁ ଅଧିକ ଲୋକଙ୍କୁ ଦେଶାନ୍ତର ହେବା ସକାଶେ ବାଧ କରିବ। ଏବେ ଖାଦ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡୁଥିବାରୁ ପଦକ୍ଷେପ ନେବା ଲାଗି ସରକାରଗୁଡ଼ିକ ଉପରେ ଚାପ ପଡ଼ିଲାଣି। ଆହ୍ୱାନପୂର୍ଣ୍ଣ ପରିସ୍ଥିତିରୁ ମୁକୁଳିବା ପାଇଁ ଅନ୍ତର୍ଜାତୀୟ ସହଯୋଗ ଏବଂ ଜଳବାୟୁ ସହନୀୟ କୃଷି ଲୋଡ଼ା ଏବଂ ଏସବୁ ବୈଶ୍ୱିକ ସ୍ଥାୟିତ୍ୱ ନିଶ୍ଚିତ କରିବାର ସବୁଠୁ ପ୍ରଭାବୀ ଉପାୟ। ପାଶ୍ଚାତ୍ୟ ନେତାମାନେ ସବୁଆଡ଼େ ଜଳବାୟୁ ସହନୀୟ କୃଷିକୁ ବ୍ୟାପକ କରିବା ନିମନ୍ତେ ପଦକ୍ଷେପ ନେବା ଦରକାର। ବିପର୍ଯ୍ୟୟ ପୂର୍ବରୁ ସତର୍କ କରିବାର ବ୍ୟବସ୍ଥା, ଅଧିକ ମରୁଡ଼ି ପ୍ରତିରୋଧୀ ଶସ୍ୟ ଚାଷ ଏବଂ ପରିବେଶ ଉପଯୋଗୀ କୃଷିକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ସବୁ ସମାଧାନର ଉପାୟ ବ୍ୟାପକ ଭାବେ ଉପଲବ୍ଧ କରାଇବା ପାଇଁ ବିତ୍ତୀୟ ଓ ପ୍ରଯୁକ୍ତିଗତ ବାଧାଗୁଡ଼ିକୁ ହଟାଇବାକୁ ପଡ଼ିବ; କାରଣ କୃଷକମାନଙ୍କ ପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରପାତି, ଜ୍ଞାନ ଏବଂ ପୁଞ୍ଜିର ଘୋର ଅଭାବ ରହିଛି।

ନୀତିନିର୍ଦ୍ଧାରକ ଓ ଅନ୍ତର୍ଜାତୀୟ ବିତ୍ତୀୟ ସଂସ୍ଥାଗୁଡ଼ିକ ଏହିସବୁ ପଦକ୍ଷେପର ଅଗ୍ରଗତି ଉପରେ ଗୁରୁତ୍ୱ ଦେବା ଦରକାର। ଉଦାହରଣ ସ୍ୱରୂପ, ସାଟେଲାଇଟ୍ ଓ ପାଣିପାଗ ତଥ୍ୟ ସମସ୍ତଙ୍କ ପାଖରେ ପହଞ୍ଚାଇଲେ ପୂର୍ବ ସତର୍କ ବ୍ୟବସ୍ଥା ମଜଭୁତ ହେବ। ଏହା କୃଷି ଉତ୍ପାଦନର ସୁରକ୍ଷା ପାଇଁ କୃଷକ ଓ ସରକାରକୁ ଠିକ୍ ସମୟରେ ପ୍ରତିଷେଧାତ୍ମକ ପଦକ୍ଷେପ ନେବାକୁ ସକ୍ଷମ କରାଇବ। କିନ୍ତୁ ଏବେ ସୁଦ୍ଧା ଆଫ୍ରିକାର ପାଖାପାଖି ୬୦ ପ୍ରତିଶତ ଲୋକଙ୍କ ନିକଟରେ ଏହିସବୁ ବ୍ୟବସ୍ଥା ପହଞ୍ଚି ନାହିଁ। ଏହି ପ୍ରତିଶତକୁ କମାଇବାକୁ ହେଲେ ଅନ୍ତର୍ଜାତୀୟ ସମୁଦାୟ ପରିବେଶ ଉପଯୋଗୀ କୃଷି ଉପରେ ଗୁରୁତ୍ୱ ଦେଉଥିବା ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର ଏବଂ ମଡେଲ ଫାର୍ମଗୁଡ଼ିକୁ ସହଯୋଗ କରିବା ଉଚିତ। କୃଷକଙ୍କୁ ଏ ସମ୍ପର୍କିତ ଜ୍ଞାନ ଯୋଗାଇଦେବା ଦରକାର।

ଦୀର୍ଘ ଦଶନ୍ଧି ହେଲା କୃଷି ଗବେଷଣା ଓ ବିକାଶ କ୍ଷେତ୍ରରେ ସରକାରୀ ପାଣ୍ଠି ହ୍ରାସ ପାଇଚାଲିଛି। ଜଳବାୟୁ ବିପଦ ତୀବ୍ର ହେଉଥିବାବେଳେ ଏହା ବୈଶ୍ୱିକ ନୂତନତ୍ୱ ପ୍ରବାହକୁ ଦୁର୍ବଳ କରିଦେଇଛି। ଏଣୁ ଏହି ସମୟରେ ପାଶ୍ଚାତ୍ୟ ସରକାରଗୁଡ଼ିକ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନ ପାଣ୍ଠି ଯୋଗାଣ ଉପରେ ପଦକ୍ଷେପ ନେବା ଦରକାର। ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍‌ର ସଦ୍ୟତମ ରିପୋର୍ଟରୁ ଜଣାପଡ଼ିଛି ଯେ, ଉଚ୍ଚ ଆୟ ବର୍ଗର ଦେଶଗୁଡ଼ିକରେ ଜଳବାୟୁ ସହନୀୟ ଶସ୍ୟ ଉପରେ ଗବେଷଣା ଚାଲିଥିବାବେଳେ ତାହା ବିକାଶଶୀଳ ଦେଶଗୁଡ଼ିକରେ ହୋଇପାରୁନାହିଁ, ଯେଉଁଠି ସେମାନେ ପାଣ୍ଠି ଓ ଗବେଷଣା ଲବ୍ଧ ଜ୍ଞାନରୁ ବଞ୍ଚିତ ହେଉଛନ୍ତି। ଏକ ଉଲ୍ଲେଖନୀୟ ସମାଧାନର ବାଟ ହେଉଛି ଏକ ବିକଶିତ ମାର୍କେଟର ପ୍ରତିବଦ୍ଧତା। ଏହି ବ୍ୟବସ୍ଥାରେ ସବୁ ସରକାର ଏବଂ ବିଶ୍ୱ ବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ନିର୍ଦ୍ଦିଷ୍ଟ ଉତ୍ପାଦ ପାଇଁ ଏକ ମାର୍କେଟ ସୃଷ୍ଟି କରିବାକୁ ସକ୍ଷମ ହେବେ। ଉତ୍ପାଦ କିଣିବା ଓ ସବ୍‌ସିଡିର ପ୍ରତିଶ୍ରୁତି ଦେଇ ଏହା କରାଯାଇପାରିବ। ଜଳବାୟୁ ସହନୀୟ ଶସ୍ୟ ପାଇଁ ଏହି ମଡେଲ ଲାଗୁ କଲେ ତାହା ଉତ୍ପାଦନ ବୃଦ୍ଧି ପାଇଁ ନିବେଶର ପଥ ଖୋଲି ଦେଇପାରେ ଏବଂ ଆଫ୍ରିକା ଓ ଅନ୍ୟ ଦେଶଗୁଡ଼ିକରେ କୃଷକଙ୍କ ପାଇଁ ଲାଭଦାୟକ ହେବ। ଜନସଂଖ୍ୟା ବୃଦ୍ଧି ଯୋଗୁ ଅଧିକ କୃଷି ଜମିର ଆବଶ୍ୟକତା ପଡୁଛି। ନୂତନତ୍ୱ ଓ ରାଜନୈତିକ ଇଚ୍ଛାଶକ୍ତି ନ ରହିଲେ ଏବକାର ଖାଦ୍ୟ ବ୍ୟବସ୍ଥା ଭବିଷ୍ୟତର ଆବଶ୍ୟକତା ପୂରଣ କରିପାରିବ ନାହିଁ। ଏଣୁ ପର ପିଢ଼ିର ପ୍ରଯୁକ୍ତିକୁ ଗ୍ରହଣ କରି ତ୍ୱରିତ ସ୍ୱୀକୃତି ଦେବା ସକାଶେ ନିୟାମକ ଢାଞ୍ଚାଗୁଡ଼ିକ ଅଧିକ ସକ୍ରିୟ କରାଯିବା ଦରକାର।

ଜଳବାୟୁ ପରିବର୍ତ୍ତନ ଯୋଗୁ କୃଷି କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଦୂର କରି ପୁନର୍ବାର ଉତ୍ପାଦନ ବୃଦ୍ଧି କରିବାକୁ ଦୃଢ଼ ପଦକ୍ଷେପ ନେବା କେବଳ ଏକ ବିକାଶର ବିଷୟ ନୁହେଁ, ବରଂ ଜଳବାୟୁଜନିତ ବିପର୍ଯ୍ୟୟ ବୃଦ୍ଧି ପାଉଥିବା ସମୟରେ ଏହା ଏକ ଭୂରାଜନୈତିକ ଆବଶ୍ୟକତା। ପ୍ରବାସନ ଓ ଶରଣାର୍ଥୀ ବଢୁଥିବା ପରିପ୍ରେକ୍ଷୀରେ ଦେଶାନ୍ତରର ମୂଳ କାରଣକୁ, ଅସ୍ଥିରତା ଓ ଖାଦ୍ୟ ଅସୁରକ୍ଷାକୁ ନିୟନ୍ତ୍ରଣ କରିବା ପାଇଁ ସୀମାଗୁଡ଼ିକୁ ମଜଭୁତ କରିବା ଏକ ବ୍ୟୟବହୁଳ ଏବଂ ଅପ୍ରଭାବୀ ପଦକ୍ଷେପ ହେବ। ଏକ ମୌଳିକ ତଥା ଭିନ୍ନ ପଦକ୍ଷେପ ବିନା ଏବେ ବଢୁଥିବା ଦେଶାନ୍ତର ସଙ୍କଟ ପୂର୍ବ ଭଳି ଲାଗି ରହିବ, ଯାହାକୁ କୌଣସି ସରକାର ରୋକିପାରିବେ ନାହିଁ।

**ନୀତି ପରାମର୍ଶଦାତା, ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ଚେଞ୍ଜ୍**

## ମାନବ-ମାନବିକତା



ଚିତ୍ତରଞ୍ଜନ ବେହେରା

ମଣିଷ ଏବେ ଆଧୁନିକ ସଭ୍ୟତାରେ ପଦାର୍ପଣ କରିଛି। ସମୟ ସହିତ ସମାଜର ସଂସ୍କୃତି ଏବଂ ପରମ୍ପରାରେ ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି। ମଣିଷ ଆଧୁନିକତାର ସ୍ପର୍ଶରେ ବହୁ ଆନନ୍ଦ ଲାଭ କରୁଥିବାର ମଧ୍ୟ ଦେଖାଯାଉଛି। ହେଲେ ଏମିତି ପରିବର୍ତ୍ତନ ଆସୁ ଆସୁ ଏ ଶିକ୍ଷିତ ସମାଜରେ ଅନେକ ଅସାମାଜିକ କାର୍ଯ୍ୟ ଦୃଷ୍ଟିଗୋଚର ହେଉଛି।

ବହୁ ବର୍ଷ ପୂର୍ବରୁ ମଣିଷ ନିଜ ଇଚ୍ଛାରେ ଖାଇବା, ବଞ୍ଚିବା ଓ କାମ କରିବା ପାଇଁ ନିଷ୍ପତ୍ତି ନେଉଥିଲା। ଏମିତି ବଞ୍ଚିବାର କିଛିଦିନ ପରେ ମଣିଷ ଏକ ସ୍ୱତନ୍ତ୍ର ନିୟମରେ ବନ୍ଧା ହେଲା ଓ ଜୀବନ ଶୈଳୀ ପାଇଁ ନିର୍ଦ୍ଦିଷ୍ଟ ନିୟମ ରଖିଲା। ଖାଇବା, ସ୍ନାନ କରିବା ଭଳି ଦୈନନ୍ଦିନ କାର୍ଯ୍ୟକ୍ରମକୁ ଏକ ସ୍ୱତନ୍ତ୍ର ନିୟମ ଦ୍ୱାରା ପରିଚାଳିତ କରାଗଲା। ଧୀରେ ଧୀରେ ସଭ୍ୟ ସମାଜରେ ପରିବର୍ତ୍ତନ ଆସିଲା। ସାମାଜିକ ଚଳଣି ବଦଳି ଗଲା। ମଣିଷ ଲାଜ କରିବା, ଅନ୍ୟକୁ ସମ୍ମାନ ଦେବା, ସଂଯମରେ ରହିବା ଭଳି ସଂସ୍କାର ଗ୍ରହଣ କଲା।

ଆଜିକାଲି ଦେଖୁଥିବେ ଶିକ୍ଷା ପାଇଁ ବିଦ୍ୟାଳୟ ସ୍ଥାପନ ହେବା, ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟ ବୃଦ୍ଧି ପାଇ ସାରିଲାଣି। ମଣିଷ ମଧ୍ୟ ପୂର୍ବ ଅପେକ୍ଷା ଶିକ୍ଷିତ ହେଲେଣି। ବର୍ତ୍ତମାନ ବିଭିନ୍ନ ଧର୍ମଗୁରୁଙ୍କ ଦ୍ୱାରା ବିଭିନ୍ନ ଧର୍ମର ସ୍ଥାପନ ହୋଇସାରିଲାଣି। ପୂର୍ବରୁ କେତେ ଜଣ ଧର୍ମଗୁରୁ ଥିଲେ କିନ୍ତୁ ସୋସିଆଲ ମିଡିଆ ନ ଥିଲା ବିଭିନ୍ନ ଧର୍ମବାଣୀ ତଥା ତଥ୍ୟ ପ୍ରଚାର କରିବା ପାଇଁ। ମଣିଷ ସମାଜରେ ବଞ୍ଚିବା ଶୈଳୀ ଆଜିଭଳିଆ ନ ଥିଲା। ଆଜିକାଲି ଆମ ସମାଜର ସମସ୍ତ ଲୋକ ବିଭିନ୍ନ ଧର୍ମରେ ଦୀକ୍ଷିତ ହୋଇ ଧର୍ମଗ୍ରନ୍ଥ ପଢ଼ି, ବହୁ ବଡ଼ ଶିକ୍ଷା ଅନୁଷ୍ଠାନରେ ଅଧ୍ୟୟନ କରିଛନ୍ତି। ତଥାପି ମଧ୍ୟ ଭାଇ ଭାଇ ମଧ୍ୟରେ ସମ୍ପତ୍ତି ପାଇଁ ଝଗଡ଼ା, ସାହି ପଡ଼ିଶାରେ ଝଗଡ଼ା, ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା, ପରିବାରରେ ଅଶାନ୍ତି ଭଳି ଅନେକ ଅସାମାଜିକ ସମସ୍ୟା ଦେଖାଯାଉଛି। ବୃଦ୍ଧାଶ୍ରମ ଅଧିକରୁ ଅଧିକ ବୃଦ୍ଧି ପାଉଛି। ସତରେ ଯଦି ଆମେ ଶିକ୍ଷିତ, ଧାର୍ମିକ, ସଂସ୍କାରିତ ଓ ନିଜ ଧର୍ମବାଣୀ ଦ୍ୱାରା ଆମେ ପରିଚାଳିତ ଓ ଶିକ୍ଷାଗୁରୁ, ଦୀକ୍ଷାଗୁରୁଙ୍କ ଅନୁସରଣକାରୀ, ତା'ହେଲେ ନିଜ ପାଖରେ ନିଜ ନିଜ ଘରେ ବାପା ମା'ଙ୍କୁ କାହିଁକି ରଖି ପାରୁନାହୁଁ। ଯଦି ବି ନାରୀ ସମ୍ମାନ କଥା କହୁଛୁ ତଥାପି ନାରୀଙ୍କୁ ସମ୍ମାନ ଦେଉ ନାହିଁ।। ଏଇଟା କ'ଣ ଶିକ୍ଷିତ, ସଂସ୍କାରିତ ଓ ଧାର୍ମିକ ଚିନ୍ତା କି ? ଆମେ ସଭ୍ୟ ସମାଜର ମଣିଷ। ଧର୍ମ ଅଧର୍ମ, ପାପ ପୁଣ୍ୟ କଥା କହି ପରଧନ ଲୁଟି ଖାଇବା, ସୁଯୋଗ ପାଇଲେ ଫାଇଦା ଉଠେଇବା, ନିଜର ଲାଭ ପାଇଁ ଅନ୍ୟର କ୍ଷତି କରିବା ଏଇଟା କ'ଣ ଆମର ଶିକ୍ଷା, ଧର୍ମବାଣୀ ନା ଆମ ଧର୍ମଗ୍ରନ୍ଥରେ ଲେଖାହୋଇଛି। ଭାବିଲେ ମନରେ ପ୍ରଶ୍ନ ଆସେ। ଭାରତର କୌଣସି ଧର୍ମଗ୍ରନ୍ଥରେ ବି ଏମିତି ଅସାମାଜିକ ବାର୍ତ୍ତା ଲେଖା ଯାଇନାହିଁ କି କୌଣସି ଧର୍ମ ଗୁରୁ ଓ ମହାପୁରୁଷମାନେ ମଧ୍ୟ ଅସାମାଜିକ କାର୍ଯ୍ୟ କରିବା ପାଇଁ ବାଣୀ ପ୍ରଦାନ କରିନାହାନ୍ତି। ସବୁବେଳେ ସତ୍ୟ, ଶାନ୍ତି, ଦୟା, କ୍ଷମା, ପ୍ରେମ, କରୁଣାକୁ ଆଧାର କରି ଧର୍ମଗ୍ରନ୍ଥରେ ଧର୍ମବାଣୀ ଲିଖିତ ଓ ଧର୍ମ ଗୁରୁମାନଙ୍କ ଦ୍ୱାରା ପ୍ରଚାରିତ। କିନ୍ତୁ ମଣିଷର କାର୍ଯ୍ୟକ୍ରମ ଠିକ୍ ଓଲଟା। ଆମେ ଯଦି ସତରେ ଶିକ୍ଷିତ, ସଂସ୍କାରିତ ଓ ଧର୍ମପରାୟଣ ବ୍ୟକ୍ତି ଏମିତି ଅସାମାଜିକ କାର୍ଯ୍ୟ କାହିଁକି ? ଆମ ମନରେ ସତ୍ୟ, ଶାନ୍ତି, ଦୟା, କ୍ଷମା, ପ୍ରେମ କରୁଣା କାହିଁକି ଉଙ୍କିମାରୁ ନାହିଁ। ଆମେ କ'ଣ ? ସମସ୍ତେ ନିଜକୁ ନିଜେ ପ୍ରଶ୍ନ କରିବା ଉଚିତ। ସମାଜରେ କାହା ପେଟକୁ ଦାନା ମୁଠେ ନ ଦେଇ ପେଟକୁ ଲାତ ମାରନ୍ତି , କାହାକୁ କେବେ ଖାଇଛୁ , କେମିତି ଅଛୁ ନ ପଚାରି ତା' ବିରୋଧରେ ତା' ପଛରେ ତା' ବିଷୟରେ ଆଲୋଚନା କରନ୍ତି। ଗରିବକୁ ହୀନ ଦୃଷ୍ଟିରେ ଦେଖନ୍ତି, ଧନୀ ହୋଇଗଲେ ବେଶି ଧନ ଗର୍ବ କରୁଛି ବୋଲି କୁହନ୍ତି। ଯଦି କିଏ କିଛି କରୁ ନାହିଁ ଅକର୍ମା ବୋଲି ତାଚ୍ଛଲ୍ୟ କରନ୍ତି ଓ କିଛି କରିବା ପାଇଁ ଚେଷ୍ଟା କଲେ ପଛରୁ ଗୋଡ଼ଟାଣନ୍ତି ବା ପଛରେ ରହି କ୍ଷତି କରନ୍ତି। ଏମିତି କାହିଁକି ? ଏଇଟା କ'ଣ ଆମ ଭିତରେ ଥିବା ମାନବିକତା ? ଏଇଟା କ'ଣ ସଭ୍ୟ ଓ ଶିକ୍ଷିତ ସମାଜର ଚିନ୍ତା।

ଭାରତ ଏକ ଧର୍ମନିରପେକ୍ଷ ଦେଶ। ଏହି କାରଣରୁ ମଣିଷ ଯେଉଁ ଧର୍ମରେ ରହିଲେ କି ଯେଉଁ ଧର୍ମର ଠାକୁରଙ୍କୁ ପୂଜା ବା ଭକ୍ତି କଲେ, ନିଜ ଧର୍ମରବାଣୀ ପ୍ରଚାର କଲେ କାହାର କିଛି ଅସୁବିଧା ନାହିଁ। ଜଣେ ଭାରତୀୟ ନାଗରିକ ହିସାବରେ ସେ ନିଜ ଇଚ୍ଛାରେ ଧର୍ମଗ୍ରହଣ ଓ ଧର୍ମ ପ୍ରଚାର କରିପାରିବ, କିନ୍ତୁ ଧର୍ମକୁ ନେଇ ଦେଶରେ ବିବାଦ ଧେଖାଯାଉଛି। ସମସ୍ତଙ୍କ ଭିତରେ ପ୍ରଥମେ ମଣିଷ ହିସାବରେ ମାନବିକତା ରହିବା ନିତାନ୍ତ ଆବଶ୍ୟକ। ମାନବିକତା ହିଁ ମାନବର ଶ୍ରେଷ୍ଠ ଧର୍ମ।

**ବୌଦ୍ଧ, ମୋ: ୯୪୩୮୭୧୦୩୮୭**

## ଏଇ ଭାରତରେ

କାଗଜ ଉତ୍ପାଦନ ପାଇଁ ଗଛ କାଟି ପରିବେଶକୁ ନଷ୍ଟ କରାଯାଉଛି। ଏଣୁ ଗଛ କଟା ହ୍ରାସ କରିବାକୁ କାଗଜ ତିଆରିର ନୂଆ ପଦ୍ଧତି ଆପଣାଇଛନ୍ତି ତାମିଲନାଡୁର ସୁସ୍ମିତା କ୍ରିଷ୍ଣନ। ୨୫ ବର୍ଷୀୟା ସୁସ୍ମିତା ପାଣିରେ ବଢୁଥିବା କଳିକତି ଦଳରୁ କାଗଜ ତିଆରି କରୁଛନ୍ତି। ଏଥିପାଇଁ ୧୫୦-ମହିଳାଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଇଛନ୍ତି। ସୁସ୍ମିତା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସରୁ ଶିକ୍ଷା ଲାଭ କରି ଜର୍ମାନୀର ହମବର୍ଗ ବିଶ୍ୱବିଦ୍ୟାଳୟରେ ଗବେଷଣା କରୁଥିବା ସମୟରେ କଳିକତି ଦଳରୁ କାଗଜ ତିଆରି କରିବାର ସିଦ୍ଧାନ୍ତରେ ପହଞ୍ଚିଥିଲେ। ସେଠାରୁ ଭାରତ ଫେରିବା ପରେ ସେ ଏହି କାର୍ଯ୍ୟ ଆରମ୍ଭ କରିଛନ୍ତି। କଳିକତି ଦଳ ପାଣିକୁ ପରିଷ୍କାର କରିବାର କ୍ଷମତା ଥିବାବେଳେ ଏହା ଦ୍ରୁତ ଗତିରେ ବଢି ପାଣିକୁ ଆଚ୍ଛାଦିତ କରିଦିଏ। ଫଳରେ ପାଣିରେ ସୂର୍ଯ୍ୟାଲୋକ ପଡ଼ିପାରେ ନାହିଁ ଓ ଅମ୍ଳଜାନ ସ୍ତର କମିଯାଏ । ଫଳରେ ଜଳ ଜୀବଙ୍କ ମୃତ୍ୟୁ ଘଟେ। ତେବେ ଏହି ସମସ୍ୟାକୁ ଉପଲବ୍ଧି କରି ସୁସ୍ମିତା ଗବେଷଣା କରି କାଗଜ ତିଆରି ସୂତ୍ର ପାଇପାରିଥିଲେ। ୧କେଜି ଦଳରୁ ୩୦ଟି ଏ୪ ସାଇଜ କାଗଜ ତିଆରି ହୋଇପାରୁଛି। ଦଳରୁ ପ୍ରଥମେ ରସ ପ୍ରସ୍ତୁତ କରାଯାଇ ପରେ ସେଥିରୁ କାଗଜ ତିଆରି ହେଉଛି। ସୁସ୍ମିତା ତାମିଲନାଡୁର ତ୍ରିଚି ଅଞ୍ଚଳରୁ ଏହି ଦଳ ସଂଗ୍ରହ କରୁଛନ୍ତି। ଏପରିକି ଅନେକ ଜଳାଶୟରେ ଏହି ଦଳ ବଢ଼ାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୫ ଜୁଲାଇ ୧୯୭୬**

- ନିଖିଳ ଭାରତ କଂଗ୍ରେସ କମିଟିର ସଭାପତି ଦେବକାନ୍ତ ବଡୁଆ ଓଡ଼ିଶା କଂଗ୍ରେସ ବିଧାୟକ ଦଳରେ ମିଶିବା ପାଇଁ ୬ ଜଣ ସ୍ୱାଧୀନ ସଦସ୍ୟଙ୍କୁ ଅନୁମତି ଦେଇଛନ୍ତି।
- ମୌଳିକ ବିଜ୍ଞାନ କ୍ଷେତ୍ରରେ ପାରସ୍ପରିକ ସହଯୋଗିତାକୁ ଦ୍ୱିଗୁଣିତ କରିବା ନିମନ୍ତେ ଭାରତ ଓ ସୋଭିଏଟ୍ ରୁଷିଆ ମଧ୍ୟରେ ଏକ ରାଜିନାମା ସଂକ୍ରାନ୍ତ ପ୍ରୋଟୋକଲ ସ୍ୱାକ୍ଷରିତ।
- ଶ୍ରୀଲଙ୍କାର ଉତ୍ତର ଓ ପୂର୍ବାଞ୍ଚଳରେ ବସବାସ କରୁଥିବା ତାମିଲ ସଂଖ୍ୟାଲଘୁ ଲୋକଙ୍କ ସୁବିଧା ପାଇଁ ତାମିଲ ଭାଷାରେ ସରକାରୀ ଚେକ୍ ଲାଗୁ କରିବା ନିମନ୍ତେ ନିଷ୍ପତ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | 1 | | | | |
| | 3 | | 5 | | 9 | | | |
| | | | | | 3 | | | |
| 3 | | | 1 | 7 | | | | |
| | | | | 8 | 4 | | | 6 |
| 1 | | 2 | | | | | | 5 |
| | | 8 | | | | | | |
| | 7 | | | 9 | | | 1 | |
| 5 | 9 | 3 | 7 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 6 | 5 | 8 | 2 | 3 | 7 | 1 |
| 2 | 1 | 5 | 9 | 7 | 3 | 4 | 6 | 8 |
| 7 | 8 | 3 | 1 | 6 | 4 | 2 | 9 | 5 |
| 1 | 5 | 4 | 6 | 9 | 7 | 8 | 3 | 2 |
| 8 | 7 | 2 | 3 | 4 | 1 | 9 | 5 | 6 |
| 3 | 6 | 9 | 8 | 2 | 5 | 7 | 1 | 4 |
| 9 | 3 | 8 | 4 | 5 | 6 | 1 | 2 | 7 |
| 5 | 2 | 1 | 7 | 3 | 8 | 6 | 4 | 9 |
| 6 | 4 | 7 | 2 | 1 | 9 | 5 | 8 | 3 |

ଗତକାଲିର ଉତ୍ତର

# ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଅସ୍ମିତା



ଡ.ପ୍ରମୋଦ କୁମାର ପଣ୍ଡା

ଆଜିକାଲି ଓଡ଼ିଶାରେ ଅନେକ ଲୋକ ଅସ୍ମିତା କଥା କହୁଛନ୍ତି। ଏହି ଅସ୍ମିତାରେ ଓଡ଼ିଆ ଶବ୍ଦ ଯୋଡ଼ି ଓଡ଼ିଆଙ୍କ ପ୍ରିୟଭାଜନ ହେବା ପାଇଁ ପ୍ରୟାସ କରୁଛନ୍ତି। କିଏ କିଏ ଭାବନ୍ତି ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଓଡ଼ିଆଙ୍କୁ ନିଯୁକ୍ତି ଦେଇଦେଲେ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ହୋଇଯାଏ। ଆଉ କିଏ ଭାବନ୍ତି ସରକାରୀ ଚିଠି ବା ଫାଇଲ ଟିପ୍ପଣୀ ଓଡ଼ିଆ ଭାଷାରେ ଲେଖିଦେଲେ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ହୁଏ। ଆଉ କିଛି ବିଦ୍ୱାନ୍ ଭାବନ୍ତି ଓଡ଼ିଆ ଭାଷାରେ କେବଳ ଶିକ୍ଷାଦାନ କଲେ (ବୈଷୟିକ ବିଷୟ ସହିତ ଅନ୍ୟାନ୍ୟ ବିଷୟରେ) ଓଡ଼ିଆ ଅସ୍ମିତା ବୃଦ୍ଧି ହୁଏ। ଏହିପରି ବିଭିନ୍ନ ଲୋକ ନିଜ ନିଜ ଢଙ୍ଗରେ ଅସ୍ମିତାକୁ ଦର୍ଶାଇବାରେ ଲାଗିଛନ୍ତି। ମୋ ମତରେ ଅସ୍ମିତାର ପ୍ରକୃତ ଅର୍ଥ ହେଉଛି, ଯାହା ସବୁ ଆମ ପାଖରେ ଅଛି ଓ ଅନ୍ୟମାନଙ୍କଠୁ ସ୍ୱତନ୍ତ୍ର। ଅନ୍ୟ ଅର୍ଥରେ କହିଲେ, ଯାହା ଦ୍ୱାରା ଆମେ ଅନ୍ୟମାନ ସାମ୍ନାରେ ସ୍ୱତନ୍ତ୍ର ବୋଲି ବୁଝାପଡ଼ନ୍ତି। ଅର୍ଥାତ୍ ସେଇସବୁ ସ୍ୱତନ୍ତ୍ରତା ପାଇଁ ଆମେ ଅନ୍ୟଠୁ ବାରିହୋଇ ପଡ଼ନ୍ତି ଓ ଯାହା ପାଇଁ ଆମକୁ ଅନ୍ୟମାନେ ସମ୍ମାନ ପ୍ରଦର୍ଶନ କରନ୍ତି ;ଅନ୍ୟମାନଙ୍କ ପାଖରେ ଆମର ଆତ୍ମସମ୍ମାନ କିମ୍ବା ସ୍ୱାଭିମାନ ବୃଦ୍ଧି ହୁଏ। ଏହି ଓଡ଼ିଆ ଅସ୍ମିତା ବିଭିନ୍ନ କ୍ଷେତ୍ରରେ ପ୍ରଦର୍ଶିତ ହୋଇପାରେ ; ଯଥା ଭାଷା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ, କଳା, ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ, ଶିକ୍ଷା, ଅର୍ଥନୀତି ଇତ୍ୟାଦି ଇତ୍ୟାଦି। ଆସନ୍ତୁ ଜାଣିବା ରାଷ୍ଟ୍ରୀୟ ଓ ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇଁ କେଉଁ କେଉଁ ପଦକ୍ଷେପ ନେବା ଆବଶ୍ୟକ।

ପ୍ରଥମରେ ଓଡ଼ିଶାର ଇତିହାସକୁ ଭାରତବାସୀଙ୍କୁ ଜଣାଇବା: ଭାରତ ଇତିହାସରେ ଓଡ଼ିଶାର ଇତିହାସ କଥା କହିବାର ଅର୍ଥ ହେଉଛି ଅଧା ପୃଷ୍ଠା କଳିଙ୍ଗ ଯୁଦ୍ଧ। ନା ସେଥିରେ ମହାମେଘବାହନ ଐର ଖାରବେଳଙ୍କ ବିଶାଳ ସାମ୍ରାଜ୍ୟର କଥା ଅଛି ନା ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟର କଥା ଅଛି ନା ଓଡ଼ିଆ ପୁଅ କୌଣ୍ଡିନ୍ୟର କାମ୍ବୋଡିଆରେ ସାମ୍ରାଜ୍ୟ ପ୍ରତିଷ୍ଠା କଥା ଅଛି ନା ଭାରତର ପ୍ରଥମ ମୁକ୍ତି ସଗ୍ରାମ ପାଇକ ବିଦ୍ରୋହ ଗାଥା ଅଛି ନା ଦ୍ୱିତୀୟ ବୁଦ୍ଧ ରୂପେ ପରିଚିତ ଓଡ଼ିଆ ପୁଅ ପଦ୍ମସମ୍ଭବଙ୍କ କଥା ଅଛି ନା ଦେଶର ସର୍ବ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତ କଥା ଅଛି ନା ଦେଶର ମୁକ୍ତି ସଂଗ୍ରାମର ଦୀର୍ଘତମ ବନ୍ଦୀ ବୀର ସୁରେନ୍ଦ୍ର ସାଏଙ୍କ କଥା ଅଛି ନା ଶ୍ରୀଜଗନ୍ନାଥଙ୍କ ମନ୍ଦିର ଉପରେ ୨୨ ଥର ହୋଇଥିବା ଆକ୍ରମଣର ଇତିହାସ ଅଛି ? ଅଣଓଡ଼ିଆ କ'ଣ ପାଇଁ ଓଡ଼ିଆଙ୍କୁ ଏତେ ସମ୍ମାନ ପ୍ରଦର୍ଶନ କରିବେ ?

ଦ୍ୱିତୀୟରେ ଓଡ଼ିଶାର ମହାପୁରୁଷଙ୍କ ବିଷୟରେ ଭାରତବାସୀଙ୍କୁ ପଢ଼ାଇବା: ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ସ୍ୱଭାବ କବି ଗଙ୍ଗାଧର ମେହେର, ଗୀତ ଗୋବିନ୍ଦର ରଚୟିତା ଜୟଦେବ, ସନ୍ଥକବି ଭୀମ ଭୋଇ, ରାମାନନ୍ଦ ରାୟ, ଜଗନ୍ନାଥ ଦାସ, ବଳରାମ ଦାସ ଏବଂ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁଙ୍କ ଭଳି ସଂଗ୍ରାମୀଙ୍କୁ ମଧ୍ୟ ଏ ଜାତି କୋଳରେ ଧରିଥିଲା। ପରିତାପର ବିଷୟ, ଆଜି ପର୍ଯ୍ୟନ୍ତ ସର୍ବଭାରତୀୟ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଜଣଙ୍କୁ ସ୍ଥାନ ନ ମିଳିବା ଓଡ଼ିଆ ଅସ୍ମିତାକୁ ଅନେକାଂଶରେ କ୍ଷୁଣ୍ଣ କରିଛି।



ତୃତୀୟରେ ରାଷ୍ଟ୍ରୀୟ ସ୍ତରରେ ସାମରିକ ପରିଚୟ ବୃଦ୍ଧି: ଓଡ଼ିଶାର ପାଇକଙ୍କ ରଣକୌଶଳ ପ୍ରାଚୀନ କାଳରୁ ଅତ୍ୟନ୍ତ ସମୃଦ୍ଧ ଥିଲା। ସ୍ୱାଧୀନ ଭାରତରେ ବିଭିନ୍ନ ରାଜ୍ୟ ବା ଜାତିକୁ ନେଇ ଏକାଧିକ ରେଜିମେଣ୍ଟ ଗଠିତ ହୋଇଥିବା ବେଳେ (ଶିଖ୍ ରେଜିମେଣ୍ଟ, ପଞ୍ଜାବ ରେଜିମେଣ୍ଟ, ମାଡ୍ରାସ ରେଜିମେଣ୍ଟ, ବେଙ୍ଗଲ ରେଜିମେଣ୍ଟ, ମରାଠା ରେଜିମେଣ୍ଟ, ରାଜପୁତନା ରାଇଫଲ, ଗୋର୍ଖା ରେଜିମେଣ୍ଟ, ବିହାର ରେଜିମେଣ୍ଟ ଇତ୍ୟାଦି ଇତ୍ୟାଦି) ଓଡ଼ିଶାର ବା କଳିଙ୍ଗର ନାମ ବହନ କରୁଥିବା କଳିଙ୍ଗ ରେଜିମେଣ୍ଟର ଅନୁପସ୍ଥିତି ଓଡ଼ିଆ ଅସ୍ମିତା ପ୍ରତିଷ୍ଠାରେ ପ୍ରତିବନ୍ଧକ ସୃଷ୍ଟି କରୁ ନାହିଁ କି ?

ଚତୁର୍ଥରେ ଓଡ଼ିଆ ଖାଦ୍ୟ ପେୟର ବ୍ୟାପକ ପ୍ରଚାର ପ୍ରସାର: ଓଡ଼ିଶା ବିଶ୍ୱବାସୀଙ୍କୁ ରସଗୋଲା, ଛେନା ପୋଡ଼, ଏଣ୍ଡୁରିପିଠା, ଆରିସାପିଠା, ଡାଲମା, ପଖାଳ, ଖିରି ଇତ୍ୟାଦି ଉପହାର ଦେଇଛି। ଓଡ଼ିଆ ଥାଳିରେ ଶ୍ୱେତସାର, ପୁଷ୍ଟି ସାର, ସ୍ନେହସାର, ଧାତବ ଲବଣ, ଭିଟାମିନ, ତନ୍ତୁ ଇତ୍ୟାଦିର ସମାହାର ଥିବା ସତ୍ତ୍ୱେ ଏହା ଓଡ଼ିଶା ବାହାରେ ବ୍ୟାପକ ପ୍ରଚାର ପ୍ରସାର ଲାଭ କରିପାରି ନାହିଁ। ବରଂ ପଞ୍ଜାବୀ ତଡ଼କା, ତନ୍ଦୁରୀ ରୋଟି, ଦକ୍ଷିଣ ଭାରତ ଥାଳି କିମ୍ବା ଦୋସା ଆଦୃତି ଲାଭ କରିଛି। ଓଡ଼ିଆ ଖାଦ୍ୟର ଚାହିଦା ଅନ୍ୟ ରାଜ୍ୟ ଓ ବିଦେଶରେ ବଢ଼ାଇ ପାରିଲେ ନିଶ୍ଚୟ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇବ।

ପଞ୍ଚମରେ ଆମ ବୟନ ଓ ହସ୍ତ ଶିଳ୍ପର ବ୍ୟାପକ ପ୍ରସାର ପ୍ରଚାର: ମହାତ୍ମା ଗାନ୍ଧୀ ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ ପାଟକୁ ଦେଖି ହାତର ସୂକ୍ଷ୍ମତାକୁ କିଛି କ୍ଷଣ ପାଇଁ ମିଲ୍ ତିଆରି ଭ୍ରମରେ ପଡ଼ିଯାଇଥିଲେ। ସମ୍ବଲପୁରୀ ବସ୍ତ୍ର, ପିପିଲି ଚାନ୍ଦୁଆ, ପାରଳାଖେମୁଣ୍ଡି ଶିଙ୍ଗ କାମ ବିଶ୍ୱସ୍ତରୀୟ। ମାତ୍ର ଭାରତର ପ୍ରତି ସହରରେ ବନାରସୀ ଶାଢ଼ି ଦୋକାନ ଥିବା ବେଳେ ଆମ ସମ୍ବଲପୁରୀ ଶାଢ଼ି ଦୋକାନର ଅନୁପସ୍ଥିତି ନିଶ୍ଚିତ ରୂପେ ଓଡ଼ିଆ ଅସ୍ମିତାକୁ ନ୍ୟୂନ କରୁଛି। ଓଡ଼ିଶା ବାହାରେ ଏହାର ବ୍ୟାପକ ପ୍ରଚାର ପ୍ରସାର, ଓଡ଼ିଆ ଅସ୍ମିତାକୁ ବୃଦ୍ଧି କରିବ।

ଷଷ୍ଠରେ କୃଷିଜାତ ଦ୍ରବ୍ୟା ଆମଦାନୀକାରୀ ନ ହୋଇ ରପ୍ତାନିକାରୀ ହେବା: ପ୍ରଚୁର ଜଳ, ସବୁ ପ୍ରକାର ମୃତ୍ତିକା, ଅନୁକୂଳ ଜଳବାୟୁ ଥାଇ ମଧ୍ୟ ଓଡ଼ିଶା ରାଷ୍ଟ୍ରୀୟ ସ୍ତରରେ କୃଷିଜାତ ପଦାର୍ଥର ଏକ ବଡ଼ ଆମଦାନୀକାରୀ ରାଜ୍ୟ। ଏତିକି କୁହାଯାଇପାରେ, ଆମେ ମଧ୍ୟ ସରୁ ଓ ବାସ୍‌ମତୀ ଚାଉଳକୁ ମିଶାଇ ମୋଟ ବାର୍ଷିକ ୧୦ ଲକ୍ଷ ଟନ୍ ଚାଉଳ ଆମଦାନୀ କରୁଛୁ। ଏଣୁ ଆମ ରାଜ୍ୟକୁ କୃଷିଜାତ ପଦାର୍ଥରେ ରପ୍ତାନିକାରୀ ରାଜ୍ୟ କରିପାରିଲେ ଓଡ଼ିଆ ଅସ୍ମିତା ବଢ଼ିବ।

ସପ୍ତମରେ, ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ପ୍ରାଚୀନ କାଳରୁ ବଶ୍ୱରେ ଓଡ଼ିଶା ଶିକ୍ଷାର ଉତ୍କର୍ଷଲାଭ କରିଥିଲା। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିଲା। ଆଜି ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ଉନ୍ନତି ହୋଇଛି ମାତ୍ର ରାଷ୍ଟ୍ରୀୟ ସ୍ତରରେ ବିଦ୍ୟାର୍ଥୀ ବାହାରିପାରୁ ନାହାନ୍ତି। ଆମ ଶିକ୍ଷାନୁଷ୍ଠାନରୁ ବିଶ୍ୱସ୍ତରର ବିଦ୍ୟାର୍ଥୀ ବାହାରିପାରିଲେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇବ।

ଅଷ୍ଟମରେ, ଓଡ଼ିଆ ଭାବୀପିଢ଼ିକୁ ଆମ ଐତିହ୍ୟ, ସଂସ୍କୃତି ଓ ଇତିହାସ ଉପରେ ସଚେତନ କରିବା। ନବମରେ, ଉପଯୁକ୍ତ ଭିତ୍ତିଭୂମି ସହିତ ପର୍ଯ୍ୟଟନସ୍ଥଳୀର ବିକାଶ କଲେ ଆମ ଅସ୍ମିତା ପ୍ରକାଶ ପାଇବ। ଦଶମରେ, ଦାଦନ ଶ୍ରମିକ ବୃଦ୍ଧି ଓଡ଼ିଆ ଅସ୍ମିତାକୁ ନ୍ୟୂନ କରୁଛି। ଏଣୁ ଓଡ଼ିଶାର ଅର୍ଥନୈତିକ ପ୍ରଗତି ହେଲେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇବ।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ**
**(ଭାରତ ସରକାର), ଭୁବନେଶ୍ୱର**
**ମୋ-୮୯୧୭୪୨୬୪୪୦**

## ଚିରନ୍ତନୀ

ନିସ୍ୱନ ନିଶୀଥ କୋଳେ
ଏକାକୀ ଏ ତରୁତଳେ
ଆସ ପ୍ରିୟେ, ଭୁଲିଯିବା ଆଜି ଏ ସଂସାର,
ସଂଶୟ ତରକ ଆଦି
କୁଟିଳ ଭ୍ରୂକୁଟୀ ବ୍ୟାଧି
ନାହିଁ ଗତି ଯହିଁକି ଗୋ ମାନବ ଭାଷାର ।
-(ଆଶ୍ଲେଷ ସ୍ୱର୍ଗ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀକ୍ଷେତ୍ର ଧର୍ମ ସମନ୍ୱୟର କ୍ଷେତ୍ର

ମହାଶୟ,

ଆମ ସାହିତ୍ୟ, ସଂସ୍କୃତି, ଇତିହାସ, କିମ୍ବଦନ୍ତୀ, ନୃତ୍ୟ, ସଙ୍ଗୀତ ଓ ଆଧ୍ୟାତ୍ମିକ ଚେତନାରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସୁସ୍ପଷ୍ଟ। ଯେଉଁ ମହାପୁରୁଷଙ୍କ ଆଗମନରେ ଶ୍ରୀକ୍ଷେତ୍ର ଅଧିକ ମହିମାମଣ୍ଡିତ ହୋଇଛି, ସେମାନଙ୍କ ମଧ୍ୟରେ ଉଲ୍ଲେଖନୀୟ ହେଉଛନ୍ତି ଆଦି ଶଙ୍କରାଚାର୍ଯ୍ୟ, ରାମାନୁଜ, ନିମ୍ବାକାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ମାଧବାଚାର୍ଯ୍ୟ, ତୁଳସୀ ଦାସ, କବିର, ରାମାନନ୍ଦ, ଶ୍ରୀଚୈତନ୍ୟ ଏବଂ ଗୁରୁନାନକ ପ୍ରମୁଖ। ମହାପ୍ରଭୁ ସର୍ବମଙ୍ଗଳ ଶ୍ରୀଜଗନ୍ନାଥ ବିଶ୍ୱକର୍ତ୍ତା। ସେ ଆମ ଗର୍ବ, ଗୌରବ ଓ ସ୍ୱାଭିମାନର ପ୍ରତୀକ। ମହାପ୍ରଭୁ ଶ୍ରୀଜଗନ୍ନାଥ ସବୁବେଳେ ଭକ୍ତବତ୍ସଳ। ମନୋବାଞ୍ଛା ସେ ସଦାସର୍ବଦା ପୂରଣ କରିଥାନ୍ତି। ସେ ଭକ୍ତଙ୍କ ଦ୍ୱାରା ବନ୍ଧାପଡ଼ନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଗୁଣାଶ୍ରୟ ସୃଷ୍ଟିର କୌଣସି ପ୍ରାଣୀଠାରୁ ସେ ବିଚ୍ଛିନ୍ନ ନୁହନ୍ତି। ଏଣୁ ଶ୍ରୀଜଗନ୍ନାଥ ଧାମ ପୁରୀର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉ। ଏହା ସହ ନୀତିକାନ୍ତିରେ ହେଉଥିବା ବ୍ୟତିକ୍ରମ ଦୂର କରାଯାଉ। ଯେଉଁ ପୂଜକମାନେ ଭକ୍ତମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି ସେମାନଙ୍କ ଉପରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉ।

**-ଦେବଦତ୍ତ ମିଶ୍ର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ମଦ୍ୟପାନ କର୍ମଚାରୀଙ୍କୁ ହତ୍ୟା ଘଟଣାରେ ୪ ଗିରଫ**

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଖାଙ୍କର): ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସିନଖମନ ଗାଁରେ ମଙ୍ଗଳବାର ରାତିରେ ସଂଘଟିତ ମଦ ଭାଟି କର୍ମଚାରୀ ସାରଦା ଯାଦବ (୨୫)ଙ୍କ ହତ୍ୟା ଘଟଣାରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶୁକ୍ରବାର ଖବରଦାତା ସମ୍ମିଳନୀ କରାଯାଇ ସବିଶେଷ ତଥ୍ୟ ଦିଆଯିବ ବୋଲି ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଜଣାଇଛନ୍ତି। ପ୍ରକାଶ ଯେ, ଏକ ଦେଶୀ ମଦଭାଟିର କର୍ମଚାରୀ ସାରଦାଙ୍କୁ ୪/୫ ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆଇଏଏସ୍ ଅଧିକାରୀ ଧୀମାନ୍ ଚକ୍‌ମାଙ୍କୁ ଜାମିନ

**କଟକ,୨୪।୭(କାର୍ତ୍ତିକ ସାହୁ)**

ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମାଙ୍କୁ ହାଇକୋର୍ଟ ଗୁରୁବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କାର ୨ ଜଣ ଜାମିନଦାରଙ୍କ ବଦଳରେ ସେ ଜାମିନରେ ଯାଇପାରିବେ ବୋଲି ସର୍ତ୍ତ ରହିଛି। ଏଥିସହ ସେ ସାକ୍ଷୀମାନଙ୍କୁ ପ୍ରଭାବିତ କରିବେ ନାହିଁ। ଭିଜିଲାନ୍ସକୁ ତଦନ୍ତର ସହଯୋଗ କରିବେ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ଏହି ମାମଲାରେ ତାଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଜାରି ରହିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ ୨୦୨୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଧୀମାନ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣେ ବ୍ୟବସାୟୀଙ୍କଠାରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ଚକ୍‌ମାଙ୍କୁ ନିଲମ୍ବନ କରିଥିଲେ। ଭିଜିଲାନ୍ସ ଚକ୍‌ମାଙ୍କ ଲିଙ୍କରେ ତ୍ରିପୁରା ଓ ହିମାଚଳ ପ୍ରଦେଶରେ ଛାନଭିନ କରିଥିଲା। ତ୍ରିପୁରାସ୍ଥିତ ଚକ୍‌ମାଙ୍କ ବାସଭବନରେ ଭିଜିଲାନ୍ସର ୩ଜଣିଆ ଟିମ୍ ପହଞ୍ଚି ତଦନ୍ତ କରିଥିଲା। ଏଥିସହ ହିମାଚଳ ପ୍ରଦେଶରେ ଥିବା ଶ୍ୱଶୁର ଘରେ ମଧ୍ୟ ଭିଜିଲାନ୍ସ ତଲାସି କରିଥିଲା। ବ୍ୟାଙ୍କ ଜମା, ନିବେଶ ଏବଂ ଅନ୍ୟାନ୍ୟ ଆର୍ଥିକ ଦଲିଲ ସଂଗ୍ରହ ଓ ଯାଞ୍ଚ ମଧ୍ୟ କରିଥିଲା ଭିଜିଲାନ୍ସ ଟିମ୍। ଭିଜିଲାନ୍ସ କୋର୍ଟରେ ପୂର୍ବରୁ ତାଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ଏହା ପରେ ସେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।

# କସ୍ତୁରବା ଗାନ୍ଧୀ ବାଳିକା ସେବାଶ୍ରମରେ ଜଳ ସଙ୍କଟ

**ଲୋଇସିଂହା,୨୪।୭(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲ୍ଲା ଲୋଇସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ସେବାଶ୍ରମରେ ଜଳ ସଙ୍କଟ ଦେଖାଦେଇଛି। ସେବାଶ୍ରମର ଛାତ୍ରୀଙ୍କ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଏହାକୁ ନେଇ ଅଭିଭାବକ ଓ ଛାତ୍ରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋଇସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଉକ୍ତ ସେବାଶ୍ରମରେ ୧୫୦ ଆବାସୀ ରହି ପାଠ ପଢୁଛନ୍ତି। ଏହାବାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୩ଟି ନଳକୂପ ଓ ଏକ ବୋରିଂ ରହିଛି। ହେଲେ ନଳକୂପ ଓ ବୋରିଂରେ ଆବଶ୍ୟକ ପାଣି ହେଉ ନ ଥିବାରୁ ଜଳ ସଙ୍କଟ ଦେଖାଦେଉଛି। ପାଇପ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହେଉନାହିଁ। ବିଭିନ୍ନ କାରଣରୁ ଅନେକ ସମୟରେ ଜଳ ଯୋଗାଣ ବନ୍ଦ ରହିଲେ ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରା ଛୁଟି ପରେ ଜୁନ ୨୧ରୁ ସ୍କୁଲ ଖୋଲିବା ପରଠାରୁ ଏହି ସମସ୍ୟା ଲାଗି ରହିଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଓ କସ୍ତୁରବା ଗାନ୍ଧୀ ସେବାଶ୍ରମ ଅନ୍ତେବାସୀଙ୍କ ସକାଳ ଓ ସନ୍ଧ୍ୟା ଭୋଜନ ପ୍ରସ୍ତୁତି କରିବା ପାଇଁ ପାଣି ଆବଶ୍ୟକ ପଡୁଛି। ଏହାଛଡ଼ା ଅନ୍ତେବାସୀଙ୍କ ସ୍ନାନ, ଶୌଚ ଆଦି ଲାଗି ପର୍ଯ୍ୟାପ୍ତ ପାଣି ଦରକାର ପଡୁଥିବାରୁ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ କସ୍ତୁରବା ଗାନ୍ଧୀ ସେବାଶ୍ରମ ଇନଚାର୍ଜ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପାଣି ସମସ୍ୟା ଥିବା ସ୍ୱୀକାର କରଛନ୍ତି। ଟ୍ୟାଙ୍କରରେ ପାଣି ଯୋଗାଣ ହେଲେ ଛାତ୍ରୀଛାତ୍ର ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ସମ୍ବଲପୁର,୨୪।୭(ପ୍ରମୋଦ ବହିଦାର)**



ଜିଲାପାଳଙ୍କୁ ଚାଷୀ ସୁରକ୍ଷା ସଙ୍ଗଠନ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି ।

**ଖରିଫ୍ ଋତୁରେ ନୂତନ ଚାଷୀ ପଞ୍ଜୀକରଣ ନୀତିକୁ ବିରୋଧ**

ଚଳିତ ଖରିଫ୍‌ରେ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପାଇଁ ସରକାରଙ୍କ ନୂତନ ନୀତିକୁ ବିରୋଧ କରିଛି ସମ୍ବଲପୁର ଚାଷୀ ସଙ୍ଗଠନ। ଏହାକୁ ନେଇ ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନର ସଦସ୍ୟମାନେ ଗୁରୁବାର ଅପରାହ୍ନରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଖରିଫ ଋତୁ ୨୦୨୫-୨୬ ଧାନ ବିକ୍ରୟ ପାଇଁ ନୂତନ ପଞ୍ଜୀକରଣ ନିୟମକୁ ସ୍ଥଗିତ କରି ପୁରୁଣା ନିୟମ ଅନୁଯାୟୀ କରିବା ପାଇଁ ଦାବି କରାଯାଇଛି। ସରକାରଙ୍କ ନୂତନ ଚାଷୀ ପଞ୍ଜୀକରଣ ନିୟମାବଳୀ ବିଶେଷ କରି କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀଙ୍କ ପାଇଁ ଅତ୍ୟନ୍ତ ଜଟିଳ ଓ କଷ୍ଟକର ହୋଇ ପଡ଼ିଛି। ଶାରୀରିକ ଅକ୍ଷମ ଓ ଶଯ୍ୟାଶାୟୀ ଚାଷୀଙ୍କ କ୍ଷେତ୍ରରେ ଇ-କେୱାଇସି ଆଦୌ ସମ୍ଭବ ନୁହେଁ। ଖରିଫ୍ ଋତୁ ପାଇଁ ଜୁଲାଇ ୧୯ରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ତେଣୁ ରାଜ୍ୟ ଓ ଦେଶ ବାହାରେ ଥିବା ଜମିମାଲିକମାନେ ସ୍ୱଳ୍ପ ସମୟ ମଧ୍ୟରେ ଏଠାକୁ ଆସି ଭାଗଚାଷୀଙ୍କ ସ୍ୱୀକୃତି ପତ୍ରରେ ସ୍ୱାକ୍ଷର କରିବା ସମ୍ଭବ ନୁହେଁ। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରୁଣା ପଞ୍ଜୀକରଣ ନୀତି ଅନୁଯାୟୀ ଅନୁମତି ପ୍ରଦାନ କରିବାକୁ ଚାଷୀ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଜିଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଉପସଭାପତି ବିପିନ ଭୋଇ ଓ ସୁଶାନ୍ତ ପଣ୍ଡା, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ଅଶ୍ୱିନୀ ହୋତା, ଶାନ୍ତନୁ ପ୍ରଧାନ, ଗଣେଶ ମହନ୍ତମ, ରାମଦାସ ପଣ୍ଡା, ଜୟନାରାୟଣ ପୃଷ୍ଟେଠ, ରାଧେଶ୍ୟାମ ପଣ୍ଡା, ନନ୍ଦଲାଲ ତ୍ରିପାଠୀ, କିଷାନ ବେହେରା, ସୁଧାଂଶୁ ପ୍ରଧାନ ପ୍ରମୁଖ ଜିଲାପାଳ ବୋନ୍ଦରଙ୍କୁ ତାଙ୍କ ପ୍ରକୋଷ୍ଠରେ କରିଥିଲେ।

## ହୀରାକୁଦ ମହାବିଦ୍ୟାଳୟରେ ଅନ୍ତଃ ଅଭିଯୋଗ କମିଟି କର୍ମଶାଳା

**ସମ୍ବଲପୁର,୨୪।୭(ବି.ଶଙ୍କର)**

ହୀରାକୁଦ ମହାବିଦ୍ୟାଳୟରେ ଅନ୍ତଃ ଅଭିଯୋଗ କମିଟିର ଏକଦିବସୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ସୁମିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଉକ୍ତ କମିଟିର ସଦସ୍ୟା ତଥା ବାଣିଜ୍ୟ ବିଭାଗ ଅଧ୍ୟାପିକା ଡ. ସ୍ମିତିଶିଖା ଗୁରୁ ପରିଚାଳନା କରିଥିଲେ। ଏଥିସହ ଅନ୍ତଃ ଅଭିଯୋଗ କମିଟିର ଆବଶ୍ୟକତା ଏବଂ କର୍ଯ୍ୟକାରିତା ବିଷୟରେ ଆଲୋଚନା କରିଥିଲେ । ଅଧ୍ୟକ୍ଷା ପଣ୍ଡା କାର୍ଯ୍ୟରତ ମହିଳା କର୍ମଚାରୀ, ଛାତ୍ରୀମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ କିପରି ଅଧିକ କ୍ରିୟାଶୀଳ ଏବଂ ସଫଳ କରାଯାଇ ପାରିବ ସେ ସମ୍ପର୍କରେ ମତ ରଖିଥିଲେ। କମିଟି ସଦସ୍ୟା ତଥା ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ଡ. ମଞ୍ଜୁଲତା ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ୨୦୧୩ ମସିହାରେ ଯୌନ ନିର୍ଯାତନା ନିବାରଣ ଆଇନ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୨୦୧୫ର ନିର୍ଦ୍ଦେଶନାମା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ । ଅନ୍ତଃ ଅଭିଯୋଗ କମିଟି ସଦସ୍ୟା ପୁଷ୍ପିତା ଗୁରୁଙ୍କ ସମସ୍ତ ଅଧ୍ୟାପିକା ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବୁର୍ଲାରେ ସମ୍ବଲପୁରୀ ଏକତା ମଞ୍ଚର ଶୁଭସ୍ତମ୍ଭ ସ୍ଥାପନ



ବୁର୍ଲା ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ ପଡିଆରେ ଶୁଭସ୍ତମ୍ଭ ସ୍ଥାପନ ଅବସରରେ କର୍ମକର୍ତ୍ତା।

**ସମ୍ବଲପୁର,୨୪।୭(ବି.ଶଙ୍କର)**

**ଅଗଷ୍ଟ ୧ରେ ସମ୍ବଲପୁର ଦିନ୍**

ଆସନ୍ତା ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ ପାଳନ କରାଯିବ। ଏଥିପାଇଁ ଗୁରୁବାର ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ବୁର୍ଲା ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ ପରିସରସ୍ଥ ପଡିଆରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପାଖରୁ ଆଜ୍ଞାମାଳ ଅଣାଯାଇ ଶୁଭସ୍ତମ୍ଭ ସ୍ଥାପନ ନୀତି ହୋଇଥିଲା । ଏହି ସ୍ଥାପନା କାର୍ଯ୍ୟରେ ଭିମସାରର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବ୍ରଜମୋହନ ମିଶ୍ର କର୍ତ୍ତା ଦାୟିତ୍ୱ ବହନ କରିଥିଲେ । ସମ୍ବଲପୁରୀ ଦିନ ଉପଲକ୍ଷେ ବିଦ୍ୟାଳୟ ପଡିଆରେ ସମ୍ବଲପୁରୀ ଖାଦ୍ୟ ଷ୍ଟଲଗୁଡିକରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ୱତଃ ପ୍ରବୃତ୍ତ ଭାବେ ବଣ୍ଟନ କରିବାକୁ ସ୍ଥିର କରିଛନ୍ତି । ଏତଦବ୍ୟତୀତ ଆଗାମୀ ୨୭ ତାରିଖ ରବିବାର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ବଲପୁରୀ ଲୋକ ସଂସ୍କୃତି ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ହେବ । ସେହିପରି ଅଗଷ୍ଟ ୧ ଅପରାହ୍ନ ୫ଟାରେ ସମ୍ବଲପୁରୀ ସଂସ୍କୃତି ଉପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦଳଗତ ନୃତ୍ୟ ପ୍ରତିଯୋଗିତା ହେବ ବୋଲି କାର୍ଯ୍ୟକ୍ରମ ଆୟୋଜନ କମିଟି ସାଧାରଣ ସମ୍ପାଦକ ଦେବାଶିଷ ନନ୍ଦ ସୂଚିତ କରିଛନ୍ତି ।

## କାଠ ଚୋରି ଉଦ୍ୟମ ବେଳେ ଧରାପଡ଼ିଲେ ଯୁବକ

**ସଇଁତଲା,୨୪।୭(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଗୋଳାବାରୁଦ କାରଖାନା ପରିସରରେ ଥିବା ଜଙ୍ଗଲରୁ ଗଛ କାଟି ଚୋରି କରୁଥିବା ବେଳେ ଜଣେ ଯୁବକ ଧରା ପଡିଛନ୍ତି। ରାତିରେ ଅନ୍ଧାରର ସୁଯୋଗ ନେଇ ବେପାରୀମାନେ କାଠ ଚୋରି କରୁଥିବା ଅଭିଯୋଗ ଥିଲା । କାରଖାନା ସୁରକ୍ଷା ବିଭାଗ ମୁଖ୍ୟ ସରୋଜ କୁମାର ବିଶ୍ୱାଳ ପାଟ୍ରୋଲିଂ କଡାକଡି କରିଥିଲେ। ଗୁରୁବାର ରାତି ପ୍ରାୟ ସାଢେ ୮ଟାରେ କାରଖାନା ପରିସରସ୍ଥିତ ସ୍ୱଚ୍ଛ ଜଳ ଯୋଗାଣ ପ୍ରକଳ୍ପ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ଥିବାରୁ ସନ୍ଦେହ ହୋଇଥିଲା। ବିଶ୍ୱାଳଙ୍କ ସହ ସୁରକ୍ଷା କର୍ମଚାରୀ ସେଠାକୁ ଯିବା ପରେ ବଡ ଖଇର ଗଛ କଟାଯାଇଥିବା ଦେଖିବାକୁ ମିଳିଥିଲା। ସୁରକ୍ଷା କର୍ମଚାରୀଙ୍କୁ ଦେଖି କାଠଚୋରମାନେ ସେଠାରୁ ଫେରାର ହୋଇଯାଇଥିବା ବେଳେ କର୍ମଚାରୀମାନେ ଜଣଙ୍କୁ ଧରିଥିଲେ। ଯୁବକ ଜଣକ ସମାଚୁଆଁ ଗ୍ରାମର ହୋଇଥିବା ବେଳେ ପିକ୍ ଅପ୍ ଭ୍ୟାନ ଛତିଶଗଡ ଅଞ୍ଚଳର ବୋଲି ଜଣାଯାଇଛି। କାରଖାନା କର୍ତ୍ତୃପକ୍ଷ ବନବିଭାଗକୁ ଖବର ଦେବା ସହ ଧରିଥିବା ଯୁବକ ଓ ଭ୍ୟାନ୍‌କୁ ବନବିଭାଗକୁ ହସ୍ତାନ୍ତର କରିଛି । ଏହି ଘଟଣାରେ ପିକ୍‌ଭ୍ୟାନ୍ ଜବତ ହୋଇଛି ।

# ହୀରାକୁଦ ଜଳଭଣ୍ଡାର: ଖୋଲିଲା ଆଉ ୪ ଗେଟ୍

**ସମ୍ବଲପୁର,୨୪।୭(ପ୍ରମୋଦ ବହିଦାର):** ଉପରମୁଣ୍ଡରେ ଅଧିକ ବର୍ଷାକୁ ଦୃଷ୍ଟିରେ ରଖି ରୁଲକର୍ଭ ଅନୁଯାୟୀ ଜଳପତ୍ତନର ସଠିକ ପରିଚାଳନା ପାଇଁ ଗୁରୁବାର ଅପରାହ୍ନରେ ହୀରାକୁଦ ଜଳଭଣ୍ଡାରର ଆହୁରି ୪ଟି ସ୍ଲୁଇସ୍ ଗେଟ୍‌କୁ ଖୋଲି ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଗୁରୁବାର ରାତି ୯ଟାର ସୂଚନା ଅନୁସାରେ ଜଳଭଣ୍ଡାର ଜଳସ୍ତର ୬୦୯.୨୯ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ୧ ଲକ୍ଷ ୧୦ହଜାର ୦୭୨ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୧ ଲକ୍ଷ ୫୭ ହଜାର ୭୦୬ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ବାମପାର୍ଶ୍ୱର ୫ ଓ ଦକ୍ଷିଣ ପାର୍ଶ୍ୱର ୩ଟି ମିଶି ମୋଟ୍ ୮ଟି ସ୍ଲୁଇସ୍ ଗେଟ୍‌ରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୧୮ ହଜାର ୪୭୨ ଘନଫୁଟ, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୪,୯୨୫ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ୍ ଏବଂ ଜଳ ସେଚନ ପାଇଁ ବରଗଡ଼ କେନାଲରେ ୩୩୩୬, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୧୦୯ ଘନଫୁଟ୍ ଜଳ ମିଶି ମୋଟ୍ ୪୦୭୫ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିମନ୍ତ୍ରଣ କକ୍ଷ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୩୪.୮୦ ମିଲିମିଟର ଓ ତଳମୁଣ୍ଡରେ ୧୧.୫୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

**୮ ସ୍ଲୁଇସ୍ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ**

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୨-୪୯-୨୫, ତାରିଖ: ୨୩।୦୭।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍‌ଜିଜି)/ଆଦ୍ରା, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: କ୍ର.ସଂ. ଓ ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ : (୧) ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୨-୨୫, ତାରିଖ: ୨୩।୦୭।୨୦୨୫; ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ସୋନାମୁଖୀ ଏବଂ ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ପୂର୍ବ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ୟାର୍ଡର ଉନ୍ନତୀକରଣ ସଂକ୍ରାନ୍ତରେ ପି.ୱେ କାର୍ଯ୍ୟର ନିର୍ବାହ; ₹୨,୦୨,୫୨,୧୯୭.୧୧ । (୨) ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୩-୨୫, ତାରିଖ: ୨୩।୦୭।୨୦୨୫; ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ସୋନାମୁଖୀ ଏବଂ ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ପୂର୍ବ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ୟାର୍ଡ ଉନ୍ନତୀକରଣ ସଂକ୍ରାନ୍ତରେ ବିବିଧ କାର୍ଯ୍ୟ ସହିତ କଂକ୍ରିଟ୍ ଡ୍ରେନ୍‌ର ନିର୍ମାଣ; ₹୭,୧୬,୯୦,୧୩୨.୬୧ । (୩) ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୪-୨୫, ତାରିଖ: ୨୩।୦୭।୨୦୨୫; ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ଗାରବେଟା ଏବଂ ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ବାଙ୍କୁରା/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ୟାର୍ଡର ଉନ୍ନତୀକରଣ ସଂକ୍ରାନ୍ତରେ ପି.ୱେ କାର୍ଯ୍ୟର ନିର୍ବାହ; ₹୩,୯୫,୯୦,୭୭୨.୩୩ । (୪) ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୫-୨୫, ତାରିଖ: ୨୩।୦୭।୨୦୨୫; ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ଗାରବେଟା ଏବଂ ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ବାଙ୍କୁରାଙ୍କ କ୍ଷେତ୍ରାଧିକାର ଅଧୀନରେ ୟାର୍ଡର ଉନ୍ନତୀକରଣ କାର୍ଯ୍ୟ ସଂକ୍ରାନ୍ତରେ ବିବିଧ କାର୍ଯ୍ୟ ସହିତ କଂକ୍ରିଟ୍ ଡ୍ରେନ୍‌ର ନିର୍ମାଣ; ₹୨,୭୭,୧୨,୬୮୬.୨୮ । (୫) ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୬-୨୫, ତାରିଖ: ୨୩।୦୭।୨୦୨୫; ଆଦ୍ରା ମଣ୍ଡଳରେ ମଣ୍ଡଳ ଯନ୍ତ୍ରୀ (ଉତ୍ତର)/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ (୧) ପୁରୁଲିଆ-କୋଟଶିଳା-ରାଜାବେରା, ଅନାରା-ଗୁରୁକନି, ମହୁଦା-ଚନ୍ଦ୍ରପୁରା ଏବଂ ଟିଟି ଲାଇନ୍ ସେକ୍ସନ ମଧ୍ୟରେ ୧୬ ଗୋଟି ଲେଭେଲ କ୍ରସିଂ ଫାଟକରେ ଗେଟ୍ ବ୍ୟାରିୟରକୁ ସ୍ଥାନାନ୍ତର କରି ଲେଭେଲ କ୍ରସିଂର ମାନକୀକରଣ, ଦୃଶ୍ୟମାନତା ବଢ଼ାଇବା, ସଡ଼କ ପୃଷ୍ଠ ଓ ଫାଟକ ଲକ୍ ମାନକୀକରଣ (୨) ବିପଦପ୍ରବଣ ସ୍ଥାନଗୁଡ଼ିକରେ ଏପରି ଘଟଣାଗୁଡ଼ିକୁ ପ୍ରତିରୋଧ କରିବା ପାଇଁ ଚଳନ୍ତା ରେଳଧାରଣାକୁ ସୁରକ୍ଷା ଦେବା ପାଇଁ ସଡ଼କର ବ୍ୟାରିକେଡିଂ/ଫେନ୍ସିଂ; ₹୩,୮୩,୮୦,୦୧୯.୧୬ । (୬) ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୭-୨୫, ତାରିଖ: ୨୩।୦୭।୨୦୨୫; ଆଦ୍ରା ମଣ୍ଡଳରେ ଭାରତୀୟ ରେଳବାଇର ୪୦ ଗୋଟି ବିଦ୍ୟମାନ ଫ୍ରେଟ୍ ୟାର୍ଡଗୁଡ଼ିକୁ ପ୍ରଯୁକ୍ତି ପରିଚାଳିତ ୟାର୍ଡ (ସ୍ମାର୍ଟ ୟାର୍ଡ)ରେ ରୂପାନ୍ତରଣ କରାଯିବା ସଂକ୍ରାନ୍ତରେ ସଡ଼କ, ସୀମା ପାଚେରି ଆଦି ଭଳି ଆନୁଷଙ୍ଗିକ କାର୍ଯ୍ୟ ସହ ନଲେଜ୍ ରୁମ୍ (୧୦ ମି x ୫ ମି)ର ନିର୍ମାଣ; ₹୪୦,୫୦,୬୯୮.୪୬ । (୭) ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୮-୨୫, ତାରିଖ: ୨୩।୦୭।୨୦୨୫; ଦ.ପୂ. ରେଳପଥର ଆଦ୍ରା ମଣ୍ଡଳରେ ଇଥାଇ ୱାର୍କିଂ ସିଷ୍ଟମ୍ ସହିତ ଚଉରାଶୀ ଓ ରାମକନାଲୀ ମଧ୍ୟରେ ବ୍ଲକ୍ ୱାର୍କିଂ ସିଷ୍ଟମ୍ ସହ ବ୍ଲକ୍ ଷ୍ଟେଶନ ଭାବେ ଚଉରାଶୀ ସାଇଡିଂର ରୂପାନ୍ତରଣ; ₹୩,୭୫,୯୫,୪୫୫.୭୭ । (୮) ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୯-୨୫, ତାରିଖ: ୨୩।୦୭।୨୦୨୫; ଦ.ପୂ. ରେଳପଥର ଆଦ୍ରା ମଣ୍ଡଳରେ କଟ୍ ଆଣ୍ଡ କଭର ପଦ୍ଧତି ଦ୍ୱାରା ଦାମୋଦର-ମୋହିଶିଳା ଏବଂ ରାମକନାଲି-ଚଉରାଶୀ ସେକ୍ସନ ମଧ୍ୟରେ ବିଭିନ୍ନ ଆକାରର ଆର୍‌ସିସି ବକ୍ସ ଦ୍ୱାରା ଅଣ ମାନକ ପାଇପ୍ ଓ ପଥର ସ୍ଲାବ୍ ବ୍ରିଜ୍‌ର ପ୍ରତିବଦଳ କରିବା; ₹୧୬,୮୦,୩୨,୩୮୧.୦୬ । ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ ହେଉଛି ତା୨୦।୦୮।୨୦୨୫ରିଖ ୧୫.୦୦ ଘଣ୍ଟିକା । ଉପରୋକ୍ତ ଇ-ଟେଣ୍ଡରଗୁଡ଼ିକର ବିବରଣୀ ୱେବ୍‌ସାଇଟ **www.ireps.gov.in** ରେ ଦେଖାଯାଇପାରିବ । (PR-438)

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୪୪ | **ବିଜ୍ଞାପନ** | ତା:୧୫।୦୭।୨୫

No. CAD-1239: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏସି.ଆର୍-୫୫, ବାଣିଜ୍ୟିକ ପ୍ରକଳ୍ପ ସହିତ ବାସଗୃହ, ସହିଦନଗର, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ପୁନମ ଦେବୀ ଲାଖୋଟିଆ, ସ୍ୱାମୀ: ଅଶୋକ କୁମାର ଲାଖୋଟିଆ, ସା: ପ୍ଲଟ ନଂ. ୨୪୧/୧୬, ଜି.ଟି. ରୋଡ, ଆଇ.ଏନ୍.ଆଇ-୧୭, ପୋ: ଲିଲୁହା, ଥାନା: ବଲି, ଜିଲ୍ଲା: ହାୱାଡ଼ା (ପଶ୍ଚିମବଙ୍ଗ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ପୁନମ ଦେବୀ ଲାଖୋଟିଆ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ କାଜଲ ପ୍ରଧାନ, ପିତା: ପ୍ରବୀର କୁମାର ପ୍ରଧାନ, ସା: ଜି.ଏ. ପ୍ଲଟ୍ ନଂ. ୨୧୬, ନୀଳାଦ୍ରି ବିହାର, ପୋ: ଶୈଳଶ୍ରୀ ବିହାର, ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0751/2526

**झारखण्ड सरकार**
**पथ निर्माण विभाग**
**कार्यपालक अभियन्ता का कार्यालय**
**पथ निर्माण विभाग, पथ प्रमण्डल, लातेहार**

(1st Call)
ई–प्रोक्योरमेंट सूचना
ई–टेन्डर रिफरेंस संख्या– RCD/LATEHAR /501/2025-26 दिनांक–19.07.2025

| | | |
|---|---|---|
| 1. | कार्य का नाम | बरवाडीह–मंडल–भंडरिया पथ (पार्ट–1, चैनेज 0.00 कि0मी0 से चैनेज 25.00 कि0मी0) (कुल लम्बाई–25.00 कि0मी0) के चौड़ीकरण एवं मजबूतीकरण / पुनर्निर्माण कार्य। |
| 2क. | प्राक्कलित राषि (रू0 में) | रू0 :– 92,79,60,147.00 (बानबे करोड़ उनासी लाख साठ हजार एक सौ सैतालीस रूपये) मात्र |
| 2ख. | बिड सिक्यूरिटी – (रू0 में) | रू0–92,80,000.00 (बानबे लाख अस्सी हजार) मात्र |
| 3. | कार्य पूर्ण करने की अवधि | 24 (चौबीस) माह |
| 4. | वेबसाईट पर निविदा प्रकाषन की तिथि | 01.08.2025 को पूर्वाह्न 10.30 बजे से |
| 5. | निविदा प्राप्ति की अंतिम तिथि एवं समय | 28.08.2025 को दोपहर 12.00 बजे तक |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियन्ता, पथ निर्माण विभाग, पथ प्रमंडल लातेहार, पिन कोड– 829206 |
| 7. | ई–प्रोक्योरमेंट पदाधिकारी का संपर्क संख्या | 06565–247907 |
| 8. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

नोट : निविदा की प्राक्कलित राशि घट–बढ़ सकती है।
निविदा की अन्य जानकारी http://jharkhandtenders.gov.in पर देखी जा सकती है।

कार्यपालक अभियन्ता
पथ निर्माण विभाग, पथ प्रमण्डल
लातेहार

PR 358036 (Road)25-26*D

**GOVERNMENT OF ODISHA** No.L-43
**OFFICE OF THE EXECUTIVE ENGINEER OF HORTICULTURE (NORTHERN ZONE)**
AT/PO - FARM ROAD, SAMBALPUR-768002 (email : eenzsbp@gmail.com)
Notice No. : 747 / EE / Hort / NZ / Dated : 22.07.2025
Bid Identification No. 05 / Hort / NZ / 2025-26 Date : 22.07.2025

| | | |
|---|---|---|
| 01 | Total Nos. of works | One |
| 02 | Estimated cost | Rs.1051530.18/- |
| 03 | Period of completion | 60 days |
| 04 | Date & Time of availability of bid document in the portal | From 10.00 Hrs. of 29.07.2025 to 17.00 Hrs. of 08.08.2025 |
| 05 | Last date & time of dropping of copies of uploaded documents, draft. affidavits, Schedules etc. in the tender box at the office of the undersigned at Farm Road, Sambalpur-768002 | From 11:00 A.M. of 08.08.2025 to Before 17.00 Hrs. of 14.08.2025 |
| 06 | Date & Time of Opening of bids | 10.30 A.M. of 18.08.2025 onwards |
| 07 | Name and Address of the officer inviting bid | Executive Engineer (Agril.), Northern Zone, Horticulture, At/Po-Farm Road, Sambalpur, Pin-768002 |

Further details can be seen from the website www.tendersodisha.gov.in

Sd./- Executive Engineer, (Agril.)
Northern Zone, Horticulture, Sambalpur
OIPR-01465/11/0013/2526

**OFFICE OF THE CDM & PHO-CUM-DISTRICT MISSION DIRECTOR, NHM, NABARANGPUR**
**ADVERTISEMENT**

No. : 7289 NHM/Nabarangpur Date : 23.07.2025

**No.E-256 :** The following contractual positions under Zilla Swasthya Samiti, Nabarangpur are filled up through walk-in-interview or inviting applications as mentioned against each. All the positions are purely temporary in nature, subject to renewal and co-terminus with the scheme as per the terms & conditions of OSH & FW Society. Lower age limit is 21 years as on dt- 01.07.2025

| Sl. No. | Category | Vacancy | Category | Base Remuneration | Remarks |
|---|---|---|---|---|---|
| 1 | Psychiatric Nurse | 01 | - | Rs.22,569/- + PI | Application requries to be submitted through regd. Post/Speed post only in the prescribed format on or before 18.08.2025 by 5.00 P.M. |
| 2 | DPMU Accountant/BAM | 01 | - | Rs.22,569/- + PI | |
| 3 | MO Ayush MHU | 01 | UR-1 | Rs.30,538/- + PI | |
| 4 | MO Ayush RBSK | 06 | BHMS:(M-ST-01, F-ST-04) BAMS (F-ST-01) | Rs.30,538/- + PI | |
| 5 | MO Ayush Co-located (Ayurvedic) | 11 | UR-08(F-01) ST-03(F-01) | Rs.30,538/- + PI | |
| 6 | MO Ayush Co-located (Homeopathic) | 07 | UR-01(F-01) ST-04(F-01) SC-02(F-01) | Rs.30,538/- + PI | |
| 7 | Consultant Medicine (NPHCE) | 01 | - | Rs.88,648/- + PI | WALK-IN-INTERVIEW ON Dt.05.08.2025 Office of CDM & PHO Nabarangpur Registration time 10.30 A.M. to 11.00 A.M. |
| 8 | Ophthalmic Surgeon (NPCB & VI) | 01 | - | Rs.88,648/- + PI | |
| 9 | Paediatrician DEIC | 01 | - | Rs.88,648/- + PI | |
| 10 | Medical Officer MBBS-DEIC | 01 | - | Rs.70,917/- + PI | |
| 11 | Medical Officer SNCU | 02 | - | Rs.70,917/- + PI | |

For the posts, as mentioned at **Serial No. 01 to 06**, the interested eligible candidates are required to submit application in the prescribed format along with copy of self- attested photocopies of required testimonials to the **CDM & PHO, Nabarangpur AT /PO-Mirganguda District:-Nabarangpur. PIN-764059 on or before dtd. 18.08.2025 up to 05.00 P.M through registered post/speed post only and the envelope of the application must be superscribed with the name of the post applied for. Incomplete application in any form shall be rejected.**

The interested candidates for the posts as at Serial No.07 to 11 may attend the **WALK-IN-INTERVIEW on dt- 05.08.2025** at the office chamber of CDM& PHO, Nabarangpur as per the scheduled date & time as mentioned against each. Candidates attending beyond the scheduled date & time shall not be entertained. The candidates must bring their original certificates along with their bio-data in specified format (same as application form) and a set of self- attested photocopies of required testimonials for verification.

The details eligibility criteria, remuneration & application form can be downloaded from the official website of Nabarangpur District i.e **www.nabarangpur.odisha.gov.in**. Incomplete application in any form and application received after the due date shall summarily be rejected. The undersigned reserves the right to cancel any or all the applications without assigning any reason thereof. The vacancy as mentioned may vary during the time of actual engagement.

Sd./- Chief District Medical & PHO cum-District Mission Director, NHM, Nabarangpur
OIPR-10164/11/0005/2526

**See Career Appointment on every Wednesday & Saturday**

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**
**ବିଜ୍ଞପ୍ତି**

No. ୨-୬୫: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା୧୮।୦୩।୨୦୨୫ରିଖ ସନ୍ଧ୍ୟା ସମୟରେ ୪ବର୍ଷ ବୟସର ଏକ ଶିଶୁ ପୁତ୍ର ନନ୍ଦନକାନନ ବଜାର ଅଞ୍ଚଳରେ ଏକୁଟିଆ ବୁଲୁଥିବା ଅବସ୍ଥାରେ ଜନୈକ ଭଦ୍ର ମହିଳା ଶିଶୁଟିକୁ ଉଦ୍ଧାର କରି ବାରଙ୍ଗ ଥାନା, କଟକ ଅନ୍ତର୍ଗତ ଗୋଡ଼ିସାହି ପୋଲିସ ଫାଣ୍ଡିକୁ ଜିମା ଦେଇଥିଲେ। ପରବର୍ତ୍ତୀ ସମୟରେ ଗୋଡ଼ିସାହି ଫାଣ୍ଡି ପୋଲିସ **ପୁଷ୍ପାକୁ** ମୁକ୍ତାଶ୍ରୟ କେନ୍ଦ୍ର, ବସୁନ୍ଧରା, କଟକରେ ଛାଡ଼ିଥିଲେ। ଶିଶୁ ମଙ୍ଗଳ କମିଟି, କଟକଙ୍କ ନିର୍ଦ୍ଦେଶନାମା ନଂ. ୦୬୮/୨୦୨୫, ତା୧୯।୦୩।୨୦୨୫ ଅନୁଯାୟୀ ମୁକ୍ତାଶ୍ରୟ କେନ୍ଦ୍ର, ବସୁନ୍ଧରାରେ କିଛିଦିନ ରହିଲା ପରେ ଶିଶୁ ମଙ୍ଗଳ କମିଟି, କଟକଙ୍କ ଚିଠି ନଂ. ୩୫୧/୨୦୨୫ ତା୨୩।୦୫।୨୦୨୫ ଅନୁଯାୟୀ ଶିଶୁଟି ବର୍ତ୍ତମାନ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହିଅଛି। ଶିଶୁଟି ତା'ର ନାମ ପୁଷ୍ପା @ ମଧୁ ବୋଲି କହୁଅଛି। ଯଦି ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଅନ୍ୟ କେହି ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦକ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ – ୭୫୪୦୭୧, ଫୋନ୍ ନଂ. ୯୭୭୭୬୪୪୦୦୬କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟ ସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁ ପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ। ପରନ୍ତୁ ଶିଶୁ ପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ – ୨୦୧୫ (ସଂଶୋଧିତ – ୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ।



ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ
OIPR-33038/11/0033/2526

**S.V. GOVT. SCHOOL OF ART & CRAFTS**
(+2 VOCATIONAL JUNIOR COLLEGE)
MAIN ROAD, PO : JEYPORE, PH : (06854) 230041,
PIN NO. : 764001, ODISHA
(Affiliated to Council of Higher Secondary Education, Odisha, Bhubaneswar)
Letter No. : 159/2025 (i) Date : 16.07.2025

**ADVERTISEMENT**

**No.RR-10** : Applications are invited from eligible candidates with self-attested photocopy of the certificates and marksheet of all examinations starting from HSC onwards along with latest Character Certificate from any Gazetted officer for the post of Guest faculties in S.V. Govt. School of Art & Crafts, Jeypore for the session 2025-26 as following subjects.

1. Guest Instructor, Graphic Art (01)
2. Guest Instructor, Painting (01)
3. Guest Instructor in Applied Art/Commercial Art (01)
4. Guest Craft Teacher (01)
in Traditional Art and Crafts

**Qualification :** A candidate must have Bachelor's Degree in Fine Art - Graphic Art, Painting, Applied Art/Commercial Art, Traditional Art & Crafts in the concerned subject from any recognised Govt. Art Colleges.

Applications in the following proforma complete in all respect documents should reach the office of the **Instructor, S.V. Govt. School of Art & Crafts, Main Road, Jeypore, Koraput-764001 by Regd. post / speed post within 20days of publishing of this advertisement.**

The Applicant will have superscribe **"Application for the post of Instructor in Graphic Art/ Painting/ Applied Art/Crafts Teacher"** on the top of the envelope. No application will be received after the last date is mentioned.

**Terms & Conditions :** The engagement of the Guest faculties is purely temporary and may be terminated at any time without giving any notice or assigning any reason thereof. Selection of the candidate by the selection committee is final and binding. The engagement will not confirm any right for regular appointment in future.

The date and time of interview will be notified later in the Notice board of Art School, Jeypore and communicated in their mobile Nos. /e-mail ids. According the applicants will have to attend the interview in the scheduled venue with their original certificates. No TA/DA will be paid to the candidate for attending the interview.

For further details, the candidates may contact the Instructor, S.V. Govt. School of Art & Crafts, Jeypore, Koraput Mobile No- **9078994830/9438221159.**

Sd./- Instructor,
S.V. Govt. School of Art & Crafts,
Jeypore (K), Odisha-764001
OIPR-03032/11/0002/2526

# ଅଷ୍ଟ୍ରେଲିଆରେ ହିନ୍ଦୁ ମନ୍ଦିରର ବିକୃତୀକରଣ

ମେଲ୍‌ବର୍ନ,୨୪ା୭(ପି.ଟି.)

ଅଷ୍ଟ୍ରେଲିଆର ମେଲ୍‌ବର୍ନଠାରେ ଥିବା ଗୋଟିଏ ହିନ୍ଦୁ ମନ୍ଦିର ଏବଂ ଦୁଇଟି ଏସୀୟ ରେଷ୍ଟୁରାଣ୍ଟରେ ବର୍ଣ୍ଣବୈଷମ୍ୟ ଭିତ୍ତିଚିତ୍ର କରାଯାଇ ସେଗୁଡ଼ିକୁ ବିକୃତ କରାଯାଇଛି। ଏହାକୁ ନେଇ ଅଷ୍ଟ୍ରେଲିଆରେ ଥିବା ହିନ୍ଦୁମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ସୋମବାର ସକାଳେ ମେଲ୍‌ବର୍ନର ଓ୍ୱାର୍ଡ଼୍ସ ଡ୍ରାଇଭ୍‌ରେ ଥିବା ଶ୍ରୀ ସ୍ୱାମୀନାରାୟଣନ ମନ୍ଦିର କାନ୍ଥରେ ବର୍ଣ୍ଣବୈଷମ୍ୟ ଆଧାରିତ ଗାଳିଗୁଲଜ ନାଲି ରଙ୍ଗରେ ଲେଖାଯାଇଛି। ସେହିପରି ବୋରୋନିଆ ରୋଡ୍‌ରେ ଥିବା ୨ଟି ରେଷ୍ଟୁରାଣ୍ଟରେ ମଧ୍ୟ ଅନୁରୂପ ଲେଖାଯାଇଥିବା ସ୍ଥାନୀୟ ଓ୍ୱେବ୍ ପୋର୍ଟାଲରେ ଦେଖିବାକୁ ମିଳିଛି। ଆମ ସମାଜରେ ଘୃଣା ଆଧାରିତ ତଥା ବର୍ଣ୍ଣବୈଷମ୍ୟ ବ୍ୟବହାରର କୌଣସି ସ୍ଥାନ ନାହିଁ ବୋଲି ଭିକ୍ଟୋରିଆ ପୋଲିସ କହିଛି। ଅନ୍ୟପକ୍ଷରେ ଏହାର ଆମ ପରିଚୟ, ଉପାସନା କରିବା ଅଧିକାର ଏବଂ ଧର୍ମୀୟ ସ୍ୱାଧୀନତା ଉପରେ ଆକ୍ରମଣ ବୋଲି ଅଷ୍ଟ୍ରେଲିଆର ହିନ୍ଦୁ ପରିଷଦ ଅଧ୍ୟକ୍ଷ ମକରନ୍ଦ ଭଗଓ୍ୱତ କହିଛନ୍ତି।

# ଜାତୀୟ ରାଜପଥ ଦୁର୍ଘଟଣା: ୬ ମାସରେ ୨୬,୭୭୦ ମୃତ

ନୂଆଦିଲ୍ଲୀ,୨୪ା୭

ଚଳିତ ବର୍ଷର ପ୍ରଥମ ୬ ମାସରେ ଜାତୀୟ ରାଜପଥରେ ଘଟିଥିବା ଦୁର୍ଘଟଣାରେ ମୋଟ ୨୬,୭୭୦ ଜଣଙ୍କ ମୃତ୍ୟୁ ହୋଇଛି। କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର ପାର୍ଲାମେଣ୍ଟକୁ ଏହା ଜଣାଇଛନ୍ତି। ରାଜ୍ୟ ସଭାରେ ଏକ ଲିଖିତ ଉତ୍ତର ଦେଇ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ କହିଛନ୍ତି, ୨୦୨୪ରେ ଜାତୀୟ ରାଜପଥରେ ମୋଟ ୫୨,୬୦୯ଟି ମରଣାନ୍ତକ ଦୁର୍ଘଟଣା ଘଟିଥିଲା। ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଜାତୀୟ ରାଜପଥ ଏବଂ ଏକ୍ସପ୍ରେସ୍‌ୱେର ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା (ଏଟିଏମ୍‌ଏସ୍) ଲଗାଇଛନ୍ତି। ଏହା ଗାଡ଼ିଗୁଡ଼ିକର ବେଗ ଜାଣିବା ସହ ହାଇୱେରେ ଗାଡ଼ି ଚଳାଚଳ ଉପରେ ନଜର ରଖିଥାଏ। ଫଳରେ ଦୁର୍ଘଟଣା ସ୍ଥଳରେ ତୁରନ୍ତ ସହାୟତା ପହଞ୍ଚିପାରୁଥିବା ଗଡ଼କରୀ କହିଛନ୍ତି।

## ଥାଇଲାଣ୍ଡ, କାମ୍ବୋଡିଆ ସୀମା ବିବାଦ

# ସେନା ସଂଘର୍ଷରେ ୧୧ ମୃତ

ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସୀମାକୁ ନେଇ ରହିଆସିଥିବା ଦୀର୍ଘ ବିବାଦ ଗୁରୁବାର ନାଟକୀୟ ଭାବେ ପୁଣି ସଂଘର୍ଷର ରୂପ ନେଇଛି। କାମ୍ବୋଡିଆ ପ୍ରଥମେ ରକେଟ ମାଡ଼ କରିଥିବା ଅଭିଯୋଗ ଆଣି ଏହାର ସେନା ଶିବିରଗୁଡ଼ିକ ଉପରେ ଥାଇଲାଣ୍ଡ ସୈନ୍ୟ ଏୟାରଷ୍ଟ୍ରାଇକ୍ କରିଛନ୍ତି। ଫ୍ରାନ୍ସ ୧୯୫୩ ପର୍ଯ୍ୟନ୍ତ କାମ୍ବୋଡିଆକୁ ନିଜ ଦଖଲରେ ରଖିବା ପରେ ଏହାର ସୀମା ନିର୍ଦ୍ଧାରଣ କରିଥିଲା। ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ୮୧୭ କି.ମି. ବିସ୍ତୃତ ସୀମାକୁ ନେଇ ଜାତୀୟତାବାଦୀ ଭାବାବେଗ ଅନେକ ଥର ବିବାଦ ସୃଷ୍ଟି ହୋଇଛି। ଗତ ମେ'ରେ ସୀମାନ୍ତରେ ଜଣେ କାମ୍ବୋଡିଆ ସୈନ୍ୟ ନିହତ ହେବା ପରେ ଦୁଇଦେଶ ମୁହାଁମୁହିଁ ହୋଇଥିଲେ। ଏହା ପରଠୁ ଉଭୟ ଦେଶର ସରକାର ମଧ୍ୟ 'ଯେସାକୁ ତେସା' ନୀତି ଆପଣାଇବାରୁ ସ୍ଥିତି ସଙ୍ଗିନ ଆଡ଼କୁ ଗତି କରୁଛି। ଥାଇଲାଣ୍ଡ କାମ୍ବୋଡିଆ ଉପରେ ସୀମା କଟକଣା ଜାରି କରିଛି। ଅନ୍ୟପକ୍ଷେ କମ୍ବୋଡିଆ ପଡ଼ୋଶୀ ଥାଇଲାଣ୍ଡରୁ ଫଳ, ପରିବା ଆଦି ଆମଦାନୀ ଓ ସେଠାକାର ଫିଲ୍ମ ପ୍ରଦର୍ଶନ ଉପରେ ବ୍ୟାନ୍ ଲଗାଇଛି। ଏଭଳି ସ୍ଥିତିରେ ରାଜନୈତିକ ଓ କୂଟନୈତିକ ଉତ୍ତେଜନା ପ୍ରକାଶ ପାଇ ସୀମା ବିବାଦ ଉଗ୍ରରୂପ ଧାରଣ କରିଛି।


ସୀମାନ୍ତରେ କାମ୍ବୋଡିଆ ସୈନ୍ୟ ବିଏମ୍-୨୧ ରକେଟ ଲଞ୍ଚର ରିଲୋଡ୍ କରୁଛନ୍ତି।

ବ୍ୟାଙ୍କକ,୨୪ା୭

ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସୀମା ବିବାଦ ବଢ଼ୁଥିବାବେଳେ ଗୁରୁବାର ୨ ଦେଶର ସୈନ୍ୟ ସୀମାବର୍ତ୍ତୀ ୬ଟି ସ୍ଥାନରେ ପରସ୍ପର ସହ ମୁହାଁମୁହିଁ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସଂଘର୍ଷ ବେଳେ ଅନ୍ୟୂନ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ନାଗରିକ ବୋଲି ଜଣାପଡ଼ିଛି। ୨ ଦେଶର ସେନା ପରସ୍ପରକୁ ଛୋଟ ଅସ୍ତ୍ରଶସ୍ତ୍ର, ତୋପ ଏବଂ ରକେଟରେ ଆକ୍ରମଣ କରିଥିବାବେଳେ ଥାଇଲାଣ୍ଡ ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଥିଲା।

ବୁଧବାର ସୀମାରେ ଏକ ମାଇନ୍ ବିସ୍ଫୋରଣରେ ଥାଇଲାଣ୍ଡର ୫ ସୈନ୍ୟ ଆହତ ହୋଇଥିଲେ। ଏହାପରେ ବ୍ୟାଙ୍କକ୍ କାମ୍ବୋଡିଆରୁ ଏହାର ରାଷ୍ଟ୍ରଦୂତଙ୍କୁ ପ୍ରତ୍ୟାହାର କରିନେବା ସହ କାମ୍ବୋଡିଆ ରାଷ୍ଟ୍ରଦୂତଙ୍କୁ ବହିଷ୍କାର କରିଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ବଢ଼ିବା ସହ ଗୁରୁବାର ସକାଳେ ସଂଘର୍ଷ ଆରମ୍ଭ ହୋଇଥିଲା। ଥାଇଲାଣ୍ଡ ସୀମାନ୍ତ ଅଞ୍ଚଳର ଲୋକମାନେ ଘରଦ୍ୱାର ଛାଡ଼ି ପଳାଇଯାଉଥିବା ଭିଡିଓରୁ ଦେଖିବାକୁ ମିଳିଛି। ଥାଇଲାଣ୍ଡ ଏହାର ସମସ୍ତ ସ୍ଥଳ ସୀମାକୁ ସିଲ୍ କରିଦେବା ସହ କାମ୍ବୋଡିଆ ନ ଯିବା ପାଇଁ ଏହାର ନାଗରିକମାନଙ୍କୁ ପରାମର୍ଶ ଦେଇଛି।

ଏହି ଦକ୍ଷିଣପୂର୍ବ ଏସୀୟ ଦେଶ ମଧ୍ୟରେ ଦୀର୍ଘଦିନ ଧରି ସୀମା ବିବାଦ ଲାଗି ରହିଛି। ଏହାକୁ ନେଇ ବିଭିନ୍ନ ସମୟରେ ସୀମାରେ ଦୁଇ ଦେଶର ସୈନ୍ୟ ମୁହାଁମୁହିଁ ହେବା ସହ ଗୁଳିବିନିମୟ ହୋଇଥାଏ। ତେବେ ଗତ ମେ' ମାସରେ ଘଟିଥିବା ସଂଘର୍ଷରେ କାମ୍ବୋଡ଼ିଆର ଜଣେ ସୈନ୍ୟ ନିହତ ହୋଇଥିଲେ। ଏହାପରେ ୨ ଦେଶର ସମ୍ପର୍କରେ ଦ୍ରୁତ ଅବନତି ଘଟିଥିବାବେଳେ ଗୁରୁବାର ବଡ଼ଧରଣର ସଂଘର୍ଷ ଘଟିଛି। କାମ୍ବୋଡ଼ିଆ ସୈନ୍ୟ ପ୍ରଥମେ ଗୁଳି ଚଳାଇଲେ ବୋଲି ଥାଇଲାଣ୍ଡ ସେନା କହିଛି। ଅନ୍ୟପକ୍ଷରେ କାମ୍ବୋଡ଼ିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାକୁ ଖଣ୍ଡନ କରି ଥାଇଲାଣ୍ଡ ପ୍ରଥମେ ଡ୍ରୋନ୍ ଛାଡ଼ିବାରୁ ଏହାକୁ ଗୁଳି କରାଯାଇଥିଲା ବୋଲି କହିଛି।

# ଅନିଲ ଅମ୍ବାନୀଙ୍କ କମ୍ପାନୀ ଉପରେ ଇଡି ଚଢ଼ାଉ

## ୩,୦୦୦ କୋଟିର ବ୍ୟାଙ୍କ ଋଣ ଜାଲିଆତି

ମୁମ୍ବାଇ,୨୪ା୭(ପି.ଟି.)

୩,୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ଜାଲିଆତି ସହ ମନିଲଣ୍ଡରିଂ ମାମଲାର ସମ୍ପୃକ୍ତି ନେଇ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ୍ କମ୍ପାନୀଗୁଡ଼ିକ ଉପରେ ଚଢ଼ାଉ କରିଛି। ଅଘୋଷିତ ବିଦେଶୀ ସମ୍ପତ୍ତି ଥିବା ଏହି କମ୍ପାନୀଗୁଡ଼ିକ ଅଧିକ ବ୍ୟାଙ୍କ ଋଣ ନେଇଥିବା ଇଡି ନଜରକୁ ଆସିଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ଇଡିର ନୂଆଦିଲ୍ଲୀ ଶାଖା ପକ୍ଷରୁ ୫୦ଟି କମ୍ପାନୀ ଏବଂ ୨୫ ଜଣ ସମ୍ପୃକ୍ତ ଥିବା ମୁମ୍ବାଇର ୩୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରାଯାଇଛି।

୨୦୧୭ରୁ ୨୦୧୯ ମଧ୍ୟରେ ୟେସ୍ ବ୍ୟାଙ୍କ ଅନିଲ ଅମ୍ବାନୀଙ୍କ ଗ୍ରୁପ୍ ଅଫ୍ କମ୍ପାନୀକୁ ଦେଇଥିବା ଋଣରୁ ୩,୦୦୦ କୋଟି ଟଙ୍କା ବେଆଇନ ଭାବେ ଅନ୍ୟ ସଂସ୍ଥାକୁ ସ୍ଥାନାନ୍ତର କରାଯାଇଥିବା ନେଇ ଇଡି ତଦନ୍ତ ଚଳାଇଛି। ତେବେ ଇଡି କାର୍ଯ୍ୟାନୁଷ୍ଠାନ ସେମାନଙ୍କ ବ୍ୟବସାୟିକ କାର୍ଯ୍ୟ, ଆର୍ଥିକ ପ୍ରଦର୍ଶନ, ଅଂଶୀଦାର, କର୍ମଚାରୀ କିମ୍ବା ଅନ୍ୟ ଷ୍ଟେକ୍‌ହୋଲ୍ଡରମାନଙ୍କ ଉପରେ ଆଦୌ ପ୍ରଭାବ ପକାଇବ ନାହିଁ ବୋଲି ରିଲାଏନ୍ସ ପାୱାର ଏବଂ ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍ଚର ପକ୍ଷରୁ କୁହାଯାଇଛି।

# ବିହାର ଏସ୍‌ଆଇଆର୍ ଉପରେ ବିତର୍କକୁ କେନ୍ଦ୍ରର ନା

## ଚତୁର୍ଥ ଦିନରେ ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି

ନୂଆଦିଲ୍ଲୀ,୨୪ା୭

ନିର୍ବାଚନ ହେବାକୁ ଯାଉଥିବା ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ବିପକ୍ଷ ଦଳଗୁଡ଼ିକ ପାର୍ଲାମେଣ୍ଟର ଉଭୟ ଗୃହରେ ହଟ୍ଟଗୋଳ ଜାରି ରଖିଥିବାବେଳେ ଏହା ଉପରେ ଆଲୋଚନା ପାଇଁ ସେମାନଙ୍କ ଦାବି ଗ୍ରହଣ କରିବାକୁ ସରକାର ପ୍ରସ୍ତୁତ ନୁହନ୍ତି। ଭୋଟର ତାଲିକା ସଂଶୋଧନ ଭାରତର ନିର୍ବାଚନ କମିଶନଙ୍କ କାର୍ଯ୍ୟ, ଏହା କେନ୍ଦ୍ରର ନୁହେଁ ବୋଲି ଏକ ସରକାରୀ ସୂତ୍ରରୁ କୁହାଯାଇଛି। ନିର୍ବାଚନ କମିଶନଙ୍କ ତରଫରୁ ସରକାର କହିପାରିବେ ନାହିଁ ବୋଲି ଜଣେ ଶୀର୍ଷ ସରକାରୀ ଅଧିକାରୀ କହିଛନ୍ତି। ନିର୍ବାଚନ କମିଶନଙ୍କ ବୈଷୟିକ କାର୍ଯ୍ୟ ଉପରେ ହସ୍ତକ୍ଷେପ କରିବା କିମ୍ବା ବିଚାରବିମର୍ଶ କରିବା ପାର୍ଲାମେଣ୍ଟ ପରିସରଭୁକ୍ତ ନୁହେଁ ବୋଲି ସରକାର କହିଛନ୍ତି।

ବିହାର ଏସ୍‌ଆଇଆର୍ ପ୍ରତ୍ୟାହାର ଦାବିରେ ଗୁରୁବାର ରାଜ୍ୟ ସଭାରେ ବିରୋଧୀ ଏମ୍‌ପିମାନେ ନାରାବାଜି ଜାରି ରଖିବା ସହ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବାରୁ ଗୃହକୁ ପ୍ରଥମେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏବଂ ପରେ ସମ୍ପୂର୍ଣ୍ଣ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ସେହିପରି ବିହାର ଭୋଟର ତାଲିକା ସଂଶୋଧନ ପ୍ରତ୍ୟାହାର ଦାବିରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଲୋକ ସଭା ମଧ୍ୟ କ୍ରମାଗତ ଚତୁର୍ଥ ଦିନ ପାଇଁ ମୁଲତବୀ ରହିଛି।



ବିହାର ଏସ୍‌ଆଇଆର୍‌କୁ ବିରୋଧ କରି ପାର୍ଲାମେଣ୍ଟ ପରିସରରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସମେତ ଇଣ୍ଡିଆ ବ୍ଲକ୍ ଏମ୍‌ପିମାନେ ବିକ୍ଷୋଭ କରୁଛନ୍ତି।

# ଇଣ୍ଡିଆନ ଏୟାରଲାଇନ୍ସ: ୭ ମାସରେ ୧୮୩ ବୈଷୟିକ ତ୍ରୁଟି

ନୂଆଦିଲ୍ଲୀ, ୨୪ା୭

ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଭାରତର ୫ ଏୟାରଲାଇନ୍ସର ବିମାନରେ ୧୮୩ ଥର ବୈଷୟିକ ସମସ୍ୟା ଦେଖାଦେଇଥିବା ନେଇ ବୁଧବାର ପାର୍ଲାମେଣ୍ଟକୁ ସରକାର ଅବଗତ କରାଇଛନ୍ତି। ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତରରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ ସୂଚନା ଦେଇ କହିଛନ୍ତି, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନରେ ୮୫ ଥର ବୈଷୟିକ ସମସ୍ୟା ଦେଖାଦେଇଥିବାବେଳେ ଇଣ୍ଡିଗୋ ବିମାନରେ ୬୨, ଅକସା ଏୟାର ବିମାନରେ ୨୮ ଥର ବୈଷୟିକ ତ୍ରୁଟି ସମସ୍ୟା ଦେଖାଦେଇଛି। ସ୍ପାଇସ୍‌ଜେଟ ବିମାନରେ ୭ ଥର ଯାନ୍ତ୍ରିକ ତ୍ରୁଟି ସମସ୍ୟା ଦେଖାଦେଇଛି। ତେବେ ଗତ ଜୁନ୍ ୧୨ରେ ଅହମଦାବାଦରେ ଭୟାବହ ବିମାନ ଦୁର୍ଘଟଣା ଘଟିଥିବାବେଳେ ଏହାର ଠିକ୍ ୪ ଦିନ ପରେ ଜୁନ୍ ୧୬ରେ ଏୟାର ଇଣ୍ଡିଆର ୧୧୨ ପାଇଲଟ ଜ୍ୱରଜନିତ ଛୁଟି ନେଇଥିଲେ। ସେମାନଙ୍କ ମଧ୍ୟରୁ ୫୧ ଜଣ କମାଣ୍ଡର (ପି୧) ଏବଂ ୬୧ ଜଣ ଫାଷ୍ଟ ଅଫିସର (ପି୨) ର୍‍ୟାଙ୍କର ହୋଇଥିବା ସେ ସୂଚନା ଦେଇଛନ୍ତି।

# ବିହାର: ଲକ୍ଷେ ମତଦାତାଙ୍କ ଖୋଜଖବର ନାହିଁ

ନୂଆଦିଲ୍ଲୀ,୨୪ା୭(ପି.ଟି.)

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପାଇଁ ୭.୧୭ କୋଟି ଲୋକ ଫର୍ମ ଭରିଥିବାବେଳେ ଲକ୍ଷେ ଭୋଟରଙ୍କ ପତ୍ତା ମିଳୁ ନ ଥିବା ନିର୍ବାଚନ କମିଶନ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ଭୋଟରଙ୍କ ମୃତ୍ୟୁ ହୋଇଥିବାବେଳେ ୨୮ ଲକ୍ଷ ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି। ୧୫ ଲକ୍ଷ ଭୋଟରଙ୍କ ଏନୁମେରେଶନ ଫର୍ମ ଫେରିନାହିଁ।

# ହାଇକୋର୍ଟ ରାୟ ସୁପ୍ରିମକୋର୍ଟରେ ସ୍ଥଗିତ

## ୭/୧୧ ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲା

ନୂଆଦିଲ୍ଲୀ, ୨୪ା୭

୨୦୦୬ ଜୁଲାଇ ୧୧ରେ ହୋଇଥିବା ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲାରେ ଗତ ସୋମବାର ମହାରାଷ୍ଟ୍ର ହାଇକୋର୍ଟ ୧୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିଲେ। ବମ୍ବେ ହାଇକୋର୍ଟଙ୍କ ଏହି ରାୟ ଉପରେ ଗୁରୁବାର ସର୍ବୋଚ୍ଚ ଅଦାଲତ ରୋକ୍ ଲଗାଇଛନ୍ତି। ଜଷ୍ଟିସ୍ ଏମ୍. ଏମ୍. ସୁନ୍ଦରେଶ ଏବଂ ଜଷ୍ଟିସ୍ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ୭/୧୧ ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲାରେ ୧୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ ନେଇ ଗତ ସୋମବାର ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ ଅନ୍ୟ ମାମଲାଗୁଡ଼ିକରେ ଉଦାହରଣ ଭାବେ ବିବେଚନା କରାଯିବ ନାହିଁ। ତେଣୁ ଉକ୍ତ ରାୟକୁ ସ୍ଥଗିତ ରଖାଯାଇଛି। ତେବେ ହାଇକୋର୍ଟଙ୍କ ଦ୍ୱାରା ଦୋଷମୁକ୍ତ ହୋଇଥିବା ୧୨ ଅଭିଯୁକ୍ତଙ୍କୁ ଜେଲ ମୁକୁଳିବା ଉପରେ ରୋକ ଲଗାଇବା ନେଇ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ସମସ୍ତ ଅଭିଯୁକ୍ତ ଜେଲରୁ ମୁକୁଳି ସାରିଛନ୍ତି। ତେଣୁ ସେମାନଙ୍କୁ ପୁଣି ଜେଲ ପଠାଇବାର ପ୍ରଶ୍ନ ଉଠୁନାହିଁ। ତେବେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ ନେଇ ବମ୍ବେ ହାଇକୋର୍ଟଙ୍କ ରାୟ ବିବାଦୀୟ ଥିଲା। ଉକ୍ତ ରାୟକୁ ଅନ୍ୟ ମାମଲାରେ ଉଦାହରଣ ଭାବେ ବିବେଚନା କରାଯିବ ନାହିଁ। ତେଣୁ ଏକ ସୀମିତ ସୀମା ପର୍ଯ୍ୟନ୍ତ ଉକ୍ତ ରାୟ ଉପରେ ରୋକ୍ ଲଗାଯାଇଛି। ପ୍ରକାଶ ଯେ, ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ଘଟଣାରେ ୧୮୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୮୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ଘଟଣାରେ ମୁମ୍ବାଇ ଆଣ୍ଟି ଟେରୋରିଜମ୍ ସ୍କ୍ୱାଡ୍ ୧୩ ଜଣଙ୍କୁ ଅଭିଯୁକ୍ତ କରିଥିବାବେଳେ ୨୦୧୫ରେ ମହାରାଷ୍ଟ୍ର କଣ୍ଟ୍ରୋଲ ଅଫ୍ ଅର୍ଗାନାଇଜଡ୍ କ୍ରାଇମ୍ ଆକ୍ଟ (ଏମ୍‌ସିଓସିଏ) କୋର୍ଟ ସେଥିମଧ୍ୟରୁ ୧୨ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଜଣଙ୍କୁ ଦୋଷମୁକ୍ତ କରିଥିଲେ। ଏମ୍‌ସିଓସିଏ କୋର୍ଟ ୫ ଜଣଙ୍କୁ ଫାଶୀ ଏବଂ ୭ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ଦୁର୍ବଳ ସାକ୍ଷୀ ଏବଂ ପ୍ରମାଣ ଅଭାବରୁ ସୋମବାର ବମ୍ବେ ହାଇକୋର୍ଟ ସମସ୍ତ ୧୨ ଦୋଷୀଙ୍କୁ ଦୋଷ ମୁକ୍ତ କରିଥିଲେ। ହାଇକୋର୍ଟଙ୍କ ଉକ୍ତ ରାୟ ବିରୋଧରେ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଫୁଲୁଛି ହିମ ହ୍ରଦ: ବିପଦରେ ୧୦୦ ଡ୍ୟାମ୍

ନୂଆଦିଲ୍ଲୀ, ୨୪ା୭

ଜଳବାୟୁ ପରିବର୍ତ୍ତନ ଯୋଗୁ ଗ୍ଲାସିୟର ତରଳୁଛି ଏବଂ ହିମ ହ୍ରଦ ଫୁଲିବାରେ ଲାଗିଛି। ଏହାର ପ୍ରଭାବରେ ହିମାଳୟର ପାଦଦେଶରେ ଥିବା ରାଜ୍ୟଗୁଡ଼ିକରେ ପ୍ରଳୟଙ୍କାରୀ ବନ୍ୟାର ସମ୍ଭାବନା ବଢ଼ିଛି। ଏହାଫଳରେ ଭାରତର ୫ ରାଜ୍ୟ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ସିକିମ ଏବଂ ଅରୁଣାଚଳ ପ୍ରଦେଶର ୧୦୦ ଡ୍ୟାମ୍ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାନେଇ କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ପକ୍ଷରୁ ଗତ ସପ୍ତାହରେ ସତର୍କ ସୂଚନା ଜାରି କରାଯାଇଛି। ସମ୍ପ୍ରତି କରାଯାଇଥିବା ବିଭିନ୍ନ ଗବେଷଣା ଅନୁଯାୟୀ, ଭାରତୀୟ ହିମାଳୟରେ ଏବେ ୦.୦୫ ବର୍ଗ କି.ମି.



କ୍ଷେତ୍ରଫଳରୁ ବଡ଼ ୩୧୨୯ଟି ହିମ ହ୍ରଦ ରହିଛି। ୧୯୯୦ ତୁଳନାରେ ଏହି ହିମ ହ୍ରଦଗୁଡ଼ିକର କ୍ଷେତ୍ରଫଳ ପ୍ରାୟ ୭୦% ବଢ଼ିଯାଇଛି।

ଭାରତରେ ୬ ହଜାର ବଡ଼ ଡ୍ୟାମ୍ ରହିଛି। ବଡ଼ ଡ୍ୟାମ୍ ଥିବା ଦେଶ ତାଲିକାରେ ବୈଶ୍ୱିକ ସ୍ତରରେ ଭାରତ ତୃତୀୟ ସ୍ଥାନରେ ରହିଛି। ହିମ ହ୍ରଦରେ ପ୍ରଳୟଙ୍କାରୀ ବନ୍ୟାର ବିନାଶକାରୀ ପରିଣାମ ଭାରତ ପୂର୍ବରୁ ମଧ୍ୟ ଅନୁଭବ କରି ସାରିଛି ବୋଲି ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି। ୨୦୨୧ରେ ଉତ୍ତରାଖଣ୍ଡର ଚାମୋଲି ବିପର୍ଯ୍ୟୟ ଏବଂ ୨୦୨୩ରେ ସିକିମର ତିସ୍ତା-୩ ଡ୍ୟାମ୍ ଭାଙ୍ଗିବା ଘଟଣା ଏହାର ପ୍ରମୁଖ ଉଦାହରଣ। ଜଳବାୟୁ ପରିବର୍ତ୍ତନ ଯୋଗୁ ହିମାଳୟ ପାଦଦେଶରେ ଥିବା ରାଜ୍ୟଗୁଡ଼ିକରେ ବାଦଲଫଟା ବର୍ଷା, ହିମ ସ୍ଖଳନ, ଭୂସ୍ଖଳନ ଏବଂ ଭୂକମ୍ପ ଆଦି ଘଟଣା ବଢ଼ିବାରେ ଲାଗିଛି। ଏହାର ପ୍ରଭାବରେ ହିମ ହ୍ରଦ ଫୁଲିବା ସହ ପ୍ରଳୟଙ୍କାରୀ ବନ୍ୟାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ସିଡବ୍ଲ୍ୟୁସି ୧୦୦ ଡ୍ୟାମକୁ ସତର୍କ ସୂଚନା ଜାରି କରିଛନ୍ତି।

## ଫୁର୍‌ସତ

# ଜେଲରେ ପରିବାର ସହ ରହୁଛନ୍ତି କଏଦୀ

ଜୟପୁର

ରାଜସ୍ଥାନରେ ଏକ ନିଆରା ଜେଲ ରହିଛି, ଯେଉଁଠାରେ କଏଦୀମାନେ ସେମାନଙ୍କ ପରିବାର ସହ ରୁହନ୍ତି। ଏହି ଜେଲରେ ଥିବା କଏଦୀମାନଙ୍କ ଉପରେ ବିଶେଷ କଟକଣା ନ ଥାଏ। ସେମାନେ ଅଟୋ ଚଳାଇ, ମକା ବିକ୍ରି କରି, ଟିଫିନ୍ ସେଣ୍ଟରରେ ଲୋକଙ୍କୁ ଜଳଖିଆ ଖୁଆଇ କିମ୍ବା ମୋଟରସାଇକେଲ ସଜାଡ଼ି ନିଜ ଜୀବିକା ନିର୍ବାହ କରିପାରିଥାନ୍ତି। ଉକ୍ତ ଜେଲ କ୍ୟାମ୍ପସ୍ ଭିତରେ ଏକ ସ୍କୁଲ ମଧ୍ୟ ରହିଛି, ଯେଉଁଠାରେ କଏଦୀଙ୍କ ପିଲାମାନେ ପଢ଼ିପାରନ୍ତି।

ଜୟପୁରର ସାଙ୍ଗାନେରଠାରେ ଭାରତର ସବୁଠାରୁ ବଡ଼ ଖୋଲା ଜେଲ୍ 'ଡକ୍ଟର ସମ୍ପୂର୍ଣ୍ଣାନନ୍ଦ ଖୁଲା ବନ୍ଦୀ ଶିବିର' ରହିଛି। ଏହି ଜେଲରେ ସମ୍ପ୍ରତି ୩୭୦ରୁ ଅଧିକ କଏଦୀ ନିଜ ପରିବାର ସହ ରହୁଛନ୍ତି। ତେବେ ଏହି ଜେଲରେ କଏଦୀମାନେ କେବଳ ବନ୍ଦୀ ଭାବରେ ରୁହନ୍ତି ନାହିଁ ବରଂ ସେମାନେ ଏକ ବ୍ୟବସ୍ଥା ଅଧୀନରେ ରୁହନ୍ତି, ଯାହା ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ସହ ସ୍ୱାଧୀନତା ପ୍ରଦାନ କରିଥାଏ। ଯେଉଁ କଏଦୀମାନେ

## ବ୍ୟବସାୟ କରୁଛନ୍ତି, ନିଜ ଭିତରୁ ସରପଞ୍ଚ ବାଛୁଛନ୍ତି




ସେମାନଙ୍କୁ ମିଳିଥିବା ଦଣ୍ଡର ଏକ ତୃତୀୟାଂଶ ସମୟ ଭଲ ଆଚରଣ ବଜାୟ ରଖି ଅତିବାହିତ କରିଥାନ୍ତି, ସେମାନଙ୍କୁ ଡକ୍ଟର ସମ୍ପୂର୍ଣ୍ଣାନନ୍ଦ ଖୁଲା ବନ୍ଦୀ ଶିବିରକୁ ସ୍ଥାନାନ୍ତରିତ କରାଯିବା ସହ ନିଜ ପରିବାର ସହ ରହିବାକୁ ଅନୁମତି ମିଳିଥାଏ। କଏଦୀମାନେ ନିଜ ଜୀବିକା ନିର୍ବାହ କରିବା ପାଇଁ ଦିନରେ ବାହାରକୁ ଯାଇ ସନ୍ଧ୍ୟା ସୁଦ୍ଧା ଜେଲକୁ ଫେରିଥାନ୍ତି। ଏହି କଏଦୀମାନେ ଜେଲ ମଧ୍ୟରେ ମୋବାଇଲ୍ ଫୋନ୍‌ର ବ୍ୟବହାର କରିପାରନ୍ତି, ଟେଲିଭିଜନ ଦେଖିପାରନ୍ତି ଏବଂ ନିଜ ପିଲାଙ୍କୁ ସ୍କୁଲ ମଧ୍ୟ ପଠାଇପାରନ୍ତି।

ଏହି ଜେଲ'ର ନିଜସ୍ୱ ପଞ୍ଚାୟତ ରହିଛି। ଜେଲ ମଧ୍ୟରେ ଦେଖା ଦେଉଥିବା ବିଭିନ୍ନ ବିବାଦର ସମାଧାନ ପାଇଁ କଏଦୀମାନେ ନିଜ ମଧ୍ୟରୁ ଜଣଙ୍କୁ ସରପଞ୍ଚ ଭାବେ ଭୋଟ ଦେଇ ଜିତାଇଥାନ୍ତି। ନିର୍ବାଚିତ ସରପଞ୍ଚ କଏଦୀମାନଙ୍କ ମଧ୍ୟରେ ଶାନ୍ତି ବଜାୟ ରଖିବା ସହ ବିଭିନ୍ନ ବିବାଦର ମଧ୍ୟସ୍ଥତା କରିବାରେ ସାହାଯ୍ୟ କରନ୍ତି। ପାରମ୍ପରିକ ଭାରତୀୟ ଗ୍ରାମସଭା ପରି ଆଲୋଚନା ଏବଂ ସହମତି ମାଧ୍ୟମରେ ଏହି ଜେଲ ମଧ୍ୟରେ ଦେଖା ଦେଇଥିବା ବିଭିନ୍ନ ମତଭେଦର ସମାଧାନ ହୋଇଥାଏ। ଏହି ବ୍ୟବସ୍ଥା କଏଦୀମାନଙ୍କୁ ସମାଜ ସହ ଯୋଡ଼ି ହୋଇ ରହିବାକୁ ଅନୁମତି ଦେଇଥାଏ। ଉକ୍ତ ମଡେଲକୁ ସୁପ୍ରିମକୋର୍ଟ ମଧ୍ୟ ପ୍ରଶଂସା କରିଛନ୍ତି ଏବଂ ସାରା ଦେଶରେ ଏପରି ମଡେଲ ଲାଗୁ ପାଇଁ ସୁପାରିସ କରିଥିବା ନେଇ ଜେଲ'ର ସୁପରିଣ୍ଟେଣ୍ଡେଣ୍ଟ ରାକେଶ ମୋହନ ଶର୍ମା କହିଛନ୍ତି। ପ୍ରକାଶ ଯେ, ୨୦୨୨ ଡିସେମ୍ବରରେ ସୁପ୍ରିମକୋର୍ଟ ବିଚାରପତିଙ୍କ ୫ ଜଣିଆ ଏକ ଦଳ ଏହି ଖୋଲା ଜେଲ ପରିଦର୍ଶନ କରିବା ସହ ଏଠାରେ ରହୁଥିବା କଏଦୀଙ୍କ ସହ ଆଲୋଚନା କରିଥିଲେ। ବିଚାରପତିଙ୍କ ଉକ୍ତ ଟିମ୍ ଏହି ଖୋଲା ଜେଲ ବ୍ୟବସ୍ଥାକୁ ପ୍ରଶଂସା କରିବା ସହ ସମାନ ମଡେଲ ଆପଣାଇବାକୁ ଅନ୍ୟ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଥିଲେ।

# 'ଡକାୟତ' ଶୁଟିଂବେଳେ ମୃଣାଳ, ଅଦିଭି ଆହତ

**ଜୟପୁର:** ଅଭିନେତ୍ରୀ ମୃଣାଳ ଠାକୁର ଏବଂ ଅଭିନେତା ଅଦିଭି ସେଷ ସମ୍ପ୍ରତି 'ଡକାୟତ: ଏ ଲଭ୍ ଷ୍ଟୋରି' ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ତେବେ ବିଭିନ୍ନ ମିଡିଆ ରିପୋର୍ଟ ଅନୁଯାୟୀ, ଫିଲ୍ମର ଏକ ଆକ୍ସନ ଦୃଶ୍ୟର ଶୁଟିଂ ବେଳେ ଉଭୟ ଆହତ ହୋଇଛନ୍ତି। ତେବେ ଏହାକୁ ନେଇ ମୃଣାଳ, ଅଦିଭି କିମ୍ବା ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ଦିଆଯାଇନାହିଁ।

ସମ୍ପ୍ରତି ହାଇଦ୍ରାବାଦରେ 'ଡକାୟତ: ଏ ଲଭ୍ ଷ୍ଟୋରି' ଫିଲ୍ମର ଶୁଟିଂ ଜାରି ରହିଛି। ରିପୋର୍ଟ ଅନୁଯାୟୀ, ହାଇଦ୍ରାବାଦରେ ଫିଲ୍ମର ଏକ ଆକ୍ସନ ଦୃଶ୍ୟର ଶୁଟିଂ ହେଉଥିବା ବେଳେ ଉଭୟ ମୃଣାଳ ଏବଂ ଅଦିଭି ସାମାନ୍ୟ ଆହତ ହୋଇଛନ୍ତି। ଆହତ ହେବା ପରେ ଉଭୟଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ଚିକିତ୍ସା ପରେ ଦୁହେଁ ଫିଲ୍ମର ଶୁଟିଂ ଜାରି ରଖିଥିବା ନେଇ ରିପୋର୍ଟରେ କୁହାଯାଇଛି। ଶାନିଲ ଦେଓଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ ଥ୍ରୀଲର ଫିଲ୍ମରେ ମୃଣାଳ ଏବଂ ଅଦିଭିଙ୍କ ବ୍ୟତୀତ ଫିଲ୍ମ ନିର୍ମାତା ତଥା ଅଭିନେତା ଅନୁରାଗ କଶ୍ୟପ ଏବଂ ଅଭିନେତା ପ୍ରକାଶ ରାଜ ମଧ୍ୟ ନଜରକୁ ଆସିବେ। ଆସନ୍ତା ଡିସେମ୍ବର ୨୫ରେ କ୍ରିସ୍‌ମସ୍ ଅବସରରେ ଏହି ଚଳଚ୍ଚିତ୍ର ରିଲିଜ୍ ହେବ। ଗତ ମେ'ରେ ଏହି ଫିଲ୍ମର ଟିଜରକୁ ଜାରି କରାଯାଇଥିଲା। ଏଥିରେ ଅନେକ ଆକ୍ସନ ଦୃଶ୍ୟ ସହ ଅଦିଭିଙ୍କ ସହ ମୃଣାଳଙ୍କର ରୋମାନ୍ସକୁ ମଧ୍ୟ ଦେଖିବାକୁ ମିଳିଥିଲା।


ମୃଣାଳ ଠାକୁର

## ଛେତ୍ରୀଙ୍କ ଚିନ୍ତା

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍)କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବାରୁ ଭାରତୀୟ ଫୁଟ୍‌ବଲ ବର୍ତ୍ତମାନ ଖୁବ୍ ଚିନ୍ତାଜନକ ପରିସ୍ଥିତିରେ ଥିବା ଭାରତୀୟ ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟକ ତଥା ଷ୍ଟ୍ରାଇକର ସୁନୀଲ ଛେତ୍ରୀ କହିଛନ୍ତି। ଆଇଏସ୍ଏଲ୍‌ରେ ବେଙ୍ଗାଲୁରୁ ଏଫ୍‌ସି ପାଇଁ ଖେଳୁଥିବା ଛେତ୍ରୀ ନିଜର ଏବଂ ଭାରତରେ ଫୁଟ୍‌ବଲର ଭବିଷ୍ୟତକୁ ନେଇ ଆଶଙ୍କାରେ ଥିବା ପ୍ରକାଶ କରିଛନ୍ତି।

'ବିଭିନ୍ନ କ୍ଲବର ଖେଳାଳିଙ୍କ ସହ କଥା ହେବା ପରେ ମୁଁ ବୁଝିପାରିଛି ଯେ, ମୋ ସମସ୍ୟାଠାରୁ ସେମାନଙ୍କ ସମସ୍ୟା ଅଧିକ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଭାରତୀୟ ଫୁଟ୍‌ବଲରେ ଦେଖାଯାଇଥିବା ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ମୋତେ କେବଳ ମୋ କ୍ଲବର ନୁହେଁ, ବରଂ ଅନ୍ୟ କ୍ଲବର ଅନେକ ଖେଳାଳି, ଷ୍ଟାଫ୍ ସଦସ୍ୟ, ଫିଜିଓ, ମସାଜ୍‌ଙ୍କର ମେସେଜ୍ ଆସିଛି। ଭାରତୀୟ ଫୁଟ୍‌ବଲ ଇକୋ ସିଷ୍ଟମର ଅଂଶବିଶେଷ ଥିବା ପ୍ରତ୍ୟେକ ବ୍ୟକ୍ତି ଚିନ୍ତିତ, ଭୟଭୀତ ଓ ଦୁଃଖିତ ଅଛନ୍ତି। କିନ୍ତୁ ମୋତେ ଜଣାଅଛି ଯେ, ଆଇଏସ୍ଏଲ୍ ପରିଚାଳନାରେ ସମ୍ପୃକ୍ତ ଥିବା ବ୍ୟକ୍ତି ଫୁଟ୍‌ବଲ ସିଜନ ଆୟୋଜନ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ମୋର ଆଶା, ଖୁବ୍‌ଶୀଘ୍ର ଆମକୁ ଭଲ ଖବର ମିଳିବ' ବୋଲି ଛେତ୍ରୀ ଏକ୍ସ'ରେ ପୋଷ୍ଟ କରିଛନ୍ତି।

ଇଭେଣ୍ଟ ଆୟୋଜକ ଓ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍) ମଧ୍ୟରେ ହୋଇଥିବା ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟ (ଏମ୍ଆର୍ଏ)ର ନବୀକରଣକୁ ନେଇ ଦେଖାଦେଇଥିବା ଅନିଶ୍ଚିତତା ଯୋଗୁ ଆଇଏସ୍ଏଲ୍-୨୦୨୫/୨୬ ସିଜନକୁ ସ୍ଥଗିତ ରଖାଯାଇଛି। ସାଧାରଣତଃ ଏହି ଲିଗ୍ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ଆୟୋଜନ କରାଯାଏ। ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭେଲପ୍‌ମେଣ୍ଟ ଲିମିଟେଡ୍ (ଏଫ୍ଏସ୍‌ଡିଏଲ୍) ଓ ଏଆଇଏଫ୍ଏଫ୍ ମଧ୍ୟରେ ହୋଇଥିବା ଏମ୍ଆର୍ଏ ଡିସେମ୍ବର ୮ରେ ଶେଷହେବାକୁ ଯାଉଛି। ଏଆଇଏଫ୍ଏଫ୍ ଲାଗି ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ନେଇ ଏଫ୍ଏସ୍‌ଡିଏଲ୍ କୌଣସି ବୁଝାମଣା ନ କରିବା ପାଇଁ ସୁପ୍ରିମକୋର୍ଟ କହିଥିଲେ। ଏଆଇଏଫ୍ଏଫ୍‌ର କମର୍ସିଆଲ ପାର୍ଟନର ଏଫ୍ଏସ୍‌ଡିଏଲ୍ ଆଇଏସ୍ଏଲ୍ ପରିଚାଳନା କରିଆସୁଛି।

# ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

**ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ପାଇଁ କଳିଙ୍ଗ ଷ୍ଟାଡିୟମରେ ପ୍ରସ୍ତୁତି ଆଗେଇ ଚାଲିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଥିବାବେଳେ ଜାତୀୟ/ଅନ୍ତର୍ଜାତୀୟ ଆଥ୍ଲେଟ୍‌ଙ୍କ ସମାଗମରେ କଳିଙ୍ଗ ହେବ ଚଳଚଞ୍ଚଳ...**

ପ୍ରସ୍ତୁତି: ତପନ ସ୍ୱାଇଁ



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆଥ୍ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଭାରତରେ ଏହି ଆଥ୍ଲେଟିକ୍ସ ଇଭେଣ୍ଟ ଆୟୋଜନ ହେବ। ଏଥିପାଇଁ ପ୍ରସ୍ତୁତି ଆଗେଇ ଚାଲିଛି। କଳିଙ୍ଗରେ ପୁଣି ହେବ ଅନ୍ତର୍ଜାତୀୟ ଆଥଲେଟ୍‌ଙ୍କ ସମାଗମ। ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର ରେସ୍, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଜାଭେଲିନ ଥ୍ରୋ ଏବଂ ୪x୪୦୦ ମିଟର ରିଲେ ଇଭେଣ୍ଟ ଅନୁଷ୍ଠିତ ହେବ। ସେହିପରି ମହିଳା ବର୍ଗରେ ୧୦୦, ୨୦୦, ୪୦୦, ୮୦୦ ଓ ୧୫୦୦ ମିଟର ରେସ୍, ୧୦୦ ମିଟର ହର୍ଡଲ୍ସ, ଲଙ୍ଗଜମ୍ପ, ଜାଭେଲିନ୍ ଥ୍ରୋ ଏବଂ ୪x୪୦୦ ମିଟର ରିଲେ ରେସ୍ ଆୟୋଜନ ହେବ। ଏହା ବ୍ୟତୀତ ମିକ୍ସଡ ଇଭେଣ୍ଟରେ ୪x୪୦୦ ମିଟର ରିଲେ ରେସ୍ ଅନୁଷ୍ଠିତ ହେବ।

ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରତିଯୋଗୀଙ୍କ ଲାଗି ଏଣ୍ଟ୍ରି (କ୍ୱାଲିଫାଇଂ) ଷ୍ଟାଣ୍ଡାର୍ଡ ଧାର୍ଯ୍ୟ କରାଯାଇଛି। ପୁରୁଷ ବିଭାଗରେ ୧୦୦ ମିଟର ପାଇଁ ୧୦.୬୦, ୨୦୦ ମିଟର ଲାଗି ୨୧.୩୦, ୪୦୦ ମିଟର ପାଇଁ ୪୬.୨୦, ୮୦୦ ମିଟର ଲାଗି ୧:୪୮.୫୦ ଓ ୫୦୦୦ ମିଟର ଲାଗି ୧୪:୧୦.୦୦ ସେକେଣ୍ଡ ସମୟ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ରଖାଯାଇଛି। ସେହିପରି ଲଙ୍ଗଜମ୍ପ ଲାଗି ୭.୮୦, ଟ୍ରିପଲ ଜମ୍ପ ପାଇଁ ୧୬.୩୦ ଓ ଜାଭେଲିନ୍ ଥ୍ରୋ ଲାଗି ୭୫.୦୦ ମିଟର ଧାର୍ଯ୍ୟ କରାଯାଇଛି। ମହିଳା ବିଭାଗରେ ୧୦୦ ମିଟର ପାଇଁ ୧୧.୮୦, ୨୦୦ ମିଟର ଲାଗି ୨୩.୫୦, ୪୦୦ ମିଟର ପାଇଁ ୫୩.୦୦, ୮୦୦ ମିଟର ଲାଗି ୨:୦୫.୦୦ ଓ ୧୫୦୦ ମିଟର ପାଇଁ ୪:୧୮.୦୦ ସେକେଣ୍ଡ ରଖାଯାଇଛି। ସେହିଭଳି ଲଙ୍ଗଜମ୍ପରେ ୬.୦୦ ଓ ଜାଭେଲିନ୍ ଥ୍ରୋ ଲାଗି ୫୨.୫୦ ମିଟର ରଖାଯାଇଥିବାବେଳେ ୧୦୦ ମିଟର ହର୍ଡଲ୍ସ ପାଇଁ ୧୩.୫୫ ସେକେଣ୍ଡ ସମୟ ଧାର୍ଯ୍ୟ କରାଯାଇଛି। ଏଥିରେ ୧୦ରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ ଭାରତ ସମେତ ତୁର୍କମେନିସ୍ତାନ, ଭୁଟାନ୍, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ୍, ଭିଏତ୍‌ନାମ, କାମେରୁନ୍, ଶ୍ରୀଲଙ୍କା, ଇରାନ୍ ଏବଂ ମାଳଦ୍ୱୀପ ଆଦି ୧୦ରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୧୯ଟି ଇଭେଣ୍ଟର ଆୟୋଜନ କରାଯିବ।

ପ୍ରକାଶ ଯୋଗ୍ୟ, ଏହା ପୂର୍ବରୁ ଅନ୍ତର୍ଜାତୀୟ ଆଥଲେଟିକ୍ସ ଇଭେଣ୍ଟ ଭାବେ କଳିଙ୍ଗରେ ୨୦୧୭ ଜୁଲାଇ ୫ରୁ ୯ ପର୍ଯ୍ୟନ୍ତ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହା ବ୍ୟତୀତ ଏଠାରେ ଜାତୀୟ ସ୍ତରରେ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍, ଏକାଧିକ ଇଣ୍ଡିଆନ ଗ୍ରାଁ ପ୍ରି ଏବଂ ନ୍ୟାଶନାଲ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି।

### ଏଣ୍ଟ୍ରି (କ୍ୱାଲିଫାଇଂ) ଷ୍ଟାଣ୍ଡାର୍ଡ

| | |
|---|---|
| **ପୁରୁଷ ବିଭାଗ** | |
| ୧୦୦ ମିଟର ରେସ୍: | ୧୦.୬୦ ସେକେଣ୍ଡ |
| ୨୦୦ ମିଟର ରେସ୍: | ୨୧.୩୦ ସେକେଣ୍ଡ |
| ୪୦୦ ମିଟର ରେସ୍: | ୪୬.୨୦ ସେକେଣ୍ଡ |
| ୮୦୦ ମିଟର ରେସ୍: | ୧:୪୮.୫୦ ସେକେଣ୍ଡ |
| ୫୦୦୦ ମିଟର ରେସ୍: | ୧୪:୧୦.୦୦ ସେକେଣ୍ଡ |
| ଲଙ୍ଗଜମ୍ପ: | ୭.୮୦ ମିଟର |
| ଟ୍ରିପଲ ଜମ୍ପ: | ୧୬.୩୦ ମିଟର |
| ଜାଭେଲିନ୍ ଥ୍ରୋ: | ୭୫.୦୦ ମିଟର |
| **ମହିଳା ବିଭାଗ** | |
| ୧୦୦ ମିଟର ରେସ୍: | ୧୧.୮୦ ସେକେଣ୍ଡ |
| ୨୦୦ ମିଟର ରେସ୍: | ୨୩.୫୦ ସେକେଣ୍ଡ |
| ୪୦୦ ମିଟର ରେସ୍: | ୫୩.୦୦ ସେକେଣ୍ଡ |
| ୮୦୦ ମିଟର ରେସ୍: | ୨:୦୫.୦୦ ସେକେଣ୍ଡ |
| ୧୫୦୦ ମିଟର ରେସ୍: | ୪:୧୮.୦୦ ସେକେଣ୍ଡ |
| ୧୦୦ ମିଟର ହର୍ଡଲ୍ସ: | ୧୩.୫୫ ସେକେଣ୍ଡ |
| ଲଙ୍ଗଜମ୍ପ: | ୬.୦୦ ମିଟର |
| ଜାଭେଲିନ୍ ଥ୍ରୋ: | ୫୨.୫୦ ମିଟର |

## ଅଭିନନ୍ଦନ

ଭାରତ ମହିଳା ଫୁଟ୍‌ବଲର
ପୂର୍ବାଧିନାୟିକା ସେ କର୍ଣ୍ଣଧାର
ଓଡ଼ିଶାର କ୍ରୀଡ଼ା ଅସ୍ମିତା,
ଅଗ୍ରଣୀ ସିଏ ଭାରି ଫରୱାର୍ଡ
ମହିଳା ଜାତିର ଶ୍ରେଷ୍ଠ ଆୱାର୍ଡ
ହୋଇଛି ଜଗତଜିତା।

ସ୍ୱପ୍ନ ତାହାର ସାକାର ହୋଇଛି
କଠିନ ଶ୍ରମର ମୂଲ୍ୟ ମିଳିଛି
ଆମ କୋଚ୍ ଶ୍ରଦ୍ଧାଞ୍ଜଳିଙ୍କୁ,
ଏଏଫ୍‌ସି 'ଏ' ମହିଳା ଲାଇସେନ୍ସ
ପାଇକି ରଚିଲେ ନୂଆ ଇତିହାସ
ଅଭିନନ୍ଦନ ତୁମକୁ
ଅଭିନନ୍ଦନ ତୁମକୁ।

-ବାଉରିବନ୍ଧୁ ବେହେରା

## ଲକ୍ଷ୍ୟ

ଇଣ୍ଡୋନେସିଆର ଏଗାର ବର୍ଷୀୟ
ରାୟିନ୍ ଆର୍କାନ୍ ଡିଖା
ରାତାରାତି ଇଣ୍ଟରନେଟ ସେନ୍ସେଶନ
ପାଲଟିଲେ, ଗ୍ରହ ଚକା
ପାକୁ ଜାଲୁରିରେ ଦେଖା
ରେସିଂ ବୋଟରେ ଲୟବଦ୍ଧ ନୃତ୍ୟ
ଗ୍ଲୋବାଲ ଷ୍ଟାର କଲା ପକ୍କା।

ଜାଡେଜାଙ୍କ ବେଷ୍ଟ ପର୍ଫମାନ୍ସ ସତ୍ତ୍ୱେ
ଟିମ୍ ଇଣ୍ଡିଆ ଗଲା ହାରି
ଶୋଏବ ବଶିର ବଲ ବ୍ୟାଟରେ
ବାଜି ଗଲା ଘୁରି ଘୁରି
ସିରାଜ ହେଉଛି ଝୁରି
ଗ୍ରହ ମନ୍ଦ ପାଇଁ ଇଂଲଣ୍ଡ ଜିତିଲା
ଥାର୍ଡ ଟେଷ୍ଟ, ସୋ ସରି।



ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟର ଗେମ୍ସରେ
ଶ୍ରୀ ଅଶୋକ ଦଣ୍ଡ ସେନା
ଆଠ ଶ' ମିଟର ରେସରେ ଟୋକା
ଜିତିଛି ପଦକ ସୁନା
ବ୍ୟକ୍ତି ହାରେ ଲକ୍ଷ୍ୟ ବିନା
ହାର୍ଡ ଲେବର ସହ ଗ୍ରହ ସାଥି ଦେଲେ
ସେ ଉଡ଼େ, ଉଡ଼ାଏ ବାନା।

-ସୁବାସ ଚନ୍ଦ୍ର ପ୍ରଧାନ

# ଭିଜନ୍-୨୦୩୦



ନିର୍ମଳ କୁମାର ମିଶ୍ର

ଓଡ଼ିଶା କ୍ରିକେଟ ଦଳର ବାରମ୍ବାର ଖରାପ ପ୍ରଦର୍ଶନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ବେଶ୍ ଚିନ୍ତିତ। ଭିଜନ୍-୨୦୨୪ରୁ ସେପରି ସଫଳତା ନ ମିଳିବା ଚିନ୍ତାର କାରଣ ହୋଇଛି। ପୁନର୍ବାର ତୃଣମୂଳ ସ୍ତରରୁ ନୂଆ ଯୋଜନା ମାଧ୍ୟମରେ ସଫଳତା ପାଇବା ପାଇଁ ଆଶା ରଖିଛି ଓସିଏ। ଏଥିପାଇଁ ବ୍ୟାପକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ଗତ କିଛି ବର୍ଷ ଧରି ଜାତୀୟ ସ୍ତରରେ ୩ଟି ବଡ ଫର୍ମାଟରେ ଦଳ ଆଶାନୁରୂପ ସଫଳତା ପାଇପାରି ନାହିଁ। ରଣଜୀ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଏବଂ ବିଜୟ ହଜାରେ ଟ୍ରଫିରେ ସଫଳତା ନ ମିଳିବାର କାରଣ ଖୋଜୁଛି ଓସିଏ। ଅନେକ ପରିବର୍ତ୍ତନ ମଧ୍ୟରେ ଗତି କରିଛି ଆମ ରାଜ୍ୟ କ୍ରିକେଟ ଆସୋସିଏଶନ। ଅନେକ ଖ୍ୟାତନାମା କୋଚମାନଙ୍କୁ ନିଯୁକ୍ତି ଦେଇଛି। ମାତ୍ର ଯଥା ପୂର୍ବଂ ତଥା ପରଂ। ରାଜ୍ୟ ବାହାରର କୋଚ୍‌ଙ୍କ ମଧ୍ୟରେ ମାଇକେଲ ବେଭାନ, ୱାସିମ ଜାଫର, ଦୀନେଶ ମୋଙ୍ଗିଆ, ବଲବିନ୍ଦର ସାନ୍ଧୁ ଓ ବର୍ତ୍ତମାନର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ଅନ୍ୟତମ। ସେହିଭଳି ଆମ ଓଡ଼ିଶା କ୍ରିକେଟର ସୁନାମଧନ୍ୟ ଖେଳାଳିଙ୍କ ମଧ୍ୟରେ ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ସଞ୍ଜୟ ରାଉଳଙ୍କ ପରି ନାମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅବକାଶ ଖଟୁଆ, ଦୀପକ ମଙ୍ଗରାଜ, ବସନ୍ତ ମହାନ୍ତି, ନଟରାଜ ବେହେରା, ଶୋଭେନ ଦେବ, ରଶ୍ମି ରଞ୍ଜନ ଦାସ ମଧ୍ୟ ରହିଛନ୍ତି। ବିଦେଶୀ କୋଚ୍ ମାଇକେଲ ବେଭାନଙ୍କ ସମୟରେ ଓଡ଼ିଶା କ୍ରିକେଟର ଆମୂଳଚୂଳ ପରିବର୍ତ୍ତନ ହୋଇଥିଲା। ଏହି ସମୟରେ ଖେଳାଳି ଚୟନ, ଭିତ୍ତିଭୂମିର ପରିବର୍ତ୍ତନ, ନୂଆ ଫର୍ମାଟ, ଟର୍ଫ ଉଇକେଟ ସହ ଖେଳାଳିଙ୍କ ଫିଟ୍‌ନେସ ଓ ମ୍ୟାଚ ଖେଳିବାର ଦକ୍ଷତା, ଚାପରେ ଖେଳିବାକୁ କିପରି ହୋଇଥାଏ ସେ ବିଷୟରେ ବ୍ୟାପକ ପରୀକ୍ଷା ନିରୀକ୍ଷା ହୋଇଥିଲା। ବେଭାନଙ୍କ ପରି ୱାସିମ ଜାଫରଙ୍କ ସମୟରେ ମଧ୍ୟ କିଛି ମାତ୍ରାରେ ସଫଳତା ମିଳିଥିଲା। ୨୦୧୯-୨୦ ରଣଜୀ ସିଜନରେ ଷ୍ଟାର ବ୍ୟାଟର ରଶ୍ମି ରଞ୍ଜନ ପରିଡା ମୁଖ୍ୟ କୋଚ୍ ଥିବା ସମୟରେ ଓଡ଼ିଶା ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। ତା'ପର ଠାରୁ ଆଉ ବଡ ସଫଳତା ମିଳିନାହିଁ।

ଯଦି ନାମୀଦାମୀ କୋଚ୍‌ମାନଙ୍କ ନେତୃତ୍ୱରେ ଓଡ଼ିଶା କ୍ରିକେଟ ଭଲ ପ୍ରଦର୍ଶନ କରିପାରୁନାହିଁ ତେବେ ଆମର ପୂର୍ବତନ ଖେଳାଳିମାନଙ୍କୁ କାହିଁକି ମୁଖ୍ୟ କୋଚ ଦାୟିତ୍ୱ ଦିଆଯାଉନାହିଁ। ରଣଜୀ ଟ୍ରଫିରେ ଅସ୍ଥିର ପ୍ରଦର୍ଶନ ବାରମ୍ବାର ଆମକୁ ବିଚଳିତ କରୁଛି। ଯାହାର ପ୍ରଭାବ ଜୁନିୟର କ୍ରିକେଟ ଉପରେ ପଡୁଥିବାର ଦେଖିବାକୁ ମିଳୁଛି। ଆମ ପାଖରେ ଅନେକ ପ୍ରତିଭା ରହିଛନ୍ତି। ଦୀର୍ଘ ଦିନ ଧରି ସେମାନଙ୍କୁ ଦଳରେ ସାମିଲ ହେବାର ସୁଯୋଗ ମିଳୁଛି। ମାତ୍ର ସେମାନଙ୍କ ପ୍ରଦର୍ଶନରେ ସ୍ଥିରତା ନ ରହିବା ଚିନ୍ତାର କାରଣ ହୋଇଛି। ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ରାଜେଶ ଧୂପର, ବିପ୍ଳବ ସାମନ୍ତରାୟ, ଶାନ୍ତନୁ ମିଶ୍ର, ଅନୁରାଗ ଷଡଙ୍ଗୀ, ସୂର୍ଯ୍ୟକାନ୍ତ ପ୍ରଧାନ, ସନ୍ଦୀପ ପଟ୍ଟନାୟକ, ରାଜେଶ ମହାନ୍ତି, ଦେବେବ୍ରତ ପ୍ରଧାନ, ହର୍ଷିତ ରାଠୋର, ସୁମିତ ଶର୍ମା, ସୁନୀଲ ରାଉଳ, ସ୍ୱସ୍ତିକ ସାମଲ, ଅନିଲ ପରିଡା, କାର୍ତ୍ତିକ ବିଶ୍ୱାଳ, ଆଶୀର୍ବାଦ ସ୍ୱାଇଁଙ୍କ ପରି ଅନେକ ଅଭିଜ୍ଞ ଓ ଯୁବ ଖେଳାଳିଙ୍କ ଏକ ଗ୍ରୁପ୍ ଆମ ନିକଟରେ ରହିଛନ୍ତି। ଏହା ବ୍ୟତୀତ ଅନେକ ଯୁବ ଖେଳାଳି ଗତ କଳାହାଣ୍ଡି କପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ସୁଯୋଗ ଅପେକ୍ଷାରେ ରହିଛନ୍ତି। ଓଡ଼ିଶା ନିକଟରେ ଏବେ ବି ଜଣେ ଭଲ ଅଫ୍ ସ୍ପିନର ଆବଶ୍ୟକତା ରହିଛି। ତରଣୀ ସ'ଙ୍କ ସ୍ପିନ ଉପରେ ଓଡ଼ିଶା ଅନେକ ସମୟରେ ନିର୍ଭର କରୁଛି। ବାହାରେ ଖେଳିବାକୁ ଥିବା ସ୍ପିନିଂ ଟ୍ରାକ୍‌ଗୁଡିକରେ ଆମ ସ୍ପିନରମାନେ ଗତ ସିଜନରେ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ତେଣୁ ତା' ଉପରେ କାର୍ଯ୍ୟ କରିବା ସହିତ ଭଲ ସ୍ପିନର ସୃଷ୍ଟି କରିବା ଏବଂ ସେମାନଙ୍କୁ ଉପଯୁକ୍ତ ତାଲିମ ଦେବା ଲକ୍ଷ୍ୟ ରଖାଯାଇଛି। ଅଭିଜ୍ଞ ଚୟନ କମିଟି ଚେୟାରମ୍ୟାନ ଅମିୟ ରାୟ, ସୁବ୍ରତ ବିଶ୍ୱାଳ, ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ଏକ ସନ୍ତୁଳିତ ଦଳ ମନୋନୟନ ଉପରେ ଗୁରୁତ୍ୱ ଦେବେ ବୋଲି ଆଶା ଅଛି। ପୂର୍ବତନ ଅଭିଜ୍ଞ ପେସ୍ ବୋଲର ସୌରଜିତ ମହାପାତ୍ରଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଭିଜନ୍-୨୦୩୦ ଅନ୍ତର୍ଗତ ସିନିୟର ଖେଳାଳିମାନଙ୍କୁ ନେଇ ଏକ ଦଳ ଶ୍ରୀଲଙ୍କା ଗସ୍ତରେ ଯାଇ ଭଲ ଅଭିଜ୍ଞତା ହାସଲ କରିଛି। ସିନିୟର ଖେଳାଳିଙ୍କ ସହିତ ସାମିଲଥିବା ୨୩ ଓ ୧୯ ବର୍ଷରୁ କମ୍ ବର୍ଗର ଖେଳାଳିମାନେ ବାହାର ପରିବେଶରେ ଶ୍ରୀଲଙ୍କାର ଇମର୍ଜିଂ ଏକାଦଶ ସହ ଅନେକଗୁଡିଏ ଅଭ୍ୟାସ ମ୍ୟାଚ ଖେଳିବାର ଅଭିଜ୍ଞତା ହାସଲ କରିଛନ୍ତି।



**ଭିଜନ୍-୨୦୨୪ରୁ ଆଶାନୁରୂପ ସଫଳତା ପାଇ ନ ଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ ଏବେ ଭିଜନ୍-୨୦୩୦ ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ କରିଛି। ଏହାର ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ଏକ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଗଠିତ ଓଡ଼ିଶା ଦଳ ଶ୍ରୀଲଙ୍କା ଯାଇ ବାହାର ପରିବେଶରେ ମ୍ୟାଚ ଖେଳିବାର ଅଭିଜ୍ଞତା ଲାଭ କରିଛି। ଅନେକ ନୂଆ ପଦକ୍ଷେପ ନିଆଯାଉଥିବାରୁ ସଫଳତା ପାଇବା ଆଶାରେ ରହିଛି ଓସିଏ...**

ଭିଜନ୍-୨୦୩୦ ମାଧ୍ୟମରେ ଅନେକଗୁଡିଏ ବଳିଷ୍ଠ ପଦକ୍ଷେପ ନେଇଛି ଓସିଏ। ସମ୍ପାଦକ ସଞ୍ଜୟ ବେହେରା ଏବଂ ବର୍ତ୍ତମାନର ସଭାପତି ପଙ୍କଜ ମହାନ୍ତିଙ୍କ ତତ୍ତ୍ୱାବଧାନ ଓ ଅନ୍ୟ ସହଯୋଗୀ ସଦସ୍ୟଙ୍କ ସହଯୋଗରେ ତୃଣମୂଳସ୍ତରରୁ ଓଡ଼ିଶା କ୍ରିକେଟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପୂର୍ବରୁ ୨୦୧୧-୧୨ ଓ ୨୦୧୨-୧୩ରେ ଖେଳାଯାଇଥିବା ଫ୍ରାଞ୍ଚାଇଜଭିତ୍ତିକ ଟି୨୦ ଓଡ଼ିଶା ପ୍ରିମିୟର ଲିଗ ସେତେବେଳେ ବେଶ୍ ଲୋକପ୍ରିୟ ହୋଇଥିଲା। ଏହା ଅନେକ ଯୁବ ଖେଳାଳି ସୃଷ୍ଟି କରିବାରେ ସହାୟକ ହୋଇଥିଲା। ମାତ୍ର କେତେଗୁଡିଏ ବିବାଦୀୟ ଘଟଣା ଯୋଗୁ ଏହାକୁ ବନ୍ଦ କରି ଦିଆଯିବା ଦ୍ୱାରା ପ୍ରତିଭାସମ୍ପନ୍ନ ଖେଳାଳିମାନେ ନିରୁତ୍ସାହିତ ହୋଇଥିଲେ। ମାତ୍ର ପୁନର୍ବାର ଓସିଏ ଏହାକୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଭାବରେ ଆରମ୍ଭ କରିବାକୁ ଯାଉଛି। ଏହା ଆସନ୍ତା ସେପ୍ଟେମ୍ବର ମାସରେ ଖେଳାଯିବ। ଏଥିପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହା ଯୁବ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ଏହାର ସଫଳତା ପାଇଁ ବଡ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିରେ ୬ଟି ଦଳ ଓଡ଼ିଶାର ସବୁ ପ୍ରାନ୍ତରୁ ଯୋଗଦେବେ। ନିଲାମ ପ୍ରକ୍ରିୟା ମାଧ୍ୟମରେ ଖେଳାଳି ଚୟନ ଫ୍ରାଞ୍ଚାଇଜମାନେ କରିବେ।

ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ୧୪ବର୍ଷରୁ କମ୍ ପୁରୁଷ ଓ ମହିଳା ଖେଳାଳିଙ୍କ ପାଇଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ନାମରେ ଏକ ଆବାସିକ କ୍ରିକେଟ ଏକାଡେମୀ ଖୋଲାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତୃଣମୂଳ ସ୍ତରରୁ କ୍ରିକେଟକୁ ଆଗକୁ ନେବାରେ ଏପରି ଏକାଡେମୀ ସହାୟକ ହେବ। ଅନ୍ୟପକ୍ଷରେ ଆଶୀର୍ବାଦ ବେହେରା ଓସିଏ ସମ୍ପାଦକ ଥିବା ବେଳେ ନିର୍ମିତ ହୋଇଥିବା ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍‌ରେ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର କାର୍ଯ୍ୟ କରୁଛି। ଏହାକୁ ଟ୍ରେନିଂ ଫିଟ୍‌ନେସ୍ ପ୍ରାକ୍ଟିସ ପାଇଁ ବ୍ୟବହାର କରାଯିବ। ମାନସିକ ସ୍ତରରେ ଚାପମୁକ୍ତ ଭାବରେ ଖେଳ ପାଇଁ ଏହି ଟ୍ରେନିଂ କାର୍ଯ୍ୟ କରିବ। ଆମନ୍ତ୍ରଣୀୟ କ୍ରିକେଟ ମାଧ୍ୟମରେ ଅନ୍ୟ ରାଜ୍ୟ ଦଳଗୁଡିକ ସହିତ ଅଧିକରୁ ଅଧିକ ଅଭ୍ୟାସ ମ୍ୟାଚ ଖେଳିବା ପାଇଁ ରୋଡ୍ ମ୍ୟାପ ପ୍ରସ୍ତୁତ କରାଯିବା ସ୍ୱାଗତଯୋଗ୍ୟ। ଏଥିରେ ଆମ ରାଜ୍ୟର ବିଭିନ୍ନ ବର୍ଗର ଖେଳାଳିମାନେ ଅନ୍ୟ ରାଜ୍ୟ ଏପରି କି ଦେଶ ବାହାରକୁ ଯାଇ ମ୍ୟାଚ ଖେଳିବା ସହିତ ଅଭିଜ୍ଞତା ହାସଲ କରିବେ। ସେଠାରେ ଅନୁଷ୍ଠିତ ଟୁର୍ନାମେଣ୍ଟଗୁଡ଼ିକରେ ମଧ୍ୟ ଭାଗ ନେଇପାରିବେ। ଏଥିପାଇଁ ବଜେଟର ବ୍ୟବସ୍ଥା କରିଛି ଓସିଏ।

ଏଥିସହିତ ଅମ୍ପାୟର ଓ ସ୍କୋରରମାନଙ୍କୁ ଟ୍ରେନିଂ ମାଧ୍ୟମରେ ଅଧିକ ପ୍ରଶିକ୍ଷଣ ଦେବା ସହିତ ଟେକ୍ନୋଲୋଜି ବ୍ୟବହାରକୁ ବ୍ୟାପକ କରିବାର ବ୍ୟବସ୍ଥା ହୋଇଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ଗୁଡିକରେ ତୃତୀୟ ଓ ଚତୁର୍ଥ ଅମ୍ପାୟରର ବ୍ୟବହାର ସହିତ ସର୍ବୋଚ୍ଚ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ମ୍ୟାଚଗୁଡିକରେ କ୍ୟାମେରା ବ୍ୟବସ୍ଥା କରିବାର ନିଷ୍ପତ୍ତି ନେବାକୁ ସବୁ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଭିଜନ୍ ମାଧ୍ୟମରେ ସମସ୍ତ ଜିଲ୍ଲାଗୁଡିକରେ କ୍ରିକେଟ ଏକାଡେମୀ ଗଠନ କରିବା ସହିତ ଟର୍ଫ ଉଇକେଟ ପାଇଁ ବ୍ୟବସ୍ଥା ମଧ୍ୟ ରହିଛି। ଏଥିପାଇଁ ଆବଶ୍ୟକ ଅର୍ଥ ଅଟକଳ କରିବା ସହିତ ନିୟମିତ ବ୍ୟବଧାନରେ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିବା ପାଇଁ ଏବଂ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଓସିଏ ପ୍ରସ୍ତୁତ ରହିବ। ଆଗାମୀ ଦିନରେ ହେବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ମ୍ୟାଚର ସଫଳ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଓସିଏ। ଦେଖିବାର କଥା ଭିଜନ୍-୨୦୩୦ ମାଧ୍ୟମରେ ଓଡ଼ିଶା କ୍ରିକେଟ କିପରି ସଫଳତା ହାସଲ କରୁଛି।



# ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଗିରଫ, ୧୪୮ % ଆୟବହିର୍ଭୂତ ସମ୍ପତ୍ତି ଠାବ

**ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କୋଟିପତି ନିର୍ବାହୀ ଯନ୍ତ୍ରୀ(ଇଇ) ଜଗନ୍ନାଥ ପଟ୍ଟନାୟକଙ୍କୁ ଗୁରୁବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ଠାବ ହୋଇଥିବା ବିପୁଳ ସମ୍ପତ୍ତି ଜଗନ୍ନାଥଙ୍କ ପ୍ରକୃତ ଆୟ ଠାରୁ ୧୪୮ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୧୬/୨୦୨୫) ରୁଜୁ କରାଯାଇ ଜଗନ୍ନାଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ସମ୍ପତ୍ତି ଠୁଳ କରିବାରେ ପତ୍ନୀ ସହଯୋଗ କରିଥିବାରୁ ସେ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ ହୋଇଛନ୍ତି। ଅଭିଯୁକ୍ତ ଜଗନ୍ନାଥଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଜଗନ୍ନାଥ ବେଆଇନ ଭାବେ ନିଜ ଘରେ ହରିଣ ଶିଙ୍ଗ ରଖିଥିବାରୁ ବନ ବିଭାଗ ପକ୍ଷରୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭିଜିଲାନ୍ସ ରିପୋର୍ଟ ଆଧାରରେ ଖୋର୍ଦ୍ଧା ବନ୍ୟଜୀବ ବନଖଣ୍ଡ ଅନ୍ତର୍ଗତ ବାଲିପାଟଣା ବନାଞ୍ଚଳ ପକ୍ଷରୁ


ଜଗନ୍ନାଥ ପଟ୍ଟନାୟକ

**ହରିଣ ଶିଙ୍ଗ ରଖିବା ଅଭିଯୋଗରେ ବାଲିପାଟଣା ବନାଞ୍ଚଳ ପକ୍ଷରୁ ମାମଲା**

ଜଗନ୍ନାଥଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଜଗନ୍ନାଥଙ୍କ ଭୁବନେଶ୍ୱର ଓ ରାୟଗଡ଼ାର ୪ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ଭୁବନେଶ୍ୱର ବଡ଼ଗଡ଼ରେ ଏକ ୩ ମହଲା କୋଠା ସହ ୩ଟି ବହୁମୂଲ୍ୟ ଫ୍ଲାଟ୍ ଥିବା ଜଣାପଡ଼ିଥିଲା। ଜଗନ୍ନାଥଙ୍କ ବାସଭବନରୁ ହଲେ ହରିଣ ଶିଙ୍ଗ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିଲା। ସେହିପରି ବାଲିଅନ୍ତା ରଣପୁର ମୌଜାରେ ଗୋଟିଏ ଫାର୍ମ ହାଉସ୍ ଠାବ ହୋଇଥିବାବେଳେ ଘରୁ ୪୬୦ ଗ୍ରାମର ସୁନା ଅଳଙ୍କାର ଜବତ ହୋଇଥିଲା। ବ୍ୟାଙ୍କ, ଜୀବନବୀମା ଜମା ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ ୮୦.୩୫ ଲକ୍ଷ ଓ ଘରୁ ୭ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ, ନଗଦ ଟଙ୍କା ଏବଂ ଗୋଟିଏ କାର୍ ଓ ଦୁଇଟି ଦୁଇଚକିଆ ଯାନ ଠାବ ହୋଇଥିଲା।

# ବାଘଛାଲ ଜବତ, ଦୁଇ ଚାଲାଣକାରୀ ଗିରଫ

**ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)**

**ଭୁବନେଶ୍ୱରରେ ଏସ୍‌ଟିଏଫ୍ ଚଢ଼ାଉ**



କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗୁରୁବାର ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ରୋଡରେ ଚଢ଼ାଉ କରି ଦୁଇଜଣ ବନ୍ୟଜନ୍ତୁ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ କଲରାପତରିଆ ବାଘଛାଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ନୟାଗଡ଼ ଜିଲା ବାଣିଗୋଛା ଥାନା ଅଞ୍ଚଳର ରାଜେଶ ନାୟକ ଓରଫ ରାଜା (୨୬) ଓ ଗଙ୍ଗାଧର ନାଏକ ଓରଫ ଅର୍ଜୁନ (୨୫)। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ.୧୬/୨୦୨୫) ରୁଜୁ ସହ ଅଧିକ ତଦନ୍ତ କରାଯାଉଛି। ଅଭିଯୁକ୍ତଦ୍ୱୟଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ପରୀକ୍ଷା ପାଇଁ ଜବତ ବାଘଛାଲକୁ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍(ଡବ୍ଲୁଆଇଆଇ)କୁ ପଠାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତଦ୍ୱୟ ନିଜେ ବାଘ ଶିକାର କରିଥିଲେ ନା କାହାଠାରୁ ଆଣିଥିଲେ ସେନେଇ ଜାଣିବାକୁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତଦ୍ୱୟ କିଛିଦିନ ହେଲା ବାଘଛାଲ ରଖିଥିବାବେଳେ ଏହାକୁ ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ସେମାନେ ବାଇକ୍‌ରେ ବାଘଛାଲ ନେଇ ଭୁବନେଶ୍ୱରକୁ ଆସୁଥିବାବେଳେ ଏସ୍‌ଟିଏଫ୍ ଅଧିକାରୀମାନେ ମାଡ଼ି ବସିଥିଲେ।

# ନକଲି ପାସ୍‌ରେ ଲୋକସେବା ଭବନକୁ ପ୍ରବେଶ

## ଅଭିଯୁକ୍ତ ଗିରଫ, ଚାକିରି ଠକେଇ ପାଇଁ ବିଛାଇଥିଲେ ଜାଲ

**ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)**

ନକଲି ପାସ୍ ଜରିଆରେ ଲୋକସେବା ଭବନକୁ ପ୍ରବେଶ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବାଣପୁର ଥାନା ବାଲୁଗାଁ ଅଞ୍ଚଳର ସନ୍ଦୀପ କୁମାର ପ୍ରଧାନ (୩୦)। ତାଙ୍କ ପାଖରୁ ଏକ ନକଲି ଆଇ କାର୍ଡ ଜବତ କରାଯାଇଛି। ତାଙ୍କୁ କୋର୍ଟ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସନ୍ଦୀପ ଅପରାହ୍ନ ପ୍ରାୟ ୩.୪୨ବେଳେ ୬ ନଂ. ଗେଟ୍‌ରେ ସୁରକ୍ଷାକର୍ମୀଙ୍କୁ ନକଲି ପରିଚୟ ପତ୍ର ଦେଖାଇ ଲୋକସେବା ଭବନ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସେଠାରେ ଡ୍ୟୁଟିରେ ଥିବା ଏସ୍‌ଆଇ ମନୋରଞ୍ଜନ ମହାନ୍ତି ଉକ୍ତ ଆଇକାର୍ଡ ଦେଖି ସନ୍ଦେହ କରିଥିଲେ। ସେ ସନ୍ଦୀପଙ୍କ ଆଇକାର୍ଡ ଯାଞ୍ଚ ସହ ଅଟକାଇ ଅଧିକ ପଚରାଉଚରା କରିଥିଲେ। ଏହାଦେଖି ସନ୍ଦୀପ ପରିଚୟ ପତ୍ର ଛାଡ଼ିଦେଇ ଏଜି ଛକ ଅଭିମୁଖେ ଦୌଡ଼ି ପଳାଇ ଯାଇଥିଲେ। ମନୋରଞ୍ଜନ ତାଙ୍କୁ ପିଛା କରି ଏଜି ଛକ ନିକଟରେ କାବୁ କରିଥିଲେ।


ସନ୍ଦୀପ କୁମାର ପ୍ରଧାନ

ଏନେଇ ଏତଲାକ୍ରମେ କ୍ୟାପିଟାଲ ଥାନା ମାମଲା (ନଂ.୩୬୦/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ତେବେ ସନ୍ଦୀପ ଚାକିରି ଠକେଇ ପାଇଁ ଜାଲ ବିଛାଇଥିଲେ ବୋଲି ଜଣାପଡ଼ିଛି। ସନ୍ଦୀପ ଏକ ଡିଟିପି ସେଣ୍ଟରରେ ଜାଲ୍ ପରିଚୟପତ୍ର ତିଆରି କରିଥିଲେ। ଅଧିକ ଟଙ୍କା ଦାବି କରି ଜଣେ ଯୁବକଙ୍କୁ ସରକାରୀ ଚାକିରି ଯୋଗାଇବା ଉଦ୍ଦେଶ୍ୟରେ ଲୋକସେବା ଭବନରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ ବୋଲି ତଦନ୍ତ ବେଳେ ଜଣାପଡିଛି। ସନ୍ଦୀପ ଉକ୍ତ ଜାଲ୍ ପରିଚୟପତ୍ର ବଳରେ ଗତ ଜୁନ୍ ମାସରେ ଲୋକସେବା ଭବନରେ ପ୍ରବେଶ କରିଥିବା ସ୍ୱୀକାର କରିଛନ୍ତି। ତେବେ ସନ୍ଦୀପ ଅନ୍ୟ କୌଣସି ଯୁବକଙ୍କଠାରୁ ଚାକିରି ଯୋଗାଇବା ପାଇଁ ଟଙ୍କା ଆଣିଛନ୍ତି କି ନାହିଁ ପୋଲିସ ଅଧିକ ତଦନ୍ତ ଚଳାଇଛି।

**ଯୁବକଙ୍କ ଗଳା କାଟିବା ମାମଲା**

# ଜେଲ ଗଲେ ସମ୍ପର୍କୀୟା ଶାଳୀ

**କେନ୍ଦ୍ରାପଡ଼ା, ୨୪।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ସଦର ଥାନା ହଜାରୀ ଛକଠାରେ ରକ୍ତ ଜୁଡୁବୁଡୁ ଯୁବକଙ୍କୁ ମଙ୍ଗଳବାର ରାତିରେ ଉଦ୍ଧାର ମାମଲାରେ ଜିଲା ପୋଲିସ ଗୁରୁବାର ଅଭିଯୁକ୍ତା ସମ୍ପର୍କୀୟା ଶାଳୀଙ୍କୁ ଗିରଫ କରିଛି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଢ଼ାବତି ଗ୍ରାମର ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ତାଙ୍କ ନାମରେ ନଂ.୩୪୩/୨୫ରେ ମାମଲା ରୁଜୁ କରାଯାଇ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୯ ଲଗାଯାଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ କହିଛନ୍ତି, ଲକ୍ଷ୍ମୀପ୍ରିୟା ହେଉଛନ୍ତି ଗୁରୁତର ଥିବା ଯୁବକ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ବାଘୁଆଠେଙ୍ଗ ଗ୍ରାମର ସତ୍ୟଜିତ ଷଡଙ୍ଗୀଙ୍କ ସମ୍ପର୍କୀୟ ଶାଳୀ। ସତ୍ୟଜିତଙ୍କ ସ୍ତ୍ରୀ ମରିଯିବା ପରେ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ବଢ଼ିଥିଲା। ତେବେ ଲକ୍ଷ୍ମୀପ୍ରିୟାଙ୍କ ଅନ୍ୟ ସହିତ ପ୍ରେମ ସମ୍ପର୍କ ରହିଥିବା ଜାଣିବା ପରେ ସତ୍ୟଜିତଙ୍କ ସହ ବିବାଦ ରହିଥିଲା। ସତ୍ୟଜିତ କେନ୍ଦ୍ରାପଡ଼ା ବୁଲିବାକୁ ମଙ୍ଗଳବାର ଆସିଥିବା ବେଳେ ଏକ ଧାରୁଆ ଅସ୍ତ୍ରରେ ଗଳା କାଟି ଲକ୍ଷ୍ମୀପ୍ରିୟା ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ରାତି ପ୍ରାୟ ୯ଟାରେ ମାର୍ଶାଘାଇ ଥାନା ପୋଲିସ ପାଟ୍ରୋଲିଂ ସମୟରେ ଏଏସ୍‌ଆଇ ଲୋଭାବତୀ ସାହୁ ଗୁରୁତର ଅବସ୍ଥାରେ ହଜାରୀ ଛକ ସେତୁଠାରୁ ଅନତି ଦୂରରେ ସତ୍ୟଜିତଙ୍କୁ ଉଦ୍ଧାର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଛି। ସେ ଏବେ ସେଠାରେ ଚିକିତ୍ସିତ ହେଉଛନ୍ତି।

# ଉଦୟପୁର ବେଳାଭୂମିରେ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତଦେହ ଜବତ

**ଭୋଗରାଇ, ୨୪।୭(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଦୟପୁର ବେଳାଭୂମିରେ ଗୁରୁବାର ମଧ୍ୟାହ୍ନରେ ଜଣେ ପର୍ଯ୍ୟଟକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ତାଳସାରୀ ମେରାଇନ ପୋଲିସ ମୃତଦେହ ଜବତ କରି ପରିଚୟ ଖୋଜୁଛି।

ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ମିନିଟ୍‌ରେ ଉଦୟପୁର ବେଳାଭୂମିରେ ମଦ୍ୟପାନ କରି କେତେକ ବଙ୍ଗୀୟ ପର୍ଯ୍ୟଟକ ଗାଧୋଉଥିଲେ। ୩ ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ଜଣେ ପର୍ଯ୍ୟଟକଙ୍କୁ ଚେତାଶୂନ୍ୟ ଅବସ୍ଥାରେ କାନ୍ଧରେ ପକାଇ ଅନ୍ୟ ପର୍ଯ୍ୟଟକମାନେ କୂଳକୁ ଆଣିଥିଲେ। ଚେତାଶୂନ୍ୟ ପର୍ଯ୍ୟଟକଜଣକ ସମୁଦ୍ରରେ ବୁଡ଼ି ପାଣି ପିଇଯାଇଥିବା କହି ଅନ୍ୟ ୩

**ମୃତଦେହ ଛାଡ଼ି ସମ୍ପର୍କୀୟ ଫେରାର**

ପର୍ଯ୍ୟଟକ ବ୍ୟାଟେରୀ ଚାଳିତ ରିକ୍ସା ଡାକିବା ଆଳରେ ଯାଇ ମୃତଦେହ ଛାଡ଼ି ପଳାଇ ଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ ଓ ବେଳାଭୂମିର ଅନ୍ୟ ପର୍ଯ୍ୟଟକ ଚେତାଶୂନ୍ୟ ଯୁବକଙ୍କୁ ଦେଖି ୧୧୨ନମ୍ବରକୁ କଲ କରି ସୂଚନା ଦେବା ପରେ ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଚମ୍ପାବତୀ ସୋରେନ ଓ ସମସ୍ତ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ପୋଲିସ ଦୀର୍ଘସମୟ ଧରି ତଦନ୍ତ ଜାରି ରଖିଥିଲେ ମଧ୍ୟ ମୃତ ଯୁବକଙ୍କ କୌଣସି ପରିଚୟ କିମ୍ବା ସମ୍ପର୍କୀୟଙ୍କ ଠିକଣା ପାଇପାରିନାହିଁ। ଫଳରେ ଅପରାହ୍ନରେ ପୋଲିସ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ବ୍ୟବସାୟୀଙ୍କ ନିକଟରୁ ୨ ଲକ୍ଷ ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

**ଆଳି, ୨୪।୭(ବନମାଳୀ ସେନାପତି)**

ଆଳି ଥାନା ଅନ୍ତର୍ଗତ ନିଆଳ ଗ୍ରାମ ମଧ୍ୟରୁ ଖନ୍ଦୋଳ ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ନିକଟରୁ ଗୁରୁବାର ୨ ଲକ୍ଷ ଟଙ୍କା ଦୁର୍ବୃତ୍ତ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ବ୍ୟବସାୟୀ ହେଲେ ଖନ୍ଦୋଳ ଗ୍ରାମର ପୀତାମ୍ବର ଦାସ। ପୀତାମ୍ବର ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ଷ୍ଟେଟ ବ୍ୟାଙ୍କ ଆଳି ଶାଖାରୁ ୨ ଲକ୍ଷ ଟଙ୍କା ଉଠାଇବା ପରେ ସାଇକେଲରେ ନିଆଳ ଗ୍ରାମ ଦେଇ ଖନ୍ଦୋଳ ଯାଉଥିଲେ। ଏହି ସମୟରେ ୨ ଯୁବକ ବାଇକ୍‌ରେ ଯାଇ ତାଙ୍କ ନିକଟରେ ପହଞ୍ଚି ମଉସା ତୁମ ଟଙ୍କା ପଡ଼ିଗଲା କହିବାରୁ ପୀତାମ୍ବର ସାଇକେଲ ବ୍ରେକ୍ ମାରି ସେଠାରେ ରହିଯାଇଥିଲେ। ପରେ ଦୁର୍ବୃତ୍ତ ଦ୍ୱୟ ପୀତାମ୍ବରଙ୍କ ଟଙ୍କା ବ୍ୟାଗ୍ ଛଡ଼ାଇନେଇ ପଳାଇଯାଇଥିଲେ। ଦୁର୍ବୃତ୍ତଦ୍ୱୟ ପୀତାମ୍ବରଙ୍କୁ ବ୍ୟାଙ୍କ ପରିସରରୁ ପିଛା କରୁଥିବା ପୋଲିସ ଅନୁମାନ କରୁଛି। ତେଣୁ ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରା ଦେଖିଲେ ଦୁର୍ବୃତ୍ତମାନଙ୍କ ଗତିବିଧି ସମ୍ପର୍କରେ ସୂଚନା ମିଳିବ ବୋଲି ଲୋକେ କହୁଛନ୍ତି। ବ୍ୟବସାୟୀ ପୀତାମ୍ବର ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତନାଘନା ଆରମ୍ଭ କରିଛି।

## Business

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଡିଜିଟାଲ ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ

**ଭୁବନେଶ୍ୱର,୨୪।୭ (ଅଭୟ ଦାଶ)**

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ନୂତନ ଡିଜିଟାଲ ଦକ୍ଷତା କେନ୍ଦ୍ର ନିକଟରେ କେନ୍ଦୁଝରର ବଡ଼ବିଲଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଏହା କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ 'ଦକ୍ଷ' ଜରିଆରେ ଶୁଭାରମ୍ଭ କରାଯାଇଛି। ଏହା ଜରିଆରେ କମ୍ପାନୀ ସ୍ଥାନୀୟ ଯୁବକମାନଙ୍କର ଡିଜିଟାଲ୍ ଜ୍ଞାନ ବୃଦ୍ଧି କରିବା ସହ ବୃତ୍ତିଗତ ତାଲିମ ମାଧ୍ୟମରେ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ନାସ୍‌କମ୍ ଫାଉଣ୍ଡେଶନ ସହଭାଗିତାରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି। ସେହିଭଳି ଏହି କେନ୍ଦ୍ରରେ ସ୍ଥାନୀୟ ଯୁବକମାନଙ୍କୁ ଡାଟା ଏଣ୍ଟ୍ରି ଅପରେଟର ଏବଂ ଘରୋଇ ଆଇଟି ହେଲପଡେସ୍କ ଆଟେଣ୍ଡାଣ୍ଟ ଭଳି ବ୍ୟବସାୟ ପ୍ରକ୍ରିୟା ପରିଚାଳନା (ବିପିଏମ୍)



ଭୂମିକାରେ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ଦକ୍ଷତା ଉପରେ ତାଲିମ ଦେବାକୁ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ସ୍ଥାନୀୟ ଯୁବତୀଯୁବକମାନଙ୍କ ପାଇଁ ଜୀବିକା ନିର୍ବାହର ନୂତନ ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ବଡ଼ବିଲର ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ସିଏସ୍‌ଆର୍ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁଙ୍କ ସମେତ ଠାକୁରାଣୀ ଲୌହଖଣି ପ୍ରବନ୍ଧକ ଇନ୍ଦ୍ରକାନ୍ତ ସାହା, ସୁରକ୍ଷା ବିଭାଗ ମୁଖ୍ୟ ଉଦୟ ବର୍ମା, ଠାକୁରାଣୀ ଖଣି କଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, ନାସ୍‌କମ୍ ଫାଉଣ୍ଡେଶନ ପ୍ରକଳ୍ପ ପ୍ରବନ୍ଧକ ତିଳକ ଦ୍ୱିବେଦୀ ଏବଂ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ଦେବେନ୍ଦ୍ରନାଥ ପିଙ୍ଗୁଆ କହିଛନ୍ତି, ବର୍ତ୍ତମାନର ନିଯୁକ୍ତି କ୍ଷେତ୍ରରେ ଅତ୍ୟାବଶ୍ୟକ ଡିଜିଟାଲ କୌଶଳ ସହ ଆମ ଯୁବପିଢ଼ିଙ୍କୁ ସଶକ୍ତ କରିବା ଦିଗରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଏହି ପଦକ୍ଷେପ ଖୁବ୍ ପ୍ରଶଂସନୀୟ। ଏହା ବଡ଼ବିଲ ଲୋକମାନଙ୍କ ପାଇଁ ଜୀବିକା ନିର୍ବାହର ନୂତନ ସୁଯୋଗ ଖୋଲିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ସହାୟକ ହେବ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ସିଏସ୍‌ଆର ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ କହିଛନ୍ତି, ପ୍ରକଳ୍ପ 'ଦକ୍ଷ' ମାଧ୍ୟମରେ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଅନ୍ତର୍ଭୁକ୍ତକାରୀ ଏବଂ ଦୀର୍ଘସ୍ଥାୟୀ ଦକ୍ଷତା ବିକାଶ ସୁଯୋଗ ସୃଷ୍ଟି କରିବାକୁ ପ୍ରତିବଦ୍ଧ। ବଡ଼ବିଲରେ ଡିଜିଟାଲ ଦକ୍ଷତା କେନ୍ଦ୍ର ସ୍ଥାନୀୟ ଗୋଷ୍ଠୀଙ୍କ ଉତ୍ଥାନ ଏବଂ ଡିଜିଟାଲ ଦକ୍ଷତା କ୍ଷେତ୍ରରେ ଥିବା ଅଭାବକୁ ଦୂରକରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଫାଉଣ୍ଡେଶନର ପ୍ରକଳ୍ପ ପ୍ରବନ୍ଧକ ତିଳକ ଦ୍ୱିବେଦୀ, ଶିଳ୍ପଜଗତର ଦକ୍ଷତା ଅଭାବକୁ ଦୂର କରିବା ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବା ଦିଗରେ ପଦକ୍ଷେପ ପାଇଁ ଏଏମ୍‌ଏନ୍‌ଏସ୍ କୁ ଧନ୍ୟବାଦ ଜଣାଇଥିଲେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପୂର୍ବରୁ ଓଡ଼ିଶାର କେନ୍ଦୁଝର, ପାରାଦୀପ ଏବଂ କେନ୍ଦ୍ରାପଡ଼ାର ଆଉ ୬୦୦ଯୁବକଙ୍କୁ ତାଲିମ ଦେବା ପାଇଁ ତିନୋଟି ଡିଜିଟାଲ୍ ଦକ୍ଷତା କେନ୍ଦ୍ର ଆରମ୍ଭ କରିସାରିଛି।

# ଜିପିଏଟି ଫଳାଫଳରେ ହାଇଟେକ୍ ଫାର୍ମାସି କଲେଜର ସଫଳତା



**ଭୁବନେଶ୍ୱର,୨୪।୭**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ହାଇଟେକ୍ ଫାର୍ମାସି କଲେଜ ଭୁବନେଶ୍ୱରକୁ ନିକଟରେ ଆଉ ଏକ ସଫଳତା ମିଳିଛି। ବିଶେଷକରି ଗ୍ରାଜୁଏଟ୍ ଫାର୍ମାସି ଆପ୍ଟିଚ୍ୟୁଡ୍ ଟେଷ୍ଟ (ଜିପିଏଟି) ଫଳାଫଳରେ ହାଇଟେକ୍ ଫାର୍ମାସି କଲେଜର ବିଦ୍ୟାର୍ଥୀ ସାଇ ସରସ୍ୱତୀ ଖୁଣ୍ଟିଆ, ରତ୍ନୁପର୍ଣ୍ଣା ରାଉତ, ଅନନ୍ୟା କୁମାରୀ ସେଠୀ ପ୍ରମୁଖ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଏହି ସର୍ବଭାରତୀୟସ୍ତରୀୟ ଜିପିଏଟି ଫଳାଫଳରେ ହାଇଟେକ୍ ଫାର୍ମାସି କଲେଜର ବିଦ୍ୟାର୍ଥୀ ଦମୟନ୍ତୀ ପାଓ୍ୱର, ଅର୍ପିତା ବାରିକ, ଜନ୍ମେଜୟ କାସ୍ତା, ରାଜଶ୍ରୀ କାସ୍ତା, ବିକାଶ ଟୁଡୁ, ରତ୍ନୁପର୍ଣ୍ଣା ରାଉତ, ଅର୍ଘ୍ୟରୂପା ରାଉତ, ଭୂମିକା ସାହୁ, ଶାଶ୍ୱତୀ ମହାନ୍ତି, ସ୍ମୃତିରୋଖା ଲେଙ୍କା, ସ୍ୱସ୍ତି ସାର ଏବଂ ସ୍ମାରକ ରଏଙ୍କ ସମେତ ୧୩ଜଣ ବିଦ୍ୟାର୍ଥୀ କ୍ରମାନ୍ୱୟରେ ୯୦% ନମ୍ବର ରଖି ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ସେହିପରି ଜିପିଏଟିରେ ସଫଳତା ହାସଲ କରିଥିବା ସମସ୍ତ ବିଦ୍ୟାର୍ଥୀ ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟାପିକାଙ୍କର ଶ୍ରେୟ ବୋଲି କହିଥିବାବେଳେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ସମସ୍ତ କୃତୀ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ଅଧ୍ୟାପକଅଧ୍ୟାପିକା ଓ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ଉପନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ, ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର କର, ଉପାଧ୍ୟକ୍ଷା ବବିତା ସାହୁ , ଅଧ୍ୟାପକ ଦେବାଶିଷ କରନ୍, ନମିତ ନାୟକ, ସୌମ୍ୟରଞ୍ଜନ ଘଡ଼େଇ, ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ, ତମନ୍ନା ତୃଷ୍ଣା ସାହୁ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ଓଡ଼ିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତ ଜନସାଧାରଣଙ୍କ ପାଇଁ ସେମାନଙ୍କର ସ୍ୱାସ୍ଥ୍ୟସେବା ନିରନ୍ତର ଜାରି ରହୁ ବୋଲି ଆହ୍ୱାନ ଦେଇଥିଲେ।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୧୦୦ କୋଟିରୁ ଅଧିକ ନିବେଶ

**ଭୁବନେଶ୍ୱର,୨୪।୭**

ବର୍ତ୍ତମାନ ସମୟରେ ଅତ୍ୟାଧୁନିକ ସମନ୍ୱିତ ନିଦାନ କେନ୍ଦ୍ରର ଚାହିଦା ଦ୍ରୁତଗତିରେ ବୃଦ୍ଧିପାଉଛି। ଗୁଣାତ୍ମକ ସେବା ଓ ସୁବିଧା ସାଙ୍ଗକୁ ଗୋଟିଏ ସ୍ଥାନରେ ସମସ୍ତ ପ୍ରକାର ଆବଶ୍ୟକତା ପୂରଣକୁ ସବୁ ବର୍ଗର ଲୋକ ଅଧିକ ସମର୍ଥନ ଓ ପସନ୍ଦ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ନ୍ୟୁ ବର୍ଗ ପଲ୍ସ ଡାଇଗ୍ନୋଷ୍ଟିକ୍ କେନ୍ଦ୍ରର ପ୍ରଥମ ଅତ୍ୟାଧୁନିକ ସମନ୍ୱିତ ନିଦାନ କେନ୍ଦ୍ର ରାଞ୍ଚିଠାରେ ଆରମ୍ଭ କରିଛି। ଏପରିକି ନ୍ୟୁବର୍ଗ ଗ୍ରୁପ୍ ଆସନ୍ତା ୨-୩ ବର୍ଷ ମଧ୍ୟରେ ଝାଡ଼ଖଣ୍ଡରେ ନିଦାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୦୦କୋଟିରୁ ଅଧିକ ଟଙ୍କାର ନିବେଶ କରିବାକୁ ଯାଉଛି। ବର୍ତ୍ତମାନ ୩୦କୋଟି ଟଙ୍କାରେ କମ୍ପାନୀର ପ୍ରଥମ ଅତ୍ୟାଧୁନିକ ସମନ୍ୱିତ ନିଦାନ କେନ୍ଦ୍ରର ଶୁଭାରମ୍ଭ କରିଛି। ଏହି ଅବସରରେ ମହେନ୍ଦ୍ର ସିଂହ ଧୋନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନ୍ୟୁବର୍ଗ ଡାଇଗ୍ନୋଷ୍ଟିକର ଅଧ୍ୟକ୍ଷ ତଥା ଏମ୍‌ଡି ଡା. ଜି.ଏସ୍. କେ. ବେଲୁ, ସିଇଓ ତଥା ଏମଡି ସୁନିତା ବିହାନି ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ରାଞ୍ଚିର ନ୍ୟୁବର୍ଗ ପଲ୍ସ ଡାଇଗ୍ନୋଷ୍ଟିକ ସେଣ୍ଟର ହର୍ମୁ କଲୋନିସ୍ଥିତ ମହେନ୍ଦ୍ର ସିଂହ ଧୋନୀଙ୍କର ପୁରୁଣା ବାସଭବନରେ ସ୍ଥାପନ କରାଯାଇଛି, ଯେଉଁଠି ସେ ଅତୀତରେ ପରିବାର ସହ ରହୁଥିଲେ। ଏହି କେନ୍ଦ୍ର ଗୋଟିଏ ଛାତ ତଳେ ସମସ୍ତ ପ୍ରକାର ନିଦାନ ସୁବିଧା ପ୍ରଦାନ କରିଥାଏ। ଏପରିକି ନ୍ୟୁ ବର୍ଗ ଡାଇଗ୍ନୋଷ୍ଟିକ୍ସ କୋଲକାତାର ପଲ୍ସ ଗ୍ରୁପ୍ ସହଭାଗିତାରେ ପୂର୍ବ ଭାରତର ପଶ୍ଚିମବଙ୍ଗ, ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ଉତ୍ତର-ପୂର୍ବ ରାଜ୍ୟରେ ନିଜର ସ୍ଥିତି ମଜବୁତ କରିବା ପାଇଁ ଏଭଳି ମିଳିତ ପଦକ୍ଷେପ ନେଇଛି। ଏ ସମ୍ପର୍କରେ ଡା. ଜି.ଏସ୍.କେ. ବେଲୁ କହିଛନ୍ତି, ଆମେ ଏହି ସମନ୍ୱିତ ନିଦାନ କେନ୍ଦ୍ରର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଝାଡ଼ଖଣ୍ଡବାସୀଙ୍କ ପାଇଁ ନିୟମିତ ପ୍ରତିଷେଧକମୂଳକ ପରୀକ୍ଷାଠାରୁ ଆରମ୍ଭକରି ଉନ୍ନତ ପାଥୋଲୋଜି ଏବଂ ରେଡିଓଲୋଜି ସେବା ସୁଲଭ ମୂଲ୍ୟରେ ପ୍ରଦାନ କରୁଛୁ।

# ଉଶୁ ବିଜେତାଙ୍କୁ ସମ୍ମାନିତକଲେ ରାଜ୍ୟପାଳ

**ଭୁବନେଶ୍ୱର,୨୪।୭**

ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ପ୍ରତିଷ୍ଠାନ ତଥା ଜିନ୍ଦଲ ଫାଉଣ୍ଡେଶନର ୨ ଜଣ ତାରକା କ୍ରୀଡ଼ାବିତ ପ୍ରେମ ମୁଣ୍ଡା ଏବଂ ରାଜକୁମାର ମୁଣ୍ଡାଙ୍କୁ ବୁଧବାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ସମ୍ମାନିତ କରିଛନ୍ତି। ଭୁବନେଶ୍ୱରର ରାଜଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଜିନ୍ଦଲ ଫାଉଣ୍ଡେଶନ ଉଶୁ ତାଲିମ କାର୍ଯ୍ୟକ୍ରମର ୨ ଯୁବ ଖେଳାଳି ପ୍ରେମ ମୁଣ୍ଡା ଏବଂ ରାଜକୁମାର ମୁଣ୍ଡାଙ୍କୁ ସମ୍ମାନିତ କରିଛନ୍ତି। ଏହି ଯୁବ ଖେଳାଳିମାନେ ସମ୍ପ୍ରତି ରୁଷଆର ମସ୍କୋଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଉଶୁ ଚାମ୍ପିୟନଶିପରେ ଭାରତକୁ ପ୍ରତିନିଧିତ୍ୱକରି ପୁରୁଷ ୪୮କିଲୋଗ୍ରାମ ଏବଂ ୫୨ କିଲୋଗ୍ରାମରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଉଭୟ ରାଜକୁମାର ଏବଂ ପ୍ରେମ ବଡ଼ବିଲର ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲରେ ରହୁଛନ୍ତି। ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ସେମାନଙ୍କୁ ପ୍ରତିଦିନ କ୍ରୀଡା ପ୍ରଶିକ୍ଷଣ, ଖାଦ୍ୟ, ପୋଷାକ, ଶିକ୍ଷା,



ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି। ଯାହା ଜଣେ କ୍ରୀଡାବିତଙ୍କ ପାଇଁ ବିଶ୍ୱସ୍ତରୀୟ ପ୍ଲାଟ୍‌ଫର୍ମରେ ପ୍ରତିଯୋଗିତା ପାଇଁ ଆବଶ୍ୟକ ରହିଥାଏ।

ରାଜ୍ୟପାଳଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଥିଲେ, ଏହା ଆମ ସମସ୍ତଙ୍କ ପାଇଁ ଏକ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ବଡ଼ବିଲର ଏହି ଯୁବକମାନେ କେବଳ କ୍ରୀଡାରେ ଉତ୍କର୍ଷ ପ୍ରଦର୍ଶନ କରିନାହାନ୍ତି ବରଂ ପ୍ରମାଣ କରିଛନ୍ତି ଯେ ଠିକ୍ ସମର୍ଥନ ମିଳିଲେ ସଫଳତା ସୁନିଶ୍ଚିତ ଏବଂ ତୃଣମୂଳସ୍ତରର ପ୍ରତିଭା ମଧ୍ୟ ବିଶ୍ୱସ୍ତରରେ ଚମକି ଉଠିପାରିବେ। ସେମାନଙ୍କର ସଫଳତା ଆମର ବିଶ୍ୱାସକୁ ପ୍ରତିଫଳିତ କରିଛି। ଭାରତର ଗ୍ରାମାଞ୍ଚଳରେ ଅସୀମ ସମ୍ଭାବନା ରହିଛି, ସଶକ୍ତ ହେବାକୁ ଅପେକ୍ଷା କରିଛି।

# ଭାରତୀୟ ପର୍ଯ୍ୟଟକଙ୍କୁ ବିଶ୍ୱସ୍ତରୀୟ ସେବା

**ଭୁବନେଶ୍ୱର,୨୪।୭**

ଭାରତର ଅଗ୍ରଣୀ ଅନ୍‌ଲାଇନ ଟ୍ରାଭେଲ କମ୍ପାନୀ ମେକ୍ ମାଇଁ ଟ୍ରିପ୍‌ର ବହୁ ପ୍ରତୀକ୍ଷିତ ସେବା 'ଟୁର୍‌ସ ଆଣ୍ଡ ଆଟ୍ରାକ୍ସନ ବୁକିଂ ପ୍ଲାଟ୍‌ଫର୍ମ'ର ଶୁଭାରମ୍ଭ କରାଯାଇଛି। ଏପରିକି ଏହି ପ୍ଲାଟ୍‌ଫର୍ମ ଜରିଆରେ ଭାରତୀୟ ପର୍ଯ୍ୟଟକମାନେ ବିଶ୍ୱସ୍ତରୀୟ ସେବା ଓ ସୁବିଧା ସାଙ୍ଗକୁ ୧୩୦ ଦେଶର ୧୧୦୦ ସହରରେ ୨୦୦,୦୦୦ରୁ ଅଧିକ ବୁକିଂଯୋଗ୍ୟ କାର୍ଯ୍ୟକଳାପ ସୁବିଧା ପାଇପାରିବେ। ସେହିଭଳି ଏହି ପ୍ଲାଟ୍‌ଫର୍ମରେ ଭାରତୀୟ ଯାତ୍ରୀମାନେ ସହର ପଦଯାତ୍ରା ଏବଂ ସାଂସ୍କୃତିକ ପର୍ଯ୍ୟଟନଠାରୁ ଆରମ୍ଭ କରି ଥିମ୍ ପାର୍କ ଏବଂ ଦୁଃସାହସିକ କ୍ରୀଡ଼ା ପର୍ଯ୍ୟନ୍ତ ସମସ୍ତ ବିଶ୍ୱସ୍ତରୀୟ ଅଭିଜ୍ଞତା ଆବିଷ୍କାର ଏବଂ ବୁକ୍ କରିପାରିବେ। ଭାରତରୁ ବାହାରକୁ ଯାଉଥିବା ପର୍ଯ୍ୟଟକମାନେ ଯାତ୍ରା ବୁକିଂ କରିବା ସମୟରେ ପ୍ରାୟତଃ ବିକ୍ଷିପ୍ତ ସୂଚନା, ବିଦେଶୀ ମୁଦ୍ରା ମୂଲ୍ୟ ଏବଂ ଅସଂଯୁକ୍ତ ଯୋଜନା ସହ ସଂଘର୍ଷ କରନ୍ତି। ସେହିଭଳି ମେକ ମାଇଁ ଟ୍ରିପ୍ ସବୁକିଛିକୁ ଗୋଟିଏ ସୁଗମ ଇଣ୍ଟରଫେସ୍‌ରେ ଏକାଠିକରି ଏହି ସମସ୍ୟା ଦୂର କରିବା ଏବଂ ବିଶ୍ୱ ଅଭିଜ୍ଞତା ଯୋଜନାରେ ସ୍ୱଚ୍ଛତା ଆଣିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ମେକ୍ ମାଇଁ ଟ୍ରିପ୍‌ର ସହ-ପ୍ରତିଷ୍ଠାତା ଏବଂ ଗ୍ରୁପ ସିଇଓ ରାଜେଶ ମାଗୋ କହିଛନ୍ତି, ଆମର ପ୍ରୟାସ ହେଉଛି ବିମାନ, ହୋଟେଲ ଏବଂ ସ୍ଥଳ ପରିବହନ ବୁକିଂ ପରି ଆବିଷ୍କାର ଏବଂ ବୁକିଂ ଅଭିଜ୍ଞତାକୁ ସରଳ, ସୁବିଧାଜନକ ଏବଂ ବ୍ୟକ୍ତିଗତ କରିବା।

# ଲଗାଣ ବର୍ଷାରେ ଭାଙ୍ଗିଲା ପୋଲ

## ୧୦ରୁ ଊର୍ଦ୍ଧ୍ୱ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ



କପ୍ତାପିପଲ ନାଳ ଉପରେ ଥିବା ପୋଲ ଭାଙ୍ଗିଯାଇଛି।

ନୂଆପଡ଼ା,୨୪।୭ (ମକାରୁ ବେମାଲ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ନୂଆପଡ଼ା ଜିଲା କୋମନା ବ୍ଲକର ଏକ ନାଳ ଉପରେ ଥିବା ପୋଲ ଭାଙ୍ଗିଯାଇଛି। ଫଳରେ ଆଖପାଖର ୧୦ରୁ ଊର୍ଦ୍ଧ୍ୱ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସୂଚନା ଅନୁଯାୟୀ କୋମନା ବ୍ଲକର ସୁନାବେଡାରୁ ଗାତବେଡାକୁ ସଂଯୋଗ କରୁଥିବା ରାସ୍ତାରେ କପ୍ତାପିପଲ (ତେତେଲଖୁଣ୍ଟି) ନାଳ ବହିଯାଇଛି। ବୁଧବାର ରାତିରେ ଲଗାଣ ବର୍ଷା ଯୋଗୁ ପାହାଡରୁ ପାଣି ଖସି ନାଳ ଉଚ୍ଛୁଳି ଉଠିଥିଲା। ଏପରି କି ନାଳ ଉପରେ ଥିବା ପୋଲରେ ୩ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। ଜଳ ସ୍ରୋତରେ ଉଭୟ ପାର୍ଶ୍ୱ ଧୋଇଯାଇ ବହୁ ପୁରାତନ ପୋଲ ଭାଙ୍ଗିଯାଇଥିଲା। ଫଳରେ ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ଗାତିବେଡା, ଡେଙ୍କୁନପାଡ଼ି, ସାଲେପାଡା, ଜୋଲାଧୁଆ, କୋଟରାବେଡା, ଦେଓସିଲ, ଗୁରୁପାଣି, ଛିନମୁଣ୍ଡି, ବୋହେଲପଡା ଆଦି ଗାଁଗୁଡିକ ବିଚ୍ଛିନ୍ନ ହୋଇଯାଇଛି। ଏଥିଯୋଗୁ ନାଳ ପାରି ହୋଇ ନ ପାରି ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ସ୍କୁଲ, କଲେଜ ଯାଇ ନ ପାରିବାରୁ ଛାତ୍ରଛାତ୍ରୀଙ୍କ ପାଠପଢା ବନ୍ଦ ହୋଇଯାଇଛି। ସେହିପରି ତେରେଙ୍ଗାଁ-ଜାମଗାଁ ଘାଟିରେ ବଡ ବଡ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ପଡି ଯାଇଥିବାରୁ ସୁନାବେଡାକୁ ଯାତାୟାତ ଠପ ହୋଇଯାଇଛି। ଅତ୍ୟଧିକ ବର୍ଷା ଯୋଗୁ ଗୋଡା ପାହାଡରୁ ବଡ ବଡ ପଥର ଖଣ୍ଡ ଖସି ଆସିଥିବା ବେଳେ ପାଣିରେ ଧୋଇ ହୋଇ ରାସ୍ତା ଖାଲଖମା ହୋଇଯାଇଛି। ଫଳରେ ବସ୍ ଓ ଅନ୍ୟ ଗାଡିମୋଟର ଯିବା ସମ୍ଭବ ହେଉନାହିଁ। ଏଥିଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପୋଲ ମରାମତି ସହ ରାସ୍ତାରେ ପଡିଥିବା ଗଛ ଓ ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ସୁନାବେଡା ଅଞ୍ଚଳବାସୀ ଦାବି କରିଛନ୍ତି।

# ଭୋଟ ହେଲା, କିନ୍ତୁ ଗଣତି ହେଲା ନାହିଁ

ଗୁଡାରି,୨୪।୭ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ବିରୋଧରେ ଗୁରୁବାର ଅନାସ୍ଥା ଭୋଟ ଗ୍ରହଣ ହୋଇଥିଲା। ଗୁଡ଼ାରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ କଡ଼ା ସୁରକ୍ଷା ବଳୟରେ ମତଦାନ ହୋଇଥିଲା। ବ୍ଲକ୍ର ୯ଟି ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ମୋଟ ୧୮ ଜଣ ସମିତିସଭ୍ୟଙ୍କ ମଧ୍ୟରୁ ୧୬ ଜଣ ଭୋଟଦାନରେ ଭାଗ ନେଇଥିଲେ। ତେବେ ଅନାସ୍ଥା ନିର୍ବାଚନ ଶେଷ ହୋଇଥିଲେ ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟ ଗଣତି ହୋଇନାହିଁ କି ଫଳାଫଳ ଘୋଷଣା କରାଯାଇନାହିଁ। ଫଳରେ କେତେ ଭୋଟ ଅନାସ୍ଥା ସପକ୍ଷରେ ଓ ବିପକ୍ଷରେ ଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ହାଇକୋର୍ଟଙ୍କ ପରବର୍ତ୍ତୀ ରାୟ ପର୍ଯ୍ୟନ୍ତ ଫଳାଫଳ ଘୋଷଣା କରାଯାଇପାରିବନାହିଁ ବୋଲି ସ୍ଥାନୀୟ ତହସିଲଦାର ତଥା ରିଟର୍ଣ୍ଣି ଅଫିସର ଏ. ସ୍ନେହଲତା ସୂଚନା ଦେଇଛନ୍ତି। ଗୁଡ଼ାରି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ। ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବାବୁଲି ନାୟକ ଏବଂ ଗୁଡ଼ାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମତଦାନ କେନ୍ଦ୍ରରେ ପୋଲିସ ମୁତୟନ ହୋଇଥିଲେ। କଡ଼ା ସୁରକ୍ଷା ବଳୟରେ ବାଲଟ ବକ୍ସ ଗୁଣପୁର ସ୍ଥାନାନ୍ତର କରାଯାଇଛି।



କଡ଼ା ସୁରକ୍ଷା ବଳୟରେ ବାଲଟ ବକ୍ସ ଗୁଣପୁର ନିଆଯାଉଛି।

## ଗୁଡ଼ାରି ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା

ସୂଚନା ମୁତାବକ, କଂଗ୍ରେସ ସମର୍ଥିତ ଗୁଡାରି ବ୍ଲକ୍ ଅଧ୍ୟକ୍ଷା ଶବରଙ୍କ ମନମୁଖି କାର୍ଯ୍ୟକଳାପକୁ ବିରୋଧକରି ଗତ ଜୁନ୍ ୧୮ରେ ବ୍ଲକ୍ର ୧୪ ଜଣ ସରପଞ୍ଚ ଓ ସମିତି ସଭ୍ୟ ତାଙ୍କ ବିରୋଧରେ ଅନାସ୍ଥା ଆଗତ କରିବା ପାଇଁ ଗୁଣପୁର ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଉପଜିଲାପାଳ ସମସ୍ତ ଦସ୍ତଖତ ଯାଞ୍ଚକରି ନିର୍ବାଚନ ତାରିଖ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଅନାସ୍ଥା ଭୋଟ ପାଇଁ ନୋଟିସ୍ ମିଳି ନ ଥିବା ଦର୍ଶାଇ ନିର୍ବାଚନକୁ ସ୍ଥଗିତ ରଖିବାକୁ ଅଧ୍ୟକ୍ଷା ଶବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣିକରି ୨୪ରେ ଭୋଟ ଗ୍ରହଣ ହେବ, କିନ୍ତୁ କୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ଯାଏଁ ଫଳାଫଳ ଘୋଷଣା ହେବନାହିଁ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ଅନାସ୍ଥାରେ ନିଶ୍ଚିତ ଭାବେ ଅଧ୍ୟକ୍ଷାଙ୍କ ପଦବୀ ଯିବ ବୋଲି ଦୃଢତାର ସହ ଭୋଟ ଦେଇଥିବା ସରପଞ୍ଚ ଓ ସମିତି ସଭ୍ୟମାନେ କହିଛନ୍ତି। ଭୋଟ ଗ୍ରହଣ ପରେ ଅଧ୍ୟକ୍ଷାଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍ ହୋଇ ରହିଛି।

# ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀ ନିଖୋଜ

## ଅପହରଣ ସନ୍ଦେହ

ନୀଳଗିରି, ୨୪।୭
(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଭଉଁରିଆଁବାଡ଼ ପଞ୍ଚାୟତ ବଣଭୂଇଁ ଏସ୍ଏସ୍ଡି ସରକାରୀ ସେବାଶ୍ରମ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଚିକିତ୍ସାଧୀନ ଅବସ୍ଥାରେ ନିଖୋଜ ହୋଇଯାଇଛନ୍ତି। ତାଙ୍କୁ ଅପହରଣ କରାଯାଇଥିବା ସନ୍ଦେହ କରାଯାଉଛି। ଉକ୍ତ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଗତ ୨୧ ତାରିଖ ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ନୀଳଗିରି ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ସମୟରେ ବିଦ୍ୟାଳୟର ରୋଷେୟା ତଥା ଜଗୁଆଳି ପ୍ରତିମା ମଲ୍ଲିକ ଏବଂ ଛାତ୍ରୀଙ୍କ ମା' ମେଡିକାଲ ବେଡ୍ରେ ଜଗି ରହିଥିଲେ। ମାତ୍ର ଗତ ୨୩ ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ ଛାତ୍ରୀଜଣକ ଶୌଚ ଯାଇଥିବା ବେଳେ କୁଆଡେ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ପରେ ଜଗୁଆଳି ଏବଂ ଛାତ୍ରୀଙ୍କ ମା' ମିଶି ମେଡିକାଲ ପରିସରରେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଝିଅର ସନ୍ଧାନ ପାଇ ନ ଥିଲେ। ନିରୁପାୟ ହୋଇ ଶେଷରେ ଜଗୁଆଳି ଘଟଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ମେଡିକାଲରେ ପହଞ୍ଚି ଘଟଣାକୁ ଅନୁଧ୍ୟାନ କରିଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଙ୍କ ନିଖୋଜ ଘଟଣା ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରିଣୀଙ୍କୁ ଜଣାଇ ନ ଥିଲେ ବୋଲି ଜିଲା ମଙ୍ଗଳ ଅଧିକାରିଣୀ କହିଛନ୍ତି। ଅପରପକ୍ଷରେ ଗଣମାଧ୍ୟମକୁ ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଙ୍କ ନିଖୋଜ ପଛରେ ତଥ୍ୟ ସଂଗ୍ରହ କଲା ପରେ ଗୁରୁବାର ଜିଲା ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ଜଣାଇଥିବା କହିଛନ୍ତି। ତାଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଧାନ ଶିକ୍ଷୟିତ୍ରୀ ରାଉତ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନା ପକ୍ଷରୁ ଏକ ମାମଲା(ନଂ. ୨୯୨/୨୫) ରୁଜୁ ହୋଇଛି।

# ୬୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୪।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ବସ୍ତର ଡିଭିଜନର ୫ ମାଓବାଦୀ ପ୍ରଭାବିତ ଜିଲାରେ ୬୬ ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ପୁରସ୍କୃତ ଓ ହାର୍ଡକୋରମାନେ ରହିଛନ୍ତି। ଯାହାଙ୍କ ଉପରେ ୨ କୋଟି ୨୭ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ବିଜାପୁର ଜିଲାରୁ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ ରମାନ୍ନା ଇର୍ପା ଓରଫ ଜଗଦୀଶ ଓରଫ ବିକେଶ ରହିଛନ୍ତି । ତାଙ୍କ ଉପରେ ୨୫ ଲକ୍ଷର ପୁରସ୍କାର ଘୋଷଣା କରାଯାଇଥିଲା। ଏଥିସହ ବିଜାପୁର ଜିଲାରେ ସର୍ବାଧିକ ୧ କୋଟି ୧୫ ଲକ୍ଷର ପୁରସ୍କାର ଘୋଷିତ ୨୫ ଜଣ ଆତ୍ମସମର୍ପଣ କରିଛନ୍ତି। ଦାନ୍ତେୱାଡା ଜିଲାରେ ୧୫, କାଙ୍କେରରେ ୧୩, ନାରାୟଣପୁରରେ ୮ ଓ ସୁକ୍ମା ଜିଲାରେ ୫ ଜଣଙ୍କ ସମେତ ମୋଟ ୬୬ ଜଣ ଆତ୍ମସମର୍ପଣ କରିଛନ୍ତି। ଏମାନେ ହିଂସା ଛାଡି ସମାଜର ମୁଖ୍ୟସ୍ରୋତକୁ ଫେରିବା ଏବଂ ସମ୍ମାନର ସହ ଜୀବନଯାପନ ନିମନ୍ତେ ନିଷ୍ପତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି।



ଆତ୍ମସମର୍ପଣ କରିଥିବା ମାଓବାଦୀମାନେ।

# ଜିଲାସ୍ତରୀୟ ତଦାରଖ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବାକୁ ନିର୍ଦ୍ଦେଶ

## ଶିଶୁଙ୍କ ସୁରକ୍ଷା ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ

ଭୁବନେଶ୍ୱର,୨୪।୭
(ସୁନିତ୍ ମିଶ୍ର)

ରାଜ୍ୟସ୍ତରୀୟ ଶିଶୁ ସୁରକ୍ଷା ଓ କଲ୍ୟାଣ ତଦାରଖ ତଥା ସମୀକ୍ଷା କମିଟି ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷଠାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାରେ ରହିଥିବା ବିଭିନ୍ନ ସରକାରୀ ବ୍ୟବସ୍ଥା, କାର୍ଯ୍ୟ କରୁଥିବା ବେସରକାରୀ ସଂସ୍ଥା, ଅନୁଷ୍ଠାନ, ସୂଚନା ଶିକ୍ଷା ଓ ଯୋଗାଯୋଗ ବ୍ୟବସ୍ଥା ଏବଂ ସମର୍ଥନ ଉପରେ ବିଶେଷ ଆଲୋଚନା ହୋଇଛି। ମୁଖ୍ୟ ଶାସନ ସଚିବ ସବୁ ବିଭାଗର ମିଳିତ ପ୍ରୟାସରେ ଶିଶୁ ସୁରକ୍ଷା ଓ ଯତ୍ନର ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଇଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ସହ ଶିକ୍ଷା, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ଗୃହ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଆଦି ସମ୍ପୃକ୍ତ ବିଭାଗ ଏ ଦିଗରେ ସମ୍ମିଳିତ ପ୍ରୟାସ ଏବଂ ସହଯୋଗକରି ଶିଶୁ ସୁରକ୍ଷା ଓ ଯତ୍ନ କ୍ଷେତ୍ରରେ ଅଧିକ ଉନ୍ନତି ଆଣିବାକୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ଜିଲାସ୍ତରୀୟ ତଦାରଖ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା, ଶିଶୁ ସୁରକ୍ଷା ଭଳି ପ୍ରସଙ୍ଗରେ ଜିଲାସ୍ତରରେ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା ଅନୁଷ୍ଠାନଗୁଡିକ ଅଧିକ ତତ୍ପରତା ଓ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ସେ କହିଛନ୍ତି। କେନ୍ଦ୍ରସ୍ତରୀୟ ମିଶନ ବାତ୍ସଲ୍ୟ ଅନୁମୋଦନ ପରିଷଦ ଓ ମିଶନ ବାତ୍ସଲ୍ୟ କେନ୍ଦ୍ରୀୟ ପ୍ରକଳ୍ପ ତଦାରଖ ୟୁନିଟ୍, ରାଜ୍ୟ ସ୍ତରରେ ରାଜ୍ୟ ଶିଶୁ ସୁରକ୍ଷା ସମିତି, ରାଜ୍ୟ ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା(ସାରା), ସେବା ପ୍ରଦାନ କ୍ଷେତ୍ରରେ ରାଜ୍ୟସ୍ତରୀୟ ତଦାରଖ କମିଟି, ରାଜ୍ୟ, ଜିଲା ଏବଂ ଗ୍ରାମ ଓ ପଞ୍ଚାୟତ ସ୍ତରରେ ତ୍ରିସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ଆଦି କାର୍ଯ୍ୟ କରୁଛି। ରାଜ୍ୟର ୩୦ଟି ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ), ୩୧ଟି ଶିଶୁ କଲ୍ୟାଣ କମିଟି(ସିଡବ୍ଲ୍ୟୁସି), ୩୪ଟି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ, ୩୬ଟି ସ୍ୱତନ୍ତ୍ର ଜୁଭେନାଇଲ ପୋଲିସ୍ ୟୁନିଟ୍ , ୨୨୦ଟି ଶିଶୁ ଯତ୍ନ ଅନୁଷ୍ଠାନ(ସିସିଆଇ) କାର୍ଯ୍ୟ କରୁଛି। ପ୍ରତ୍ୟେକ ବର୍ଷ ପୁଅ ଅପେକ୍ଷା ଝିଅ ପୋଷ୍ୟ ସନ୍ତାନ ସଂଖ୍ୟା ବଢୁଛି। ୧୬୦ଟି ଶିଶୁ ଗୃହ, ୩୩ଟି ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ୧୨ଟି ମୁକ୍ତ ଆଶ୍ରୟ ଗୃହ, ୭ଟି ପର୍ଯ୍ୟବେକ୍ଷଣ ଗୃହ ଓ ୭ଟି ସ୍ୱତନ୍ତ୍ର ଗୃହ ବ୍ୟବସ୍ଥା ରହିଛି।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, KEONJHAR (R&B) CIRCLE, KEONJHAR
No.3447/Date.22.07.2025
INVITATIONS FOR BIDS (IFB)

No.B-338 — 1st Corrigendum to Bid Identification No. CCEKC - 05/2025-26

The following changes are made to the works invited vide Bid Identification No CCEKC - 05/2025-26 vide Letter No. 3170 dt. 08.07.2025.
1. The bid documents in the website www.tendersodisha.gov.in will be available in the website from 11.00 Hours of 17.07.2025 to 16.00 Hours of 06.08.2025 for online bidding. 2. Bids shall be received only on "online" on or before 16.00 Hours of 06.08.2025. 3. Bids received "on-line" shall be opened at 11.30 Hours on 07.08.2025 in the office of the Chief Construction Engineer, Keonjhar (R&B) Circle, Keonjhar. 4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

| Sl. No. | Name of the Work | Sub Head | Sl. No. | Uploaded Specification | Modified Specification Now uploaded |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction of Transit House for Judicial Officers at Rourkela Station, Rourkela in the district of Sundargarh | Percentage BOQ | BOQ Item No. | Bid Identification No CCEKC - 05/2025-26 | Bid Identification No CCEKC-05/2025-26 |
| | | | 7 | Supplying steel i.e. Tor Steel / HYSD Bars conforming IS-1786 including straightening, cutting, bending, binding, welding and jointing if necessary and tying the grills and placing in position as required for R.C.C. Work and providing fan hooks as required, hoisting, lowering, laying including cost, conveyances, taxes tor steel and binding wires of 18 to 20 gauge and labour required for the work for bending, binding and tying the grills in all floors with labour cess etc. (Linear measurement will be taken and quantity will be calculated on standard weight of tor steel/HYSD bars for all heights) complete as per specification & direction of Engineer-in-charge. **Ground Floor Qty - 214.09, Unit - Qntl., Rate 8768.42, Amount - 1877231.04** | Supplying steel i.e. Tor Steel / HYSD Bars conforming IS-1786 including straightening, cutting, bending, binding, welding and jointing if necessary and tying the grills and placing in position as required for R.C.C. Work and providing fan hooks as required, hoisting, lowering, laying including cost, conveyances, taxes tor steel and binding wires of 18 to 20 gauge and labour required for the work for bending, binding and tying the grills in all floors with labour cess etc. (Linear measurement will be taken and quantity will be calculated on standard weight of tor steel/HYSD bars for all heights) complete as per specification & direction of Engineer-in-charge. **Ground Floor Qty - 220.09, Unit - Qntl. Rate 8768.42 Amount -1929841.56** |
| | | | 89 | Supply of AC with Indoor and Outdoor unit. Qty-1, Unit-Nos, Rate-52710.00, Amount-52710.00 | Supply of AC with Indoor and Outdoor unit |

All other terms & conditions remained unchanged.
OIPR-34033/11/0083/2526
Sd./- Chief Construction Engineer, Keonjhar (R&B) Circle, Keonjhar



OFFICE OF THE NOTIFIED AREA COUNCIL, KUCHINDA
COMPETITIVE BIDDING THROUGH e-Procurement
NOTICE INVITING TENDER
No.1861/NAC, Date : 21.07.2025
Bid Reference No. KCDA/NAC-2/2025-26

**No.C-733** : On behalf of the Kuchinda NAC, on-line e-tender **Rate Bids** under **two Bids system i.e. Technical Bid & Financial Bid** from intending experienced, financial sound registered & authorized Manpower Service Provider Agency/Firms/ Trust/NGOs having similarnature of work experience of at least **Ten (10) years (count of experience i.e valid PAN Card and Registration Certificate)** for outsourcing the service of manpower to Sanitation Works including collection of solid waste from Door to Door, Road sweeping, Drain Cleaning, Bush Cutting from Kuchinda NAC area on the terms & conditions mentioned in the tender document. Further details can also be seen from the Website i.e. https://tendersodisha.gov.in. In case of any addendum / corrigendum/ cancellation/ clarification/ extension regarding this tender, the same will be published in the above-mentioned official websites only.

1. Total No. of works for which Tenders invited: **01 No.**
2. Place of Execution: Kuchinda NAC
3. Estimated Cost of Individual Work:
4. Eligible Class of Contractors: Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.Os having similar nature of work experience of at least Ten years and fulfilling the other criteria as given in the D.T.C.N.
5. Intending bidders have to participate through **"On-Line"** bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **11.00 A.M** on **Dt. 24.07.2025** to 5.30 P.M on **07.08.2025** for online bidding.
7. Bids received online will be opened at 11.00 A .M on **08.08.2025.**
8. The bidder must possess valid and compatible **Digital Signature Certificate (DSC).**
9. The DTCN for 01 No. of works shall be available in the e-procurement portal www.tendersodisha.gov.in for on-line bidding.

Sd./- Executive Officer
Notified Area Council, Kuchinda
OIPR-13121/11/0015/2526



No.A-422
GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION
At/P.O. - Kamakhyanagar, Dist. : Dhenkal, Odisha, PIN-759018
Ph. no. : 06769-270771, Email ID - eerlbcdivision@gmail.com
e-PROCUREMENT NOTICE No.RLBCD-P1-01/2025-26

| | | |
|---|---|---|
| 1 | Category of Work | "Civil Construction Works" |
| 2 | Total No. of Works | **02 (Two) Nos of work** |
| 3 | Estimated Cost | **Varies From Rs. 38.70 Lakhs to Rs. 38.63 Lakhs** |
| 4 | Period of Completion | **60 Days** |
| 5 | Class of Contractor | **"C" & "B"** or equivalent grade/class |
| 6 | Cost of Bid Document / Mode of Payment | **Rs. 6,000/-** (Non-Refundable) / Online through Electronic Payment Mode (Internet Banking/ NEFT/ RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | **Varies From Rs. 38,700/- to Rs.38,630/-** Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details : | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding | **25.07.2025 from 10.00 Hours to 04.08.2025 up to 17.00 Hours.** |
| | (iii) Date, time & venue of Bid Opening (Online) | **On Dt.05.08.2025 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | **On Dt.13.08.2025 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Sd./- Superintending Engineer
R.L.B. Canal Division
Kamakhyanagar
OIPR-32298/11/0029/2526



OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)
ଓଡ଼ିଶା ସରକାର
POWER HOUSE SQUARE, UNIT-V, BHUBANESWAR
TEL. NO. : 0674-2394873, Fax : 2391255/2391024
Email: sdaorissa@od.gov.in, eic-epcei@od.gov.in

**Indicative advertisement for the Engagement of EV Consultant on temporary basis in Energy Conservation Cell in the office of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar**
Advt. No.Tech-EC-1188/ 4427 / Date 22nd July 2025.

**No.AA-22** : Engineer-in-Chief (Electricity)-cum-Principal Chief Electrical Inspector, Odisha under the Department of Energy, Govt. of Odisha invites applications from eligible candidates for engagement of one number of EV consultant. The last date of receipt of completed applications is 07.08.2025, 05:00 PM.
For detailed advertisement and to download the application forms, please visit the website: https://eicelectricityodisha.nic.in. The authority reserves the right to accept / reject any application without assigning any reasons thereof.
**"Go Electric Go Green"**

Sd./-
EIC(E)-cum-PCEI & SDA (0)
OIPR-04066/11/0027/2526



GOVT. OF ODISHA
ST & SC DEVELOPMENT DEPARTMENT
INTEGRATED TRIBAL DEVELOPMENT AGENCY : KARANJIA
DIST. - MAYURBHANJ
E-Procurement Notice
BID IDENTIFICATION NO. - 03/2025-26
e-mail : itdakja@nic.in / itdakaranjia@gmail.com
No.1250 Dtd.21.07.2025

**No.CAD-1212** : Bid Documents consisting of Work, Estimated Costs, cost of Tender Papers, EMD, Time of completion, Class of Contractors and the set of terms and conditions of contract and other necessary documents can be seen/downloaded from Govt. website i.e. www.tendersorissa.gov.in

1. No. of works : 10 (Ten) Nos.
2. Estimated cost : Varies from 20.00 Lakh to 150.00 Lakh
3. Period of completion : Varies from 3 calendar months to 9 calendar months
4. Date & Time of availability of the Bid documents : From 10 A.M. of 25th July 2025 to 12th August 2025 upto 5 P.M.
5. Last date & time of receipt of bids in the portal : Dt.12th Day of August 2025 upto 5 P.M.
6. Last date & time of receipt of Bids through Tender Box : Dt.14th Day of August 2025 upto 11 A.M.
7. Bids received through Tender Box shall be opened on : Dt.14th Day of August, 2025-11.30 A.M. onwards
8. Name and address of the Officer inviting Bids : **Project Administrator, ITDA, Karanjia**

Further details can be seen / downloaded from the procurement portal i.e. www.tendersorissa.gov.in

Sd./- Project Administrator
I.T.D.A, Karanjia
OIPR-19007/11/0010/2526



No.A-430
ଜଳ ସମ୍ପଦ ବିଭାଗ
ଓଡ଼ିଶା ସରକାର
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-04/2025-26

୧.କାର୍ଯ୍ୟର ନାମ: ମୋଟ ୦୪ (ଚାରି) ଗୋଟି ଜଳନିକାସ କାର୍ଯ୍ୟ ।
୨.ଅଟକଳ ମୂଲ୍ୟ: ୧୫୬.୦୮ ଲକ୍ଷ ଟଙ୍କାରୁ ୪୨୪.୬୧ ଲକ୍ଷ ଟଙ୍କା ଯାଏଁ ।
୩.କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୧ (ଏଗାର) ମାସରୁ ୧୮ (ଅଠର) ମାସ ।
୪.ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୨୫.୦୭.୨୦୨୫ ର ୧୧.୦୦ ଘଣ୍ଟାରୁ ତା.୦୮.୦୮.୨୦୨୫ ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫.ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୦୮.୦୮.୨୦୨୫ ର ୧୮.୦୦ ଘଣ୍ଟା ।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା:ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ୍: sedrainagecirclectc@gmail.com

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ । ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍ରେ ପ୍ରକାଶ କରାଯିବ ।

ସ୍ୱା./-ଅତିରିକ୍ତ ମୁଖ୍ୟଯନ୍ତ୍ରୀ
ଜଳନିକାସ ମଣ୍ଡଳ, କଟକ
OIPR-32174/11/0032/2526



See Career Appointment on every Wednesday & Saturday



PANCHAYAT SAMITI OFFICE : PUINTALA
E-mail ID : ori-puintala@nic.in
No.:02/PSPUINTALA/2025-26/1810 Date : 22.07.2025
NOTICE

**No.i-237** : The Block Development Officer, Puintala on behalf of Governor of Odisha invites percentage rate bids in Single cover system to be received in online mode only for the following works as detailed in the table below.

| Sl. No. | Name of the work | Estimated Cost (in Rs.) | Cost of document (Rs.) | Class of Contractor | Period of Completion | Name & address of O.I.T. |
|---|---|---|---|---|---|---|
| 1 | Construction of Additional Class Room at Padiabahal Govt. NUPS, Chhatamakhna GP | 992996.51 | 4000 | D & C | 180 days | B.D.O., Puintala |
| 2 | Construction of Additional Class Room at Gadramunda Govt. Pry. School, GP-Patharla | 992996.51 | 4000 | D & C | 180 days | B.D.O., Puintala |
| 3 | Construction of 02 nos. of Additional Class Room at Talpali Govt. UP School, GP-Patharla | 1985531.11 | 6000 | D & C | 180 days | B.D.O., Puintala |
| 4 | Construction of GPLF Building with Market Complex at Bairasar GP | 2496976.46 | 6000 | C & B | 180 days | B.D.O., Puintala |
| 5 | Construction of GPLF Building with Market Complex at Bileisarda GP | 2496976.46 | 6000 | C & B | 180 days | B.D.O., Puintala |
| 6 | Construction of GPLF Building with Market Complex at Mahimunda GP | 2496976.46 | 6000 | C & B | 180 days | B.D.O., Puintala |
| 7 | Construction of GPLF Building with Market Complex at Randa GP | 2496976.46 | 6000 | C & B | 180 days | B.D.O., Puintala |
| 8 | Construction of GPLF Building with Market Complex at Pipirda GP | 2496976.46 | 6000 | C & B | 180 days | B.D.O., Puintala |
| 9 | Construction of GPLF Building with Market Complex at Kurul GP | 2496976.46 | 6000 | C & B | 180 days | B.D.O., Puintala |
| 10 | Construction of 50 MT Godown with Market Complex and Office Building at Chhatapipal | 2604425.21 | 6000 | C & B | 180 days | B.D.O., Puintala |

Period of availability of Tender on-line :
**17.00 Hrs. of Dt.25.07.2025 to 18.30 Hrs. of Dt.11.08.2025**
**Date of Opening Bids : Dt.13.08.2025, 11.00 A.M.**
**Further details can be seen from the website :** http://tenderodisha.gov.in

Sd./- Block Development Officer
Puintala
OIPR-19160/11/0007/2526



ODISHA CONSTRUCTION CORPORATION LIMITED
BHUBANESWAR, ODISHA
PIN : 751012, Tel No.(0674) 2562020, e-Mail : theoccltd@odishaconstruction.com
GSTIN-21AAACO2571K2ZM
No.CAD-1220
"e-Procurement Notice No-24/OCCL/2025-26 (On-line)
On-line percentage rate tenders are invited for the following works ;

| Sl. No. | Name of Work | Name of Division | Bid Identification No. | Approx value of work | Bid Security (through on-line transfer / as per DTCN (in Rs.) | Period of Completion | Availability & Submission of tender (on-line) |
|---|---|---|---|---|---|---|---|
| 01 | Improvement to Chandanpur branch canal left embankment road from Bidyadharpur to Parbatipur | Nimapara Irrigation Division | OCCL-HQP /07/2025-26 | Rs.2.28 Crore | Rs.2,28,000/- | 6 (Six) calendar Month | From 24.07.2025, 3.30 P.M. to 13.08.2025 5.30 P.M. |
| 02 | Construction of Trough wall in Chandanpur branch canal from RD 28.364 to 29.0 km & Rench sasan 2L minor from 0.3 km to 2.0 km. | | OCCL-HQP /08/2025-26 | Rs.1.54 Crore | Rs.1,54,000/- | 6 (Six) calendar Month | |
| 03 | Construction of Trough wall in Badatara Sub-minor and Hantasara minor | | OCCL-HQP /09/2025-26 | Rs.1.69 Crore | Rs.1,69,000/- | 6 (Six) calendar Month | |
| 04 | Improvement to Kundhei distributary left embankment road from Srikoili to Baidapada | | OCCL-HQP /10/2025-26 | Rs.2.23 Crore | Rs.2,23,000/- | 6 (Six) calendar Month | |
| 05 | Construction of Trough wall in Amaranga and Adhana Minor | | OCCL-HQP /11/2025-26 | Rs.1.62 Crore | Rs.1,62,000/- | 6 (Six) calendar Month | |

Procurement Officer : Managing Director, OCCL
Date of Opening of the Tender : **14.08.2025, 12.00 Noon onwards**
Further details can be seen from the e-Procurement portal : https://www.tendersodisha.gov.in
OIPR-34120/11/0044/2526
Sd./- MANAGING DIRECTOR

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାଜପାରେ ମିଶିଲେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ୧୦ ସରପଞ୍ଚ



ଭାଜପା ନେତାଙ୍କ ସହ ଦଳରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

**ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)**

ବିଜେଡି ଉପରୁ ଆସ୍ଥା ହରାଇ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଅନେକ ବିଜେଡି ନେତୃବୃନ୍ଦ ଓ କର୍ମୀ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକ୍‌ର ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନକରି ଦଳକୁ ସ୍ୱାଗତ କରିଛନ୍ତି। ଲଖନପୁର ବ୍ଲକ୍‌ର ୧୦ ଜଣ ସରପଞ୍ଚ ଭାଜପାରେ ସାମିଲହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିକାଶକୁ ଆଗେଇନେବା ପାଇଁ ସହାୟକ ହେବା ସହ ଦଳୀୟ ସଙ୍ଗଠନ ଅଧିକ ସୁଦୃଢ଼ ହୋଇଛି। ଆଗାମୀ ଦିନରେ ଅନେକ ସଂଖ୍ୟାରେ ବିଜେଡି କର୍ମୀ ଆସି ଭାଜପାରେ ସାମିଲହେବେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକ୍‌ର କଣ୍ଢେଇକେଲା ଗ୍ରାମପଞ୍ଚାୟତର ସରପଞ୍ଚ ଅଶୋକ କୁମାର ସେଠ୍, ରେମତା ସରପଞ୍ଚ ପ୍ରଫୁଲ୍ଲ କୁମାର ସିଂ, ଚାରପାଲି ସରପଞ୍ଚ ଅରୁଣ ସୁନା ଓ ତାଙ୍କ ସ୍ୱାମୀ ପ୍ରଶାନ୍ତ ସୁନା, କାଦମଡିହି ସରପଞ୍ଚ ତାରୁଲତା ବାରିକ, ବାଘମୁଣ୍ଡା ସରପଞ୍ଚ ସୁନିମା ପ୍ରଧାନ, ଜାମଗାଁ ସରପଞ୍ଚ ଗୋପୀନାଥ ସାଇ, ରେମେଣ୍ଡା ସରପଞ୍ଚ ସୁଶାନ୍ତ ନାଏକ, ସାରନ୍ଦା ମାଲ ସରପଞ୍ଚ ଝରଣା ସେଠ୍, ବଞ୍ଜାରୀ ସରପଞ୍ଚ ସୀମା ସାହୁ, ପିପିଲିମାଲ ସରପଞ୍ଚ ରଙ୍ଗଧର ଡିଲା ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ଶାରଦା ପ୍ରସାଦ ଶତପଥୀ, ଝାରସୁଗୁଡ଼ା ଜିଲା ସଭାପତି ରଘୁନନ୍ଦନ ପଣ୍ଡା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ଏକାଦଶାହରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

# ଏକାଠି ହେଲେ ମନ୍ତ୍ରୀ, ଅଧିକାରୀ, ଛାତ୍ରୀଛାତ୍ର

**ଭୋଗରାଇ, ୨୪।୭(ପ୍ରଦୀପ ଦାସ)**

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହରେ ଗୁରୁବାର ଭୋଗରାଇ ବ୍ଲକ ପଳାସିଆସ୍ଥିତ ଗାଁମାଟିରେ ଏକାଠି ହୋଇଥିଲେ ମନ୍ତ୍ରୀ, ବିଧାୟକ, ଅଧିକାରୀ ଓ ଛାତ୍ରୀଛାତ୍ର। ହେରମ୍ବ ଚନ୍ଦ୍ର ଏକାଡେମୀ ଖେଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସୌମ୍ୟାଶ୍ରୀଙ୍କ ତୈଳ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସୌମ୍ୟାଶ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା, ମନ୍ତ୍ରପାଠ, ଭୋଗରାଇ ମହାବିଦ୍ୟାଳୟରେ ଏବିଭିପି ଦ୍ୱାରା ରକ୍ତଦାନ ଶିବିର, ସ୍ୱାସ୍ଥ୍ୟସେବା ଓ ବନପ୍ରାଣୀ ବନାଞ୍ଚଳ ବିଭାଗ ପକ୍ଷରୁ ୧ହଜାର ଚାରା ବଣ୍ଟନ କରାଯାଇଥିଲା। ମୃତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ଘରେ ମାତାପିତା ଓ ଆତ୍ମୀୟସ୍ୱଜନଙ୍କୁ ନେତା ଓ ମନ୍ତ୍ରୀମାନେ ଗଭୀର ସମବେଦନା ଜଣାଇଥିଲେ। ଏହି ଅବସରରେ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା, ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ସାହୁ, ବସ୍ତା ବିଧାୟକା ସୁବାସିନୀ ଜେନା, ବିଜେଡି ରାଜ୍ୟ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସଦର ବ୍ଲକ ଅଧ୍ୟକ୍ଷ ସୁନୀତା ବେହେରା, ସଦର ବିଧାୟକ ମାନସ ଦତ୍ତ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶଦାସ ନାୟକ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ସଦର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଆଡିଶନାଲ ଏସ୍‌ପି ଦେବଜ୍ୟୋତି ଦାସ, ଡିଏଫ୍‌ଓ ଅଭୟ କୁମାର ଦଳାଇ, ଜିଲା ସହକାରୀ ବନସଂରକ୍ଷକ ଦିଗନ୍ତ ଶୋଭାନ ଚାନ୍ଦ, ଜଳେଶ୍ୱର ବନପ୍ରାଣୀ ବନାଞ୍ଚଳର ସହକାରୀ ବନସଂରକ୍ଷିକା ଜୟଶ୍ରୀ ମୁର୍ମୁ, ବନପାଳ ସଞ୍ଜୟ କୁମାର ମହାନ୍ତି, ରଞ୍ଜିତା ବିଶ୍ୱାଳ, ବନରକ୍ଷୀ ମୀନାରାଣୀ ବେହେରା, ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ ପଣ୍ଡା, କଂଗ୍ରେସ ନେତା ସୁଦର୍ଶନ ଦାସ, ସତ୍ୟଶିବ ଦାସ, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସରପଞ୍ଚ ମମତା ସାହୁ, ସୁଦର୍ଶନ ଜେନା, ଭାଜପା ନେତା ଆଶିଷ ପାତ୍ର, ଅଂଶୁମାନ ମହାନ୍ତି, ସଞ୍ଜୀବ ସାହୁ, ସୁନୀଲ କୁମାର କର, ରାଧାକାନ୍ତ ପ୍ରଧାନ, ପୂର୍ବତନ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ସାମାଜିକ କର୍ମୀ ବିଦ୍ୟୁତେନ୍ଦୁ ପାତ୍ରଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଛାତ୍ରୀମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସକାଳ ୮ରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରି ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଶୁକ୍ରବାରଠାରୁ ଆରମ୍ଭହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ(https://janasunani.odisha.gov.in/)ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଛି। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆଦିବାସୀ ମହାସଂଘ ସଦସ୍ୟ

## ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ସରକାରଙ୍କ ପ୍ରାଥମିକତା: ମୋହନ

**ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଦିବାସୀ ମହାସଂଘ, ଓଡ଼ିଶାର କର୍ମକର୍ତ୍ତା ଓ ସଦସ୍ୟମାନେ ଗୁରୁବାର ଲୋକସେବା ଭବନରେ ଭେଟି ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରର ପ୍ରାଥମିକତା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗଙ୍କ ଭିତରେ ପ୍ରଥମରେ ଥିବା ଗରିବଙ୍କ ଭିତରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ମଧ୍ୟ ଆଦିବାସୀମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଜୀବନ ଜୀବିକା ସହ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଖୁବ୍‌ଶୀଘ୍ର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଉଛି। ଆଦିବାସୀ ସମାଜରୁ କୁସଂସ୍କାର ଦୂରକରିବା ପାଇଁ ମହାସଂଘକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଆଲୋଚନା ମାଧ୍ୟମରେ ସବୁ ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି।

ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘର ସଭାପତି କର୍ମା ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରାୟ ୧୧ ଜିଲାରୁ ସଦସ୍ୟମାନେ ଯୋଗଦେଇଛନ୍ତି।



ଲୋକସେବା ଭବନଠାରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଆଦିବାସୀ ମହାସଂଘର କର୍ମକର୍ତ୍ତା।


# Classified Everyday

0674-2580101, 9692975378



REAL ESTATE

**SALE**

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/- ଫ୍ଲାଟ୍ ବିକ୍ରିହେବ 9114705579.** D-76288

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିଶୂଳିଆଛକରେ **3BHK duplex readymade** ଅଛି। **8327785834.** D-76286

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ଫ୍ଲାଟ୍ **2/3BHK flat, duplex** ବିକ୍ରିହେବ **Diptimayee Pati- 8763740343.** D-76296



FOR RENT

**3000sqft., 5500sqft. Godown & 25000sqft. open space with brickwall, Electricity & Water available at Manguli, Cuttack. Contact- 7978027615, 9871716662.** D-1392



Healthcare

Newly open SPA positively health benefits (expert therapist). Contact- 7327030529. D-76929

Positively health benefits SPA expert female therapist homely atmosphere. 9114559830. D-76295

AFFIDAVIT

By virtue of an affidavit sworn before the Executive Magistrate, Boudh, No.- 1057, date- 22.07.25, I, Janani Bagarti, D/o. Rohita Bagarti, R/o. Village/ P.O.- Kharabhuni, P.S.- Harabhanga, Dist.- Boudh, PIN- 762020, declare that I have changed my name from Janani Kumbhar to Janani Bagarti. Henceforth, I shall be known as Janani Bagarti for all purposes.
Janani Bararti
Mob-9777486118
D-1416

I, Seikh Wasim Arrif, S/o. Seikh Allauddin of Village/ P.O./P.S.- Thakurmunda, Dist.- Mayurbhanj, Odisha, PIN-757038, declare by this affidavit No.- 2438, dated- 22.07.2025, executed before the Executive Magistrate, Panchpir, Karanjia that now onwards I shall be known as Sk wasim Arif, S/o- SK Allauddin for all future purposes.
D-1410

By virtue an affidavit sworn before Executive Magistrate, Dhenkanal, dated- 21.07.2025, I Srikanta Kumar Sahoo, At/P.O.-Sankarpur, P.S.- Sadar, Dist.- Dhenkanal, Odisha, PIN- 759013, declare that I have changed my name from Srikant Kumar Sahoo to Srikanta Kumar Sahoo. Henceforth I shall be known as Srikanta Kumar Sahoo for all purposes.
Srikanta Kumar Sahoo
D-1411

By virtue of an affidavit sworn before the Executive Magistrate, Nuapada, No.- 02, date- 23.07.2025, I, Sonalika Patel, W/o. Sandip Kumar Naik, R/o. Rajpur, P.O./P.S./ Dist.- Nuapada, Odisha, PIN- 766105, declare that I have changed my son's name from Naik Shreeyans to Shreeyans Naik. Henceforth he shall be known as Shreeyans Naik for all purposes.
Sonalika Patel
D-1414

By virtue of an affidavit sworn before the Executive Magistrate, Boudh, No.1045, date 19.07.25, I, Anuchhaya Mahakud, D/o. Bhagabana Mahakud, R/o. Village/P.O.- Kankala, P.S. Baunsuni, Dist. Boudh, Odisha, Pin- 762015 declare that I have changed my name from Anusaya Mahakud to Anuchhaya Mahakud. Henceforth I shall be known as Anuchhaya Mahakud for all purposes.
Anuchhaya Mahakud
D-1420

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବା ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, Dated- 24.07.2025, I Urmila Behera, Address: At.- Sardhapali, P.O.- Remed, P.S.- Ainthapali, Dist.- Sambalpur, PIN- 768006, Odisha, declare that I have changed the name of my daughter from Himadrineya Behera to Himadritanaya Behera. Henceforth, she shall be known as Himadritanaya Behera for all purposes.
Urmila Behera
D-1419

By virtue of an affidavit sworn before Executive Magistrate, Chandabali, Dated- 23.07.2025, I Monalisha Maity, Address At.- Jyotsnamayee, P.O.- Dosinga, P.S.- Dhamara, Dist.- Bhadrak, PIN- 756171 declare that I have changed my name from Monalisha Mandal to Monalisha Maity. Henceforth, I shall be known as Monalisha Maity for all purposes.
Monalisha Maity
D-1417

By virtue of an affidavit sworn before MR. T. Hansdah, OAS, Executive Magistrate, Nayagarh, dated- 24.07.2025, I Minati Pradhan, W/o- Ramachandra Pradhan, Resident of Village - Balisahi, P.O.-Kalyanpur, P.S.-Sarankul, Dist.- Nayagarh, PIN-752070 declare that I have changed my name from Minati Nayak to Minati Pradhan. Henceforth, I shall be known as Minati Pradhan for all purposes.
Minati Pradhan
D-1418

## ମନେ ପଡ଼ନ୍ତି

### ଦଶାହ ଶ୍ରଦ୍ଧାଞ୍ଜଳି



୰ସୁଶୀଲ କୁମାର ମହାନ୍ତି
ଭୁବନେଶ୍ୱର
ତିରୋଧାନ:୧୬ ଜୁଲାଇ ୨୦୨୫
କୃଷ୍ଣପକ୍ଷ ଷଷ୍ଠୀ କର୍କଟ ସଂକ୍ରାନ୍ତି
ଦଶାହ ତିଥିରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
:ଶୋକସନ୍ତପ୍ତ:
ସମସ୍ତ ପରିବାର ବନ୍ଧୁବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୧୪୧୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପଦ୍ମଲୋଚନ ସେଠୀ
ଚମ୍ପାବଣୀ ପାଟଣା, ଅନଳିଆ. ଭୋଗରାଇ
ଆବିର୍ଭାବ: ୦୧.୦୬.୧୯୩୧
ତିରୋଧାନ: ୧୫.୦୭.୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
:ଶୋକସନ୍ତପ୍ତ:
ହତଭାଗ୍ୟ ବଡ଼ ପୁତ୍ର- ପ୍ରଫୁଲ୍ଲ, ପ୍ରଦୀପ, ପରେଶ, ପ୍ରଶାନ୍ତ, ବୋହୂ- ରୀନାରାଣୀ, ଶ୍ୟାମଳୀ, ମେନକା, ଝିଅ- ଗୌରୀ, ମଙ୍ଗଳୀ, ଗୁରୁବାରୀ, ସବିତା, ମିନତୀ, ମାଳତୀ, ଜ୍ୱାଇଁ- କାଳିଚରଣ, ରବୀନ୍ଦ୍ର, ବଳାଇ, ରବୀନ୍ଦ୍ର, ସତୀଶ, ସୁଶାନ୍ତ ଓ ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୪୧୩

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏଫ୍‌ଏମ୍ ଇଷ୍ଟ କ୍ୟାମ୍ପସ୍‌ରେ କ୍ରାଇମବ୍ରାଞ୍ଚ ଟିମ୍

**ବାଲେଶ୍ୱର,୨୪।୭(ବାଞ୍ଛାନିଧି ଦେ)**

### ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ ଗୁରୁବାର ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଛି। କ୍ରାଇମବ୍ରାଞ୍ଚର ୪ଜଣିଆ ଟିମ୍ ମହାବିଦ୍ୟାଳୟରେ ପହଞ୍ଚି ଘଟଣାର ବିଭିନ୍ନ ଦିଗକୁ ନେଇ ଖୋଳତାଡ଼ କରିଛି। ମୁଖ୍ୟ କ୍ୟାମ୍ପସ୍‌ରେ ୨ଜଣ ଅଧିକାରୀ ତଦନ୍ତ ଜାରି ରଖିଥିବା ବେଳେ ଅନ୍ୟ ଦୁଇଜଣ ଅଧିକାରୀ ଇଷ୍ଟ କ୍ୟାମ୍ପସ୍‌ରେ ପହଞ୍ଚିଥିଲେ। ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ ବିଭାଗର ଛାତ୍ରୀଛାତ୍ରଙ୍କୁ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା ସମ୍ପର୍କରେ ପଚରାଉଚରା କରି ସବିଶେଷ ତଥ୍ୟ ହାସଲ କରିଥିଲେ। ଏଥିସହ କ୍ୟାମ୍ପସ ଓ ମହାବିଦ୍ୟାଳୟ ନିକଟ ରାସ୍ତା ପାର୍ଶ୍ୱରେ ଥିବା ବିଭିନ୍ନ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା। ବୁଧବାର ଏହି ଟିମ୍ ୨ଜଣ ଛାତ୍ରୀଙ୍କୁ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା।

# ନିଃସନ୍ତାନ ଦମ୍ପତିଙ୍କ ପାଇଁ ଭରସା

### ବିଶ୍ୱ ଏମ୍ବ୍ରିଓଲୋଜିଷ୍ଟ ଦିବସ

ସାଧାରଣତଃ ସବୁ ଦମ୍ପତି ବାହାଘର ପରେ ପରେ ଏକ ସନ୍ତାନ ଚାହିଥାନ୍ତି। ପ୍ରାୟ ୮୦ରୁ ୮୫ ପ୍ରତିଶତ ମହିଳା ବିବାହର ଏକ ବର୍ଷ ମଧ୍ୟରେ ଗର୍ଭଧାରଣ କରିଥାନ୍ତି। କିନ୍ତୁ ୧୦-୧୫ ପ୍ରତିଶତ ମହିଳା ଅନେକ ଚିକିତ୍ସା ପରେ ମଧ୍ୟ ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିପାରନ୍ତି ନାହିଁ। ସେମାନଙ୍କ ପାଇଁ ପ୍ରଜନନର ଅନ୍ୟ ପ୍ରକ୍ରିୟା(ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍‌ନିକ୍) ଜରୁରୀ ହୋଇଥାଏ।

ଯେଉଁ ମହିଳାମାନେ ବେଶି ବୟସ କିମ୍ବା ଅନ୍ୟ କୌଣସି ଅସୁବିଧା ଯୋଗୁ ଗର୍ଭଧାରଣ କରିପାରି ନ ଥାନ୍ତି, ସେମାନଙ୍କଠାରେ 'ଇନ୍‌ଭିଟ୍ରୋ ଫର୍ଟିଲାଇଜେଶନ୍' ବା ଆଇଭିଏଫ୍ ଦ୍ୱାରା ଗର୍ଭଧାରଣ ହୋଇଥାଏ। ଏହା ଭେଷଜ ବିଜ୍ଞାନର ଏକ ଅନୁପମ ଦାନ।

ସମସ୍ତଙ୍କର ପ୍ରାକୃତିକ ଉପାୟରେ ଡିମ୍ବବାହୀ ନଳୀରେ ଫର୍ଟିଲାଇଜେଶନ୍ ହୋଇ ଜରାୟୁରେ ପ୍ରସ୍ଫୁଟିତ ଡିମ୍ବାଣୁ ରହିଥାଏ। ଏହାକୁ ଇନ୍‌ଭିଭୋ ଫର୍ଟିଲାଇଜେଶନ୍ କୁହାଯାଏ। କିନ୍ତୁ ଆଇଭିଏଫ୍ ଦ୍ୱାରା ଜରାୟୁ ବାହାରେ ଡିମ୍ବାଣୁ ଓ ଶୁକ୍ରାଣୁକୁ ମିଳିତ ଦ୍ୱାରା ଫର୍ଟିଲାଇଜେଶନ୍ କରାଯାଇ ଜରାୟୁ ଭିତରେ ରୋପଣ କରାଯାଏ। ଏହାର ଅନ୍ୟ ନାମ ହେଉଛି ଟେଷ୍ଟ ଟ୍ୟୁବ୍ ବେବି। ପ୍ରଜନନ ଚିକିତ୍ସା କ୍ଷେତ୍ରରେ ଏହିପରି ଏକ ନୂତନ କୌଶଳରେ ଗର୍ଭଧାରଣ କରିବା ଏକ ବଡ ସଫଳତା। ଏହା ଏମ୍ବ୍ରିଓଲୋଜିଷ୍ଟ ଓ ଗାଇନୋକୋଲୋଜିଷ୍ଟ ତଥା ଅନ୍ୟ ବିଶେଷଜ୍ଞଙ୍କ ମିଳିତ ପ୍ରଚେଷ୍ଟାରେ ସମ୍ଭବ ହୋଇପାରିଛି। ତେଣୁ ନିଃସନ୍ତାନ ଦମ୍ପତିଙ୍କୁ ଏକ ନୂତନ ଦିଶା ଦେଖାଇବା ତଥା ସେମାନଙ୍କୁ ସଚେତନ କରାଇବା ପାଇଁ ପ୍ରତିବର୍ଷ ଜୁଲାଇ ୨୫ରେ ବିଶ୍ୱ ଏମ୍ବ୍ରିଓଲୋଜିଷ୍ଟ ଦିବସ ପାଳନ କରାଯାଉଅଛି। ଏହା ମଧ୍ୟ ବିଶ୍ୱର ପ୍ରଥମ ଆଇଭିଏଫ୍ ସନ୍ତାନ 'ଲୁଇସ୍ ବ୍ରାଉନ୍'ଙ୍କ କଥା ସ୍ମରଣ କରାଇଦିଏ। ଏହି ଆଇଭିଏଫ୍ କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ଏମ୍ବ୍ରିଓଲୋଜିଷ୍ଟମାନେ ଡିମ୍ବାଣୁ ଏବଂ ଶୁକ୍ରାଣୁକୁ ବିଶ୍ଳେଷଣ ମାଧ୍ୟମରେ ଚୟନ(ପିକ୍‌ଅପ୍) କରନ୍ତି। ଏହା ପରେ ପରୀକ୍ଷା କରି ମିଳିତ ସଂଯୋଗ ମାଧ୍ୟମରେ ଫର୍ଟିଲାଇଜେଶନ୍ ପରେ ଭ୍ରୂଣ ରୋପଣ କରାନ୍ତି।

ତେଣୁ ଆଇଭିଏଫ୍ ପ୍ରଣାଳୀରେ ସଂଶ୍ଳିଷ୍ଟ ଥିବା ଏମ୍ବ୍ରିଓଲୋଜିଷ୍ଟ, ଅନ୍ୟ ଡାକ୍ତର ତଥା କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିବା ସହ ନିଃସନ୍ତାନ ଦମ୍ପତିମାନେ ଆଶା ନ ହରାଇ ଆଇଭିଏଫ୍ ପ୍ରଣାଳୀ ଦ୍ୱାରା ଗର୍ଭଧାରଣ କରି ସନ୍ତାନ ସୁଖ ପ୍ରାପ୍ତି ହେବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ।



**-ଡା. ସରୋଜିନୀ ଷଡ଼ଙ୍ଗୀ,**
ମୋ: ୯୪୩୭୦୫୫୦୦୭

**ଚାଷ ଜମିରୁ ଅଜଗର ଉଦ୍ଧାର**

କୋକସରା (ଦୁଷ୍ମନ୍ତ କୁମାର ପାଢ଼ୀ): କଳାହାଣ୍ଡି ଜିଲା ଜୁନାଗଡ଼ ରେଞ୍ଜ କୋକସରା ଫରେଷ୍ଟ ସେକ୍ସନ ଅଧୀନରେ ଥିବା ମୋଟେର ପଞ୍ଚାୟତ ବାଟିଗୁଡା ଗ୍ରାମର ଚାଷଜମିରୁ ଏକ ଅଜଗର ଉଦ୍ଧାର ହୋଇଛି। ଉକ୍ତ ଗ୍ରାମର ଚାଷୀ ବେଣୁଧର ଦଳପତିଙ୍କ ଚାଷଜମିରେ ଏକ ଅଜଗର ଥିବା ଦେଖି ତାହାକୁ ଉଦ୍ଧାର କରି ଚିକିତ୍ସା ପାଇଁ କୋକସରା ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ କୋକସରା ବନପାଳ ରଶ୍ମି ରଞ୍ଜିତା ନାଏକ, ଫରେଷ୍ଟ ଗାର୍ଡ ହିମାଦ୍ରୀ ତନୟା ବିଶି ଓ ସ୍ୱାଧୀନ ଦଣ୍ଡସେନା ପହଞ୍ଚି ଅଜଗରକୁ ନେଇ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଛାଡି ଦେଇଛନ୍ତି।



## ସଂକ୍ଷେପରେ

### ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଇସିସି କର୍ମଶାଳା

ଖଡ଼ିଆଳ,୨୪।୭ (ସୁଜିତ କୁମାର ପ୍ରଧାନ): ସରକାରଙ୍କ ଚିଠି (ନଂ.୩୮୦୭୦) ଅନୁଯାୟୀ ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆନ୍ତଃ ଅଭିଯୋଗ କମିଟି (ଆଇସିସି) କର୍ମଶାଳା ଅନୁଷ୍ଠିତ ହୋଇଛି। ଯୌନ ନିର୍ଯାତନା ନିବାରଣ ଆଇନ ୨୦୧୩ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୨୦୧୫ ସମ୍ପର୍କରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟର ଛାତ୍ରୀ ଓ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ହେଲ୍ପ ଲାଇନ ନମ୍ବର-୧୮୧ ଜାରି କରାଯାଇଥିଲା। ଅଧ୍ୟକ୍ଷ ପଣ୍ଡା କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କର୍ମଶାଳାରେ ଆଇସିସି ମୁଖ୍ୟ ତଥା ଯୁକ୍ତ୨ ଅଧ୍ୟକ୍ଷ ଡ. ରଣବୀର ସିଂହ, ଅଧ୍ୟାପକ ସୁନୀଲ କୁମାର ପାଢୀ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, କମିଟି ସଦସ୍ୟାସଦସ୍ୟ ଯଥାକ୍ରମେ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପିକା ବିୟୁଟି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଲାଞ୍ଜିଗଡ଼ ପ୍ରେସ୍ କ୍ଲବ୍‌ର କାର୍ଯ୍ୟକାରିଣୀ ବୈଠକ

**ଲାଞ୍ଜିଗଡ଼, ୨୪।୭(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ପ୍ରେସ୍ କ୍ଲବ୍ କାର୍ଯ୍ୟାଳୟ ପରିସରରେ ବୁଧବାର ସ୍ୱତନ୍ତ୍ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଞ୍ଜିଗଡ଼ର ବିଭିନ୍ନ ସମସ୍ୟା ଆଲୋଚନା କରାଯିବା ସହ ଏହାର ସମାଧାନ ପାଇଁ ଖୁବ୍‌ଶୀଘ୍ର ପ୍ରେସ୍ କ୍ଲବର ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଲାଞ୍ଜିଗଡ଼ରେ ରାସ୍ତାଘାଟ, ପାନୀୟଜଳ, ଯୋଗାଯୋଗ, ବିଦ୍ୟୁତ୍‌ସେବା ଆଦି ବିଭିନ୍ନ କ୍ଷେତ୍ରରେ ଆଜି ବି ଅନୁନ୍ନତ ହୋଇରହିଛି। ପ୍ରଶାସନ, ଜନପ୍ରତିନିଧିଙ୍କ ସହିତ ଅନ୍ୟ ସଂସ୍ଥାଗୁଡିକ ଲାଞ୍ଜିଗଡ଼ର ବିକାଶ ପ୍ରତି ଆଖି ବୁଜିଦେଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ପ୍ରେସ୍ କ୍ଲବ। ଆବଶ୍ୟକ ସ୍ଥଳେ ପ୍ରେସ୍ କ୍ଲବର ଆବାହକତ୍ୱରେ ଗଣଧାରଣା ଦିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ସଭାପତି ସୁଶୀଲ କୁମାର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଏମ୍. ଚନ୍ଦ୍ରଶେଖର ସ୍ୱାଗତ ଅଭିଭାଷଣ ସହିତ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା କୈଳାସ ସାହୁ, ଉପସଭାପତି କ୍ଷମାନିଧି ମହାଖୁଡ଼, କୋଷାଧ୍ୟକ୍ଷ ପରେଶ କୁମାର ନାୟକ, ସଦସ୍ୟ ରମେଶ ଚନ୍ଦ୍ର ନାୟକ, ପ୍ରଭୁରଞ୍ଜନ ସାମଲ, ଦିଲୀପ ନାଏକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଧର୍ମେନ୍ଦ୍ର ପଣ୍ଡା ସଭା ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

**ଖଡ଼ିଆଳ,୨୪।୭ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଅଗ୍ରସେନ ଭବନଠାରେ ଭାରତୀୟ ମଜଦୁର ସଂଘ ନୂଆପଡ଼ା ଶାଖାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନୂଆପଡ଼ା ଜିଲା ସଭାପତି ପ୍ରଦୀପ କୁମାର ଦଣ୍ଡସେନାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ମାନଭଞ୍ଜନ ବଘେଲ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଜିଲା କୃଷି ଅଧିକାରୀ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ପୁରୁଷୋତ୍ତମ ସୁନାନି ମୁଖ୍ୟ ଅତିଥି ଓ ନୂଆପଡ଼ା ଜିଲା ସମ୍ପାଦକ ବାବୁଲାଲ ମାଝୀ, ସାଙ୍ଗଠନିକ ସମ୍ପାଦକ କୁଞ୍ଜ ବିହାରୀ କଟା ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଜିଲା ସଭାପତି ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ଆସନ୍ତା ୨୭ରେ ଜିଲା ସଦର ମହକୁମାରେ ଏକ ସଭା କରିବାକୁ ସ୍ଥିର ହୋଇଥିବାରୁ ଜିଲା ସଭାପତି ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଆଲୋକ ବାଗ, ସଞ୍ଜୟ ନାୟକ, ବୈଷ୍ଣବ ଜଗତ, ଆକାଶ କଟା, ପିଣ୍ଟୁ ହଂସ, ମିନତି ପଣ୍ଡା, ମମତା ଖମାରୀ, ସୁନିତା ସିଂଦେଓ, ପ୍ରମୋଦିନୀ ପୁଞ୍ଜି,ରେଶ୍ମା ବାନୋ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସାଙ୍ଗଠନିକ ସମ୍ପାଦକ କଟା ଧନ୍ୟବାଦ ଅର୍ପଣ କରିଥିଲେ।

# ମା’ବାପା ଛେଉଣ୍ଡ ୫ ଭଉଣୀଭାଇ ଅସହାୟ

**ସହାୟତାର ହାତ ବଢ଼ାଇଲା ଲାଞ୍ଜିଗଡ଼ ପ୍ରେସ୍‌କ୍ଲବ**

ଲାଞ୍ଜିଗଡ଼, ୨୪।୭(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ ପଞ୍ଚାୟତର ବାନୀ ଗାଁରେ ଅସହାୟ ଅବସ୍ଥାରେ ଜୀବନ ଜିଉଁଛନ୍ତି ମା’ବାପା ଛେଉଣ୍ଡ ୫ ଭଉଣୀଭାଇ। ସେମାନେ ହେଲେ ସୁମିତ୍ରା ମାଝୀ, ତାଙ୍କ ସାନ ଭଉଣୀ ସୁଶ୍ରୀତା, ସାନ ଭାଇ କୁମର, ଶ୍ରୀକାନ୍ତ ଓ ଅଜିତ। ଭଙ୍ଗାଦଦରା ଏକ ମାଟିଘରେ ରହୁଛନ୍ତି ୩ ନାବାଳକ ଭାଇ ଓ ଦୁଇ ଭଉଣୀ। ୭ବର୍ଷ ତଳେ ବାପା ସୀତା ମାଝୀଙ୍କ ମୃତ୍ୟୁ ଘଟିଥିବାବେଳେ ୩ବର୍ଷ ହେଲା ମା’ମୁକ୍ତେ ମାଝୀଙ୍କ ମୃତ୍ୟୁ ଘଟିଛି। ସେଇଦିନଠୁ ସୁମିତ୍ରା ମୂଲମଜୁରି କରି ୪ ଭଉଣୀଭାଇଙ୍କ ମୁହଁରେ ଆହାର ଦେଉଛନ୍ତି। ସେମାନଙ୍କ ଭରସା ହୋଇଛି ଗୋଟିଏ ଅନ୍ତ୍ୟୋଦୟ ଖାଉଟି କାର୍ଡ। ଏହି କାର୍ଡରେ ୩୫ କିଗ୍ରା ଚାଉଳ ମିଳେ। ଏମାନଙ୍କ ଭାଗ୍ୟରେ ଶିକ୍ଷା ନାହିଁ। ନାମକୁ ମାତ୍ର ସ୍କୁଲରେ ନାଁ ରହିଥିଲେ ବି ମୂଳମଜୁରି କରି ସେମାନେ ପେଟ ପୋଷୁଛନ୍ତି। ଅପରପକ୍ଷରେ ସରକାରଙ୍କ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଲାଞ୍ଜିଗଡ଼ ବ୍ଲକର ଆଦିବାସୀ ପରିବାରଙ୍କୁ ଘର ଯୋଗାଇଦେବା ବ୍ୟବସ୍ଥା ରହିଥିଲେ ହେଁ ପରିବାରରେ କେହି ସାବାଳକ ନ ଥିବାରୁ ଘର ଖଣ୍ଡେ ମିଳିପାରୁନି। ଏ ସମ୍ପର୍କରେ ଖବର ପାଇ ଲାଞ୍ଜିଗଡ଼ ପ୍ରେସ୍‌କ୍ଲବର ସମସ୍ତ କର୍ମକର୍ତ୍ତା ବାନିଗାଁ ଯାଇ ଅସହାୟ ପରିବାରକୁ କିଛି ଖାଦ୍ୟସାମଗ୍ରୀ ପ୍ରଦାନ କରିଛନ୍ତି। ସେହିପରି ଏହି ପରିବାରର ଦୁର୍ଦ୍ଦଶା ସମ୍ପର୍କରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କୁ ଭେଟି ଜଣାଇବା ସହିତ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ସମୟରେ ପ୍ରେସ୍‌କ୍ଲବ ସଭାପତି ସୁଶୀଲ କୁମାର ବାଗଙ୍କ ସହିତ ସାଧାରଣ ସମ୍ପାଦକ ଏମ୍. ଚନ୍ଦ୍ରଶେଖର, ଉପଦେଷ୍ଟା କୈଳାସ ସାହୁ, ଉପସଭାପତି କ୍ଷମାନିଧି ମହାଖୁଡ଼, କୋଷାଧ୍ୟକ୍ଷ ପରେଶ କୁମାର ନାୟକ, ସଦସ୍ୟ ରମେଶ ଚନ୍ଦ୍ର ନାୟକ, ଧର୍ମେନ୍ଦ୍ର ପଣ୍ଡା, ପ୍ରଭୁରଞ୍ଜନ ସାମଲ ଉପସ୍ଥିତଥିଲେ।



ଭାଙ୍ଗିରୁଜି ଯାଇଥିବା ଘର ଆଗରେ ଦୁଇ ଭଉଣୀଭାଇ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଗୋଲାମୁଣ୍ଡା,୨୪।୭ (ବଟକୃଷ୍ଣ ପଣ୍ଡା)

ସ୍ଥାନୀୟ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦୨୫-୨୬ ଶିକ୍ଷାବର୍ଷରେ ଯୁକ୍ତ୨ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପ୍ରଥମ ବାର୍ଷିକ ଛାତ୍ରୀଛାତ୍ରଙ୍କ ସକାଶେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜକାନ୍ତ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ନବାଗତ ବିଦ୍ୟାର୍ଥୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମଞ୍ଚାସୀନ ଅଧ୍ୟାପିକାଅଧ୍ୟାପକଙ୍କ ମଧ୍ୟରେ ବିଜୟ କୁମାର ସାହୁ, ପ୍ରତାପ ଚନ୍ଦ୍ର ନାୟକ, ପ୍ରବୀର କୁମାର ରାୟ, ଶାନ୍ତନୁ କୁମାର ପରିଡ଼ା, କବିପ୍ରସାଦ ପଟ୍ଟନାୟକ, ପ୍ରଦୀପ କୁମାର ମିଶ୍ର, ଶୋଭାଗିନୀ ନାୟକ, ପ୍ରିୟମ୍ବଦା ରଥ, ଲିଙ୍ଗେଶ୍ୱର ମେହେରଙ୍କ ସମେତ ସମସ୍ତ ଅଣଶିକ୍ଷକ କର୍ମଚାରୀଙ୍କ ଉପସ୍ଥିତିରେ ଶତାଧିକ ଛାତ୍ରୀଛାତ୍ର ଉତ୍ସବକୁ ବେଶ୍ ଉପଭୋଗ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱାଭିମାନକୁ ବଜାୟ ରଖିବା ନିମିତ୍ତ ଅଧ୍ୟକ୍ଷଙ୍କ ସମେତ ସଭା ମଣ୍ଡିତ ସଭ୍ୟମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

# ହାଇଟେକ୍ ପବ୍ଲିକ୍ ସ୍କୁଲ ଚାମ୍ପିୟନ



ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ଭବାନୀପାଟଣା,୨୪।୭(ଉତ୍ତମ କୁମାର ଦାଶ)

**ଜିଲାସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ୍**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଗତ ମେ ୨୧ରୁ ଚାଲିଥିବା ଜିଲାସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଭବାନୀପାଟଣା ହାଇଟେକ ପବ୍ଲିକ ସ୍କୁଲ ଓ ବିକାଶ ଆବାସିକ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହାଇଟେକ ପବ୍ଲିକ ସ୍କୁଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଜବାବରେ ବିକାଶ ଆବାସିକ ବିଦ୍ୟାଳୟ ୧୬.୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୭ ରନ ସଂଗ୍ରହ କରିଥିଲା। ଫଳରେ ହାଇଟେକ ପବ୍ଲିକ ସ୍କୁଲ ୯୬ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଜଗଦୀପ ସିଂ ଓ ମଳୟ କୁମାର ବାଗ ଖେଳ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ହାଇଟେକ ପବ୍ଲିକ ସ୍କୁଲର ବିଶ୍ୱଜିତ ସେଣ୍ଡ୍ରିଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଜିଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡ଼ିଶା କ୍ରିକେଟ ଆସୋସିଏଶନର ଉପ ସଭାପତି ଜଗମୋହନ ପଟ୍ଟନାୟକ ଓ ଜିଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ସଂସ୍ଥାର ଉପସଭାପତି ରାମ କୁମାର ଜୈନ ଓ ଅର୍ଜୁନ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠୀ, କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ତ ସିଂ, ଫୁଟବଲ ସମ୍ପାଦକ ମହମ୍ମଦ ଅବଦୁଲ କାଦିର, କୋଷାଧ୍ୟକ୍ଷ ସର୍ଦ୍ଦାର ନିର୍ମଳ ସିଂ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରଦର୍ଶନୀ

ଗୋଲାମୁଣ୍ଡା,୨୪।୭ (ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ନେଇ ଗୋଲାମୁଣ୍ଡା ନୋଡାଲ ହାଇସ୍କୁଲଠାରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରଦର୍ଶନୀ ପ୍ରଧାନ ଶିକ୍ଷକ ଲୀଳାମ୍ବର ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି, ଗୋଲାମୁଣ୍ଡା ବିଡିଓ ତ୍ରିପୁରା ମହାନନ୍ଦ ସ୍ୱତନ୍ତ୍ର ଅତିଥି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାଏକ, ଗଙ୍ଗାଧର ରାଉତ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭା କାର୍ଯ୍ୟକୁ ମାନଝରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦାନନ୍ଦ ମେହେର ପରିଚାଳନା କରିଥିଲେ। ଅତିଥି ବୃନ୍ଦ ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ଶକ୍ତି ସଂରକ୍ଷଣ ଏକାନ୍ତ ଆବଶ୍ୟକ ବୋଲି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରୀ ଅଂଶ ଗ୍ରହଣ କରି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଜନସଚେତନ ବାର୍ତ୍ତା ଦେଇଥିଲେ। ବିଚାରକ ଭାବେ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଓ କବିପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ । ପରିଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# କଳାହାଣ୍ଡିରେ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ହେଉ

**ସଂସଦରେ ଉପସ୍ଥାପନ କଲେ କଳାହାଣ୍ଡି ଏମ୍‌ପି**

ଭବାନୀପାଟଣା,୨୪।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ଗୁରୁବାର ସଂସଦରେ ଦାବି ଉପସ୍ଥାପନା କରିଛନ୍ତି କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ। ଏହା ପୂର୍ବରୁ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ଦିଆଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ତାହା ବିଚାରାଧୀନ ଅଛି। କଳାହାଣ୍ଡି ଏକ ଆକାଂକ୍ଷୀ ଜିଲା ହୋଇଥିବାବେଳେ ଏଠାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ରହିଛି। ଏ ନେଇ ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ରହିଆସିଛି। କଳାହାଣ୍ଡି ଜିଲା କେନ୍ଦ୍ର ସ୍ଥଳରେ ରହିଥିବାରୁ ଏଠାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ହେଲେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ ରାୟଗଡ଼ା ଭଳି ପଡ଼ୋଶୀ ଜିଲାର ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହେବେ। ତେଣୁ ଶୀଘ୍ର ଏଠାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଏମ୍‌ପି ମାଳବିକା ବାଚସ୍ପତିଙ୍କ ଜରିଆରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ନିବେଦନ କରିଛନ୍ତି।

# ବାସହରାଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

ନୂଆପଡ଼ା,୨୪।୭ (ମକାରୁ ବେମାଲ)

**ଧରିତ୍ରୀ ପ୍ରଭାବ**

ନୂଆପଡ଼ା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ଭାଲୁକୋନା ଗାଁରେ ଲଗାଣ ବର୍ଷାରେ ଘର ଭାଙ୍ଗି ୩ ପରିବାର ବାସହରା ହୋଇଥିବା ନେଇ ଖବର ଧରିତ୍ରୀରେ ଗୁରୁବାର ପ୍ରକାଶିତ ହେଲା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ସକାଳେ ନୂଆପଡା ଉପଜିଲାପାଳ ସୁରମି ସୋରେନ, କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ କୁମାର ଭୋଇ, ସିଆଲଲଟି ରାଜସ୍ୱ ନିରୀକ୍ଷକ ରଞ୍ଜନ ସାହୁ, ସରପଞ୍ଚ କାଳିଆ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଟିକେଚନ ସାହୁ ପ୍ରମୁଖ ଭାଲୁକୋନା ଗାଁକୁ ଯାଇ ବାବୁଲାଲ ଦୁରିଆ, ଲଭ ଦୁରିଆ ଓ ଦୟାନିଧି ବାଗଙ୍କ ଭାଙ୍ଗିଥିବା ଘର ଦେଖିବା ସହ ତାଙ୍କ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବାସହରାମାନଙ୍କୁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ତାରପୋଲିନ ଦିଆଯାଇଛି । ସେମାନଙ୍କ ଆଧାର କାର୍ଡ, ଭୋଟ ପରିଚୟପତ୍ର ଓ ଜମି ପଟ୍ଟା ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଛନ୍ତି। ଉପରୁ ନିର୍ଦ୍ଦେଶ ଆସିଲା ପରେ ସରକାରୀ ନିୟମାନୁସାରେ ସମସ୍ତ ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ବିଶ୍ରାମଗୃହ ପାଇଁ ଭାରପ୍ରାପ୍ତ ନଗରପାଳଙ୍କୁ ଦାବିପତ୍ର

ଭବାନୀପାଟଣା,୨୪।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନିକଟ କଲେଜ ଛକଠାରେ ଦୁଇଟି ଯାତ୍ରୀ ବିଶ୍ରାମା ଗୃହ ସହ ଏକ ଶୌଚାଳୟ ନିର୍ମାଣ କରିବା ପାଇଁ ଗୁରୁବାର ବିଶ୍ୱବିଦ୍ୟାଳୟର ଛାତ୍ର ନେତାମାନେ ଭବାନୀପାଟଣା ଭାରପ୍ରାପ୍ତ ନଗରପାଳ ବିଷ୍ଣୁ ପ୍ରଧାନଙ୍କୁ ତାଙ୍କ କାର୍ଯ୍ୟାଳୟଠାରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ର ନେତା ଚୈତନ୍ୟ ବାଗଙ୍କ ନେତୃତ୍ୱରେ ଏକ ଛାତ୍ର ପ୍ରତିନିଧି ଦଳ ପୌରାଧ୍ୟକ୍ଷଙ୍କୁ ଭେଟି ବସ୍‌ଷ୍ଟପ ବା ଯାତ୍ରୀ ବିଶ୍ରାମ ଗୃହ ନ ଥିବାରୁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ବର୍ତ୍ତମାନ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପ୍ରାୟ ୪ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରତିଦିନ ଶତାଧିକ ଛାତ୍ରୀଛାତ୍ର ବସରେ ଯିବା ଆସିବା କରିଥାନ୍ତି। ବସ ବିଳମ୍ବ ଯୋଗୁ ସେମାନେ ଖରା ଓ ବର୍ଷାରେ ଘଣ୍ଟା ଘଣ୍ଟା ଧରି ଜାତୀୟ ରାଜପଥ ଉପରେ ଛିଡା ହୋଇ ରହୁଛନ୍ତି ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି। ଏହାର ନକଲ ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ସକରାତ୍ମକ ପଦକ୍ଷେପ ନିଆଯିବ ବୋଲି ଉଭୟ ପୌରାଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଛାତ୍ର ନେତା ଚୈତନ୍ୟ ବାଗ, ମାନସ ସିନ୍ଦୂର, ଦୁଷ୍ମନ୍ତ ରଣା, ରୋହନ ମହାପାତ୍ର, ଆଦିତ୍ୟ ରାଉତ, ଅଂଶୁମାନ ନାଗ, ପିନାକୀ ଆଚାର୍ଯ୍ୟ, କମଳେନ୍ଦ୍ର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଲୋଚନା ସମୟରେ ରାଜ୍ୟ ଛାତ୍ରବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, କାଉନସିଲର କ୍ଷୀରସିନ୍ଧୁ ନାଏକ, ଶିବା ସାହୁ, ରଞ୍ଜୁଲତା ପ୍ରଧାନ, ଯୁବନେତା ନବୀନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଭାରପ୍ରାପ୍ତ ନଗରପାଳଙ୍କୁ ଦାବିପତ୍ର ଦିଆଯାଉଛି।

### ୩ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ସମ୍ମାନ

ନୂଆପଡ଼ା,୨୪।୭ (ମକାରୁ ବେମାଲ)

ଚଳିତ ଶିକ୍ଷା ବର୍ଷରେ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱର ଜୟଦେବ ଭବନଠାରେ ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ପ୍ରେରଣା ସମ୍ମାନ ପ୍ରଦାନ କରାଯାଇଛି। ନୂଆପଡ଼ା ଜିଲାର ୩ ଦିବ୍ୟାଙ୍ଗ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଜିଲାରେ ୨ ହଜାରରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଚଳିତ ମାଟ୍ରିକ ପରୀକ୍ଷାରେ ୬୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେଥିରୁ ୩ ଜଣ ୭୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବାରୁ ପ୍ରେରଣା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ ଅନୁସୂୟା ନାଗ (୭୮%), ମୋହିତ ମୋହନ ଦାସ (୭୬%) ଓ ଜନ୍ମେଜୟ ରଣା (୮୧%)। ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଡ. ରେଶମ ଲାଲ ନାଏକ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପାଉଣା ଦାବିରେ କାର୍ଯ୍ୟାଳୟ ଘେରିଲେ ଶ୍ରମିକ



କାର୍ଯ୍ୟାଳୟ ଘେରାଉ କରିଛନ୍ତି ଶ୍ରମିକମାନେ।

ଖଡ଼ିଆଳ,୨୪।୭ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ବଡଦୋହେଲ ପଞ୍ଚାୟତ ଲଛିପୁର ଗ୍ରାମର ଶ୍ରମିକମାନେ ଖଡିଆଳ ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟକରି ସାତ ମାସ ହେଲା ପାଉଣା ପାଇନାହାନ୍ତି। ସେମାନେ ଖଡିଆଳ ଜଳ ବିଭାଜିକା ପ୍ରକଳ୍ପ ଉପ ନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ ସୁଦ୍ଧା ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଗୁରୁବାର ଖଡ଼ିଆଳ କଂଗ୍ରେସ ପକ୍ଷରୁ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଶ୍ରମିକମାନେ ଖଡ଼ିଆଳ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ କରି ପାଉଣା ଦାବି କରିଥିଲେ। ଆସନ୍ତା ୭ଦିନ ମଧ୍ୟରେ ପାରିଶ୍ରମିକ ଦେବା ପାଇଁ ଜଳ ବିଭାଜିକା ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେବା ପେର ଶ୍ରମିକମାନେ ଶାନ୍ତ ପଡିଥିଲେ। ହେଲେ ପ୍ରତିଶ୍ରୁତି ପାଳନ ନ ହେଲେ ଶ୍ରମିକମାନଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

କର୍ଲାମୁଣ୍ଡା,୨୪।୭(ପ୍ରଦୀପ କୁମାର ସାହୁ)

ସୌମ୍ୟାଶ୍ରୀଙ୍କ ଏକାଦଶାହ ଅବସରରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁବାର ନୀରବ ପ୍ରାର୍ଥନା ସହିତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ତରଫରୁ ବ୍ଲକର ଚିଛିଡା, ରିଞ୍ଜା, ସାପଲହରା, ଯୋରାଡବରା, କୁସୁର୍ଲା, ଶିଶାଖାଲଠାରେ ଥିବା ସ୍କୁଲ ଓ କଲେଜରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚୋଧୁରୀ, କଂଗ୍ରେସ କର୍ମୀ ଚୈତନ୍ୟ ସାହୁ, ଆନନ୍ଦ ନାଗ, ମାର୍କଣ୍ଡ ସାହୁ, ଗୋବର୍ଦ୍ଧନ କୁମାର, ମକରଧ୍ୱଜ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।



କୁସୁର୍ଲା କଲେଜଠାରେ ଛାତ୍ରୀଛାତ୍ର ନୀରବ ପ୍ରାର୍ଥନା କରୁଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାସ୍ତା ଖାଲଖମାପୂର୍ଣ୍ଣ

ଥୁଆମୂଳ ରାମପୁର,୨୪।୭ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ନୂଆପଡ଼ା ପାଖ ବ୍ରିଜଠାରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୩ଶହ ମିଟର ରାସ୍ତା ଖାଲଖମାପୂର୍ଣ୍ଣ ରହିଛି। ଏବେ ଲଘୁଚାପଜନିତ ବର୍ଷାରେ ଖାଲରେ ପାଣିଜମି ବେହାଲ ହୋଇପଡ଼ିଛି। ଫଳରେ ବିଦ୍ୟାଳୟକୁ ଯାତାୟାତ କରୁଥିବା ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଅଞ୍ଚଳବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ଥୁଆମୂଳ ରାମପୁର ସଦର ଦେଇ ଟିକ୍ରାଗୁଡ଼ା, ପିଣ୍ଡାପଦର, ମେଲକୁନ୍ଦେଲ, ବଡ଼ବଣ୍ଡେଲକୁ କିଛିବର୍ଷ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଛି। ହେଲେ ପ୍ରାୟ ୩ଶହ ମିଟର ରାସ୍ତା ନିର୍ମାଣ ନ କରି ଛାଡ଼ି ଦିଆଯାଇଛି। ଫଳରେ ବର୍ଷାଦିନ ଆସିଲେ ସେହି ରାସ୍ତାରେ ନୂଆପଡ଼ା, ପୋଇଗୁଡା, ଦେରଗୁଡ଼ା, ଜାମଗୁଡ଼ା, ଘୁଟିଗୁଡ଼ା, ବାଇଗଣଗୁଡ଼ା ଆଦି ଗ୍ରାମର ଲୋକଙ୍କ ଗାଡ଼ିମୋଟର ସହ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଯିବା କଷ୍ଟକର ହୋଇପଡୁଛି। ତୁରନ୍ତ ଉକ୍ତ ରାସ୍ତା ନିର୍ମାଣ କରାଗଲେ ଅଞ୍ଚଳବାସୀ ସମେତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ପଚାରିବାରୁ ଯେଉଁଠି ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି ତାହା ବେସରକାରୀ ଜାଗା ହୋଇଥିବାରୁ ରାସ୍ତା ନିର୍ମାଣ ସମ୍ଭବ ହୋଇପାରୁନାହିଁ। ଆମ ପାଖରେ ପାଣ୍ଠି ଥିଲେ ବି କିଛି କରିପାରୁନାହୁଁ। ଏ ନେଇ ଆମେ ଜିଲାପାଳଙ୍କୁ ଜଣାଇଛୁ। ପୂର୍ବରୁ ତହସିଲଦାର ଓ ଜମି ମାଲିକଙ୍କ ସହ ଆଲୋଚନା ମଧ୍ୟ ହୋଇଛି। ହେଲେ ସେ ଜାଗା ଛାଡ଼ିବାକୁ ନାରାଜ ବୋଲି କହିଛନ୍ତି।



ଆଦର୍ଶ ବିଦ୍ୟାଳୟ ରାସ୍ତା ଶୋଚନୀୟ।

# ଗନ୍ଧମାର୍ଦ୍ଦନ ପର୍ବତରେ ଫସିଥିବା ୧୭ ତୀର୍ଥଯାତ୍ରୀ ଉଦ୍ଧାର



ଉଦ୍ଧାର ହୋଇଥିବା ତୀର୍ଥଯାତ୍ରୀମାନଙ୍କ ସହ ଉଦ୍ଧାରକାରୀ ଦଳ।

**ପାଇକମାଳ,୨୪।୭(ବଡ଼ ଶତପଥୀ)**

ପାଇକମାଳ ଜିଲା ପାଇକମାଳ ନୃସିଂହନାଥ ପୀଠକୁ ଛତିଶଗଡ଼ରୁ ଆସିଥିବା ୧୭ ତୀର୍ଥଯାତ୍ରୀ ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ଥିବା ଭୀମ ମଣ୍ଡୁଆରେ ବୁଧବାର ଫସି ଯାଇଥିଲେ। ଗୁରୁବାର ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସେମାନେ ହେଲେ ମଚିଦା ଗ୍ରାମର ୧୧ ଜଣ ମନିରାମ ସିଦାର, ଗାନ୍ଧାରୀ ବେହେରା, ଛତ୍ରପତି ସିଦାର, ନଳିନୀ ପ୍ରଧାନ, ସାରଦା ପ୍ରଧାନ, ସୁରେଶ ପ୍ରଧାନ, ଶ୍ରୀୟା ସିଦାର, କୈକେୟୀ ଭୋଇ, ପୁନମ ପ୍ରଧାନ, ସୁଶିଳା ଯାଦବ, ମହେଶ ପ୍ରଧାନ ଓ ବାଦିମାଲର ୩ ଜଣ ଜେମା ଭୋଇ, ଶାନ୍ତିଭୋଇ, ପରିତା ଭୋଇ, ଚାର୍ଣ୍ଣିପାଲିର ୨ ଜଣ ସୌଦାମିନି ସାହା, ଶ୍ରୁତି ସାହା, ଘରଦାର ସୁକୁମାରୀ ସିଦାର। ନୃସିଂହନାଥ ମନ୍ଦିରକୁ ଛତିଶଗଡ଼ରୁ ୨୧ ତୀର୍ଥଯାତ୍ରୀ ଆସିଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ସମସ୍ତେ ନୃସିଂହନାଥ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହା ପରେ ୧୭ଜଣ ଗନ୍ଧମାର୍ଦ୍ଦନ ପାହାଡ ଚଢ଼ି ହରିଶଙ୍କର ମନ୍ଦିରକୁ ବାହାରିଥିଲେ। ଅପରାହ୍ନ ୩ଟାରେ ଭୀମ ମଣ୍ଡୁଆ ଦେଇ ବାଲକୋ ଖାଦାନ ପର୍ଯ୍ୟନ୍ତ ଯାଇ ଫସି ଯାଇଥିଲେ । ସେଠାରୁ ଆଉ ରାସ୍ତା ପାଇ ନ ଥିଲେ । ସନ୍ଧ୍ୟାରେ ତାଙ୍କର ଜଣେ ସମ୍ପର୍କୀୟ ଟିକୁ ସାହୁଙ୍କୁ ଖବର ଦେଇଥିଲେ। ତାଙ୍କଠାରୁ ଖବର ପାଇ ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ରାତିରେ ପ୍ରବଳ ବର୍ଷା ହେବାରୁ ସେମାନେ ଅଧାବାଟରେ ଅଟକି ଯାଇଥିଲେ। ଗୁରୁବାର ଭୋର ୩ଟାରୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା ଏବଂ ସକାଳ ୮ଟା ୧୫ରେ ଫସି ରହିଥିବା ୧୭ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର କଲାପରେ ସେମାନଙ୍କୁ ସାଙ୍ଗରେ ନେଇଥିବା ପାଣି, ବିସ୍କୁଟ ଓ ଫଳ ଖାଇବାକୁ ଦିଆଯାଇଥିଲା। କିଛି ସମୟ ପରେ ସେଠାରୁ ନୃସିଂହନାଥ ମନ୍ଦିର ଅଭିମୁଖେ ବାହାରିଥିଲେ। ରାସ୍ତା ଭଲ ଭାବରେ ଦେଖି ପାରୁ ନ ଥିବା ଜେମା ଭୋଇଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ବୋହିକି ଆଣିଥିଲେ। ସମସ୍ତେ କପିଳଧାର ପର୍ଯ୍ୟନ୍ତ ପହଞ୍ଚିବା ପରେ ପୋଲିସ ପ୍ରଶାସନ ତରଫରୁ ଟିଫିନ ଓ ପାନୀୟ ପ୍ରଦାନ କରାଯାଇଥିଲା। ସେଠାରୁ ସମସ୍ତେ ବାହାରି ନୃସିଂହନାଥ ମନ୍ଦିରକୁ ୪ଟା ୩୦ରେ ପହଞ୍ଚିଥିଲେ। ପାଇକମାଳର ଡାକ୍ତର ଟିମ ସମସ୍ତଙ୍କୁ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଅଧିକାଂଶ ଲୋକଙ୍କ ଗୋଡ଼ରେ ଆଘାତ ଲାଗିଥିବା ଦେଖାଯାଇଥିଲା । ଉଦ୍ଧାରକାରୀ ଦଳରୁ ଜଣେ ବନରକ୍ଷୀ ଶାନ୍ତନୁ ପ୍ରଧାନଙ୍କ ଗୋଡରେ ମଧ୍ୟ ଆଘାତ ହୋଇଛି। ସେ ମଧ୍ୟ ଚିକିତ୍ସିତ ହୋଇଛନ୍ତି। ଗୁରୁବାର ସକାଳେ ସମ୍ବଲପୁର ଆଇଜି ହିମାଂଶୁ କୁମାର ଲାଲ, ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନା, ଏସ୍‌ଡିପିଓ ପାଣ୍ଡବ ଶବର, ପାଇକମାଳ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ରେଞ୍ଜର ହୃଦାନନ୍ଦ ମିଶ୍ର, ଫରେଷ୍ଟର ରମେଶ ପ୍ରଧାନ, ଅଗ୍ନିଶମ ବାହିନୀର ହାବିଲଦାର ନିରଞ୍ଜନ ବାରିକ, ଶେଷଦେବ ପୁଟେଲ, ଜୟଦେବ ପଟେଲ, ବିକେଶ ସୋରେନ ଓ ରାଜେଶ ଛାଟୋଇ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

### ଏମାନେ ଯାହା କୁହନ୍ତି...

**ଜଙ୍ଗଲରେ କଷ୍ଟରେ ରାତ୍ରିଯାପନ କଲୁ**



“ଆମେ ଜଙ୍ଗଲରେ ବହୁତ କଷ୍ଟରେ ରାତ୍ରି ଯାପନ କରିଛୁ। ପ୍ରବଳ ବର୍ଷା ସହ ବିଜୁଳି ମାରିଥିଲା। ତଥାପି ସାରା ରାତ୍ରି ଗୋଟିଏ ଗଛ ତଳେ ବସି ରହିଥିଲୁ। ଉଦ୍ଧାରକାରୀ ଦଳ ଆସି ଆମକୁ ଉଦ୍ଧାର କରିଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ।

– ମହେଶ ପଧାନ, ଉଦ୍ଧାର ହୋଇଥିବା ତୀର୍ଥ ଯାତ୍ରୀ

**ଏହି ଦୁଃଖ ମରିବା ଯାଏ ରହିବ**



“ଏହି ଦୁଃଖ ମରିବା ଯାଏ ରହିବ। ମୁଁ ଆଶା କରି ନଥିଲି ମୋର ଘରକୁ ପହଞ୍ଚିବି, କିନ୍ତୁ ଭଗବାନ ଆମକୁ ବଞ୍ଚାଇ ଦେଇଛନ୍ତି।

–ମନିରାମ ସିଦାର,
ଉଦ୍ଧାର ହୋଇଥିବା ତୀର୍ଥୀ ଯାତ୍ରୀ

# ମହିଳାଙ୍କ ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ଦାବି

**ପଦ୍ମପୁର,୨୪।୭ (ପ୍ରଦୀପ୍ତ ଦାଶ)**



ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କୁ ଏମ୍‌ପି ପ୍ରଦୀପ ପୁରୋହିତ ଦାବିପତ୍ର ପ୍ରଦାନ କରୁଛନ୍ତି।

ମହିଳାଙ୍କ ଦକ୍ଷତା ବିକାଶ ପାଇଁ ମିଳୁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ନିକଟରେ ଗୁରୁବାର ଏଭଳି ଦାବି କରିଛନ୍ତି ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ। ବରଗଡ଼ ଓ ଝାରସୁଗୁଡ଼ା ଜିଲାରେ ମହିଳାଙ୍କ ଦକ୍ଷତା ବିକାଶ ଏବଂ ସାମଗ୍ରିକ ସଶକ୍ତୀକରଣ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପର ମଞ୍ଜୁରୀ ପାଇଁ ଏମ୍‌ପି ଦାବି କରିଛନ୍ତି। ଏ ନେଇ ମନ୍ତ୍ରୀ ଦେବୀଙ୍କୁ ଭେଟି ଦୀର୍ଘ ସମୟ ଧରି ସେ ଆଲୋଚନା କରିଛନ୍ତି। ବରଗଡ଼ ସଂସଦୀୟ କ୍ଷେତ୍ରରେ ଥିବା ମହିଳାଙ୍କ ପାଇଁ ଦକ୍ଷତାର ବିକାଶ ତଥା ମହିଳାଙ୍କ ସଶକ୍ତୀକରଣ ଦିଗରେ ସେ ଦାବି ଉପସ୍ଥାପନା କରିଛନ୍ତି। କୃଷି, ପଶୁ ସମ୍ପଦ, ଦୁଗ୍ଧ ଉତ୍ପାଦନ, ମତ୍ସ୍ୟଚାଷ, ବୟନ, ହସ୍ତତନ୍ତ, ଖଦି ଓ ଗ୍ରାମାଞ୍ଚଳ କାରଖାନା ତଥା ପାରମ୍ପରିକ କ୍ଷେତ୍ରରେ ଦକ୍ଷତାମୂଳକ ତାଲିମ ମହିଳାମାନଙ୍କୁ ଦିଆଯାଉ ବୋଲି କହିଛନ୍ତି। ମହିଳାଙ୍କୁ ଉଦ୍ୟୋଗ ଓ ଆତ୍ମନିର୍ଭରଶୀଳ ତାଲିମ ଦେବାକୁ ସେ ଗୁରୁତ୍ୱ ଦେଇଛନ୍ତି। ମହିଳାଙ୍କ ସୁରକ୍ଷା, ଆଇନଗତ ଅଧିକାର, ସଂସ୍ଥାଗତ ସହାୟତା ବ୍ୟବସ୍ଥା ସମ୍ପର୍କରେ ମହିଳାମାନଙ୍କୁ ସଚେତନତା କଲା ଭଳି କାର୍ଯ୍ୟକ୍ରମ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ସେ ଦାବି କରିଛନ୍ତି। କେନ୍ଦ୍ର ସରକାରଙ୍କ ମିଶନ ଶକ୍ତି ଓ ଅନ୍ୟ ଯୋଜନାରେ ଏହି ଅଞ୍ଚଳର ମହିଳାମାନଙ୍କୁ ସାମିଲ କରାଯାଉ। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଏଠାକାର ମୋଟ ଜନସଂଖ୍ୟାର ୪୯.୨% ହେଉଛନ୍ତି ମହିଳା। ଏମାନେ କୃଷି, ପଶୁପାଳନ, ମାଇନିଂ ଓ କଳ କାରଖାନା ଉପରେ ନିର୍ଭର କରନ୍ତି। ତେଣୁ ମହିଳାମାନଙ୍କ ଦକ୍ଷତା ବିକାଶ ଏବଂ ସାମଗ୍ରିକ ସଶକ୍ତୀକରଣ ପାଇଁ ଏକ ଲକ୍ଷ୍ୟ ଭିତ୍ତିକ ପଦକ୍ଷେପ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ମନ୍ତ୍ରଣାଳୟର ମିଶନ ଶକ୍ତି ଯୋଜନା ଏବଂ କାର୍ଯ୍ୟକ୍ରମ ଅଧୀନରେ ସ୍ୱତନ୍ତ୍ର ପ୍ରକଳ୍ପ ଅନୁଦାନ ମଞ୍ଜୁର କରିବାକୁ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଏମ୍‌ପି ଦାବି କରିଛନ୍ତି।

# ଯୌନ ନିର୍ଯାତନା ନିୟମ ଉପରେ କର୍ମଶାଳା

**ପଦ୍ମପୁର,୨୪।୭(ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ମହିଳା ଜୁନିୟର କଲେଜ ପରିସରରେ ଯୌନ ନିର୍ଯାତନା ନିୟମ ୨୦୧୩ ସମ୍ବନ୍ଧିତ ଏକ କର୍ମଶାଳା ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଗୁରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟରେ, ଶିକ୍ଷା ଅନୁଷ୍ଠାନରେ ନାରୀ କିପରି ଯୌନ ନିର୍ଯାତନାର ଶିକାର ନ ହୋଇ ସୁରକ୍ଷିତ ରହିବ ଏହା ଉପରେ ବ୍ୟାପକ ଆଲୋଚନା ହେବା ସହ ଆଭ୍ୟନ୍ତରୀଣ ଅଭିଯୋଗ ପରିଷଦ ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହି କର୍ମଶାଳାରେ ବ୍ଲକ ଉନ୍ନୟନ ଅଧିକାରୀ ମନୋଜ କୁମାର ଦେବତା, ପଦମପୁର ଥାନାଧିକାରୀ ମମତା ନାଏକ, ଅତିରିକ୍ତ ତହସିଲଦାର ମାମି ମହାନନ୍ଦ, ଡବ୍ଲ୍ୟୁଇଓ ଦୀପକ ବାରିକ୍, ସିଡିପିଓ ଗୋଲି ରାଉତ, ଅଧକ୍ଷା ପଦ୍ମିନୀ ଦାସ, ସାଧନକର୍ମୀ ରାଜେଶ ଖମାରୀ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଏବିଇଓ ଜୟ କୁମାର ସାହୁ, ରାମସିଂ ଭୋଇ, ସମସ୍ତ ବିଦ୍ୟାଳୟ ଓ କଲେଜର ପ୍ରଧାନ ଶିକ୍ଷକ ଓ ଅଧକ୍ଷ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସିଆର୍‌ସିସି ସୁରେଶ ଚୌହାନ କର୍ମଶାଳାରେ ବିଶେଷ ସହାୟତା କରିଥିଲେ। ଶେଷରେ ଅଧାପିକା ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଝାରବନ୍ଧ(ଦେବେନ୍ଦ୍ର ସାହୁ):** ଝାରବନ୍ଧ ପଞ୍ଚାୟତ ସମିତି ଜୁନିୟର କଲେଜଠାରେ ବ୍ଲକ ସ୍ତରୀୟ ଯୌନ ନିର୍ଯାତନା ନିୟମ ୨୦୧୩ ସମ୍ପର୍କରେ ଏକ କର୍ମଶାଳା ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି ଅଧକ୍ଷତା କରିଥିବା ବେଳେ ବିଡିଓ ପର୍ଶୁରାମ ପଣ୍ଡା ମୁଖ୍ୟ ଅତିଥି, ତହସିଲଦାର ଅଲେଖ ଘୁଟା, ସିଡିପିଓ ସୁଷମା ପଟେଲ, ଜଗଦଲପୁର ଥାନା ଅଧିକାରୀ ଅଭିମନ୍ୟୁ ଦୁର୍ଗା, କଲେଜର ଅଧକ୍ଷ ପ୍ରମୋଦ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଶିକ୍ଷାନୁଷ୍ଠାନ, ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟରତ ମହିଳାମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର, ପ୍ରଲୋଭିତ କରି ନିର୍ଯାତନା ପ୍ରସଙ୍ଗରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ଗୋପାଳ ହରିଜନ ସଂଯୋଜନା କରିଥିଲେ।




ଝାରବନ୍ଧରେ ଆୟୋଜିତ କର୍ମଶାଳାରେ ଉପସ୍ଥିତ ଅତିଥି।

# ସାର ଦୋକାନରେ ଚଢ଼ାଉ କଲେ କୃଷି ବିଭାଗର ସ୍ୱତନ୍ତ୍ର ଟିମ୍

- ସାର କଳାବଜାର ଅଭିଯୋଗ
- ଚଢ଼ାଦରରେ ବିକ୍ରି କଲେ ଲାଇସେନ୍ସ ରଦ୍ଦ




ସାର ଦୋକାନରେ କୃଷି ବିଭାଗ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

**ପଦ୍ମପୁର,୨୪।୭(ପ୍ରଦୀପ୍ତ ଦାଶ)**

ପଦ୍ମପୁର ବ୍ଲକ ଅଞ୍ଚଳରେ ସାର କଳାବଜାର, ବେନିୟମ ଗଚ୍ଛିତ ରଖିବା, ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ବୁଧବାର ଖବର ପ୍ରକାଶ ପାଇବା ପରେ ଗୁରୁବାର କୃଷି ବିଭାଗର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଦୋକାନରେ ଚଢ଼ାଉ କରିଥିଲା। ଜିଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଦୀପ୍ତିପୁର, ସର୍ଗିବାହାଲ, ମହୁଲପାଲି, ଦହିତା ଓ ପଦ୍ମପୁରର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ପିଓଏସ୍ ମେଶିନରେ ଥିବା ସାର ଏବଂ ଗୋଦାମରେ ମହଜୁଦ ଥିବା ସାରକୁ ତୁଳନାତ୍ମକ ଯାଞ୍ଚ କରାଯାଇଥିଲା। ଗୋଟିଏ ବସ୍ତା ବି ସାର ଯଦି ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ବିକ୍ରି ହୁଏ ତା'ହେଲେ ଦୋକାନୀଙ୍କ ଲାଇସେନ୍ସ ରଦ୍ଦ କରାଯିବ ବୋଲି ତାଗିଦ୍ କରିଥିଲେ। ବରଗଡ଼ ଜିଲାପାଳଙ୍କ ଆଦେଶ କ୍ରମେ ଜିଲା କୃଷି ଅଧିକାରୀ ପଣ୍ଡାଙ୍କ ସମେତ ପଦ୍ମପୁର ବ୍ଲକ ସହକାରୀ କୃଷି ଅଧିକାରୀ ଝୁମି ମେହେର, ଅତିରିକ୍ତ ତହସିଲଦାର ତପସ୍ୱିନୀ କୁଜୁକା, ସହକାରୀ କୃଷି ଅଧିକାରୀ ଜିତେନ୍ଦ୍ର ମୁର୍ମୁ ଓ ସ୍ଥାନୀୟ ପୋଲିସ ଏହି ଚଢ଼ାଉରେ ଭାଗ ନେଇଥିଲେ। ପଦ୍ମପୁରରେ ବର୍ତ୍ତମାନ ୟୁରିଆ ସାର ବ୍ୟତୀତ ଡିଏପି, ଗ୍ରୋମର, ୨୦–୨୦–୦–୧୩ ଓ ପଟାସ ଚାହିଦାଠାରୁ କମ୍ ରହିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଓ ଜିଲାପାଳ ଆଲୋଚନା କରିଛନ୍ତି। ୨/୩ଦିନ ଭିତରେ ଏହି ସାର ଆସିଯିବ ବୋଲି କୃଷି ଅଧିକାରୀ ପଣ୍ଡା କହିଛନ୍ତି।

# ବିଦ୍ୟୁତ୍ ନିରାପତ୍ତା, ବନ ମହୋତ୍ସବ ସପ୍ତାହ ପାଳନ



କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଅତିଥି ଓ ଶିକ୍ଷକବୃନ୍ଦ।

**ବରଗଡ଼, ୨୪।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ସୀମାନ୍ତ ଉଚ୍ଚ ବିଦ୍ୟାଳୟ, ବିଛୁଆଁ ପରିସରରେ ବିଦ୍ୟୁତ୍ ନିରାପତ୍ତା ସପ୍ତାହ ଏବଂ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବନ ମହୋତ୍ସବ ସପ୍ତାହ ପାଳନ ଉଦ୍ଦେଶ୍ୟରେ ପ୍ରଧାନ ଶିକ୍ଷକ କିଶୋର ହୋତାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଭଟଲି ଫରେଷ୍ଟର ରାଜେନ୍ଦ୍ର ପ୍ରସାଦ ସିଂ ଯୋଗଦାନ କରି ବନୀକରଣ ପାଇଁ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରକୃତିପ୍ରେମୀ ପ୍ରଧାନ ଶିକ୍ଷକ ହୋତା ବିଦ୍ୟାଳୟର ସବୁଜଶ୍ରୀ ବୃଦ୍ଧିରେ ତଥା ବିଦ୍ୟାଳୟର ପ୍ରକୃତିମିତ୍ର ପୁରସ୍କାର ଲାଭରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କର ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଦେବା ସହିତ ଏକ ସବୁଜ ସୁନ୍ଦର ପୃଥିବୀ ଗଠନ ନିମନ୍ତେ ଆଗକୁ ମଧ୍ୟ ଏହି ଧାରା ବଜାୟ ରଖିବାକୁ ଉଦ୍‌ବୋଧନ ଦେଇଥିଲେ। ନିଜ ଘର ଆଖପାଖରେ ଲଗାଇବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା। ବନ ମହୋତ୍ସବ କାର୍ଯ୍ୟକ୍ରମରେ ଶିକ୍ଷକ ଗୋପବନ୍ଧୁ ସାହୁ, ଗୌରଚନ୍ଦ୍ର ପାଣିଗ୍ରାହୀ, ପ୍ରମୋଦ କୁମାର,ମାଝୀ, ଇନ୍ଦ୍ରଜିତ ବଢେଇ ସହଯୋଗ କରିଥିଲେ। ସେହିପରି ହୋତାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ବିଦ୍ୟୁତ୍ ନିରାପତ୍ତା ସପ୍ତାହ ମଧ୍ୟ ପାଳିତ ହୋଇଯାଇଛି। ଏଥିପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ବରଗଡ଼ ଅଧିକ୍ଷଣ ଯନ୍ତ୍ରୀ କେ. ମହେଶ ଦାଶ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ରୂପେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶାଳ ତିର୍କୀ ଯୋଗଦେଇ ବିଦ୍ୟୁତ୍ ନିରାପତ୍ତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବାସ ଚନ୍ଦ୍ର ହୁଏ ଓ ସଭ୍ୟ ନିତ୍ୟାନନ୍ଦ ମହାପାତ୍ର ଅଂଶଗ୍ରହଣ କରିଥିଲେ। ଅଚ୍ୟୁତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମଧ୍ୟ ବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା।

# ମହିଳାଙ୍କ ସୁରକ୍ଷା ସଚେତନତା କର୍ମଶାଳା

**ସୋହେଲା ୨୪।୭(ଅଶ୍ୱିନୀ କୁମାର ପାତ୍ର)**

କାର୍ଯ୍ୟସ୍ଥଳୀରେ ମହିଳାଙ୍କ ସୁରକ୍ଷା ନେଇ ଏକ ସଚେତନତା କର୍ମଶାଳା ସୋହେଲା ବିଇଓ ଅମୃତା ସାହୁଙ୍କ ସଭାପତିତ୍ୱରେ ସ୍ଥାନୀୟ କଲେଜଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସୋହେଲା ବିଡିଓ କରିସ୍ମା ଭେସ୍ରା, ତହସିଲଦାର ଶୁଭରଞ୍ଜନ ନାୟକ, ଥାନାଧିକାରୀ ହରିଶଙ୍କର ଭୋଇ, ଆଇସିଡିଏସ ସୁପରଭାଇଜର ଅନୁପମା ହେସ, ସମାଜ ମଙ୍ଗଳ ଅଧିକାରୀ ଶିବପ୍ରସାଦ ଆଡବାଙ୍କ, ଅଧକ୍ଷ ରବୀନ୍ଦ୍ର ମିଶ୍ର, ଅଧାପକ ପ୍ରେମଚାନ୍ଦ ଦୁଆନ ମଞ୍ଚାସୀନ ଥିଲେ। ସୋହେଲା ବିଇଓ ଅମୃତା ସାହୁ ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନରେ ଆଇସିସି ଗଠନ ହୋଇଥିବା ପ୍ରକାଶ କରିବା ସହ ଆଗାମୀ ଦିନରେ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଶେଷରେ ଏବିଇଓ ମନୋହର ଉଟୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀ ପଞ୍ଜୀକରଣ ଜଟିଳ ବ୍ୟବସ୍ଥା ବନ୍ଦ ପାଇଁ ଦାବି

**ପଦ୍ମପୁର,୨୪।୭(ପ୍ରଦୀପ୍ତ ଦାଶ)**

ସରକାର ଚଳିତ ଖରିଫ ଧାନ ପଞ୍ଜୀକରଣରେ ବହୁତ ଜଟିଳ ଓ ଅବାନ୍ତର ନିୟମ ଲାଗୁ କରିଛନ୍ତି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ବିରୋଧ ପ୍ରକାଶ ପାଇବା ସହିତ ଏକ ବିରାଟ ଚାଷୀ ଆନ୍ଦୋଳନକୁ ଉସୁକାଉଛନ୍ତି ବୋଲି ପଦ୍ମପୁର ଅଞ୍ଚଳର ଚାଷୀମାନେ ମତ ଦେଉଛନ୍ତି। ଚଳିତବର୍ଷ ପଞ୍ଜୀକରଣରେ ରେକର୍ଡଧାରୀଙ୍କ ମୃତ୍ୟୁ ହୋଇଯାଇଥିଲେ ବଂଶାନୁକ୍ରମିକ ଦାବିଦାର ଉପସ୍ଥିତ ପାଇଁ ନିୟମ ରଖିଛନ୍ତି। ପ୍ରଥମେ ଯୌଥ ଜମି ପଟ୍ଟା କାରଣରୁ ଅନେକ ଦାବିଦାର ବାହାରିବେ। ଏହାର ପ୍ରଭାବ କୃଷିଅର୍ଥ ନୀତି ଏବଂ କୃଷକ ସମାଜ ଉପରେ ପଡ଼ିବ। କଳାବଜାର ବଢ଼ିବ, କୃଷକ ସରକାରୀ ସଂସ୍ଥାକୁ ଧାନ ବିକ୍ରି କରି ନ ପାରି ଦଲାଲମାନଙ୍କୁ ଶସ୍ତାରେ ଧାନ ବିକ୍ରି କରିବ, ନିରୁତ୍ସାହିତ ହୋଇ ଚାଷ ଛାଡ଼ିଦେବା ଏକ ପ୍ରାୟୋଜିତ ବୋଲି ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ସଦସ୍ୟମାନେ ମତ ଦେଇଛନ୍ତି। ଏହି ନିୟମ ବାଧ୍ୟତାମୂଳକ କରିଲେ ପ୍ରାୟ ୮୦ ପ୍ରତିଶତ ଚାଷୀ ପଞ୍ଜୀକରଣରୁ ବାଦ୍ ପଡିବେ। ସେହିପରି ଚାଷୀ ନେତା ରମେଶ ମହାପାତ୍ର କହିଛନ୍ତି, ଏହି ନିୟମ ଦ୍ୱାରା ପ୍ରକୃତ ଚାଷୀ ବଞ୍ଚିତ ହେବେ ଓ ପରିବାର, ଭାଇ ଭଉଣୀ ମଧ୍ୟରେ ଅଶାନ୍ତି ଲାଗି ରହିବ। ସରକାର ଏହି ନୂତନ ନିୟମ ପ୍ରତ୍ୟାହାର ନ କଲେ ଚାଷୀମାନେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ଚେତାବନୀ ଦେଇଛନ୍ତି।



ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର କର୍ମକର୍ତ୍ତା।

# ଆନ୍ଦୋଳନ ଚେତାବନୀ ଦେଲେ ବିଜେଡି, କଂଗ୍ରେସ

### ଚାଷୀ ପଞ୍ଜୀକରଣ ନୂଆନୀତିକୁ ବିରୋଧ

**ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ)**

ରାଜ୍ୟର ଭାଜପା ସରକାର ଧାନ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ଇନ୍‌ପୁଟ୍ ଆସିଷ୍ଟାଣ୍ଟ ପ୍ରଦାନକୁ ନେଇ ଚାଷୀ ମହଲ ଖୁସି ପ୍ରକଟ କରିଛନ୍ତି। ଅନ୍ୟପଟେ ଏହି ସରକାର ଶାସନକୁ ଆସିବା ପରେ ଧାନ ବିକ୍ରିବଟାରେ ଯେଭଳି ଗୋଟିଏ ପରେ ଗୋଟିଏ କଟକଣା ଲାଗୁ କରୁଛନ୍ତି, ତାହା ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। ପ୍ରଥମେ ଧାନ ଗୁଣମାପ ପରୀକ୍ଷା ପାଇଁ ମଣ୍ଡିରେ ଆନାଲାଇଜର ମେଶିନ ସ୍ଥାପନ ଏବଂ ଏବେ ଆସନ୍ତା ଖରିଫ୍ ଧାନବିକ୍ରି ପାଇଁ ଚାଷୀ ପଞ୍ଜୀକରଣରେ ନୂଆନୀତି ଏଭଳି ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ତେଜି ଉଠିଥିବାବେଳେ ବିରୋଧୀ ବିଜେଡି ଏବଂ କଂଗ୍ରେସ ମଧ୍ୟ ଏଥିରେ ରାଜ୍ୟ ସରକାରକୁ ଘେରିବା ଆରମ୍ଭ କରି ଦେଇଛନ୍ତି। ଏହି କ୍ରମରେ ଗୁରୁବାର ବିଜେଡି ଏବଂ କଂଗ୍ରେସ ପକ୍ଷରୁ ପୃଥକଭାବେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।



ବିଜେଡି ପ୍ରତିନିଧିବୃନ୍ଦ ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ବିଜେଡି ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛି, ଏଥର ଧାନବିକ୍ରି ପାଇଁ ବଂଶୀୟ ସହମତି, ପଞ୍ଜୀକୃତ କେନ୍ଦ୍ରରେ ଅଂଶୀଦାରଙ୍କ ଉପସ୍ଥିତି, ଚକ୍ଷୁସ୍କାନ, ସହମତି ପ୍ରଦାନ ଆଦିକୁ ବାଧ୍ୟତାମୂଳକ କରାଯାଇଛି। ଏହି ପ୍ରକ୍ରିୟା ଚାଷୀମାନଙ୍କ କ୍ଷେତ୍ରରେ କାଠିକର ପାଠ ଓ ଅସମ୍ଭବ ହୋଇ ପଡ଼ିଛି। ଏଭଳି ନିୟମ ପ୍ରଣୟନ ଦ୍ୱାରା ଜିଲାର ୭୦ପ୍ରତିଶତ ଚାଷୀ ବଞ୍ଚିତ ହେବେ ବୋଲି ବିଜେଡି ଅଭିଯୋଗ କରିବା ସହିତ ଏଭଳି ନିୟମ ପ୍ରତ୍ୟାହାର କରିବା ସହିତ ପୁରୁଣା ପଦ୍ଧତିରେ ଧାନ କିଣିବାକୁ ଦାବି କରିଛି। ସରକାର ଏହି ଦାବି ପୂରଣ ନ କଲେ ବିଜେଡି ଆଗାମୀ ଦିନରେ ଜିଲାର ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ସମବାୟ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛି। ଏହା ସହିତ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦଳ ଯେକୌଣସି ପଦକ୍ଷେପ ନେବାକୁ ବାଧ ହେବ ବୋଲି ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି। ଜିଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ରୀତା ସାହୁ, ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ପୌରାଧକ୍ଷା କଳ୍ପନା ମାଝୀ, ବରଗଡ଼ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ଗୌରହରି ମିଶ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ, ହରିଶଙ୍କର ବେହେରା, ଲାଲ ବିକ୍ରମ ସିଂହଦେଓ, ଦେବାନନ୍ଦ ଗଡ଼ତିଆ, ଡୋଲାମଣି କ୍ଷେତି, ସୁଜିତ ପଣ୍ଡା, ସୁପ୍ରଭା ମହାଲିଙ୍ଗ, କୁଳମଣି ପ୍ରଧାନ, ଗଣତନ୍ତ୍ର ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।



କଂଗ୍ରେସ ପ୍ରତିନିଧିବୃନ୍ଦ ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ସେହିପରି ଅତାବିରା ବ୍ଲକ କଂଗ୍ରେସ ମଧ୍ୟ ଚାଷୀ ପଞ୍ଜୀକରଣର ନୂଆନୀତି ବିରୋଧରେ ପୃଥକ୍‌ଭାବେ ସ୍ମାରକପତ୍ର ପ୍ରଦାନ କରିଛି। ନୂଆନୀତି ଚୋରକୁ ଧରିବା ପାଇଁ ପ୍ରକୃତ ଲୋକଙ୍କୁ କଷ୍ଟ ଦେବା ଭଳି ହୋଇଛି ଏବଂ ଏହା ସମ୍ବିଧାନ ବିରୋଧୀ ବୋଲି କଂଗ୍ରେସ ସ୍ମାରକପତ୍ରରେ ଉଲ୍ଲେଖ କରିଛି। ଫଳରେ ସେଥିପ୍ରତି ଦୃଷ୍ଟି ଦେଇ ଯେଭଳି ସୁରୁଖୁରୁରେ ଧାନବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ହେବ ଏବଂ ଚାଷୀମାନେ ଧାନବିକ୍ରିରେ ସହଭାଗୀ ହୋଇପାରିବେ, ସେ ନେଇ ସରଳ ବ୍ୟବସ୍ଥା କରିବାକୁ କଂଗ୍ରେସ ଦାବି କରିଛି। ଏଭଳି କରା ନ ଗଲେ ଆଗକୁ ଚାଷୀ ଆନ୍ଦୋଳନ ତୀବ୍ର ହେବ ଏବଂ ଏଥିପାଇଁ ସରକାର ହିଁ ଦାୟୀ ରହିବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ଅତାବିରା ବ୍ଲକ କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ପୂର୍ବତନ ସଭାପତି ରବି ପଣ୍ଡା, ଅକ୍ଷୟ ମହାପାତ୍ର, ପ୍ରଦୀପ ପ୍ରଧାନ, କୈଳାଶ ବଗାର, ଭୁବନ ପ୍ରଧାନ, ରଞ୍ଜନ ପ୍ରଧାନ, ମୋହିତ ଭୋଇ, ଶ୍ରୀମନ୍ତ ବାରିକ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କରାଟେକା ଅଭିଷେକଙ୍କୁ ସମ୍ବର୍ଦ୍ଧନା



**ରାଉରକେଲା,୨୪।୭(ଦିନେଶ ମିଶ୍ର):** ରାଉରକେଲା ପୋଲିସରେ କାର୍ଯ୍ୟରତ ଅଭିଷେକ ପଟ୍ଟନାୟକ ଆମେରିକାର ବର୍ମିଂହୋମ୍‌ରେ ଆୟୋଜିତ ୨୧ତମ ବିଶ୍ୱ ପୋଲିସ ଓ ଫାୟାର ଗେମ୍ସ କରାଟେ ଚାମ୍ପିୟନଶିପ୍‌ରେ ଭାରତୀୟ ପୋଲିସକୁ ପ୍ରତିନିଧିତ୍ୱ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ରାଉରକେଲା ଫେରିବା ପରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଆସନ୍ତା ଦିନମାନଙ୍କରେ ନିଜର କରାଟେ ପ୍ରଶିକ୍ଷଣକୁ ଆହୁରି ଉନ୍ନତି କରିବା ସହ ରାଉରକେଲାରୁ କରାଟେ କ୍ରୀଡ଼ାବିତ୍ ଗଢ଼ିତୋଳିବା ପାଇଁ ଅଭିଷେକଙ୍କୁ ପରାମର୍ଶ ଦେଇଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବଡ଼ଗାଁ,୨୪।୭(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଉଦାରମା ଗ୍ରାମରେ ଗୁରୁବାର ଅପରାହ୍ନରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଦୁର୍ଜନ ସିଂ (୨୧)। ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ ମୃତଦେହ ଜବତ କରି ମର୍ଗ ହାଉସରେ ରଖିବା ସହ ଘଟଣାର ତଦନ୍ତ କରୁଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ତେନ୍ତୁଳି ଗଛରେ ଦୁର୍ଜନଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଗଛରୁ ମୃତଦେହକୁ ଓହ୍ଲାଇ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତ ଦୁର୍ଜନଙ୍କ ବାପା ସନ୍ତୋଷ ସିଂ ଥାନାରେ ଲିଖିତ ଜଣାଇଛନ୍ତି। ସାମାନ୍ୟ ମାନସିକ ବିକୃତି ଥିବା କାରଣରୁ ଦୁର୍ଜନ ଆତ୍ମହତ୍ୟା କରିଥିବା ବଡ଼ଗାଁ ପୋଲିସକୁ ଦେଇଥିବା ପାତ୍ରରେ ଦର୍ଶାଇଛନ୍ତି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

# ୪ ବର୍ଷ ହେଲା ସରୁନି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ

- କମ୍ୟୁନିଟି ସେଣ୍ଟରରେ ଚାଲିଛି ପାଠପଢ଼ା
- ଗିର୍ଜାପଡାବାସୀଙ୍କ ଅସନ୍ତୋଷ ପ୍ରକାଶ



**କୁତ୍ରା,୨୪।୭(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗିର୍ଜାପଡ଼ାଠାରେ ଗତ ୪ ବର୍ଷ ତଳେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ତାହା ଶେଷ ହୋଇନାହିଁ। ବର୍ଷ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡି ରହିଛି। କିନ୍ତୁ ତଦାରଖ କରିବାକୁ କେହି ନାହାନ୍ତି। ଏହାକୁ ନେଇ ଗିର୍ଜାପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ, ୨୦୨୧ରେ ଓମ୍‌ବାଡ୍‌ସି ପ୍ରକଳ୍ପରେ ୧୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଗୃହର ଛାତ ଢଳାଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ କାନ୍ଥଗୁଡିକୁ ପଲସ୍ତରା ମଧ୍ୟ ହୋଇଛି। ଏପରି କି ରଙ୍ଗ ମଧ୍ୟ ଲଗାଯାଇଛି। ହେଲେ ଗୃହର କବାଟ ଲଗାଯାଇ ନ ଥିବା ବେଳେ ଚଟାଣ କାର୍ଯ୍ୟ ମଧ୍ୟ ହୋଇନାହିଁ। ଛାତ ଉପରେ ପାଣି ଟାଙ୍କି ଲାଗିଥିବା ବେଳେ ଜଳ ଯୋଗାଣ ବ୍ୟବସ୍ଥା ପାଇଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନି। ଏପରିକି ଅର୍ଦ୍ଧନିର୍ମିତ ଗୃହରେ ଲଗାଯାଇଥିବା ରଙ୍ଗ ଫିକା ପଡିବାକୁ ବସିଥିବା ବେଳେ ନିର୍ମାଣ କାର୍ଯ୍ୟ କେବେ ସରିବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିବା ସହ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ଏନେଇ ଅଭିଯୋଗ କରିଛନ୍ତି। କମ୍ୟୁନିଟି ସେଣ୍ଟରରେ ଚାଲିଛି ପାଠପଢ଼ା। ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ବିଳମ୍ବକୁ ନେଇ ଗିର୍ଜାପଡା ବାସୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇବା ସହ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରୁଛନ୍ତି। ଏହାକୁ ନେଇ ବିଡିଓ ଯୁଗଳକିଶୋର ବିଶ୍ୱାଳଙ୍କୁ ପଚାରିବାରୁ, କ'ଣ ପାଇଁ ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ ତାହା ତଦାରଖ କରିବେ ବୋଲି କହିଛନ୍ତି।

# ଆମ ପୋଲିସ ବୈଠକ

**ବାଲିଶଙ୍କରା,୨୪।୭( ସତ ସେଠ୍)**

ତଳସରା ଥାନା ପରିସରରେ ଆମ ପୋଲିସ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଓ ଡିଏସ୍‌ପି ପୁଷ୍ପେନ୍ଦୁ ସାଗରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ବୈଠକରେ ସାଇବର ଠକେଇ, ବ୍ୟାଙ୍କ, ଏଟିଏମ୍ ଠକେଇ ସହ ବିଭିନ୍ନ ଅପରାଧରୁ ଲୋକଙ୍କ ସୁରକ୍ଷା ପାଇଁ ସଚେତନ କରାଯାଇଥିଲା। ଜନସାଧାରଣ ଯଦି କୌଣସି ଆଇନଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତା'ହେଲେ ନିର୍ଭୟରେ ପୋଲିସ ସହ ଯୋଗାଯୋଗ କରି ପରାମର୍ଶ ନିଅନ୍ତୁ ବୋଲି କହିଥିଲେ। ବାଇକ ଚଳାଇବା ବେଳେ ହେଲମେଟ ବ୍ୟବହାର, ନିଶାଦ୍ରବ୍ୟର କୁପ୍ରଭାବ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ବନଡେଗା ଫାଣ୍ଡି ଅଞ୍ଚଳରେ ଗୋ'ଚାଲାଣ ଓ ବାଲିଶଙ୍କରା ଅଞ୍ଚଳରେ ଅବୈଧ ମଦ କାରବାରକୁ ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଦୃଢ଼ ମତ ପ୍ରକାଶ କରିଥିଲେ। ଏହି ବୈଠକରେ ଅରୁଣ ସାହୁ, ବନମାଳୀ ବାରସତିଆ, ଉଗ୍ରେସନ ବେହେରା, ଡୁମୁଲିଆ ସରପଞ୍ଚ ଦେବଲାଲ ଲାକଡା, ସଉନାମରା ସରପଞ୍ଚ ବୁଲୁ ବାର୍ଲା, ସୁରତ ବେହେରା, ଚିନୁ ପଟେଲ, ବୁଲୁ ପଣ୍ଡା, ନନ୍ଦନ ସିଂ, ଜଗଦୀଶ ସାଏ, ରିଙ୍କୁ ବିଶି, ପ୍ରବୀଣ ଏକ୍କା, ରବି ପଟେଲ, ଫ୍ରାନ୍ସିସ୍ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

# ବେନିୟମ ପାର୍କିଂ ଉଚ୍ଛେଦ, ଏନ୍‌ଫୋର୍ସମେଣ୍ଟ ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

**ଜିଲା ସଡ଼କ ସୁରକ୍ଷା ସମିତି ବୈଠକ**

**ସୁନ୍ଦରଗଡ଼,୨୪।୭(ଜୟ ନାରାୟଣ ମେଣ୍ଡୁଲି)**

ଜିଲା ସଡ଼କ ସୁରକ୍ଷା ସମିତି ବୈଠକ ଗୁରୁବାର ସ୍ଥାନୀୟ ସଦଭାବନା ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଡ଼କ ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ସୁନ୍ଦରଗଡ଼ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ,ରାଉରକେଲାଙ୍କ ତରଫରୁ ନିଜ ନିଜ ଅଞ୍ଚଳ ଅନ୍ତର୍ଗତ ସଡ଼କ ଦୁର୍ଘଟଣା ତଥ୍ୟ, ସଡ଼କ ଦୁର୍ଘଟଣା ରୋକିବା ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଉପସ୍ଥାପନ କରିଥିଲେ। ବୈଠକରେ କ୍ରମାଗତ ଏନଫୋର୍ସମେଣ୍ଟ କରାଯିବା, ସଡ଼କ ସୁରକ୍ଷା ନିୟମ ଉଲଂଘନ କରୁଥିବା ଚାଳକମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା, ପାଟ୍ରୋଲିଂକୁ ବଢେଇବା, ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବା, ବେନିୟମ ପାର୍କିଂ ଉଚ୍ଛେଦ, ନିୟମିତ ଏନଫୋର୍ସମେଣ୍ଟ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାସ୍ତା ମରାମତି, ରାସ୍ତାରେ ଆଲୋକିକରଣ, ବ୍ଲାକ ସ୍ପଟ, ରାସ୍ତା ନିକଟରେ ଥିବା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକ ସଡ଼କ ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବିଶେଷ କରି ରାସ୍ତାରେ ଗୋରୁମାନଙ୍କ ଦ୍ୱାରା ଦୁର୍ଘଟଣା ଘଟୁଥିବାରୁ ଏଥିପ୍ରତି ପଦକ୍ଷେପ ଗ୍ରହଣ କରାଯିବାକୁ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ନିମନ୍ତେ ବିଭାଗ ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସୋଲାସିୟମ ଯୋଜନା ଉପରେ ମଧ୍ୟ ଜନସଚେତନତା ସୃଷ୍ଟି କରାଯିବା ଉପରେ ଆଲୋଚନା କରାଯାଇଥିଲା। ଜିଲାରେ ସଡ଼କ ଦୁର୍ଘଟଣା ହ୍ରାସ ଦିଗରେ ସମସ୍ତ ଅଂଶୀଦାର ତଥା ବିଭାଗୀୟ ଅଧିକାରୀମାନେ ବିଶେଷ ଧ୍ୟାନ ଦିଆଯିବାକୁ ଅତିଥିମାନେ ଆଲୋଚନା କରିଥିଲେ ଏବଂ ବିଶେଷ କରି ଏନଫୋର୍ସମେଣ୍ଟ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ସଦର ଉପଜିଲାପାଳ ଦାଶରଥି ସରାବୁ, ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ବୈଭବ ସାମନ୍ତ ସିଂହାର, ସୁନ୍ଦରଗଡ଼ର ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଦଲାନୀ, ସୁନ୍ଦରଗଡ଼ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅମିତ ଟୁଡୁ, ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ଟ୍ରକ ମାଲିକ ସଂଘ, ବସ ମାଲିକ ସଂଘର ସଭ୍ୟ, କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ବଜ୍ରପାତରେ ବଳଦ,ଛେଳି ମୃତ

**ବଡ଼ଗାଁ,୨୪।୭(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହୋଇଥିଲା। ଏକମା ବିଚ୍ଛୁପଡାରେ ବଜ୍ରପାତ ଯୋଗୁ ପଡିଆରେ ଚରୁଥିବା ପିଣ୍ଟୁ ଲାକ୍ରାଙ୍କ ଏକ ଗାଈ ଓ ପଟକା ବାଡ଼ାଙ୍କ ଏକ ଛେଳିର ମୃତ୍ୟୁ ଘଟିଛି। ଏକମା ସରପଞ୍ଚ ଏନେଇ ବଡ଼ଗାଁ ଥାନା ଆଇଆଇସିଙ୍କୁ ଅବଗତ କରାଇଛନ୍ତି।

### ଟ୍ରାନ୍ସଫର୍ମର କାଟି କଏଲ ନେଇଗଲେ ଦୁର୍ବୃତ୍ତ

**ବଡ଼ଗାଁ,୨୪।୭(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଖରିକାମୁଣ୍ଡା ଗ୍ରାମରେ ବିପିଏଲ୍ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ବିତରଣ ପାଇଁ ଲଗାଯାଇଥିବା ଛୋଟ ଟ୍ରାନ୍ସଫର୍ମରକୁ କାଟି ଦୁର୍ବୃତ୍ତ ମାନେ କଏଲ ନେଇଯାଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡିଛି। ବାମରା ଯିବା ରାସ୍ତାରେ ଟ୍ରାନ୍ସଫର୍ମର ତେଲ ପଡ଼ିଥିବାରୁ ଚୋରମାନେ ବାମରା ପଟକୁ ଯାଇଥିବା ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ଗ୍ରାମବାସୀ ମାନେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବଡ଼ଗାଁ ଅଞ୍ଚଳରେ ପ୍ରତି ସପ୍ତାହରେ ଚୋରି ହେଉଥିବାରୁ ସାଧାରଣ ଅସନ୍ତୋଷ ପ୍ରକାଶ ପାଇଛି।

# ତ୍ରିଦିବସୀୟ ପ୍ରଶିକ୍ଷଣ କର୍ମଶାଳା



କର୍ମଶାଳାରେ ଅତିଥିଙ୍କ ସହ ଛାତ୍ରୀମନେ।

**ବଡ଼ଗାଁ,୨୪।୭(ଅଶୋକ ଷଡ଼ଙ୍ଗୀ)**

ଜିଲା ସ୍ତରୀୟ ତ୍ରୀ ଦିବସୀୟ ପ୍ରଶିକ୍ଷଣ କର୍ମଶାଳା ବଡ଼ଗାଁ ବ୍ଲକ ବରଙ୍ଗାକଛାର ହାଇସ୍କୁଲ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସୁନ୍ଦରଗଡ ଜିଲାର ବିଦ୍ୟାଳୟ ସ୍ତରୀୟ କ୍ରୀଡା ସଙ୍ଗଠନ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ମୁଖ୍ୟ ଅତିଥିଭାବ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପିଇଟି ପ୍ରଭାତ ଦ୍ୱାରୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ପଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଷ୍ଠାପରଭାବେ ଯୋଗ ଅଭ୍ୟାସ କରିବା ଏବଂ ଏଠାରୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ଉପଯୁକ୍ତ ଯୋଗ ଶିକ୍ଷା ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ, ଜିଲା ବିଜ୍ଞାନ ନୀରିକ୍ଷକ ଚନ୍ଦ୍ରଶେଖର ସା, ପୂର୍ବତନ ଜିଲା କ୍ରୀଡ଼ା ସମ୍ପାଦକ ଚନ୍ଦ୍ରଶେଖର ସାହୁ ଯୋଗଦେଇଥିଲେ। ରାଜ୍ୟ ସ୍ତରୀୟ ଯୋଗ ପ୍ରଶିକ୍ଷକ ଗଣେଶ ବାରିକ ଓ ବିଭୀଷଣ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆୟୋଜକ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା ସଭାପତିତ୍ୱ କରିଥିଲାବେଳେ ଶାରୀରିକ ନିରୀକ୍ଷକ ଅଜୟ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଶାଳା ପରିଚାଳିତ ହୋଇଥିଲା। ଆୟୋଜିତ ଉଦ୍‌ଘାଟନୀ ସଭା ଶେଷରେ ଆଶିଷ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ହାଇସ୍କୁଲର ଶିକ୍ଷକ ସୁବାସ ଚନ୍ଦ୍ର ମହନ୍ତ, ମଞ୍ଜୁଲତା ସାମନ୍ତରାୟ, ଚିତ୍ତରଞ୍ଜନ ଡାକୁଆ, ହେମନ୍ତ କୁମାର ପିଙ୍ଗ, ଅତିଶ କୁଜୁର, ଅବନୀ କାନ୍ତ ପ୍ରଧାନ, ଆଦିତ୍ୟ ସାଥୁଆ, ଗଙ୍ଗାଧର ପ୍ରଧାନ, ରାଜକୁମାର ଓରାମ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

# କଳାହାଣ୍ଡିରେ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ହେଉ

**ସଂସଦରେ ଉପସ୍ଥାପନ କଲେ କଳାହାଣ୍ଡି ଏମ୍‌ପି**

**ଭବାନୀପାଟଣା,୨୪।୭(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ଗୁରୁବାର ସଂସଦରେ ଦାବି ଉପସ୍ଥାପନା କରିଛନ୍ତି କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ। ଏହା ପୂର୍ବରୁ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ଦିଆଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ତାହା ବିଚାରାଧୀନ ଅଛି। କଳାହାଣ୍ଡି ଏକ ଆକାଂକ୍ଷୀ ଜିଲା ହୋଇଥିବାବେଳେ ଏଠାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ରହିଛି। ଏ ନେଇ ଜିଲାବାସୀଙ୍କ ଦୀର୍ଘଦିନର ଦାବି ରହିଆସିଛି। କଳାହାଣ୍ଡି ଜିଲା କେନ୍ଦ୍ର ସ୍ଥଳରେ ରହିଥିବାରୁ ଏଠାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ହେଲେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ ରାୟଗଡ଼ା ଭଳି ପଡ଼ୋଶୀ ଜିଲାର ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହେବେ। ତେଣୁ ଶୀଘ୍ର ଏଠାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଏମ୍‌ପି ମାଳବିକା ବାଚସ୍ପତିଙ୍କ ଜରିଆରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ନିବେଦନ କରିଛନ୍ତି।

# ଗଏରବାହାଲ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ



ବନ ମହୋତ୍ସବରେ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର।

**କୁତ୍ରା,୨୪।୭(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ଗଏରବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବନ ବିଭାଗ ଅତିରିକ୍ତ ବନ ସଂରକ୍ଷକ ମାନସ କୁମାର ମୁର୍ମୁ ଯୋଗଦେଇ ବର୍ତ୍ତମାନ ସମୟରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟର ବିଭିନ୍ନ କାରଣ ସମ୍ପର୍କରେ ଆଲୋଚନା କରିବା ସହ ଚାରା ରୋପଣ ଓ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ଭୁଟିଆ, ଅବସରପ୍ରାପ୍ତ ଯୁଗ୍ମ ସଚିବ ରାଇନୁ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଦାଶ ଅତିଥିଙ୍କୁ ସ୍ୱାଗତ କରିବା ସହ ବିଦ୍ୟାଳୟର ଇକୋ କ୍ଲବର କାର୍ଯ୍ୟ ଓ କୃତିତ୍ୱ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ସୁମିତ ଖାଲଖୋ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଇକୋ କ୍ଲବ ଛାତ୍ରୀଛାତ୍ରଙ୍କ ସହ ଚାରା ରୋପଣ କରିଥିଲେ। ଇକୋ କ୍ଲବ ସହ ବିଦ୍ୟାଳୟର ଜୁନିୟର ରେଡ କ୍ରସ, ସ୍କାଉଟ୍‌ସ ଗାଇଡ୍‌ସ ଛାତ୍ରୀଛାତ୍ର, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଚାରା ରୋପଣରେ ସହଯୋଗ କରିଥିଲେ।

# ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବାଲିଶଙ୍କରା,୨୪।୭( ସତ ସେଠ୍ )**

ବାଲିଶଙ୍କରା ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ କୁଳମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ବାଲିଶଙ୍କରା ତହସିଲଦାର କୁନ୍ତୀରାଣୀ ନାଏକ ଯୋଗଦେଇଥିଲେ। କଲେଜ ଅଧ୍ୟାପିକା ଶୋଭାରାଣୀ ସା ମଞ୍ଚ ପରିଚାଳନା କରିଥିବାବେଳେ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଯୁଗେଶ୍ୱର ସାହୁ, ଅଧ୍ୟାପିକା ଦୀପ୍ତିମୟୀ ବେହେରା, ଅଧ୍ୟାପିକା ତନୟ ପଟେଲ, ଇଂଲିଶ ଅଧ୍ୟାପକ ଅଶ୍ୱିନୀ ସରେଙ୍ଗ, ବରିଷ୍ଠ କିରାଣି ସୁଜନ କିଶାନ, ଲାଇବ୍ରେରିଆନ ଅନିତା ଟେରେସା ଲାକ୍ରା ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଲଗାଇ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପିଇଟି ପ୍ରଶାନ୍ତ କୁମାର ପଟେଲ କାର୍ଯ୍ୟକ୍ରମର ଦାୟିତ୍ୱଭାର ତୁଲାଇଥିଲେ।




ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**କୁତ୍ରା,୨୪।୭(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ବିରତୋଲାଠାରେ ଅବସ୍ଥିତ ପୁର୍କାପାଲି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତି କାଲୋଙ୍କ ଅଧ୍ୟକ୍ଷତାରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, ମୁଖ୍ୟବକ୍ତା ବିଇଓ ଅନନ୍ତ କୁମାର ନାଏକ, ସମ୍ମାନିତ ଅତିଥି ଏବିଇଓ ମିନା କୁମାରୀ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଗଣେଶର ସା, ଲତାଲଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ବଧେଇ, ସିଆରସିସି ସୁଦୀପ୍ତ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ତ୍ରିଲୋଚନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ନୂତନ ଭାବେ ଯୋଗ ଦେଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସହିତ ଜୀବନର ଏକ ଲକ୍ଷ୍ୟ ରଖି ସେହିଭଳି ଭାବେ କଠୋର ପରିଶ୍ରମ କରି ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କାଲୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଛାତ୍ରୀଛାତ୍ରଙ୍କୁ ପାଠ ପଢା ସହିତ ବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଉଥିବା କମ୍ପ୍ୟୁଟର ଶିକ୍ଷା, ସ୍ପୋକନ ଇଂଲିଶ ତଥା ଅନ୍ୟାନ୍ୟ ବୃତ୍ତିଗତ ଶିକ୍ଷା ବିଷୟରେ ଆଲୋକପାତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ମନୋଜ ଡୁଙ୍ଗଡୁଙ୍ଗ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ସହଯୋଗ କରିଥିଲେ।



ପ୍ରବେଶ ଉତ୍ସବରେ ଅତିଥିଙ୍କ ସହ ଅନ୍ୟାମନେ।

### ୩ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ସମ୍ମାନ

**ନୂଆପଡ଼ା,୨୪।୭ (ମକାରୁ ବେମାଲ)**

ଚଳିତ ଶିକ୍ଷା ବର୍ଷରେ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱର ଜୟଦେବ ଭବନଠାରେ ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ପ୍ରେରଣା ସମ୍ମାନ ପ୍ରଦାନ କରାଯାଇଛି। ନୂଆପଡ଼ା ଜିଲାର ୩ ଦିବ୍ୟାଙ୍ଗ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଜିଲାରେ ୨ ହଜାରରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଚଳିତ ମାଟ୍ରିକ ପରୀକ୍ଷାରେ ୬୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେଥିରୁ ୩ ଜଣ ୭୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବାରୁ ପ୍ରେରଣା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ ଅନୁସୂୟା ନାଗ (୭୮%), ମୋହିତ ମୋହନ ଦାସ (୭୬%) ଓ ଜନ୍ମେଜୟ ରଣା (୮୧%)।

# ମହୁଲଡିହା ସରସ୍ୱତୀ ଶିଶୁ ମନ୍ଦିରକୁ କ୍ଲୋଜର ନୋଟିସ୍

**ବଣାଇଁ,୨୪।୭(ପ୍ରଦୀପ ତ୍ରିପାଠୀ)**

**୧୦୯ ଛାତ୍ରୀଛାତ୍ରଙ୍କ ଭାଗ୍ୟ ଅନ୍ଧାରରେ**

ଭାରତ ସରକାରଙ୍କ ଶିକ୍ଷା ବିଭାଗ ନିୟମ ପାଳନରେ ଅବହେଳା ଯୋଗୁ ଗୁରୁବାର ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡର ମହୁଲଡିହା ସରସ୍ୱତୀ ଶିଶୁ ମନ୍ଦିରକୁ କ୍ଲୋଜର ନୋଟିସ ଜାରି କରାଯାଇଛି। ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ବିଦ୍ୟାଳୟକୁ ବଣାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ସୁନୀଲ କୁମାର ମୁଣ୍ଡ ଉକ୍ତ ସ୍କୁଲକୁ କ୍ଲୋଜର ନୋଟିସ ଜାରି କରିଛନ୍ତି ।

ପ୍ରକାଶ ଯେ, ମହୁଲଡିହାଠାରେ ଗତ ୨୦୧୫ ମସିହା ଠାରୁ ଏକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚାଲୁଥିଲା। ଶିକ୍ଷାବିକାଶ ସମିତି ଦ୍ୱାରା ଅନୁବନ୍ଧିତ ଏହି ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପରିଚାଳନା କମିଟି ସରକାରଙ୍କ ନିର୍ଦ୍ଦେଶନାମାକୁ ଖୋଲା ଉଲ୍ଲଂଘନ କରିଥିଲେ।

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ନିୟମ ଅନୁସାରେ ପ୍ରତ୍ୟେକ ବିଦ୍ୟାଳୟ ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନ ୟୁଡାଇସ କୋର୍ଡ (ୟୁନିଫାଇଡ ଡିଷ୍ଟ୍ରିକ୍ଟ ଇନଫରମେସନ ସିସ୍ଟମ ଫର ଏଜୁକେସନ) ଅନୁଯାୟୀ ପୋର୍ଟାଲ ଖୋଲି ତଥ୍ୟ ଅପଲୋଡ କରିବା ବାଧ୍ୟତାମୂଳକ। ଏଥିରେ ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନାଗତ ସୂଚନା, ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ବିବରଣୀ ଅପ ଲୋଡ କରିବାକୁ ନିର୍ଦ୍ଦେଶ ରହିଛି। ମନମୁଖୀ ଭାବେ ୨୦୧୫ ମସିହା ଠାରୁ ଚାଲିଥିବା ଏହି ଶିଶୁ ମନ୍ଦିରର ତଥ୍ୟ ସରକାରଙ୍କ ପାଖରେ ନ ଥିବା ଯୋଗୁ ପ୍ରଥମେ ଚଳିତ ମାସ ୧୧ ତାରିଖରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ହେଲେ ଏହାର ଉତ୍ତର ନ ମିଳିବା ଯୋଗୁ ସୁନ୍ଦରଗଡ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି କ୍ଲୋଜର ନୋଟିସ ଜାରି କରାଯାଇଥିବା ବିଷୟ ବଣାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ସୁନୀଲ କୁମାର ମୁଣ୍ଡ ପ୍ରକାଶ କରିଛନ୍ତି। ଏବେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ବନ୍ଦ ହେଲା। କିନ୍ତୁ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଶହେ ନ ଜଣ ଛାତ୍ରୀଛାତ୍ର ଏବେ ସ୍କୁଲ ଛାଡ଼ିବା ପ୍ରମାଣପତ୍ର କାହା ଠାରୁ ନେବେ। ଅବୈଧ ଘୋଷିତ ବିଦ୍ୟାଳୟର ସ୍କୁଲ ଛାଡ଼ିବା ପ୍ରମାଣ ପତ୍ରରେ ବୈଧତାର ସାକ୍ଷର ବାଜିବ ନାଁ ନାହିଁ। ସେଥିନେଇ କୌଣସି ସ୍ପଷ୍ଟତା ନ ଥିବାରୁ ଶହେ ନ ଜଣ ଛାତ୍ରୀଛାତ୍ରଙ୍କ ଭାଗ୍ୟ ସୂତାଖିଅରେ ଝୁଲୁଛି। ଏହି ଘଟଣା ପରେ ଅଭିଭାବକ ମହଲରେ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ବିଭିନ୍ନ ଦାବି ନେଇ ଦେବଗଡ଼ ଜିଲା କ୍ଷିପ୍ର ଲେଖକ କର୍ମଚାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। କ୍ଷିପ୍ରଲେଖକ ନିଯୁକ୍ତି ନିମନ୍ତେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ କରାଯିବା, ୩ ବର୍ଷ ଚାକିରି କଲାପରେ ଜଣେ କନିଷ୍ଠ କ୍ଷିପ୍ରଲେଖକ ପଦବୀକୁ ପଦୋନ୍ନତି ଭଳି ଆନ୍ୟାନ୍ୟ ଦାବି ରହିଛି। ଦାବିପତ୍ର ପ୍ରଦାନବେଳେ କ୍ଷିପ୍ରଲେଖକ ସତ୍ୟବ୍ରତ ସାହୁ, ଗଗନ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ବର୍ଷ ହେଲା ମରାମତି ହେଉନି ଚେକ୍‌ଡ୍ୟାମ୍

**ବେଲପାହାଡ଼,୨୪।୭(ସୁବାସ ପ୍ରଧାନ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳର ଉପରମୁଣ୍ଡ ଏବଂ ସୀତାରାମ ପାହାଡ଼ ପାଦଦେଶରେ ଥିବା ଗର୍ରାଖାଇ ଚେକ୍‌ଡ୍ୟାମ୍ ଦୀର୍ଘ ୧୦ ବର୍ଷ ତଳେ ବର୍ଷାରେ ଧୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମରାମତି କରାଯାଇନାହିଁ। ଫଳରେ ବେଲପାହାଡ଼ ସହରର ଭୂତଳ ଜଳସ୍ତର ଦିନକୁ ଖସିବାରେ ଲାଗିଛି। ତୁରନ୍ତ ଏହାର ମରାମତି ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବେଲପାହାଡ଼ ଗର୍ରାଖାଇଠାରେ ଥିବା ବହୁ ପୁରାତନ ଚେକ୍‌ଡ୍ୟାମ୍ ଦୁଇଥର ଭାଙ୍ଗିବାରୁ ବେଲପାହାଡ଼ ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ନିର୍ମାଣରେ ବ୍ୟାପକ ଅନିୟମିତତା ଯୋଗୁ ଏହି ଚେକ୍‌ଡ୍ୟାମ୍ ବାରମ୍ବାର ଭାଙ୍ଗିଛି। ୨୦୧୨ ଡିସେମ୍ବର ୧୨ରେ ପ୍ରବଳ ବର୍ଷାଯୋଗୁ ଏହି ଚେକ୍‌ଡ୍ୟାମ୍ ଭାଙ୍ଗିଯାଇ ଏକ ବିରାଟ ଘାଇ ସୃଷ୍ଟି ହୋଇଥିଲା। ଫଳରେ ବେଲପାହାଡ଼ ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ଲୋକଙ୍କ ଘରେ ପାଣି ପସିଥିଲା। ଏହି ଡ୍ୟାମ୍ ଭାଙ୍ଗିଯିବା ପରେ ୨୦୧୩ରେ ଗର୍ରାଖାଇ, ମହିଯୋର, ମାହାରପଡ଼ା, ଜୁନାଡିହି, ଗାନ୍ଧିନଗର ଓ ରହମତ ନଗର ଅଞ୍ଚଳରେ ଭୂତଳ ଜଳସ୍ତର ପ୍ରାୟ ୧୦୦ ଫୁଟ ତଳକୁ ଖସିଯାଇଥିଲା। ଫଳରେ କୂଅରୁ ପାଣି ଶୁଖିଯିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଲୋକଙ୍କ ଦାବି ପରେ ୨୦୧୪ରେ କେମପା ଫଣ୍ଡରୁ ମାତ୍ର ୧ ଲକ୍ଷ ଟଙ୍କା ଖର୍ଚ୍ଚକରି ବ୍ରଜରାଜନଗର ବନ ବିଭାଗ ଏହି ଚେକ୍‌ଡ୍ୟାମର ଘାଇ ମରାମତି କରିଥିଲା। କିନ୍ତୁ ଏହି ବିରାଟ ଡ୍ୟାମ୍ ମରାମତି ପାଇଁ ୧ ଲକ୍ଷ ଟଙ୍କା ନିଅଣ୍ଟ ହୋଇଥିଲା। ପରେ ଏହି ଚେକ୍‌ଡ୍ୟାମର ଉନ୍ନତୀକରଣ ପାଇଁ ୨୦୧୪ରେ ବେଲପାହାଡ଼ ପୌର ପରିଷଦ ପକ୍ଷରୁ ଆର୍‌ପିଡିଏସି ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ବିଭିନ୍ନ ଶିଳ୍ପ ସଂସ୍ଥାର ସିଏସ୍‌ଆର୍ ପାଣ୍ଠିରୁ ଟଙ୍କା ଖର୍ଚ୍ଚ କରାଯାଇ ଝାରସୁଗୁଡ଼ାର ଏକ ଠିକାସଂସ୍ଥାକୁ ଏହି ଚେକ୍‌ଡ୍ୟାମ୍‌ର ଉନ୍ନତିକରଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ୨୦୧୫ ମସିହାରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚେକ୍‌ଡ୍ୟାମ୍ ମରାମତି କରାଯାଇଥିଲା। ହେଲେ ନିମ୍ନମାନର ମରାମତି କାମ ଯୋଗୁ ସେହିବର୍ଷ ବର୍ଷାରେ ଚେକ୍‌ଡ୍ୟାମ୍ ପୁଣିଥରେ ଧୋଇଯାଇଥିଲା। ୨୦୧୫ଠାରୁ ଏହି ଚେକ୍‌ଡ୍ୟାମ୍ ମରାମତି କରାଯାଇନାହିଁ। ଫଳରେ ଏହି ଅଞ୍ଚଳର ଜନସାଧାରଣ ଜଳକଷ୍ଟ ଭୋଗିବା ସହ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଗତ ୫ ତାରିଖରେ ପ୍ରବଳ ବର୍ଷା ହେବାରୁ ସୀତାରାମ ପାହାଡ଼ରୁ ସିଧାସଳଖ ବେଲପାହାଡ଼ ସହରକୁ ପାଣି ଆସି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ଲୋକଙ୍କ ଘରେ ପାଣି ପଶିଥିଲା। ପୂର୍ବରୁ ଏହି ଚେକ୍‌ଡ୍ୟାମ୍ ବର୍ଷାଜଳକୁ ଅଟକାଇ ରଖୁଥିଲା। କିନ୍ତୁ ଗତ ୧୦ ବର୍ଷ ହେବ ଚେକ୍‌ଡ୍ୟାମ୍ ମରାମତି କରା ନ ଯିବାରୁ ସହର ଭିତରକୁ ସୀତାରାମ ପାହାଡ଼ରୁ ପାଣି ଆସି ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି। ଏହାର ମରାମତି ପାଇଁ ସ୍ଥାନୀୟ ଜନସାଧାରଣ ବାରମ୍ବାର ଜିଲା ଓ ପୌର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ବେଲପାହାଡ଼ ନଗରପାଳ ନିମାଇଁ ଚରଣ ପଣ୍ଡା କହିଛନ୍ତି, ଏନେଇ ଜିଲାପାଳଙ୍କ ଦୃଷ୍ଟି ଅକର୍ଷଣ କରିଛି।



ବର୍ଷାରେ ଧୋଇଯାଇଥିବା ଚେକ୍‌ଡ୍ୟାମ୍।

**ସହର ଭିତରେ ପଶୁଛି ପାଣି**

# ଘର ଭାଙ୍ଗିଲେ, ଖାଦ୍ୟ ନଷ୍ଟକଲେ

**ଦେବଗଡ଼,୨୪।୭(ଶଶାଙ୍କ ଶେଖର ଝାଙ୍କର)**

**ଲୁଲଙ୍ଗ ଗ୍ରାମରେ ହାତୀ ଉପଦ୍ରବ**

ରିଆମାଳ ଥାନା ଅନ୍ତର୍ଗତ ଲୁଲଙ୍ଗ ଗ୍ରାମରେ ବୁଧବାର ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ରାତି ପ୍ରାୟ ୧ଟାରେ କୁଣ୍ଢେଇଗୋଳା ସେକ୍ସନ ଅଞ୍ଚଳର ଜଙ୍ଗଲରୁ ଦୁଇଟି ହାତୀ ଲୁଲଙ୍ଗ ଗ୍ରାମରେ ପଶିଥିଲେ। ଏହାପରେ ଗ୍ରାମର ପରମା ପ୍ରଧାନ, କିଶୋରୀ ମହାଲିକ, ଚିତ୍ରସେନ ପାତ୍ର, ଜାୟତ୍ରୀ ସାହୁ, ଖଗେଶ୍ୱର ସାହୁ ଓ ଦେବେନ୍ଦ୍ର କୁମୁରାଙ୍କ ଘର ଭାଙ୍ଗିବା ସହ ଆସବାବପତ୍ର ନଷ୍ଟ କରିଥିଲେ। ଏଥିସହ ଘର ଭିତରେ ଥିବା ବହୁ ପରିମାଣର ଧାନ, ଚାଉଳ, ମୁଗ, ବିରି ଓ ପରିବା ଖାଇଥିଲେ। ସେହିପରି ଲୁଲଙ୍ଗ ହାଇସ୍କୁଲର ପରିସରରେ ଥିବା ବହୁ ଫଳ ଏବଂ ଫୁଲଗଛ ନଷ୍ଟ କରିଥିଲେ। ଖବରପାଇ ବନବିଭାଗ କର୍ତ୍ତୃପକ୍ଷ ଉକ୍ତ ହାତୀଦ୍ୱୟକୁ ଜଙ୍ଗଲ ମଧ୍ୟକୁ ଘଉଡାଇବାକୁ ଉଦ୍ୟମ କରିବା ସହ କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡିଛି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ ପାଇଁ ବନ ବିଭାଗ ନିକଟରେ ଲିଖିତ ଆବେଦନ କରାଯାଇଥିବା ଜଣାପଡିଛି।

# ଜାମିନରେ ବାହାରିଲେ ଓଡ଼ିଶା ଡ୍ରାଇଭର ମହାସଂଘ କୋଷାଧ୍ୟକ୍ଷ



ଜାମିନରେ ବାହାରିବା ପରେ ଓଡ଼ିଶା ଡ୍ରାଇଭର ମହାସଂଘ କୋଷାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଦେବଗଡ଼,୨୪।୭(ଶଶାଙ୍କ ଶେଖର ଝାଙ୍କର)**

**ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ ହେବ: ପ୍ରଶାନ୍ତ**

ଓଡ଼ିଶା ଡ୍ରାଇଭର ମହାସଂଘର କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରା ଗୁରୁବାର ଜେଲ୍‌ରୁ ବାହାରିଛନ୍ତି। ବଲାଙ୍ଗୀର ଜିଲା ପୁଇଁତଲା ଥାନା ଭଇଁସାପାଲି ନିକଟରେ ମିନିଟ୍ରକ ଚାଳକଙ୍କୁ ଆକ୍ରମଣ ଅଭିଯୋଗରେ ଆଦିତ୍ୟଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ଗତ ୧୩ ତାରିଖରୁ ସେ ଜେଲରେ ଥିବାବେଳେ ଜାମିନରେ ଗୁରୁବାର ବାହାରକୁ ଆସିଛନ୍ତି। ପରେ ଡ୍ରାଇଭର ମହାସଂଘର ୩୦ ଜିଲାରେ ଥିବା ବହୁସଂଖ୍ୟକ ସଦସ୍ୟ ଦେବଗଡ଼ରେ ପହଞ୍ଚି ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଛନ୍ତି। ଏଥିସହ ଏକ ବିରାଟ ଶୋଭାଯାତ୍ରାରେ ଦେବଗଡ଼ ନୂତନ ବସଷ୍ଟାଣ୍ଡରୁ ବାହାରି ଆଦିତ୍ୟଙ୍କ ଘର ପର୍ଯ୍ୟନ୍ତ ତାଙ୍କୁ ଛାଡିବାକୁ ଯାଇଥିଲେ। ଏଥିରେ ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି ଯୋଗଦେଇ କହିଛନ୍ତି, ସରକାର ଦାବି ନ ଶୁଣିଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ। ଡ୍ରାଇଭର ମହାସଂଘକୁ ରାଜନୀତି ଭିତରେ ପୂରାଇବାକୁ ଚେଷ୍ଟା କରାଯାଇଥିଲା। ଆମେ କିନ୍ତୁ କୌଣସି ରାଜନୈତିକ ଦଳକୁ ସମର୍ଥନ କରିନାହୁଁ ବରଂ ସଂଘକୁ ବଞ୍ଚାଇବା ପାଇଁ କଂଗ୍ରେସ ଦଳର ଗାଡିକୁ ଛାଡିବା ପାଇଁ କୁହାଯାଇଥିଲା। ପ୍ରଶାନ୍ତ ମେଣ୍ଡୁଲି ସଂଘର ଟଙ୍କା ଖାଇଥିବା ନେଇ କୌଣସି ସଦସ୍ୟ କହୁ ନ ଥିବାବେଳେ କିଛି ବିରୋଧୀ ଏଭଳି ଅପପ୍ରଚାର କରୁଛନ୍ତି। ସରକାର ଆମ ଦାବି ଶୁଣନ୍ତୁ, ଆମେ ପୁନର୍ବାର ଆନ୍ଦୋଳନ କରିବାକୁ ଚାହୁଁନାହୁଁ । ମାତ୍ର ଦାବି ପୂରଣ ନହେଲେ ସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ପ୍ରଶାନ୍ତ ଚେତାବନୀ ଦେଇଛନ୍ତି ।

## ସଂକ୍ଷେପରେ

### ବଜ୍ରପାତରେ ମା, ପୁଅ ମୃତ

**ଝାରସୁଗୁଡ଼ା,୨୪।୭(ଆଶିଷ ରଞ୍ଜନ ଦାଶ)**

ବଜ୍ରପାତରେ ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାରସୁଗୁଡ଼ା ସହରସ୍ଥିତ ଶ୍ରୀୟା ବଗିଚା ଅଞ୍ଚଳର ପୁନମ ଦେବୀ (୩୫) ଓ ତାଙ୍କ ପୁଅ ଶିବରାଜ ସା (୧୨)। ଗୁରୁବାର ସନ୍ଧ୍ୟାରେ ପୁନମ, ତାଙ୍କ ସ୍ୱାମୀ ଓ ପୁଅ ଶିବରାଜ ଝାରସୁଗୁଡ଼ା ସହରରୁ ଘରକୁ ଫେରୁଥିବାବେଳେ ପ୍ରବଳ ବର୍ଷା ହେବାରୁ ଶ୍ରୀୟା ବଗିଚାର ରେଲୱେ କ୍ରସିଂଠାରେ ଅଟକି ଯାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ପୁନମ ଓ ଶିବରାଜ ତଳେ ପଡିଯାଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଫୁଟ୍‌ବଲ ପ୍ରତିଯୋଗିତା: ଫାଇନାଲରେ ଗୌରମାଲ ଟିମ୍

**ବ୍ରଜରାଜନଗର,୨୪।୭(ବିଜୟ ବରାଡ଼)**

କଣ୍ଟାପାଲି ଫୁଟ୍‌ବଲ ପଡିଆରେ ଚାଲିଥିବା ନକ୍ ଆଉଟ୍ ଫୁଟ୍‌ବଲ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ରାଜପୁର ଓ ଗୌରମାଲ ଟିମ୍ ମଧ୍ୟରେ ଖେଳାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ରେଫରୀ ନବୀନ ଦେଓ ଟାଇବ୍ରେକର କରାଇଥିଲେ। ସେଥିରେ ଗୌରମାଲ ୫-୪ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଚେତନ ନାଗରିକ ମଞ୍ଚ ସଭାପତି ଶଶିଭୂଷଣ ପାତ୍ର, ସମ୍ମାନିତ ଅତିଥି ଭାବେ ରାଜପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଗଣେଶ ବାଗ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ପୂର୍ବତନ ଫୁଟ୍‌ବଲ ଖେଳାଳି ସଞ୍ଜୀବ ଘୋଷ, ଗୋବିନ୍ଦ ସାହୁ ଯୋଗଦେଇଥିଲେ। ତାର୍‌ଜନ ବିଶ୍ୱାଳ ଓ ମକରଧ୍ୱଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

### ୨ ଚୋରି ଘଟଣା: ୩ ନାବାଳକଙ୍କୁ କାବୁ କଲା ପୋଲିସ

**ଦେବଗଡ଼,୨୪।୭(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଥାନା ଅଞ୍ଚଳରେ ଘଟିଥିବା ଦୁଇଟି ଚୋରି ଘଟଣାରେ ପୋଲିସ ୩ ଜଣ ନାବାଳକଙ୍କୁ କାବୁକରି ରାଉରକେଲାସ୍ଥିତ ବାଳସୁଧାର ଗୃହକୁ ପଠାଇଛି। ଗତ ୧୯ ତାରିଖ ବିଳମ୍ବିତ ରାତିରେ ଦେବଗଡ଼ ପୌରାଞ୍ଚଳ ହାତୀଶାଳ ଛକଠାରେ ଥିବା ଏକ ଦୋକାନର ଆଜବେଷ୍ଟସ୍ ଏବଂ ସିଲିଂ ଭାଙ୍ଗି କେହି ଦୁର୍ବୃତ୍ତ ଟଙ୍କା, ମରାମତି ପାଇଁ ଥିବା ୧୦ଟି ମୋବାଇଲ ଫୋନ୍, ବ୍ଲୁ-ଟୁଥ୍ ସ୍ପିକର ଓ ଅନ୍ୟ ସାମଗ୍ରୀ ଚୋରିକରି ନେଇଥିଲେ। କିଛିଦିନ ତଳେ ପଳସାକୁଦର ଗ୍ରାମର ରାଜେଶ ଅମାନ୍ତଙ୍କ ଘରୁ ସୁନାଅଳଙ୍କାର, ଅନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଥାନାରେ ୨ଟି ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁକରି ଉପରୋକ୍ତ ୩ ନାବାଳକଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୯ଟି ମୋବାଇଲ, ୧୮ଟି ଡାଟା କେବୁଲ ଏବଂ ବ୍ଲୁ-ଟୁଥ ଇଅର ବୋର୍ଡ, ୪ଟି ସ୍ପିକର ସମେତ ୪ ହଳ ନୂଆ ପ୍ୟାଣ୍ଟଶାର୍ଟ ଜବତ କରାଯାଇଛି।

# ପ୍ରି-ସୁବ୍ରତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: ସେମିରେ ୪ ଟିମ୍



କାର୍ଯ୍ୟକ୍ରମରେ ଜିଲାପାଳ, ଖେଳାଳିଙ୍କ ସମେତ ଅନ୍ୟମାନେ।

**ଝାରସୁଗୁଡ଼ା,୨୪।୭(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ମିନି ଷ୍ଟାଡିୟମରେ ସିଆଇଏସ୍‌ସିଇ ଜାତୀୟ ପ୍ରି-ସୁବ୍ରତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଜାରି ରହିଛି। ଗୁରୁବାର ଦ୍ୱିତୀୟ ଦିବସରେ ୮ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ଛତିଶଗଡ଼ ଓ ନର୍ଥ ଇଣ୍ଡିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନର୍ଥ ଇଣ୍ଡିଆ ଟିମ୍ ୯-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ମହାରାଷ୍ଟ୍ର ଓ କେରଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ମ୍ୟାଚ୍ ଡ୍ର ରହିଥିଲା। ତୃତୀୟ ମ୍ୟାଚ୍‌ରେ ଓଡ଼ିଶା ଟିମ୍ ଉତ୍ତର ପ୍ରଦେଶକୁ ୩-୦ ଗୋଲ୍‌ରେ ପରାସ୍ତ କରିଥିଲା। ଚତୁର୍ଥ ମ୍ୟାଚ୍‌ରେ ତାମିଲନାଡୁ ଟିମ୍ ୪-୦ ଗୋଲ୍‌ରେ ନର୍ଥ ୱେଷ୍ଟକୁ ହରାଇ ବିଜୟୀ ହୋଇଥିଲା। ପଞ୍ଚମ ମ୍ୟାଚ୍ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ମଧ୍ୟରେ ହୋଇଥିଲା। ଏଥିରେ ଝାଡ଼ଖଣ୍ଡ ଟିମ୍ ୪-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ଷଷ୍ଠ ମ୍ୟାଚ୍ ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ହୋଇଥିଲା। ମ୍ୟାଚ୍‌ଟି ୧-୧ ଗୋଲ୍‌ରେ ସମାପ୍ତ ହୋଇଥିଲା। ସପ୍ତମ ମ୍ୟାଚ୍ ଉତ୍ତରାଖଣ୍ଡ ଓ ନର୍ଥ ଇଣ୍ଡିଆ ମଧ୍ୟରେ ହୋଇଥିଲା। ଏଥିରେ ନର୍ଥ ଇଣ୍ଡିଆ ଟିମ୍ ୭-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ଅଷ୍ଟମ ମ୍ୟାଚ୍ ଉତ୍ତର ପ୍ରଦେଶ ଓ କେରଳ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ୨-୨ ଗୋଲ୍‌ରେ ଏହା ଡ୍ର ରହିଥିଲା। ହେଲେ ବୁଧବାର ଅନୁଷ୍ଠିତ ହୋଇଥିବା ମ୍ୟାଚ୍‌ର ପଏଣ୍ଟ ଟେବୁଲ ଅନୁଯାୟୀ କେରଳ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଏଥିସହ ନର୍ଥ ଇଣ୍ଡିଆ, ଝାଡ଼ଖଣ୍ଡ, ତାମିଲନାଡୁ ଟିମ୍ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସେଣ୍ଟ୍ ଥୋମାସ୍ ଇଂଲିଶ ମିଡିୟମ ସ୍କୁଲ ଦ୍ୱାରା ଏହି ପ୍ରତିଯୋଗିତା ଆୟୋଜିତ ହୋଇଛି। ଦ୍ୱିତୀୟ ଦିନର ଅପରାହ୍ନ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବରେ ଜିଲାପାଳ ଆବୋଲୀ ସୁନୀଲ ନରୱଣେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ ଥୋମାସ୍ ସ୍କୁଲର ଡାଇରେକ୍ଟର ସାନି ଡାନିଏଲ, ଅଧ୍ୟକ୍ଷ ଶିବା ଡାନିଏଲ, ଉପାଧ୍ୟକ୍ଷ ନବୀନ ଡାନିଏଲ ଉପସ୍ଥିତ ଥିଲେ।

# ଆକ୍ରମଣ: ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା,୨୪।୭(ଆଶିଷ ରଞ୍ଜନ ଦାଶ)**

ଆକ୍ରମଣ ଅଭିଯୋଗରେ ଝାରସୁଗୁଡ଼ା ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ସତନାମି ପଡ଼ାର ଅଶୋକ ସତନାମି। ସତନାମି ପଡ଼ାରେ ଘର ଭଡାନେଇ ରହୁଥିବା ବିକି ସୋଲଙ୍କିଙ୍କୁ ଅଶୋକ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିଥିଲା।

# ୨ ହାଇସ୍କୁଲରେ ଖୋଲିବ ଯୁକ୍ତ୨ ବିଜ୍ଞାନ ପାଠ୍ୟକ୍ରମ

**ଲଖନପୁର,୨୪।୭(ଗୌତମ ସାହୁ)**

ଲଖନପୁର ବ୍ଲକ ଅଞ୍ଚଳର ୨ଟି ସରକାରୀ ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନ ଶିକ୍ଷା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏହି ବ୍ଲକ ଅଧୀନ କନକତୋରା ହାଇସ୍କୁଲ ଏବଂ ଦଳଗାଁ ଆଞ୍ଚଳିକ ସରକାରୀ ହାଇସ୍କୁଲରେ ଆସନ୍ତା ଶିକ୍ଷାବର୍ଷଠାରୁ ଛାତ୍ରୀଛାତ୍ର ଯୁକ୍ତ୨ ବିଜ୍ଞାନ ଶିକ୍ଷା ଗ୍ରହଣ କରିବେ। ଫଳରେ ଗରିବ ଛାତ୍ରୀଛାତ୍ର ସରକାରଙ୍କ ଏହି ମହତ୍ ଯୋଜନାରେ ସ୍ୱଳ୍ପଖର୍ଚ୍ଚରେ ଶିକ୍ଷା ଗ୍ରହଣ କରିପାରିବେ। ଏନେଇ କନକତୋରା ଗ୍ରାମର ଯୁବ ଆଇନଜୀବୀ ଶ୍ରୀବନ୍ତ କୁମାର ଚଇନି କହିଛନ୍ତି, ଆମ ଗାଁ ହାଇସ୍କୁଲରେ ଯୁକ୍ତ୨ ଶିକ୍ଷା ପାଇଁ ବ୍ୟବସ୍ଥା ରହିଥିବାବେଳେ ସରକାରଙ୍କ ଏଭଳି ନିଷ୍ପତ୍ତି ସ୍ଥାନୀୟ ଲୋକଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି। ସେହିପରି ସ୍ଥାନୀୟ ବୁଦ୍ଧିଜୀବୀ କାଳୀଚରଣ ମେହେର କହିଛନ୍ତି, ଦୀର୍ଘଦିନର ଦାବି ପୂରଣ ହେଉଥିବାରୁ ରାଜ୍ୟ ସରକାର ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଧନ୍ୟବାଦ। ସେହିପରି ଦଳଗାଁର ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ବିଭାଗର ସଂଯୋଜକ ରୋହିତେଶ୍ୱର ପ୍ରଧାନ କହିଛନ୍ତି, ସରକାରଙ୍କ ଏଭଳି ନିଷ୍ପତ୍ତି ଉନ୍ନତ ସମାଜ ଗଠନରେ ବେଶ୍ ସହାୟକ ହେବ।

# ଦକ୍ଷିଣ-ପୂର୍ବ ରେଲ୍‌ୱେ ଜିଏମ୍‌ଙ୍କ ଝାରସୁଗୁଡ଼ା ଗସ୍ତ



ଜିଏମ୍ ଅନୀଲ କୁମାର ମିଶ୍ର କାର୍ଯ୍ୟର ତଦାରଖ କରୁଛନ୍ତି।

**ଝାରସୁଗୁଡ଼ା,୨୪।୭(ଆଶିଷ ରଞ୍ଜନ ଦାଶ)**

ଦକ୍ଷିଣ-ପୂର୍ବ ରେଲୱେ ବିଭାଗର ଜିଏମ୍ ଅନୀଲ କୁମାର ମିଶ୍ର ଗୁରୁବାର ଝାରସୁଗୁଡ଼ା ଗସ୍ତରେ ଆସି ଆଧୁନିକୀକରଣ କାର୍ଯ୍ୟର ତଦାରଖ କରିଛନ୍ତି। ସକାଳ ସାଢ଼େ ୭ଟାରେ ଜିଏମ୍ ମିଶ୍ର ଝାରସୁଗୁଡ଼ାରେ ପହଞ୍ଚିବା ପରେ ନିର୍ମାଣାଧୀନ ପାସେଞ୍ଜର ୟାର୍ଡ, ଗୁଡ୍ସ ୟାର୍ଡ, ରିଲିଫ ୟାର୍ଡ ସହ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ନିର୍ମାଣାଧୀନ ଓଭର ବ୍ରିଜ୍‌ର ତଦାରଖ କରିଥିଲେ। ମିଶ୍ରଙ୍କ ଏହି ଗସ୍ତ ସମୟରେ ଚକ୍ରଧରପୁର ଡିଆରଏମ୍ ତରୁଣ ହୁରିଆ, ଡିଇଏନ୍ ରାଜେଶ ରଞ୍ଜନ, ଏଆର୍‌ଏନ୍ ବିନୟ କୁମାର ସିଂ, ଷ୍ଟେଶନ ମ୍ୟାନେଜର ମନୋଜ କୁମାର ବେହୁରାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷା ପାଇଁ ଯତ୍ନବାନ ହୁଅନ୍ତୁ

**ବେଲପାହାଡ଼,୨୪।୭(ସୁବାସ ପ୍ରଧାନ)**

**ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଞ୍ଚଳର କତରବଗା ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ଓ ସମ୍ମାନିତ ଅତିଥି ଭାବେ ବେଲପାହାଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ କୁମାର ନାୟକ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚାରାରୋପଣ କରାଯାଇଥିଲା। ଚାରା ଲଗାଇବାକୁ ଚାହିଁଲେ ବିନା ମୂଲ୍ୟରେ ଦେବା ପାଇଁ ବନଖଣ୍ଡ ଅଧିକାରୀ ପ୍ରଦୀପ କୁମାର ନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ସୁରେଶ ଚନ୍ଦ୍ର ପଧାନ, ଉମାକାନ୍ତ ନେଟି, ସଂଘମିତ୍ରା ସାହୁ, ଉପେନ୍ଦ୍ର ମଲ୍ଲିକ, ନିରୁପମା ସ୍ୱାଇଁ ଯୋଗଦେଇଥିଲେ। ସିଆର୍‌ସିସି ନୀଳାମ୍ବର ଅର୍ଗଲଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। କେଏନ୍‌ବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋହର ପ୍ରଧାନ ଧନ୍ୟବାଦ ଦେଇଥିଲେ। ସୁଶୀଲ ଜୟପୁରିଆ ଗୀତ ମାଧ୍ୟମରେ ଚାରାରୋପଣ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିଥିଲେ।

# ଏଲ୍‌ଏନ୍ କଲେଜରେ ପ୍ରବେଶ ଉତ୍ସବ

**ଝାରସୁଗୁଡ଼ା,୨୪।୭(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ଲକ୍ଷ୍ମୀନାରାୟଣ (ଏଲ୍‌ଏନ୍) କଲେଜରେ ଗୁରୁବାର ପୂର୍ବାହ୍ନରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ବ୍ରଜେଶ ସାହୁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇ କଲେଜର ପରିବେଶ ଓ ପାଠ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ବରିଷ୍ଠ ପ୍ରାଧ୍ୟାପକ ତପନ କୁମାର ବାରିକ କଲେଜର ଇତିହାସ, ସଫଳତା ଓ ଶିକ୍ଷାଦାନ ବିଷୟରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପିକା ପୂର୍ଣ୍ଣିମାମୟୀ ଦାଶ ଛାତ୍ରୀଛାତ୍ରଙ୍କୁ ନିୟମ ଓ ଶିଷ୍ଟାଚାର ବିଷୟରେ କହିଥିଲେ। ଡ. ଗୀତାରାଣୀ ଦୀକ୍ଷିତ୍ ପାଠ୍ୟକ୍ରମ ବିଷୟରେ କହିଥିଲେ। ଯୁକ୍ତ ୨ ଅଧ୍ୟାପକ ରକି ବିଶ୍ୱାଳ ଏବଂ ଇତିହାସ ବିଭାଗର ମୁଖ୍ୟ ହିମାଂଶୁ ଶେଖର ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ପ୍ରଶାନ୍ତ ପଟେଲ, ଡ. ସ୍ୱର୍ଣ୍ଣମୟୀ ପୁରୋହିତଙ୍କ ସମେତ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।




ପ୍ରବେଶ ଉତ୍ସବରେ ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟମାନେ।

# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଦେବଗଡ଼,୨୪।୭(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭାରପ୍ରାପ୍ତ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ଉପଜିଲାପାଳ ପରକ୍ଷୀତ ସାହୁ ଯୋଗଦେଇ ଚଳିତବର୍ଷ ସ୍ୱାଧୀନତା ଦିବସକୁ ସରସ ସୁନ୍ଦର ଭାବେ ପାଳନ ପାଇଁ ଆଲୋଚନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ବିବରଣୀ ପାଠ କରିଥିଲେ। ପୂର୍ବବର୍ଷ ଭଳି ଚଳିତବର୍ଷ ଅଗଷ୍ଟ ୧ରେ ଓଡ଼ିଆ ବକ୍ତୃତା, ୨ରେ ଦେଶାତ୍ମବୋଧକ ସଙ୍ଗୀତ, ୩ରେ ଚିତ୍ରାଙ୍କନ ଓ ଝୋଟି, ୫ରେ ଇଂଲିଶ ବକ୍ତୃତା, ୬ରେ ଫ୍ୟାନ୍ସିଡ୍ରେସ୍, ୭ ତାରିଖରେ ଜଣାଅଜଣା ପ୍ରତିଯୋଗିତା ବାଳକ ପ୍ରାଥମିକ ବିଦ୍ୟାଳୟ, ମନ୍ଦାକିନୀ ବାଳିକା ବିଦ୍ୟାଳୟ, ସଂସ୍କୃତି ଭବନ ଓ ସୂଚନା କେନ୍ଦ୍ରଠାରେ କରାଯିବ। ସେହିପରି ୧୧, ୧୨ ଓ ୧୩ ତାରିଖ ସକାଳ ସାଢେ ୮ଟାରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍‌ଠାରେ ପରେଡ ପୂର୍ବାଭ୍ୟାସ କରାଯିବ। ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସକାଳ ୭ରୁ ୮ଟା ମଧ୍ୟରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ବୈଠକରେ ସ୍ଥିର କରାଯାଇଛି। ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ସକାଳ ୯ଟା ୧୫ ମିନିଟ୍‌ରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରିବା କାର୍ଯ୍ୟକ୍ରମ ରହିଛି। ସେହିପରି ଅଗଷ୍ଟ ୧୫ ତାରିଖ ଅପରାହ୍ନ ୩ଟାରେ କବି ସମ୍ମିଳନୀ, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ମହିଳା ଓ ପୁରୁଷ ଫୁଟ୍‌ବଲ ମ୍ୟାଚ୍, ଟାଉନ୍ ହଲ୍‌ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଆସିଷ୍ଟାଣ୍ଡ କମାଣ୍ଡେଣ୍ଟ ଫୋର୍ଥ ଆଇଆର୍‌ବି ବାଟାଲିୟନ ବର୍ମ୍ମର୍ତ୍ତାର ଅମୂଲ୍ୟ କୁମାର ମହାକୁଲ, ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ, ଦେବଗଡ଼ ରାସ୍ତା ଓ ଗୃହ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଶ୍ୱମୋହନ ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷା ଅନୁଷ୍ଠାନର ପ୍ରଧାନ ଶିକ୍ଷକ, ସ୍ୱାଧୀନତା ଦିବସ ପାଳନ କମିଟିର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତି ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୫/୨୦୨୫ Bhubaneswar, Friday, July 25/ 2025

# ଷ୍ଟୋକ୍ସଙ୍କୁ ୫ ଉଇକେଟ ; ଭାରତ ୩୫୮

**ମାଞ୍ଚେଷ୍ଟର, ୨୪।୭**

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଚତୁର୍ଥ ଟେଷ୍ଟର ପ୍ରଥମ ଇନିଂସରେ ଭାରତୀୟ ଦଳ ୩୫୮ ରନରେ ଅଲଆଉଟ୍ ହୋଇଯାଇଛି। ଇଂଲଣ୍ଡ ପାଇଁ ଅଧିନାୟକ ବେନ ଷ୍ଟୋକ୍ସଙ୍କ ୫ ଉଇକେଟ୍ ସଫଳତା ହାତେଇଛନ୍ତି। ଜବାବରେ ଘରୋଇ ଇଂଲଣ୍ଡ ଦଳ ତା'ର ପ୍ରଥମ ଇନିଂସରେ ୨୩ ଓଭର ସୁଦ୍ଧା ବିନା କ୍ଷତିରେ ୧୧୯ ରନ କରିଛି। ରିପୋର୍ଟ ଲେଖା ହେଲା ବେଳକୁ ଜ୍ୟାକ କ୍ରଲି ୬୦ ଓ ବେନ ଡକେଟ ୫୭ ରନରେ ବ୍ୟାଟିଂ କରୁଛନ୍ତି। ଇଂଲଣ୍ଡକୁ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ପାଇଁ ୨୩୯ ରନ ଦରକାର ଥିବା ବେଳେ ଦଳ ହାତରେ ୧୦ ଉଇକେଟ ରହିଛି। ମ୍ୟାଚ୍‌ର ଦ୍ୱିତୀୟ ଦିନ ତଥା ଗୁରୁବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୬୪/୪ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଅପରାଜିତ ଥିବା ରବୀନ୍ଦ୍ର ଜାଡେଜା ୨୦ ରନ କରି ଦିନର ଦ୍ୱିତୀୟ ଓଭରରେ ଆଉଟ୍ ହୋଇଥିଲେ। ଶାର୍ଦ୍ଦୂଳ ଠାକୁରଙ୍କ ସହ ୱାଶିଂଟନ ସୁନ୍ଦର ଷଷ୍ଠ ଉଇକେଟ ପାଇଁ ୪୮ ରନ ଯୋଡ଼ିଥିଲେ। ଠାକୁର ୪୧ ରନ କରି ପାଭିଲିଅନ ଫେରିବା ପରେ କ୍ରିଜ୍‌କୁ ଓହ୍ଲାଇଥିଲେ ପନ୍ତ। ପାଦ ଫାକଚର ଯୋଗୁ ପ୍ରଥମ ଦିନ ରିଟାୟର୍ଡ ହର୍ଟ ହୋଇ ପାଭିଲିଅନ ଫେରିଯାଇଥିବା ପନ୍ତ ଆଜି ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ୫୪ ରନ କରିବା ସହ ଦଳୀୟ ସ୍କୋରକୁ ୩୫୦ ପାଖରେ ପହଞ୍ଚାଇଥିଲେ। ସେ ନବମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଅନ୍ତିମ ବ୍ୟାଟର ଭାବେ ଯଶପ୍ରୀତ ବୁମରା (୪) ଆଉଟ୍ ହୋଇଥିଲେ। ଦଳ ପକ୍ଷରୁ ୱାଶିଂଟନ ସୁନ୍ଦର ୨୭ ରନ କରିଥିବା ବେଳେ ମହମ୍ମଦ ସିରାଜ ୫ ରନ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ପାଇଁ ଅଧିନାୟକ ଷ୍ଟୋକ୍ସ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପଞ୍ଚମ ୫ ଉଇକେଟ ସଫଳତା ଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୋଫ୍ରା ଆର୍ଚ୍ଚର ୩ ଉଇକେଟ ନେଇଥିବା ବେଳେ କ୍ରିସ ୱୋକ୍ସ ଓ ବ୍ରାଇଡନ କାର୍ସ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୫୮/ଅଲଆଉଟ୍ (ସାଇ ସୁଦର୍ଶନ-୬୧, ଯଶସ୍ୱୀ ଜୟସ୍ୱାଲ-୫୮, ରିଷଭ ପନ୍ତ-୫୪, ଲୋକେ ରାହୁଲ-୪୬, ବେନ ଷ୍ଟୋକ୍ସ-୫/୭୨, ଜୋଫ୍ରା ଆର୍ଚ୍ଚର-୩/୭୩)। ଇଂଲଣ୍ଡ ପ୍ରଥମ ଇନିଂସ: ୨୩ ଓଭରରେ ୧୧୯/୦ (ବେନ ଡକେଟ-୫୭*, ଜ୍ୟାକ କ୍ରଲି-୬୦*)।


ଶଟ୍ ଖେଳୁଛନ୍ତି ରିଷଭ ପନ୍ତ।


ଉଇକେଟ ନେବା ପରେ ଉଲ୍ଲସିତ ବେନ୍ ଷ୍ଟୋକ୍ସ।

## ପନ୍ତଙ୍କ ରେକର୍ଡ

ପାଦରେ ଫ୍ୟାକ୍‌ଚର ସତ୍ତ୍ୱେ ଭାରତୀୟ ଉଇକେଟକିପର ରିଷଭ ପନ୍ତ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟର ପ୍ରଥମ ଇନିଂସରେ ୫୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ରେକର୍ଡ କରିଛନ୍ତି। ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଏହା ତାଙ୍କର ପଞ୍ଚମ ଟେଷ୍ଟ ଅର୍ଦ୍ଧଶତକ ଥିଲା, ଯାହାକି ଏକ ଟେଷ୍ଟରେ ଭାରତୀୟ ଉଇକେଟ କିପରଙ୍କ ମଧ୍ୟରେ ସର୍ବାଧିକ। ଏଥିପୂର୍ବରୁ ଫାରୁଖ ଇଞ୍ଜିନିୟର ୧୯୭୨/୭୩ରେ ଇଂଲଣ୍ଡ ବିପକ୍ଷରେ ୪ ଓ ମହେନ୍ଦ୍ର ସିଂ ଧୋନୀ ୨୦୦୮-୦୯ରେ ଅଷ୍ଟ୍ରେଲିଆ ଓ ୨୦୧୪ରେ ଇଂଲଣ୍ଡ ବିପକ୍ଷରେ ୪ ଲେଖାଏ ଅର୍ଦ୍ଧଶତକ କରିଥିଲେ।




# ପ୍ରେଟିଙ୍କ ସହ ଭେନସଙ୍କ ନିର୍ବନ୍ଧ

**ୱାଶିଂଟନ, ୨୪।୭ (ଏପି):** ବିଶିଷ୍ଟ ମହିଳା ଟେନିସ ଖେଳାଳି ଭେନସ ୱିଲିୟମ୍ସ ବିବାହ କରିବାକୁ ଯାଉଛନ୍ତି। ଇତିମଧ୍ୟରେ ଡେନମାର୍କ ଜନ୍ମିତ ଇଟାଲିଆନ ମଡେଲ ତଥା ଅଭିନେତା ଆନ୍ଦ୍ରିଆ ପ୍ରେଟିଙ୍କ ସହିତ ତାଙ୍କର ନିର୍ବନ୍ଧ ସମ୍ପନ୍ନ ହୋଇଛି। ଏ ନେଇ ଘୋଷଣା କରି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛନ୍ତି। ବର୍ଷେ ପରେ ପ୍ରଫେଶନାଲ ଟେନିସକୁ ଫେରି ପ୍ରଥମ ସିଙ୍ଗଲ୍ସ ମ୍ୟାଚ ଜିତିବା ପରେ ସେ ଏହା ଘୋଷଣା କରିଛନ୍ତି। ଡିସି ଓପନରେ ସେ ଏହି ମ୍ୟାଚ ଖେଳୁଥିବା ସମୟରେ ତାଙ୍କ ଭାବି ସ୍ୱାମୀ ମ୍ୟାଚ୍‌କୁ ଉପଭୋଗ କରୁଥିଲେ। ୪୫ବର୍ଷୀୟା ଭେନସ ୧୬ ବର୍ଷ ପରେ ୱାଶିଂଟନରେ ଟୁର୍ନାମେଣ୍ଟ ଖେଳିଥିଲେ। ସୋମବାର ସେ ଏକ ଡବଲ୍ସ ମ୍ୟାଚ ଏବଂ ମଙ୍ଗଳବାର ଏକ ସିଙ୍ଗଲ୍ସ ମ୍ୟାଚ ଜିତିଥିଲେ। ତେବେ ବୁଧବାର ସେ ଡବଲ୍ସ ମ୍ୟାଚର ପରବର୍ତ୍ତୀ ରାଉଣ୍ଡରେ ପରାଜିତ ହୋଇଛନ୍ତି। ୭ ଗ୍ରାଣ୍ଡସ୍ଲାମ ଜିତିଥିବା ଭେନସ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ମାଗ୍‌ଡାଲେନା ଫ୍ରିଚ୍‌ଙ୍କ ସହିତ ମୁକାବିଲା କରୁଛନ୍ତି।

# ସ୍ୱର୍ଣ୍ଣ ପାଇଁ ଲଢ଼ିବ ପୁରୁଷ ଆର୍ଚେରୀ ଟିମ୍


ଭାରତୀୟ ମହିଳା ଓ ପୁରୁଷ ଆର୍ଚେରୀ ଦଳ।

**ଭୁବନେଶ୍ୱର, ୨୪।୭ (ତପନ ସ୍ୱାଇଁ)**

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

ଜର୍ମାନୀର ରାଇନ-ରୁହରଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତୀୟ ପ୍ରତିଯୋଗୀମାନେ ଏକାଧିକ ଇଭେଣ୍ଟରେ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ଭାରତୀୟ ପୁରୁଷ କମ୍ପାଉଣ୍ଡ ଆର୍ଚେରୀ ଦଳ ଫାଇନାଲରେ ପ୍ରବେଶ କରିଥିବାରୁ ସ୍ୱର୍ଣ୍ଣ ପଦକ ଜିତିବା ସମ୍ଭାବନା ରହିଛି। ଭାରତୀୟ ମହିଳା ଦଳ ଶୁକ୍ରବାର ବ୍ରୋଞ୍ଜ ପଦକ ପାଇଁ ମୁକାବିଲା କରିବ। ବିଚ୍ ଭଲିବଲ୍‌ରେ ମଧ୍ୟ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଆଗକୁ ବଢ଼ିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ମହିଳା ଦଳ କଲମ୍ବିଆକୁ ଏବଂ ତୃତୀୟ ରାଉଣ୍ଡରେ ପୁରୁଷ ଦଳ ମାଲଡୋଭାକୁ ଭେଟିବ। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସମରଦୀପ ସିଂ ପୁରୁଷ ଶଟ୍‌ପୁଟ୍ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୯.୧୦ ମିଟର ଥ୍ରୋ କରି ପଦକ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ୫୦୦୦ ମିଟରରେ ସୀମା ଫାଇନାଲରେ ପହଞ୍ଚି ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି। ଟେନିସରୁ ଭାରତକୁ ଅତିକମ୍‌ରେ ଏକ ବ୍ରୋଞ୍ଜ ପଦକ ମିଳିବା ନିଶ୍ଚିତ ହୋଇଛି। ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବା ବୈଷ୍ଣବୀ ଅଦକର ସ୍ଲୋଭାକିଆର ଏସ୍‌ଜେର ମେରୀଙ୍କୁ ଭେଟିବେ।

## ଆଣ୍ଟି-ଡୋପିଂ ପ୍ୟାନେଲ ଗଠିତ

**ନୂଆଦିଲ୍ଲୀ, ୨୪।୭ (ପି.ଟି.):** ସିଇଓ ରଘୁରାମ ଆୟରଙ୍କ ନିଯୁକ୍ତିକୁ ନେଇ ଦୀର୍ଘଦିନ ହେଲା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ)ର କାର୍ଯ୍ୟକାରୀ ପରିଷଦରେ ଲାଗିଥିବା ବିବାଦର ଅନ୍ତ ଘଟିଛି। ଡୋପିଂରେ ଖରାପ ରେକର୍ଡର ସମାଧାନ କରିବା ଲାଗି ଏକ ଆଣ୍ଟିଂ-ଡୋପିଂ ପ୍ୟାନେଲ ଗଠନ କରାଯାଇଛି।

ଗତ ବର୍ଷ ଜାନୁଆରୀରେ ଆଇଓଏ ସଭାପତି ପିଟି ଉଷା ସିଇଓ ଭାବେ ଆୟାରଙ୍କୁ ନିଯୁକ୍ତ କରିଥିଲେ। ହେଲେ ଏହାକୁ ସମର୍ଥନ ଦେବାକୁ କାର୍ଯ୍ୟକାରୀ ପରିଷଦ ସଦସ୍ୟମାନେ ମନା କରିଦେଇଥିଲେ। ଏହାର କାରଣ ଥିଲା ମାସିକ ୨୦ ଲକ୍ଷ ଟଙ୍କାର ଦରମା ସହିତ ଅନ୍ୟାନ୍ୟ ସୁବିଧା। ତେବେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ହସ୍ତକ୍ଷେପ ପରେ ଏହି ବିବାଦର ସମାଧାନ ହୋଇଛି। ଫଳରେ ଆନୁଷ୍ଠାନିକ ଭାବେ ଆୟରଙ୍କ ନିଯୁକ୍ତି ବାଟ ଫିଟିଛି।

ପୂର୍ବତନ ଟେନିସ ଖେଳାଳି ରୋହିତ ରାଜପାଲଙ୍କ ନେତୃତ୍ୱରେ ଏକ ୭ ଜଣିଆ ଆଣ୍ଟି-ଡୋପିଂ ପ୍ୟାନେଲ ଗଠନ କରାଯାଇଛି। ଏଥିରେ ଅପର୍ଣ୍ଣା ପୋପଟ ଓ ସ୍ପୋର୍ଟ୍ସ ମେଡିସିନ ବିଶେଷଜ୍ଞ ପିଏସ୍‌ଏମ୍ ଚନ୍ଦ୍ରନଙ୍କ ସହ ଅନ୍ୟମାନେ ସଦସ୍ୟ ରହିଛନ୍ତି। ଗତ ମାସରେ କ୍ରୀଡ଼ା ସଚିବ ହରି ରଞ୍ଜନ ରାଓ, ଉଷା ଓ ଗୁଜରାଟ କ୍ରୀଡ଼ାମନ୍ତ୍ରୀ ହର୍ଷ ସାଙ୍ଘଭିଙ୍କୁ ନେଇ ଗଠିତ ଆଇଓଏ ପ୍ରତିନିଧି ମଣ୍ଡଳୀ ୨୦୩୬ ଅଲିମ୍ପିକ୍ସ ବିଡ୍ ଲାଗି ଲୌସାନେ ଗସ୍ତ କରିଥିଲେ।

# ସମ୍ବଲପୁର, କନ୍ଧମାଳ ବିଜୟୀ


ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୨୪।୭ (ତପନ ସ୍ୱାଇଁ)**

**ସାହାଣୀ କପ୍ ଫୁଟବଲ**

ସାହାଣୀ କପ୍ ସିନିୟର ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ବୌଦ୍ଧ ଜୋନ୍‌ରେ ଅନ୍ତିମ ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଓ କନ୍ଧମାଳ ଦଳ ବିଜୟୀ ହୋଇଛି। ସମ୍ବଲପୁର ୩-୦ ଗୋଲରେ ବୌଦ୍ଧକୁ ପରାସ୍ତ କରିଛି। ଦଳ ପକ୍ଷରୁ ଛବିଲ କିଷାନ, ବିଜୁ ଓରାମ ଓ ସନ୍ତୋଷ ମୁଣ୍ଡା ଗୋଲ ଦେଇଥିଲେ। ସେହିପରି କନ୍ଧମାଳ ୨-୧ ଗୋଲରେ ବଲାଙ୍ଗୀରକୁ ପରାସ୍ତ କରିଛି। କନ୍ଧମାଳ ପକ୍ଷରୁ ସେକ୍ ଫରିଦ ଓ ଦେବାଶିଷ ରାମ ମାରାଣ୍ଡି ଏବଂ ବଲାଙ୍ଗୀର ପକ୍ଷରୁ ସମ୍ପିତ ନାଏକ ଗୋଲ ସ୍କୋର କରିଥିଲେ। ଏଥିସହ ବୌଦ୍ଧ ଜୋନ୍‌ରୁ ସମ୍ବଲପୁର ଓ ବରଗଡ଼ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଏହି ଦୁଇ ଦଳ ମଧ୍ୟରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ ରାଜ୍ୟର ଅନ୍ୟ ୩ ଜୋନ୍ କେନ୍ଦୁଝର, କେନ୍ଦ୍ରାପଡ଼ା ଓ ବ୍ରହ୍ମପୁରରୁ କଟକ, କୋରାପୁଟ ଓ ସୁନ୍ଦରଗଡ଼ ଦଳ ସେମିଫାଇନାଲରେ ପ୍ରବେଶ କରି ସାରିଛନ୍ତି।

# ଅମନଙ୍କ ଗୋଲରେ ଓଡ଼ିଶା ବିଜୟୀ



**ଭୁବନେଶ୍ୱର, ୨୪।୭ (ତପନ ସ୍ୱାଇଁ):** ଅମୃତସରରେ ଚାଲିଥିବା ଜାତୀୟ ଜୁନିୟର ବାଳକ ଫୁଟବଲ ବି.ସି. ରୟ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ଗୁରୁ ନାନକ ଦେବ ୟୁନିଭର୍ସିଟି (ଜିଏନ୍‌ଡିୟୁ) ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଅମନ ଲାକ୍ରା ୫୭ତମ ମିନିଟରେ ଦେଇଥିବା ଏକମାତ୍ର ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ୩ ମ୍ୟାଚରୁ ଓଡ଼ିଶାର ଏହା ଥିଲା ପ୍ରଥମ ବିଜୟ। ପୂର୍ବରୁ ଜିଏନ୍‌ଡିୟୁରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା କର୍ଣ୍ଣାଟକଠାରୁ ୧-୩ ଓ ସାହିବଜାଦା ଫତେ ସିଂ ଫୁଟବଲ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମଣିପୁରଠାରୁ ୧-୨ ଗୋଲରେ ହାରି ଯାଇଥିଲା।

# ସିନ୍ଧୁଙ୍କୁ ହରାଇଲେ ଉନ୍ନତି

**ଚାଙ୍ଗ୍‌ଝୋ, ୨୪।୭ (ପି.ଟି.)**

**ଚାଇନା ଓପନ ସୁପର ବ୍ୟାଡ୍‌ମିଣ୍ଟନ**

ଚାଇନା ଓପନ ସୁପର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସରେ ଉନ୍ନତି ହୁଡା ଦୁଇଥର ଅଲିମ୍ପିକ ପଦକ ବିଜେତା ତଥା ଭାରତୀୟ ବ୍ୟାଡ୍‌ମିଣ୍ଟନ ଷ୍ଟାଲୱାର୍ଟ ପି.ଭି. ସିନ୍ଧୁଙ୍କୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୭୩ ମିନିଟ୍‌ରେ ଶେଷ ହୋଇଥିବା ଏହି ମ୍ୟାଚରେ ୧୭ ବର୍ଷୀୟା ଭାରତୀୟ ଖେଳାଳି ହୁଡା ୨୧-୧୬, ୧୯-୨୧, ୨୧-୧୩ରେ ସିନ୍ଧୁଙ୍କୁ ହରାଇ ଏକ ସୁପର ୧୦୦୦ ଇଭେଣ୍ଟରେ ପ୍ରଥମ ଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରୋହତକର ଏହି ସ୍ୱଳ୍ପ ବୟସ୍କା ୨୦୨୨ ଓଡ଼ିଶା ମାଷ୍ଟର୍ସରେ ଏବଂ ୨୦୨୩ ଆବୁଧାବି ମାଷ୍ଟର୍ସରେ ତାଙ୍କ ସୁପର ୧୦୦ ଟାଇଟଲ ଜିତିଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେ ତୃତୀୟ ସିଡ୍ ତଥା ଦୁଇଥର ବିଶ୍ୱ ଚାମ୍ପିୟନ ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିବେ। ଭାରତର ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଧ୍ୟ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେମାନେ ୮ମ ସିଡ୍ ତଥା ଇଣ୍ଡୋନେସିଆନ ଯୋଡ଼ି ଲିଓ ରୋଲତ କାର୍ନାଣ୍ଡୋ ଓ ବାଗାସ ମୌଲାନାଙ୍କୁ ୨୧-୧୯, ୨୧-୧୯ରେ ପରାଜିତ କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଏଚ୍.ଏସ୍. ପ୍ରଣୟଙ୍କ ଅଭିଯାନ ଶେଷ ହୋଇଛି। ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ୬ଷ୍ଠ ସିଡ୍ ତଥା ଚାଇନିଜ ତାଇପେର ଚୋଉ ତିନ୍ ଚେନ୍‌ଙ୍କଠାରୁ ୨୧-୧୮, ୧୫-୨୧, ୮-୨୧ରେ ପରାଜିତ ହୋଇଛନ୍ତି।


ଉନ୍ନତି ହୁଡା (ଫାଇଲ ଫଟୋ)।

# ଜେଆରଡି ଟାଟା ହକି ଟୁର୍ନାମେଣ୍ଟ ଆରମ୍ଭ

**ଭୁବନେଶ୍ୱର, ୨୪।୭ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜେଆରଡି ଟାଟା ହକି ଟୁର୍ନାମେଣ୍ଟ ୨୦୨୫ ଗୁରୁବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର ପକ୍ଷରୁ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଓ ହକି ଇଣ୍ଡିଆ ସହଯୋଗରେ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ଟାଟା ଷ୍ଟିଲର ପୂର୍ବତନ ଅଧ୍ୟକ୍ଷ ଭାରତ ରତ୍ନ ଜେଆରଡି ଟାଟାଙ୍କ ୧୨୧ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ଏଥିରେ ଦେଶର ବିଭିନ୍ନ ହାଇପରଫର୍ମାନ୍ସ ସେଣ୍ଟର ଓ ଏକାଡେମୀରୁ ୧୨ଟି ପୁରୁଷ ଓ ୪ ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହକି ଆସୋସିଏଶନର ସାଧାରଣ ସମ୍ପାଦକ ସନାତନ ସାହୁ ଯୋଗଦାନ କରିଥିଲେ। ଏହାଛଡ଼ା ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବରିଷ୍ଠ ପ୍ରଶିକ୍ଷକ ଓ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ଭାଗ ନେଇଥିବା ମହିଳା ଦଳଗୁଡ଼ିକ ମଧ୍ୟରେ ଓଏନ୍‌ଟିଏଚ୍-ଏଚ୍‌ପିସି, ଷ୍ଟେଟ୍ ସେକ୍ରେଟାରିଏଟ୍, ସ୍ପୋର୍ଟ୍ସ ହଷ୍ଟେଲ, ପାନପୋଷ ଓ ସିଆର୍‌ପିଏଫ୍ ଜଲନ୍ଧର ଅନ୍ୟତମ। ପୁରୁଷ ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ସିଆର୍‌ପିଏଫ୍ ଜଲନ୍ଧର, ସ୍ପୋର୍ଟ୍ସ ହଷ୍ଟେଲ ପାନ୍‌ପୋଷ, ଓଡ଼ିଶା ଜୁନିୟର ଓ ଆଇଓବି ଚେନ୍ନାଇ ଟିମ୍ ରହିଥିବା ବେଳେ ପୁଲ୍ 'ବି'ରେ ଭାରତୀୟ ନୌସେନା, ଓଏନ୍‌ଟିଏଚ୍-ଏଚ୍‌ପିସି, ଇଣ୍ଡିଆନ ବ୍ୟାଙ୍କ ଏବଂ ଭୁବନେଶ୍ୱର ଏକ୍ସଆଇ ରହିଛି। ଏହି ଟୁର୍ନାମେଣ୍ଟ ଲିଗ୍-କମ୍-ନକ୍-ଆଉଟ ଭିତ୍ତିରେ ଖେଳାଯାଉଛି। ଲିଗ୍ ମ୍ୟାଚ ୨୬ ପର୍ଯ୍ୟନ୍ତ ଖେଳାଯିବାକୁଥିବା ବେଳେ ସେମିଫାଇନାଲ ୨୮ ଓ ଫାଇନାଲ ୨୯ ତାରିଖରେ ଅନୁଷ୍ଠିତ ହେବ।


ଜେଆରଡି ଟାଟା ହକି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ଏକ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ